# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୧ /୨୦୧୮ (୧୬ ପୃଷ୍ଠା) Bhubaneswar, Tuesday, August 21 / 2018 ★★★★

୪୪ଶ ଭାଗ ୨୬୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**'ପଟାଖା'ରେ ନୃତ୍ୟ କରିବେ ମଲାଇକା**

ମୁମ୍ବାଇ: ବିଶାଲ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ ଆଗାମୀ ଫିଲ୍ମ 'ପଟାଖା'ରେ ଏକ ସ୍ୱତନ୍ତ୍ର ସଙ୍ଗୀତଭରା ନୃତ୍ୟରେ ଦୃଶ୍ୟମାନ ହେବେ ମଲାଇକା ଆରୋରା। ୦୨

୧୫ **କୋହଲିଙ୍କ ଶତକ**

ବିରାଟ କୋହଲି ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ତାଙ୍କ କ୍ୟାରିୟରର ୨୩ତମ ଶତକ ହାସଲ କରିଛନ୍ତି।



## ଲଘୁଚାପ:ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୦।୮(ବ୍ୟୁରୋ):ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ସମ୍ବଲପୁର, ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ଏବଂ କଟକ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାଛଡା ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ହେବ। ଉତ୍ତର ଓଡ଼ିଶା ସମେତ ଖୋର୍ଦ୍ଧା, ପୁରୀ, ନୂଆପଡା ଏବଂ କଳାହାଣ୍ଡି ଜିଲାର କେତେକ ସ୍ଥାନରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିବ। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ଲାଗି ସତର୍କ ସୂଚନା ଜାରି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ବାଲେଶ୍ୱରରେ ସର୍ବାଧିକ ୮୦.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାରିପଦା ୪୬, ଝାରସୁଗୁଡା ୭୩, କେନ୍ଦୁଝର ୪୨, ସମ୍ବଲପୁର ୩୩.୮, ସୁନ୍ଦରଗଡ ୪୨, ହୀରାକୁଦ ୬୯.୮, ଚାନ୍ଦବାଲି ୨୪.୬, ପାରାଦୀପ ୧୭.୭, ଗୋପାଳପୁର ୧୩.୮, ପୁରୀ ୧୭.୨, ଭବାନୀପାଟଣା ୧୯, ବଲାଙ୍ଗୀର ୨୨,କୋରାପୁଟ ୮୬, ମାଲକାନଗିରି ୩୫. ସୋନପୁର ୭୧ ଏବଂ ସୋନପୁରରେ ସର୍ବାଧିକ ୪୩.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ରାଜ୍ୟରେ ଏ ପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷାଠାରୁ ୧୧ ପ୍ରତିଶତ ବର୍ଷା ଅଧିକ ହୋଇଛି। ୯ ଜିଲାରେ ସ୍ୱାଭାବିକ ବର୍ଷାଠାରୁ କମ୍ ବର୍ଷିଛି। ଜୁନ୍ ପହିଲାରୁ ଅଗଷ୍ଟ ୨୦ ସୁଦ୍ଧା ରାଜ୍ୟରେ ସ୍ୱାଭାବିକ ୭୯୮.୬ମିମି ବର୍ଷା ହେବା ବେଳେ ହୋଇଛି ୮୮୬.୫ ମିଲିମିଟର । ପୁରୀ ଜିଲା ସର୍ବାଧିକ ୭୮% ଅଧିକ ବର୍ଷା ହୋଇଥିବା ବେଳେ ବଲାଙ୍ଗୀର ଜିଲାରେ ସ୍ୱାଭାବିକ ବର୍ଷାଠାରୁ ୨୫% କମ୍ ବର୍ଷା ହୋଇଥିବା ଜଣାପଡିଛି।

☞ପୃଷ୍ଠା–୪

### ଆଜିର ମନ୍ତବ୍ୟ

"ଜୋର୍ ଜବରଦସ୍ତି, କଠୋରବାଦ, ଘୃଣା ଓ ଅସହିଷ୍ଣୁତାକୁ ବିରୋଧ କରୁଥିବା ଲୋକେ ଏକଜୁଟ ହୁଅନ୍ତୁ।

–ଗୋପାଳକୃଷ୍ଣ ଗାନ୍ଧୀ, ପୂର୍ବତନ ରାଜ୍ୟପାଳ, ପଶ୍ଚିମବଙ୍ଗ

### କିଛି ତଥ୍ୟ

୨୦୧୮ ମେ' ବେଳକୁ ଭାରତରେ ମୋଟ ଟେଲିଫୋନ୍ ଉପଭୋକ୍ତାଙ୍କ ସଂଖ୍ୟା ୧୧୫.୩୫ କୋଟି ଥିବାବେଳେ ଜୁନ୍ ଶେଷ ବେଳକୁ ଏଥିରେ ୧.୩୩% ବୃଦ୍ଧି ପାଇ ଏହା ୧,୧୬୮.୮୯ କୋଟିରେ ପହଞ୍ଚିଛି।

–ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 30,500/- 10gm.
Gold 22 CT - ₹ 29,500/- 10gm.
Silver Rate - ₹ 380/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 20.08.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers


## ଦୁଆର ବନ୍ଦ କରନାହିଁ

କ୍ରିକେଟରରୁ ରାଜନେତା ପାଲଟିଥିବା ଇମ୍ରାନ ଖାନ୍ ୨୦୧୮ ଅଗଷ୍ଟ ୧୮ରେ ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏହି ଉତ୍ସବରେ ଯୋଗଦେବା ପାଇଁ ଭାରତର ତିନିଜଣ ପୂର୍ବତନ କ୍ରିକେଟର କପିଳ ଦେବ, ସୁନୀଲ ଗାଭାସ୍କର ଏବଂ ନଭଜୋତ୍ ସିଂ ସିଦ୍ଧୁଙ୍କୁ ଇମ୍ରାନ ନିମନ୍ତ୍ରଣ କରିଥିଲେ। ବଛା ହୋଇଥିବା ତିନୋଟି ନାମକୁ ଦେଖିଲେ ବୁଝାପଡୁଛି ଯେ, ଏହି ନିଷ୍ପତ୍ତି ପଛରେ ଇମ୍ରାନଙ୍କର କୌଣସି ରାଜନୀତି ନ ଥିଲା। ପୂର୍ବତନ କ୍ରିକେଟ ଖେଳାଳି ଭାବେ ନିଜର ବନ୍ଧୁମାନଙ୍କୁ ନିମନ୍ତ୍ରଣ କରିଥିଲେ। ସାଧାରଣ ମଣିଷକୁ ଦେଖିଲେ ସମସ୍ତେ ନିଜ ଜୀବନର ଉଚ୍ଚତମ ମୁହୂର୍ତ୍ତକୁ ବନ୍ଧୁ ଏବଂ ପରିବାର ସହିତ ବିତାଇବାକୁ ଇଚ୍ଛା ପ୍ରକାଶ କରିଥାଆନ୍ତି। ଇମ୍ରାନଙ୍କ ନିମନ୍ତ୍ରଣ ପଛରେ ଥିବା ମାନସିକତା ଆମ ସମସ୍ତଙ୍କ ଦ୍ୱାରା ବୁଝାପଡ଼ିବା ଅତି ସହଜ।

ଭାରତର ତିନିଜଣ ବନ୍ଧୁଙ୍କ ମଧ୍ୟରୁ ସୁନୀଲ ଗାଭାସ୍କର ଏବଂ କପିଳ ଦେବ ନିମନ୍ତ୍ରଣ ରକ୍ଷା କରିପାରି ନ ଥିବା ବେଳେ ସିଦ୍ଧୁ ବନ୍ଧୁଙ୍କ କଥାକୁ ସମ୍ମାନ ଦେଇ ପାକିସ୍ତାନ ଯାଇଥିଲେ। ଏହା ଏକ ଭିନ୍ନ ତର୍କ ଯେ, କ୍ରିକେଟ ଖେଳରୁ ଅବ୍ୟାହତି ନେବା ପରେ ସିଦ୍ଧୁ ପ୍ରଥମେ ଭାରତୀୟ ଜନତା ପାର୍ଟି ଏବଂ ପରବର୍ତ୍ତୀ ସମୟରେ କଂଗ୍ରେସ ଦଳରେ ରହି ରାଜନୀତି ଖେଳ ଖେଳିବାକୁ ଚେଷ୍ଟା କରି ଏବେ ପଞ୍ଜାବର କଂଗ୍ରେସ ସରକାରରେ ମନ୍ତ୍ରୀପଦ ହାସଲ କରିପାରିଛନ୍ତି। ସମ୍ଭବତଃ ସେଥିପାଇଁ ସିଦ୍ଧୁଙ୍କର ପାକିସ୍ତାନ ଗସ୍ତ ଓ ଇମ୍ରାନଙ୍କ ଶପଥଗ୍ରହଣରେ ଯୋଗଦାନ ଆଜି ଭାରତରେ ଆଲୋଚନାର ବିଷୟ ହୋଇପଡ଼ିଛି। ବିବାଦର ବିନ୍ଦୁଟି ହେଲା ଯେ, ସେ ପାକିସ୍ତାନ ସ୍ଥଳସେନା ମୁଖ୍ୟ କମର ଜାଭେଦ ବାଜ୍ୱାଙ୍କୁ ଆଲିଙ୍ଗନ କରିଥିଲେ । ଏଥିସହ ପାକ୍-ଅଧିକୃତ କଶ୍ମୀର (ପିଓକେ) ରାଷ୍ଟ୍ରପତି ମାସୁଦ୍ ଖାନ୍ଙ୍କ ନିକଟରେ ବସିଥିଲେ। ଏହି ଦୁଇଟି କଥାକୁ ସମାଲୋଚନା କରୁଥିବା ବ୍ୟକ୍ତିମାନେ ଭୁଲିଯାଉଛନ୍ତି ଯେ, ଆଜିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶପଥଗ୍ରହଣ ସମୟରେ ପାକିସ୍ତାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଶରିଫ ମଧ୍ୟ ଭାରତକୁ ଆସିଥିଲେ। ସେହି କାର୍ଯ୍ୟକ୍ରମରେ ଯୋଗଦେଇ ମୋଦିଙ୍କୁ ଶୁଭକାମନା ଜଣାଇଥିଲେ। ଆଜିର ସମାଲୋଚକମାନେ ସେତେବେଳେ କୌଣସି ସ୍ୱର ଉତ୍ତୋଳନ କରିବାକୁ ଉଚିତ ଭାବି ନ ଥିଲେ। ଏଠାରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ପଞ୍ଜାବର ଜଣେ ମନ୍ତ୍ରୀଙ୍କ ମଧ୍ୟରେ ତୁଳନା କରାଯିବାର ଉଦ୍ୟମ କରାଯାଉ ନାହିଁ।

ଅପରପକ୍ଷରେ, ସମୟ ଆସିଲାଣି, ଭାରତୀୟମାନେ ନିଜ ଦେଶର ଭବିଷ୍ୟତ ସମ୍ପର୍କରେ ଚିନ୍ତା କରିବାର। କେବଳ ନିଜର ବ୍ୟବସାୟ, ନିଜ ପରିବାର ଏବଂ ନିଜେ ସମର୍ଥନ ଦେଉଥିବା ରାଜନୈତିକ ଦଳ ଓ ନେତାଙ୍କ ମଙ୍ଗଳ ଚିନ୍ତା କରୁଥିବା ଭାରତୀୟ ନାଗରିକ ସ୍ୱୟଂ ନିଜକୁ ଅତିକ୍ଷୁଦ୍ର କରିଦେବାରେ ଲାଗିଛି। ଆମକୁ ମନେରଖିବାକୁ ହେବ ଯେ, ଅଳ୍ପ କିଛିବର୍ଷ ମଧ୍ୟରେ ଭାରତକୁ ଘେରି ରହିଥିବା ସବୁ ରାଷ୍ଟ୍ର ସହିତ ଆମ ଦେଶର ସୁସମ୍ପର୍କ ଅତ୍ୟନ୍ତ ତିକ୍ତ ପାଲଟିଗଲାଣି। ଏସିଆ ମହାଦେଶର ମାନଚିତ୍ରରୁ ଦେଖିଲେ ଭାରତର ତିନିପଟରେ କେବଳ ମୁସଲମାନ ଦେଶଗୁଡ଼ିକ ଘେରି ରହିଛନ୍ତି। ଇଣ୍ଡୋନେସିଆ, ମାଲେସିଆ, ବାଂଲାଦେଶ, ପାକିସ୍ତାନ, ଆଫଗାନିସ୍ତାନ ଏବଂ ମଧ୍ୟପ୍ରାଚ୍ୟ କଟ୍ଟରବାଦୀ ଧନୀ ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକ ଅନ୍ୟତମ। ଚାଇନା, ଭୁଟାନ, ନେପାଳ ଏବଂ ବର୍ମା(ମ୍ୟାନ୍‌ମାର)ର ଭାରତ ସହିତ ସୀମା ରହିଥିବା ସତ୍ତ୍ୱେ ସେଗୁଡ଼ିକର ସମ୍ପର୍କ ଆମ ଦେଶ ସହିତ ଅତିମାତ୍ରାରେ ଖରାପ ଆଡ଼କୁ ଯାଇଛି। ୨୦୧୬ରେ ନେପାଳ ସହିତ ଭାରତର କୂଟନୈତିକ ସମ୍ପର୍କ କେତେମାତ୍ରାରେ ନଷ୍ଟ ହୋଇଛି, ଯେଉଁମାନେ ସେହି ଦେଶକୁ ଯାଇଛନ୍ତି ହୃଦୟଙ୍ଗମ କରିଥିବେ। ଡୋକ୍‌ଲାମ ପରିସ୍ଥିତିକୁ ସାମ୍ନା କରିବାରେ ଭାରତର କୂଟନୈତିକ ଅପାରଗତା ଯୋଗୁ ଭୁଟାନ ଭଳି ଏକ ଘନିଷ୍ଠ ବନ୍ଧୁ ଏବେ ଆମ ଦେଶ ଉପରେ ଭରସା ରଖିପାରୁନାହିଁ। ପଣବନ୍ଦୀ ଥିବା ସମୟରେ ଭାରତ ସରକାର (ଉଭୟ ମନମୋହନ ଓ ମୋଦି) ଯେଉଁଭଳି ଭାବେ ଅଙ୍ଗ୍ ସାନ୍ ସୁ ଚୀଙ୍କୁ ଅଣଦେଖା କରି ସାମରିକ ଶାସକଙ୍କ ପ୍ରତି ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିବାର ବ୍ୟାକୁଳତା ପ୍ରଦର୍ଶନ କରିଥିଲେ, ତା' ଫଳରେ ଅଙ୍ଗ୍ ସାନ୍ଙ୍କ ନେତୃତ୍ୱାଧୀନ ସରକାର ଭାରତକୁ କୌଣସି ପ୍ରାଧାନ୍ୟ ଦେବା ପରିବର୍ତ୍ତେ ଚାଇନା ଆଡ଼କୁ ଢଳିବା ସ୍ୱାଭାବିକ ମନେହେଉଛି। ବାକି ଚାଇନାର ଭାରତ ପ୍ରତି ଶତ୍ରୁତା ସମ୍ପର୍କରେ କୌଣସି ଆଲୋଚନା କରିବାର ପ୍ରୟୋଜନ ନାହିଁ। ଯେଉଁ ସମୟରେ ଭାରତ ପ୍ରଧାନମନ୍ତ୍ରୀ ମୋଦି ଚାଇନାର ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କୁ ଆଲିଙ୍ଗନ କରୁଥିଲେ, ସେହି ମୁହୂର୍ତ୍ତରେ ଚାଇନାର ପିଏଲ୍‌ଏ ସୈନିକମାନେ ଭାରତ ମାଟିରେ ପ୍ରବେଶ କରି ଡୋକ୍‌ଲାମ ଉପରେ ନିଜର କର୍ତ୍ତୃତ୍ୱ ଜାହିର କଲେ। ସରକାରୀ ସ୍ତରରେ ସମସ୍ତେ ଭଲ ଭାବେ ଜାଣିଛନ୍ତି ଯେ, ଡୋକ୍‌ଲାମକୁ ହରାଇବା ପରେ ସିକିମ୍ ଏବଂ ଅନ୍ୟ ଉତ୍ତର ପୂର୍ବାଞ୍ଚଳର ୭ଟି ରାଜ୍ୟ ସହିତ ଭୌଗୋଳିକ ଯୋଗାଯୋଗ ଯେକୌଣସି ମୁହୂର୍ତ୍ତରେ ଛିନ୍ନ କରିଦେବାର ଶକ୍ତି ଚାଇନା ହାତରେ ରହିଛି। ଏଭଳି ଏକ ଦୁର୍ବଳ ଭୌଗୋଳିକ ଓ କୂଟନୈତିକ ଅବସ୍ଥାରେ ଥିବା ଭାରତ ଧର୍ମ ଏବଂ ଆଭ୍ୟନ୍ତରୀଣ ରାଜନୈତିକ କ୍ଷମତାର ଆଡୁଆଳରେ ବିଶେଷ ଲାଭବାନ ହୋଇପାରିବ ନାହିଁ। ଆମର ସେନାକୁ ଯେଉଁଭଳି ଅଣଦେଖା କରାଯାଉଛି, ତାହା ଫଳରେ ଭାରତର ସାମରିକ ଶକ୍ତି ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। ଯଦି କେହି ଭାବୁଥାଆନ୍ତି ଯେ, ପୂର୍ବ ଘଟଣା ଭଳି ପାକିସ୍ତାନ ସହିତ ଯୁଦ୍ଧ କରି ଭାରତୀୟ ସେନା ସେହି ଦେଶକୁ ନିଜ କବଳରେ ଆଣିପାରିବ, ତେବେ ସେଭଳି ବ୍ୟକ୍ତି ଏକ କାଳ୍ପନିକ ଦୁନିଆରେ ବିଚରଣ କରୁଛି ବୋଲି ଧରିନେବାକୁ ହେବ। ଭାରତ ଯୁଦ୍ଧ ଆରମ୍ଭ କଲେ କେବଳ ପାକିସ୍ତାନ ନୁହେଁ, ଚାଇନା ମଧ୍ୟ ସେହି ଭିଡ଼ରେ ନିଶ୍ଚିତ ଭାବେ ପ୍ରବେଶ କରିବ ବୋଲି ସ୍ପଷ୍ଟ କୁହାଯାଇପାରିବ। ସେତେବେଳେ ଭାରତ ପ୍ରତି ଯେଉଁ ବିପଦ ଉପୁଜିବ, ତାହାକୁ ସମ୍ମୁଖୀନ ହେବାର ଶକ୍ତି ଏ ଦେଶର ନାହିଁ। ସେଥିପାଇଁ ସଫଳ କୂଟନୈତିକ ସୁସମ୍ପର୍କ ଗଢ଼ିବାର ଗୁରୁତ୍ୱ ସହଜରେ ବୁଝିହେବ। କେବଳ ପ୍ରଧାନମନ୍ତ୍ରୀ ମୋଦି କିମ୍ବା ହାତଗଣତି ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍) ଅଧିକାରୀଙ୍କ ହାତରେ ଏ ଦେଶର କୂଟନୈତିକ ଭବିଷ୍ୟତ ଛାଡ଼ିଦେଇ ଆମେ ଅତ୍ୟନ୍ତ କ୍ଷତିଗ୍ରସ୍ତ ହୋଇ ସାରିଲୁଣି। ସେହି ବିଫଳତା ଯୋଗୁ ଶ୍ରୀଲଙ୍କା ମଧ୍ୟ ଚାଇନା ନୌସେନାକୁ ତା'ର ବିଭିନ୍ନ ବନ୍ଦର ବ୍ୟବହାର କରିବାକୁ ଦେଇସାରିଲାଣି। ଏହି ପରିପ୍ରେକ୍ଷୀରେ କେବଳ ସରକାରୀ କୂଟନୈତିକ ସମ୍ପର୍କ ମାଧ୍ୟମରେ ଦେଶକୁ ସୁରକ୍ଷିତ ରଖାଯାଇ ପାରିବ ନାହିଁ। ମନେରଖିବାକୁ ହେବ ଯେ, ପାକିସ୍ତାନର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ପାକ୍ ସେନାର ସମର୍ଥନ ସହିତ ଅନେକ ଛୋଟବଡ଼ ଉଗ୍ରବାଦୀ ସଙ୍ଗଠନର ସମର୍ଥନ ରହିଛି। ଏହା ବ୍ୟତୀତ ପାକିସ୍ତାନ ପାଖରେ ମଧ୍ୟ ଅଣୁବୋମା ମହଜୁଦ ରହିଛି। ଏଭଳି ପରିସ୍ଥିତିରେ ଉଚିତ ହେବ, ଯଦି ଭାରତ ସରକାର ପଞ୍ଜାବ ମନ୍ତ୍ରୀ ସିଦ୍ଧୁଙ୍କର ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲାଗି ସବୁପ୍ରକାର ସୁଯୋଗ ଦେବେ। ଆଧୁନିକ ପୃଥିବୀରେ କେବଳ ସରକାରୀ ପ୍ରଚେଷ୍ଟାରେ ସମ୍ବନ୍ଧ ଗଢ଼ି ହେଉନାହିଁ। ସେଥିପାଇଁ ଦ୍ୱିତୀୟ, ତୃତୀୟ କିମ୍ବା ବିକଳ୍ପ କୂଟନୈତିକ ଚ୍ୟାନେଲ ବା ପନ୍ଥା ସୃଷ୍ଟି କରିବା ଆବଶ୍ୟକ। ଏହାକୁ ବୁଝି ନ ପାରି ଏବଂ ସିଦ୍ଧୁଙ୍କ ପାକିସ୍ତାନ ଗସ୍ତ ବେଳେ ଘଟିଥିବା ଘଟଣାଗୁଡ଼ିକୁ ସଂକୀର୍ଣ୍ଣ ମନୋଭାବ ନେଇ ନକାରାତ୍ମକ ସମାଲୋଚନା କଲେ, ଭାରତର ଭବିଷ୍ୟତକୁ ଅତ୍ୟଧିକ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି। ଶେଷରେ କୁହାଯାଇପାରିବ ଯେ, ଆଜି ଭାରତ ଯେଉଁ ପରିସ୍ଥିତିରେ ଅଛି, ତାହାର କୂଟନୈତିକ କାର୍ଯ୍ୟକୁ ସୁଗମ କରିବା ଲାଗି ସବୁ ଦୁଆର ଖୋଲା ରଖିବାକୁ ହେବ। ଏହି କ୍ଷେତ୍ରରେ ମୌଳବାଦୀ ଚିନ୍ତାଧାରାର ସ୍ଥାନ ନାହିଁ।

**ତଥାଗତ ସତପଥୀ**

■ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କୁ ଧୋକା

# ପକ୍କାଘର ନିର୍ମାଣରେ ଅର୍ଥ ବାଧକ

- ■ କେନ୍ଦ୍ର ସହଯୋଗ କରୁନି
- ■ ଟାର୍ଗେଟ ପୂରଣ ନେଇ ଅଡୁଆରେ ରାଜ୍ୟ ସରକାର
- ■ ହିତାଧିକାରୀଙ୍କୁ ମିଳୁନି କିସ୍ତି



ଭୁବନେଶ୍ୱର,୨୦।୮(ବ୍ୟୁରୋ)

ରାଜ୍ୟରେ କୌଣସି ଗରିବ ଲୋକ କଚାଘରେ ରହିବେ ନାହିଁ। ସମସ୍ତଙ୍କୁ ମିଳିବ ପକ୍କାଘର। ୨୦୧୯ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ ଖଣ୍ଡେ ପକ୍କାଘର ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା– ଗ୍ରାମୀଣ(ପିଏମଏୱାଇ–ଜି) ସହ ବିଜୁ ପକ୍କାଘର, ଖଣି ଅଞ୍ଚଳ ପକ୍କାଘର, ନିର୍ମାଣ ଶ୍ରମିକ ଓ ଅନ୍ୟାନ୍ୟ ଯୋଜନାରେ ଏହି ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟ ସରକାର ପ୍ରାଣ ମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ୨୦୧୪ରେ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପୂରଣ ପାଇଁ ପଞ୍ଚାୟତିରାଜ ବିଭାଗର ତଳୁ ଉପର କର୍ମଚାରୀମାନେ ଚେଷ୍ଟା ଜାରି ରଖିଥିବା ବେଳେ କେନ୍ଦ୍ର ସରକାର ଏ ଦିଗରେ ଏକ ବଡ ବାଧକ ହୋଇ ଛିଡା ହୋଇଛନ୍ତି। ପକ୍କାଘର ନିର୍ମାଣ ଗରିବଙ୍କୁ ଆଶ୍ୱସ୍ତ କରିବା ବଦଳରେ ବୋଝ ପାଲଟିଲାଣି। କେନ୍ଦ୍ର ଅଂଶଧନ ମିଳୁ ନ ଥିବାରୁ ରାଜ୍ୟ ସରକାର ହିତାଧିକାରୀଙ୍କୁ କିସ୍ତି ଦେଇ ପାରୁ ନାହାନ୍ତି। ଫଳରେ ପକ୍କାଘର ଯୋଜନା ଏବେ ରାଜ୍ୟ ପାଇଁ ମୁଣ୍ଡ ବ୍ୟଥା ବଢାଇ ଦେଲାଣି। କେନ୍ଦ୍ର ସରକାର ଓଡିଶାକୁ ନିଜର ଅଂଶଧନ ଦେଉ ନ ଥିବାରୁ ଏଭଳି ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାର ନିଜ ଅଂଶଧନ ଭରଣା କରିବା ପରେ ହିତାଧିକାରୀଙ୍କୁ ବାକି କିସ୍ତି ଦେଇ ପାରୁ ନ ଥିବାରୁ ଗୃହ ନିର୍ମାଣ ଏକ ପ୍ରକାର ବନ୍ଦ ହେବାକୁ ବସିଲାଣି। ଚଳିତ ମାସ ସୁଦ୍ଧା କେନ୍ଦ୍ର ସରକାର ନିଜ ଅଂଶଧନ ନ ଦେଲେ ପକ୍କାଘର ନିର୍ମାଣ ବନ୍ଦ ହେବା ଏକ ପ୍ରକାର ନିଶ୍ଚିତ ବୋଲି ପଞ୍ଚାୟତିରାଜ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ର ସରକାର ୨୦୧୮–୧୯ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା–ଗ୍ରାମୀଣ(ପିଏମଏୱାଇ–ଜି) ବାବଦରେ ଟଙ୍କାଟିଏ ଦେଇ ନାହାନ୍ତି। ୫ ମାସ ବିତିବାକୁ ବସିଥିଲେ ସୁଦ୍ଧା ପ୍ରଥମ କିସ୍ତି ମିଳି ନାହିଁ। ଚଳିତ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ପିଏମଏୱାଇ–ଜିରେ ୨ ଲକ୍ଷ ୫୬ ହଜାର ଘର ନିର୍ମାଣ କରିବାକୁ ଓଡିଶା ସରକାରଙ୍କୁ ଟାର୍ଗେଟ ଦେଇଛନ୍ତି। ଏହାକୁ ମିଶାଇ ରାଜ୍ୟ ସରକାର ଅନ୍ୟାନ୍ୟ ଯୋଜନାରେ ଚଳିତ ବର୍ଷ ୭ ଲକ୍ଷ ଗୃହ ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ୫ ଲକ୍ଷ ୬୫ ହଜାର ଘର କିସ୍ତି ଅଭାବରୁ ଅଧାପନ୍ତରିଆ ହୋଇ ରହିଛି। କେନ୍ଦ୍ର ସରକାର ୨୦୧୮–୧୯ ପାଇଁ ପିଏମଏୱାଇ–ଜି ପାଇଁ ନିଜ ଅଂଶଧନ ୬୦ ପ୍ରତିଶତ ହିସାବରେ ଗତ ଏପ୍ରିଲ ମାସ ସୁଦ୍ଧା ୯୭୨ କୋଟି ଟଙ୍କା ମଞ୍ଜୁର କରିବା କଥା। ଅନ୍ୟ ରାଜ୍ୟଗୁଡିକୁ ପ୍ରଥମ କିସ୍ତି ୫ ମାସ ପୂର୍ବରୁ କେନ୍ଦ୍ର ସରକାର ଦେଇ ସାରିଥିବା ବେଳେ ଓଡିଶାକୁ ଜାଣିଶୁଣି ଅବହେଳା କରାଯାଉଛି। ରାଜ୍ୟ ସରକାର ଏ ନେଇ ବାରମ୍ବାର କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟକୁ ଚିଠି ଲେଖିଲେ ମଧ୍ୟ କୌଣସି ଉତ୍ତର ମିଳୁ ନାହିଁ। କେନ୍ଦ୍ର ସରକାର ୨୦୧୭–୧୮ ଆର୍ଥିକ ବର୍ଷର ଦ୍ୱିତୀୟ କିସ୍ତି ବାବଦ ୧୨୯୨ କୋଟି ଟଙ୍କା ଅଗଷ୍ଟ ପହିଲାରେ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ୨ଲକ୍ଷ ୫୬ ହଜାର ହୀତାଧିକାରୀଙ୍କୁ ୧୦୩୨ କୋଟି ଟଙ୍କା ମାର୍ଚ୍ଚ ମାସରେ ☞ପୃଷ୍ଠା–୪

# 'ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ'

**କେରଳ ବନ୍ୟା**

- ■ ଘୋଷଣା କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ
- ■ ଜାତୀୟ ବିପର୍ଯ୍ୟୟ କୁହାଯାଇପାରିବ ନାହିଁ: କେନ୍ଦ୍ର



ନୂଆଦିଲ୍ଲୀ,୨୦।୮(ପି.ଟି.)

କେରଳ ବନ୍ୟାକୁ ସୋମବାର 'ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ' ଘୋଷଣା କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ। କିନ୍ତୁ ଜାତୀୟ ବିପର୍ଯ୍ୟୟ ଘୋଷଣା ଦାବିକୁ ଅଗ୍ରାହ୍ୟ କରିଛି କେନ୍ଦ୍ର। ବନ୍ୟାର ପ୍ରଳୟଙ୍କରୀ ରୂପ, ଧନଜୀବନ ହାନି ଏବଂ ଭୂସ୍ଖଳନର ପ୍ରକୋପ ଦେଖି ଏହାକୁ 'ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ' ବର୍ଗରେ ରଖାଯାଇଥିବା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ବିଶେଷକରି ଗତ ଏକ ସପ୍ତାହ ମଧ୍ୟରେ ସର୍ବାଧିକ କ୍ଷୟକ୍ଷତି ଘଟିଛି। ବନ୍ୟା ଯୋଗୁ ଅଗଷ୍ଟ ୮ରୁ ଏପର୍ଯ୍ୟନ୍ତ ୨୧୬ ଜଣ ପ୍ରାଣ ହରାଇଥିବାବେଳେ ସାଢ଼େ ୭ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାସହରା ହୋଇ ପଡ଼ିଛନ୍ତି। ୫,୬୪୫ ସରକାରୀ ଆଶ୍ରୟସ୍ଥଳୀ ସେମାନଙ୍କ ସାହାରା ପାଲଟିଛି ବୋଲି ମନ୍ତ୍ରଣାଳୟର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଯେତେବେଳେ କୌଣସି ପ୍ରାକୃତିକ ବିପର୍ଯ୍ୟୟକୁ ଭୟଙ୍କର ବୋଲି ଘୋଷଣା କରାଯାଏ, ସେତେବେଳେ ରାଜ୍ୟକୁ କେନ୍ଦ୍ର ସ୍ତରରୁ ସହାୟତା ମିଳିଥାଏ। ☞ପୃଷ୍ଠା–୪

## ଇଂଲଣ୍ଡରେ ଠାବ ହେଲେ ନୀରବ ମୋଦି

■ପ୍ରତ୍ୟର୍ପଣ ଲାଗି ସିବିଆଇର ପ୍ରକ୍ରିୟା ଜାରି

ନୂଆଦିଲ୍ଲୀ,୨୦।୮

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ୧୪,୦୦୦ କୋଟି ଋଣ ଘୋଟାଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦି ଇଂଲଣ୍ଡରେ ରହୁଥିବା ସ୍ପଷ୍ଟ ହୋଇଛି। ଇଣ୍ଟରପୋଲ ପକ୍ଷରୁ ଏ ନେଇ ସୂଚନା ରହିଛି। ପିଏନ୍‌ବି ଘୋଟାଲା ସମ୍ପର୍କରେ ଜଣା ପଡିବା ଆଗରୁ ଦେଶ ଛାଡି ପଳାୟନ କରିଥିବା ନୀରବ କେଉଁ ସ୍ଥାନରେ ରହୁଥିଲେ ସେ ନେଇ ସ୍ପଷ୍ଟ ସୂଚନା ସରକାରଙ୍କ ନିକଟରେ ନ ଥିଲା। ଇଣ୍ଟରପୋଲର ଉକ୍ତ ସୂଚନା ପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ନୀରବଙ୍କ ପ୍ରତ୍ୟାର୍ପଣ ଲାଗି ପ୍ରକ୍ରିୟାକୁ ଜୋରଦାର କରିଛି। ସିବିଆଇର ଜଣେ ଅଧିକାରୀ କହିଛନ୍ତି ଯେ, ନୀରବ ଇଂଲଣ୍ଡରେ ରହୁଥିବା ନେଇ ସେଠାକାର କର୍ତ୍ତୃପକ୍ଷ ଇ–ମେଲ୍ ଯୋଗେ ରବିବାର ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ ନୀରବଙ୍କ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଭାରତର ତଦନ୍ତକାରୀ ଏଜେନ୍ସିଗୁଡିକ ଇଣ୍ଟରପୋଲକୁ ନୋଟିସ୍ ଜାରି କରିଥିଲେ।

ସୂଚନାଯୋଗ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଋଣ ଠକେଇ ମାମଲାରେ କିଙ୍ଗଫିଶର ଏୟାର ଲାଇନ୍ସର ମାଲିକ ବିଜୟ ମାଲ୍ୟା ମଧ୍ୟ ଲଣ୍ଡନରେ ଅଛନ୍ତି। ତାଙ୍କର ପ୍ରତ୍ୟର୍ପଣ ଶୁଣାଣି ଲଣ୍ଡନରେ ଚାଲିଛି। ସେହିଭଳି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଘୋଟାଲାରେ ଅନ୍ୟ ଅଭିଯୁକ୍ତ ଓ ନୀରବଙ୍କ ସମ୍ପର୍କୀୟ ମାମୁ ମେହୁଲ ଚୋକ୍‌ସୀ ଆଣ୍ଟିଗୁଆରେ ରହୁଥିବା ଜଣାପଡିଛି। ଚୋକ୍‌ସୀ ସେଠାରେ ନାଗରିକତ୍ୱ ମଧ୍ୟ ଗ୍ରହଣ କରି ସାରିଛନ୍ତି।

ନୀରବଙ୍କ ପ୍ରତ୍ୟାର୍ପଣ ଲାଗି ଏକ ଅନୁରୋଧ ପତ୍ର ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ)କୁ ସୋମବାର ପଠାଯାଇଥିବା ସିବିଆଇ ସୂଚନା ଦେଇଛି। ଉକ୍ତ ଅନୁରୋଧ ପତ୍ରକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ପଠାଇବା ଲାଗି ସିବିଆଇ ଏମ୍‌ଏଚ୍‌ଏକୁ ଅନୁରୋଧ କରିଛି। ଏହା ଏମ୍‌ଇଏ ଦ୍ୱାରା ଇଂଲଣ୍ଡ କର୍ତ୍ତୃପକ୍ଷଙ୍କୁ ପଠାଯିବ ବୋଲି ଜଣାପଡିଛି। ନୀରବଙ୍କ ପ୍ରତ୍ୟାର୍ପଣ ଲାଗି ଇଂଲଣ୍ଡକୁ ଅନୁରୋଧପତ୍ର ପଠାଯାଇଥିବା ଚଳିତ ମାସ ୨ରେ କେନ୍ଦ୍ର ବହିର୍ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଭି.କେ ସିଂ ସଂସଦକୁ ସୂଚନା ଦେଇଥିଲେ।

ଜୁଲାଇ ୨ରେ ଇଣ୍ଟରପୋଲ ନୀରବ ମୋଦିଙ୍କ ବିରୋଧରେ ରେଡ୍ କର୍ନର ନୋଟିସ (ଆର୍‌ସିଏନ୍) ଜାରି କରିଥିଲା। ପ୍ରବର୍ତ୍ତନ ☞ପୃଷ୍ଠା–୪

■ଏସିଆନ ଗେମ୍ସ ମହିଳା ରେସ୍‌ଲିଂ

# ଫୋଗତଙ୍କୁ ଐତିହାସିକ ସ୍ୱର୍ଣ୍ଣ



ଜାକର୍ତ୍ତା, ୨୦।୮(ପି.ଟି.)

ପ୍ରଥମ ଭାରତୀୟ ମହିଳା ଭାବେ ଏସିଆନ ଗେମ୍ସ ରେସଲିଂରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି ଭିନେଶ ଫୋଗତ। ଫଳରେ ଚଳିତ ଏସିଆନ ଗେମ୍ସରେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୨ରେ ପହଞ୍ଚିଛି। ସୋମବାର ଅନୁଷ୍ଠିତ ଫାଇନାଲରେ ଭିନେଶ ଜାପାନର ୟୁକି ଇରିଙ୍କୁ ପରାସ୍ତ କରିଛନ୍ତି। ୫୦ କେଜି କାଟେଗୋରି ଫାଇନାଲରେ ଭିନେଶ ୬–୨ ପଏଣ୍ଟ ବ୍ୟବଧାନରେ ଜାପାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଛନ୍ତି। ହରିୟାଣାର ୨୩ ବର୍ଷୀୟ ଫୋଗତଙ୍କ ପାଇଁ ଏହା ଏକ ବଡ଼ ସଫଳତା। ତାଙ୍କ ପୂର୍ବରୁ କୌଣସି ଭାରତୀୟ ମହିଳା ଏସିଆନ ଗେମ୍ସର ରେସଲିଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ନ ଥିଲେ।

ସ୍ୱର୍ଣ୍ଣ ବିଜୟ ପଥରେ ଭିନେଶ ଚାଇନାର ୟାନାନ ସୁନ୍‌ଙ୍କୁ ହରାଇ ମଧୁର ପ୍ରତିଶୋଧ ନେଇଥିଲେ। ରିଓ ଅଲିମ୍ପିକ୍ସରେ ସୁନଙ୍କ ବିପକ୍ଷ ଲଢ଼େଇବେଳେ ସେ ଗୋଡ଼ରେ ଆଘାତ ପାଇଥିଲେ। ମାତ୍ର ଏଥର ସେ ପ୍ରତିଦ୍ୱନ୍ଦ୍ୱୀଙ୍କୁ କୌଣସି ସୁଯୋଗ ନ ଦେଇ ୮–୨ ପଏଣ୍ଟରେ ବିଜୟୀ ହୋଇଥିଲେ। ପରବର୍ତ୍ତୀ ଲଢ଼େଇରେ ସେ କୋରିଆର ହ୍ୟୁଙ୍ଗଜୋ କିମ୍‌ଙ୍କୁ ହରାଇ ଥିଲେ। ତାଙ୍କ ସେମିଫାଇନାଲ ଲଢ଼େଇ ମାତ୍ର ୭୫ ସେକେଣ୍ଡ ମଧ୍ୟରେ ଶେଷ ହୋଇ ଯାଇଥିଲା। ସେ ଗୋଡ଼ରେ ଲକ୍ ପକାଇବା ସହ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩ଥର କବଳିତ କରିଥିଲେ। ସେ ୪–୦ରେ ଅଗ୍ରଣୀ ରହିବା ପରେ ଲଢ଼େଇ ବନ୍ଦ ହୋଇଥିଲା। ଏଠାରେ ପଦକ ଜିତି ଫୋଗତ ଆଉ ଏକ ରେକର୍ଡର ମଧ୍ୟ ଅଧିକାରୀ ହୋଇଛନ୍ତି। ଭାରତର ପ୍ରଥମ ମହିଳା ଭାବେ ସେ କ୍ରମାଗତ ୨ଟି ଏସିଆନ ଗେମ୍ସରେ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ୨୦୧୪ ଇଞ୍ଚିଅନ ଏସିଆଡ୍‌ରେ ସେ ୪୮ କେଜି କାଟେଗୋରିରେ ☞ପୃଷ୍ଠା–୪

ଧରିତ୍ରୀ
DHARITRI
ମଙ୍ଗଳବାର, ୨୧ ଅଗଷ୍ଟ, ୨୦୧୮



❝ ଏବର ପରିସ୍ଥିତି ଭଳି ପୂର୍ବରୁ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଏତେ ଦୂରତା ନ ଥିଲା । ମତଭେଦ ସତ୍ତ୍ୱେ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲୁଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ।
- ଗୁଲାମ୍ ନବୀ ଆଜାଦ, କଂଗ୍ରେସ ନେତା



## ସଂକ୍ଷେପରେ

### ବିହାର ଆଶ୍ରମରେ କେଳେଙ୍କାରୀ
### ଅଡୁଆରେ ଆଉ ଜଣେ ପୂର୍ବତନ ମନ୍ତ୍ରୀ

**ପାଟନା,୨୦।୮(ପି.ଟି.)**-ବିହାରର ମୁଜାଫରପୁରରେ ସରକାରୀ ପାଣ୍ଠିରେ ପରିଚାଳିତ ବାଳିକା ଆଶ୍ରମରେ ହୋଇଥିବା ଯୌନ କେଳେଙ୍କାରୀ ପଛରେ ସମ୍ପୃକ୍ତ ଲୋକଙ୍କୁ ଆଇନର କାଠଗଡ଼ାକୁ ଆଣିବା ଲାଗି ତନାଘନା ଚାଲିଛି। ଶାସକ ଜେଡିୟୁ ସମାଲୋଚନାର ଶିକାର ହେଉଥିବାବେଳେ ମନ୍ତ୍ରୀପଦରୁ ମଞ୍ଜୁ ବର୍ମା ଇସ୍ତଫା ଦେଇଛନ୍ତି। ଏବେ ଆଉ ଜଣେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଜେଡିୟୁ ନେତାଙ୍କ ମୁଣ୍ଡରେ ଖଣ୍ଡା। ସେ ହେଉଛନ୍ତି ଦାମୋଦର ରାଉତ। ଆଶ୍ରମ କେଳେଙ୍କାରୀର ମୁଖ୍ୟ ଅଭିଯୁକ୍ତ ବ୍ରଜେଶ ଠାକୁରଙ୍କ ସହ ରାଉତଙ୍କ ପୁଅର ସମ୍ପର୍କ ଥିବା ଜଣାପଡ଼ିବା ପରେ ତାଙ୍କୁ ଜେଡିୟୁର ଯୁବଶାଖାରୁ ବହିଷ୍କାର କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ପରେ ରାଉତଙ୍କୁ ମଧ ବିଦା କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରୁଛନ୍ତି। ତେବେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଜେଡିୟୁ ନେତା। ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚାଯାଇଛି ବୋଲି ସେ କହିଛନ୍ତି।

### ୨ ନାବାଳିକାଙ୍କୁ ଗଣବଳାତ୍କାର: ୧୧ ଅଭିଯୁକ୍ତ ଗିରଫ

**ରାଞ୍ଚି,୨୦।୮(ପି.ଟି.)**-ଝାଡ଼ଖଣ୍ଡର ହିଡ଼ି ହାରା ତୋଲି ଅଞ୍ଚଳରେ ଦୁଇ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଜଘନ୍ୟ କାଣ୍ଡ ଭିଆଇଥିବା ଅଭିଯୋଗରେ ୧୧ ଜଣଙ୍କୁ ଗିରଫ କରାଯାଇଛି। ଲୋହାରଦାଗା ଅଞ୍ଚଳରୁ ଏମାନେ ଧରାପଡ଼ିଥିବା ପୋଲିସ ସୂଚନା ଦେଇଛି। ଗତ ୧୬ ତାରିଖରେ ଦୁଇ ନାବାଳିକା ପଡ଼ୋଶୀଙ୍କ ସହ ହିଡ଼ି ହାରା ତୋଲି ଅଞ୍ଚଳକୁ ଯାଇଥିବାବେଳେ ଯୌନ ଉତ୍ପୀଡ଼ନର ଶିକାର ହୋଇଥିଲେ। ଏକ ମୋଟରସାଇକେଲ ଯୋଗେ ନାବାଳିକା ଦ୍ୱୟ ଯିବାବେଳେ ହିଡ଼ି ରେଲୱେ ବ୍ରିଜ୍ ନିକଟରେ ତାହା ଫସିଗଲା। ଜଣେ ନାବାଳିକା ତାଙ୍କର ଜଣେ ବନ୍ଧୁଙ୍କୁ ଫୋନ୍‌କରି ସାହାଯ୍ୟ ମାଗିବା ପରେ ସେ ୧୧ ଜଣଙ୍କୁ ପଠାଇଲେ। ସାହାଯ୍ୟ ପରିବର୍ତ୍ତେ ସେମାନେ ଦୁଇ ନାବାଳିକାଙ୍କୁ ଉଠାଇନେଇ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ବୟସ ୧୬ରୁ ୨୮ ବର୍ଷ ହେବ।

### ଦେବଦୂତଙ୍କୁ ଧନ୍ୟବାଦ

**କୋଚି,୨୦।୮(ପି.ଟି.)**-ଜୀବନକୁ ବାଜି ଲଗାଇ ମହାବିପତ୍ତିରୁ କେରଳକୁ ଉଦ୍ଧାର କରିଥିବା ଯବାନମାନଙ୍କୁ ସ୍ୱତନ୍ତ୍ର ତଥା ଅତି ସରଳ ଢଙ୍ଗରେ ଧନ୍ୟବାଦ ଜଣାଇଛନ୍ତି ରାଜ୍ୟବାସୀ। ବନ୍ୟାଞ୍ଚଳର ଏକ ଛାତ ଉପରେ ବିଶାଳକାୟ 'ଥ୍ୟାଙ୍କ୍‌ସ' ଲେଖି ବିପତ୍ତି ବେଳରେ ଦେବଦୂତ ସାଜିଥିବା ସେନା ଯବାନଙ୍କର ସେମାନେ ଆଭାରବ୍ୟକ୍ତ କରିଛନ୍ତି। କୋଚି ସହରର ପାରାଭୁର ଅଞ୍ଚଳରେ ଏକ ଦୁଇ ମହଲା କୋଠ ଛାତରେ ଇଂଲିଶ୍‌ରେ ଲେଖାହୋଇଛି 'ଥ୍ୟାଙ୍କ୍‌ସ'। ହେଲିକପ୍ଟର ଉପରୁ ଏହି ସ୍ୱତନ୍ତ୍ର ବାର୍ତ୍ତାର ଫଟୋ ଉଠାଯିବା ପରେ ନୌସେନା ପକ୍ଷରୁ ଏହାକୁ ଶେୟାର୍ କରାଯାଇଛି। ପ୍ରକାଶ ଯେ, ଉକ୍ତ କୋଠାରୁ ହିଁ ଅଗଷ୍ଟ ୧୭ରେ ଦୁଇଜଣ ମହିଳାଙ୍କୁ ଅଚେତ ଅବସ୍ଥାରେ ନୌସେନା ଅଧିକାରୀମାନେ ଉଦ୍ଧାର କରିଥିଲେ।

### ସାର୍ଟିଫିକେଟ୍ ନଷ୍ଟ ହେବାରୁ ଛାତ୍ରଙ୍କ ଆତ୍ମହତ୍ୟା

**ଥିରୁଭାନନ୍ତପୁରମ୍,୨୦।୮(ପି.ଟି.)**- କେରଳ ବନ୍ୟାରେ ଦ୍ୱାଦଶ ଶ୍ରେଣୀ ବୋର୍ଡ ସାର୍ଟିଫିକେଟ୍ ନଷ୍ଟ ହୋଇଥିବା ଘଟଣାକୁ ସହ୍ୟ କରି ନ ପାରି କୋଝିକୋଡ୍ ଜିଲାର ଜଣେ ୧୯ ବର୍ଷୀୟ କିଶୋର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଜିଲାର କାରାନ୍ଥୁର ଅଞ୍ଚଳର କୈଳାସ ଆଇଟିଆଇ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସୁଯୋଗ ପାଇଥିଲେ।

### [ଇତିହାସର ଆଇନାରେ]
### ଅଗଷ୍ଟ ୨୧ର ପ୍ରମୁଖ ଘଟଣା

୧୯୯୩ ଅଗଷ୍ଟ ୨୧ରେ ନାସା ସହ ମାର୍ସ ଅବ୍‌ଜର୍ଭର୍ ମହାକାଶ ଯାନର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ୧୯୯୨ ସେପ୍ଟେମ୍ବର ୨୫ରେ ନାସା ଏହି ରୋବୋଟିକ୍ ମହାକାଶ ଯାନକୁ ମଙ୍ଗଳକୁ ପଠାଇଥିଲା।

୧୯୨୧ ଅଗଷ୍ଟ ୨୧ରେ ବ୍ରିଟିଶ୍ ଜାହାଜ ଏଲିଜା ଫ୍ରାଙ୍କସ୍‌ର ନାବିକମାନେ ଜାର୍ଭିସ୍ ଦ୍ୱୀପର ଆବିଷ୍କାର କରିଥିଲେ। କ୍ୟାପ୍‌ଟେନ୍ ବ୍ରାଉନ୍‌ଙ୍କ ନିର୍ଦ୍ଦେଶରେ ଏହା ଜାର୍ଭିସ୍‌ରେ ପହଞ୍ଚିଥିଲା।

## ■ ଇମ୍ରାନଙ୍କୁ ମୋଦିଙ୍କ ଚିଠି: ଉପୁଜିଲା ସାନି ବିବାଦ
# ଆରମ୍ଭରୁ ମୁହଁ ମୋଡ଼ିଲା ପାକିସ୍ତାନ

**ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୨୦।୮**


ନରେନ୍ଦ୍ର ମୋଦି


ଇମ୍ରାନ୍ ଖାନ୍

କ୍ରିକେଟରରୁ ରାଜନେତା ସାଜିଥିବା ଇମ୍ରାନ୍ ଖାନ୍ ପାକିସ୍ତାନର ଶାସନ ମଙ୍ଗ ଧରିବା ପରେ ପଡ଼ୋଶୀ ଭାରତ ସହ ଏହାର ସମ୍ପର୍କକୁ ନେଇ ଚର୍ଚ୍ଚା। ତିକ୍ତତା ଦୂର ଲାଗି ନୂଆ ପ୍ରଧାନମନ୍ତ୍ରୀ କେଉଁ ପଦକ୍ଷେପ ନେଉଛନ୍ତି, ତା ଉପରେ ସଭିଙ୍କ ନଜର। କିନ୍ତୁ ଆରମ୍ଭରୁ ସୃଷ୍ଟି ହେଲାଣି ବିବାଦ। ପାକିସ୍ତାନ ସହ ଭାରତ ଗଠନମୂଳକ ସମ୍ପର୍କ ଚାହୁଁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିପକ୍ଷ ଇମ୍ରାନ୍‌ଙ୍କୁ ଚିଠି ଲେଖିଛନ୍ତି। ସରକାରୀ ସୂତ୍ରରୁ ଏହା ଜଣାପଡ଼ିଥିବା ଜାତୀୟସ୍ତରର ଗଣମାଧ୍ୟମରେ ପ୍ରକାଶ ପାଇଛି। କିନ୍ତୁ ପାକିସ୍ତାନ ୟୁ-ଟର୍ନ ମାରିବା ସହ ଦ୍ରୁତ୍ ନ୍ୟାୟରେ ଏହାକୁ ଖଣ୍ଡନ କରିଛି। ଦ୍ୱିପାକ୍ଷିକ ଆଲୋଚନା ପାଇଁ ମୋଦି ଚିଠିରେ ପ୍ରସ୍ତାବ ଦେଇ ନାହାନ୍ତି ବୋଲି ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି। ବିବାଦର ସମାଧାନ ଲାଗି ନୂଆଦିଲ୍ଲୀ ସହ ଇସ୍‌ଲାମାବାଦ ନିରନ୍ତର ଆଲୋଚନା ଚାହୁଁଥିବା ପାକ୍‌ର ନୂଆ ବୈଦେଶିକ ମନ୍ତ୍ରୀ ଶାହ ମହମୁଦ କ୍ୟୁରେଶି କହିଛନ୍ତି।

୧୮ ତାରିଖରେ ପାକିସ୍ତାନର ୨୨ତମ ପ୍ରଧାନମନ୍ତ୍ରୀ ଭାବେ ଇମ୍ରାନ ଶପଥଗ୍ରହଣ କରିବା ପରେ ମୋଦି ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଏକ ଚିଠି ଲେଖିଥିଲେ। ପଡ଼ୋଶୀ ରାଷ୍ଟ୍ର ସହିତ ଉତ୍ତମ ସମ୍ପର୍କ ପ୍ରତିଷ୍ଠା ଲାଗି ଭାରତ ପ୍ରତିଶ୍ରୁତିବଦ୍ଧ। ଦକ୍ଷିଣ ଏସିଆରେ ଆତଙ୍କବାଦର ମୂଳୋତ୍ପାଟନ ଲାଗି ଭାରତ-ପାକ୍ ସୁସମ୍ପର୍କ ଜରୁରୀ ବୋଲି ସେଥିରେ ସେ ଦର୍ଶାଇଥିଲେ। ଇମ୍ରାନ୍‌ଙ୍କ ଦଳ ପିଟିଆଇ ସାଧାରଣ ନିର୍ବାଚନରେ ବିଜୟ ଲାଭ କରିବା ପରେ ଜୁଲାଇ ୩୦ରେ ମୋଦି ଟେଲିଫୋନ୍ ଜରିଆରେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଇମ୍ରାନ୍ ମଧ୍ୟ କହିଥିଲେ ଯେ, ଭାରତ ସହ ସମ୍ପର୍କ ସୁଦୃଢ଼ ହେଉ ବୋଲି ସେ ଚାହୁଁଛନ୍ତି। ଏହି ବାର୍ତ୍ତାଳାପ ସମ୍ପର୍କରେ ମଧ ମୋଦି ଚିଠିରେ ଉଲ୍ଲେଖ କରିଛନ୍ତି। ଇମ୍ରାନ୍ ମଧ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ପ୍ରଥମ ଉଦ୍‌ବୋଧନରେ ଦେଶର ହିତ ପାଇଁ ପଡ଼ୋଶୀ ସମ୍ପର୍କକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ପ୍ରକାଶ ଯେ, ପାକିସ୍ତାନକୁ ବନ୍ଧୁତା ପ୍ରଦର୍ଶନର ବାର୍ତ୍ତା ଦେବା ଲାଗି ୨୦୧୫ ଡିସେମ୍ବରରେ ମୋଦି ଅଚାନକ ଲାହୋର ଗସ୍ତ କରିଥିଲେ। ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ନୂଆ ମୋଡ଼ ଦେବ ବୋଲି ଆଶା କରାଯାଇଥିଲା। କିନ୍ତୁ ପାକିସ୍ତାନୀ ଆତଙ୍କବାଦୀ ଭାରତରେ ବାରମ୍ବାର ଆକ୍ରମଣ ଘଟାଇଲେ ଏବଂ ପଡ଼ୋଶୀ ସୈନ୍ୟ ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ କଲେ। ଫଳରେ ଦୁଇଦେଶ ମଧ୍ୟରେ ଫାଟ ବଢ଼ିଗଲା। ଏବେ ପୁଣି ନୂଆ ସରକାରଙ୍କୁ ମୋଦି ନିଜଆଡୁ ଶାନ୍ତିପୂର୍ଣ୍ଣ ତଥା ଗଠନମୂଳକ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି।

■ ଦ୍ୱିପାକ୍ଷିକ ଆଲୋଚନା ପାଇଁ ମୋଦିଙ୍କ ପ୍ରସ୍ତାବ
■ ଖଣ୍ଡନ କଲା ପାକିସ୍ତାନ
■ ବିବାଦର ସମାଧାନ ଲାଗି ନିରନ୍ତର ଆଲୋଚନା ଜରୁରୀ: କ୍ୟୁରେଶି

ଅପରପକ୍ଷେ ପାକିସ୍ତାନର ନୂଆ ବୈଦେଶିକ ମନ୍ତ୍ରୀ ଶାହ ମହମୁଦ କ୍ୟୁରେଶି ସୋମବାର ଭାରତକୁ ବନ୍ଧୁତାର ହାତ ବଢ଼ାଇ 'ନିରନ୍ତର ଆଲୋଚନା' ପାଇଁ ପ୍ରସ୍ତାବ ଦେଇଛନ୍ତି। କୌଣସି ପ୍ରକାର ଦୁଃସାହସ ଦୁଇଦେଶ ପାଇଁ କ୍ଷତିକାରକ। ତେଣୁ ଶାନ୍ତି ଆଲେଚନା ବିଜ୍ଞତାର ପରିଚୟ ବୋଲି କ୍ୟୁରେଶି କହିଛନ୍ତି। ରବିବାର ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ତାଙ୍କୁ ଚିଠି ଜରିଆରେ ଅଭିନନ୍ଦନ ଜଣାଇଛନ୍ତି। ବିଭିନ୍ନ ପ୍ରସଙ୍ଗରେ ମତଭେଦ ଦୂର ଲାଗି ଆଲୋଚନା ଜରୁରୀ ବୋଲି ସୁଷମା ଦର୍ଶାଇଥିବା ସେ କହିଛନ୍ତି। ତେବେ ଇମ୍ରାନ୍‌ଙ୍କୁ ମୋଦି ଆଲୋଚନା ପ୍ରସ୍ତାବ ଦେଇଥିବା ପାକ୍ ବୈଦେଶିକ ମନ୍ତ୍ରୀ କହିଛନ୍ତି ବୋଲି କେତେକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏହାକୁ ଖଣ୍ଡନ କରିଛନ୍ତି ପାକିସ୍ତାନର ଜଣେ ବୈଦେଶିକ ମୁଖପାତ୍ର। ଦ୍ୱିପାକ୍ଷିକ ଆଲୋଚନା ପାଇଁ ମୋଦି ହାତ ବଢ଼ାଇଥିବା କଥା କ୍ୟୁରେଶି କହି ନାହାନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶେଷଦର୍ଶନ ପାଇଁ ଶନିବାର ନୂଆଦିଲ୍ଲୀ ଆସିଥିଲେ ପାକିସ୍ତାନର ପୂର୍ବତନ ଆଇନ ମନ୍ତ୍ରୀ ଅଲି ଜାଫର୍। ସେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁଷମାଙ୍କ ସହ ଆଲୋଚନା କରିଥିଲେ। ଦୁଇଦେଶ ମଧ୍ୟରେ ସକାରାତ୍ମକ ବାତାବରଣ ରହିଛି ବୋଲି ପାକ୍ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଭ୍ରମ ସଂଶୋଧନ

ଧରିତ୍ରୀ ୨୦.୮.୨୦୧୮ ସଂସ୍କରଣର ଜାତୀୟ/ଅନ୍ତର୍ଜାତୀୟ ପୃଷ୍ଠାର 'ବହୁତ ସ୍ନେହ ଦେଇଛି ପାକିସ୍ତାନ' ଶୀର୍ଷକ ଖବରରେ ଭୁଲ୍‌ବଶତଃ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ବୋଲି ଉଲ୍ଲେଖ ରହିଛି। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖିତ।

## ସମୟ ଆସିଲେ କଡ଼ା ଜବାବ ଦେବି: ସିଦ୍ଧୁ



**ଚଣ୍ଡିଗଡ଼,୨୦।୮(ପି.ଟି.)**-ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗଦେଇ ଚାରିଆଡୁ ସମାଲୋଚନାର ଶିକାର ହେଉଛନ୍ତି ପୂର୍ବତନ କ୍ରିକେଟର ତିଥା କଂଗ୍ରେସ ନେତା ନବ୍‌ଜୋତ୍ ସିଂ ସିଦ୍ଧୁ। ପାକିସ୍ତାନର ସେନାମୁଖ୍ୟଙ୍କୁ ଆଲିଙ୍ଗନ କରିଥିବାରୁ ତାଙ୍କ ଉପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଓ ବିରୋଧୀ ନେତାଏ ମଧ ବର୍ଷିଛନ୍ତି। ଏନେଇ ପ୍ରତିକ୍ରିୟା ପ୍ରକାଶ କରି ସୋମବାର ସିଦ୍ଧୁ କହିଛନ୍ତି ଯେ, ସମୟ ଆସିଲେ ସମସ୍ତଙ୍କୁ ସେ ନିଶ୍ଚୟ ଜବାବ ଦେବେ। କିନ୍ତୁ ତାହା କଡ଼ା ଜବାବ ହେବ।

## ଚ୍ୟାଲେଞ୍ଜ ପାଲଟିଛି ଥଇଥାନ

**ଥିରୁଭାନନ୍ତପୁରମ୍/କୋଚି/ନୂଆଦିଲ୍ଲୀ,୨୦।୮(ପି.ଟି.)**

■ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାରକାର୍ଯ୍ୟ
■ କୋଚି ନୌସେନା ଘାଟିରୁ ବିମାନ ସେବା ଆରମ୍ଭ
■ ସହଯୋଗ ପାଇଁ କେନ୍ଦ୍ରର ଆହ୍ୱାନ

ରାଜ୍ୟରେ ଲଗାଣ ବର୍ଷା କମିଯିବା ପରେ ବିପନ୍ନଙ୍କ ଦୁର୍ଦ୍ଦଶା ଆରମ୍ଭ ହୋଇଯାଇଛି। ବର୍ଷା ଛାଡ଼ିବା ପରେ ରିଲିଫ୍ ଓ ଉଦ୍ଧାରକାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ଉଦ୍ଧାରକାର୍ଯ୍ୟ। ସାଢ଼େ ୭ ଲକ୍ଷ ବିପନ୍ନଙ୍କ ଥଇଥାନ ଏବେ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଉଦ୍ଧାରକାର୍ଯ୍ୟରେ ୧୫୦୦ ସେନା ଯବାନ ମୁତୟନ ରହିଛନ୍ତି। ବାହ୍ୟ ଜଗତରୁ ବିଚ୍ଛିନ୍ନ ଦୁର୍ଗମ ଅଞ୍ଚଳ ତଥା ଜଳଘେରରେ ଛାତ ଉପରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ଲାଗି ଡ୍ରୋନ୍ ବ୍ୟବହାର କରାଯାଉଛି। ସେନା ହେଲିକପ୍ଟର ଯୋଗେ ସେମାନଙ୍କୁ ଉଦ୍ଧାର କରାଯାଉଛି ବୋଲି ସଦର୍ନ କମାଣ୍ଡର ଚିଫ୍ ଅଫ୍ ଆର୍ମି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଡି.ଆର୍. ସୋନି ଥିରୁଭାନନ୍ତପୁରମ୍‌ରେ କହିଛନ୍ତି।

ଘରଦ୍ୱାର ଅତଡ଼ା ସାଙ୍ଗକୁ ରାସ୍ତାଘାଟ ସଫା କରିବା ଏବେ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଏହାପରେ ବିଦ୍ୟୁତ୍ ଯୋଗାଯୋଗ ଉପରେ ଧ୍ୟାନ ଦିଆଯିବ। ବନ୍ୟା ପରବର୍ତ୍ତୀ ଭୟଙ୍କର ମହାମାରୀକୁ ନେଇ ମଧ ସତର୍କତା ଅବଲମ୍ବନ କରାଯାଉଛି। ଏକ ରିଲିଫ୍ ପ୍ଲାନ୍ ପାଇଁ କମାଣ୍ଡ ଯୋଜନା କରୁଛି। ଯୋଧପୁରରୁ ୨୭ ବୋଟ୍ ଅଣାଯାଇଛି, ଭୋପାଳରୁ ୧୫ ବୋଟ୍, ଟେଲି ଯୋଗାଯୋଗ ଏବଂ ଲାଇଫ୍ ଜ୍ୟାକେଟ୍ ପାଇଁ ପୁଣେରୁ ଏକ ଟିମ୍ ଆସୁଛନ୍ତି। ସବୁ ଟିମ୍ ମିଳିତ ଭାବେ ଆଗାମୀ ସ୍ଥିତିର ମୁକାବିଲା କରିବେ ବୋଲି ଲୁଟ୍‌ନାଣ୍ଟ ଜେନେରାଲ ସୋନି କହିଛନ୍ତି। ଏହି ଭୟଙ୍କର ବନ୍ୟା ବିପତ୍ତି ସମୟରେ ସମଗ୍ର କେରଳ ଏକଜୁଟ୍ ହୋଇଥିବା ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଆହ୍ୱାନ ଦେଇଛନ୍ତି।

କୋଚିସ୍ଥିତ ନୌସେନା ବିମାନଘାଟିରୁ ସୋମବାର ବେସାମରିକ ବିମାନ ସେବା ଆରମ୍ଭ ହୋଇଛି। ସକାଳେ ବେଙ୍ଗାଲୁରୁଠାରୁ ଏୟାର ଇଣ୍ଡିଆର ଏକ ବିମାନ ପ୍ରଥମେ ଏଠାରେ ପହଞ୍ଚିଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ଜଳପଥ ଦେଇ ରିଲିଫ୍ ସାମଗ୍ରୀ କୋଚି ବନ୍ଦରରେ ପହଞ୍ଚିଛି। ମହାରାଷ୍ଟ୍ରରୁ ପ୍ରାୟ ୧୦୦ ଡାକ୍ତର ଏବଂ ପାରାମେଡିକାଲ୍ ଷ୍ଟାଫ୍ କେରଳ ଅଭିମୁଖେ ଯାତ୍ରା କରିଛନ୍ତି।

କେରଳ ବିପନ୍ନଙ୍କୁ ଯଥାସମ୍ଭବ ସହଯୋଗ କରିବା ପାଇଁ କେନ୍ଦ୍ର ସରକାର ଶିଳ୍ପପତି ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଥିରୁଭାନନ୍ତପୁରମ୍, ଚେନ୍ନାଇ, ମୁମ୍ବାଇ, ବେଙ୍ଗାଲୁରୁ, ଦିଲ୍ଲୀକୁ ଟ୍ରେନ୍ ଚଳାଚଳ ଆଂଶିକ ଆରମ୍ଭ ହୋଇଛି।


ନୂଆଦିଲ୍ଲୀରେ ସୋମବାର ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଗୋପାଳକୃଷ୍ଣ ଗାନ୍ଧୀଙ୍କୁ ରାଜୀବ ଗାନ୍ଧୀ ଜାତୀୟ ସଦ୍‌ଭାବନା ପୁରସ୍କାର ପ୍ରଦାନ କରୁଛନ୍ତି।

## ଫୁରସତ

### 'ଇଂଲିଶ୍ ଭିଂଲିଶ୍' ଅଭିନେତ୍ରୀଙ୍କ ପରଲୋକ



**ମୁମ୍ବାଇ:** ରବିବାର ରାତିରେ ଅଭିନେତ୍ରୀ ସୁଜାତା କୁମାରଙ୍କ ପରଲୋକ ଘଟିଛି। ସେ 'ଇଂଲିଶ୍ ଭିଂଲିଶ୍' ଭଳି ଫିଲ୍ମରେ ସଫଳ ଅଭିନୟ ପାଇଁ ବେଶ୍ ସୁପରିଚିତା। କ୍ୟାନ୍‌ସରରେ ପୀଡ଼ିତ ସୁଜାତା ଶେଷରେ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି। ପରିବାର ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ସେ ମେଟାଷ୍ଟାଟିକ୍ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ତାଙ୍କୁ ଲିଳାବତୀ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଥିଲା। ଶନିବାରଠାରୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଅତ୍ୟନ୍ତ ଉଦ୍‌ବେଗଜନକ ହୋଇପଡ଼ିଥିଲା। ସାନ ଭଉଣୀ ତଥା ଅଭିନେତ୍ରୀ ସୁଚିତ୍ରା କ୍ରିଷ୍ଣମୂର୍ତ୍ତି ସୁଜାତାଙ୍କ ମୃତ୍ୟୁ ଖବର ଟୁଇଟର ମାଧ୍ୟମରେ ଶେୟାର କରିଛନ୍ତି। 'ଆମର ପ୍ରିୟ ଭଉଣୀ ସୁଜାତା କୁମାରଙ୍କ ପରଲୋକ ଘଟିଛି। ଆମ୍ଭମାନଙ୍କ ମଧ୍ୟରେ ଅକଳ୍ପନୀୟ ଶୂନ୍ୟତା ସୃଷ୍ଟି କରି ସେ ଅଧିକତର ଭଲ ସ୍ଥାନକୁ ଚାଲି ଯାଇଛନ୍ତି। ସୁଜାତା 'ଗୋରି ତେରେ ପ୍ୟାର ମେଁ', ଏବଂ 'ରାନ୍‌ଝାନା' ଭଳି କେତେକ ଫିଲ୍ମ ଏବଂ ଅନେକ ଟିଭି ଶୋ' ଓ କମର୍ସିଆଲ୍ ଫିଲ୍ମରେ କାର୍ଯ୍ୟ କରିଛନ୍ତି।

## ଗୋଆରେ ହୋଇପାରେ ପ୍ରଳୟଙ୍କରୀ ବନ୍ୟା

**ପଣଜୀ:**

### ପରିବେଶବିତ୍ ମାଧବ ଗାଡଗିଲ୍‌ଙ୍କ ସତର୍କତା



କେରଳରେ ବିଧ୍ୱଂସକାରୀ ବନ୍ୟା ସୃଷ୍ଟି ହୋଇଥିବା ବେଳେ ପରିବେଶ ଦୃଷ୍ଟିକୋଣରୁ ଆଗୁଆ ସଚେତନ ନ ହେଲେ ଗୋଆ ଏଭଳି ଦୁର୍ଭାଗ୍ୟର ଶିକାର ହୋଇପାରେ ବୋଲି ବିଶିଷ୍ଟ ପରିବେଶବିତ୍ ମାଧବ ଗାଡଗିଲ୍ ସତର୍କ କରାଇ ଦେଇଛନ୍ତି। ଦେଶର ଅନ୍ୟ କେତେକ ରାଜ୍ୟ ଭଳି ଗୋଆରେ ବେଆଇନ ଖଣିଖନନ ଜାରି ରହିଛି। ଏଥିପାଇଁ ଖଣିଜ ବ୍ୟବସାୟୀମାନେ ଅସୀମ ଲାଭ ଅର୍ଜନ କରୁଥିବା ବେଳେ ପର୍ଯ୍ୟାବରଣକୁ ଜଳାଞ୍ଜଳି ଦେଇଛନ୍ତି। କିଛି ବର୍ଷ ତଳେ ପଶ୍ଚିମଘାଟର ପରିବେଶ ଉପରେ ଏକ ଅଧ୍ୟୟନ କରି ଗାଡଗିଲ୍ ଯେଉଁ ରିପୋର୍ଟ ପ୍ରସ୍ତୁତ କରିଥିଲେ ତାହା ଉପରେ ବ୍ୟାପକ ବିତର୍କ ହୋଇଥିଲା। ଦେଶର ଦକ୍ଷିଣଭାଗ ରାଜ୍ୟ ବିଶେଷକରି କେରଳରେ ହୋଇଥିବା ସବୁଠୁ ଭୟଙ୍କର ବନ୍ୟା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଗାଡଗିଲ୍ କହିଲେ, ପଶ୍ଚିମଘାଟର ପରିବେଶରେ ଅନେକ ପ୍ରାକୃତିକ ସମସ୍ୟା ସୃଷ୍ଟି ହେଉଛି। ଗୋଆ ସେଭଳି ସମସ୍ୟାର ସମ୍ମୁଖୀନ ହେବା ଅଧିକ ସମ୍ଭାବନା ରହିଛି।

ସେଠାରେ ପରିବେଶ ସୁରକ୍ଷା ପ୍ରତି ଆଦୌ ଦୃଷ୍ଟି ଦିଆଯାଉ ନାହିଁ। ଖଣି ବ୍ୟବସାୟୀମାନେ ପ୍ରଚୁର ଲାଭ ପଛରେ ଧାଇଁଛନ୍ତି। ବେଆଇନ ଖଣି ଖନନ ଦ୍ୱାରା ୩୫,୦୦୦ କୋଟିର ମୁନାଫା ହୋଇଥିବା କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଜଷ୍ଟିସ୍ ଏମ୍.ବି. ଶାହା କମିଶନ୍ ରିପୋର୍ଟ ପ୍ରଦାନ କରିଥିବା ବିଷୟ ସେ ପ୍ରକାଶ କରିଥିଲେ।

### 'ପଟାଖା'ରେ ନୃତ୍ୟ କରିବେ ମଲାଇକା



**ମୁମ୍ବାଇ:** ବିଶାଲ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ ଆଗାମୀ ଫିଲ୍ମ 'ପଟାଖା'ରେ ଏକ ସ୍ୱତନ୍ତ୍ର ସଂଗୀତଭରା ନୃତ୍ୟରେ ଦୃଶ୍ୟମାନ ହେବେ ମଲାଇକା ଆରୋରା। ରେଖା ଭରଦ୍ୱାଜ ଏବଂ ଅଜୟ କପୁର ଏହାର ପ୍ରଯୋଜକ ଥିବାବେଳେ ଗୀତ ରଚନା କରିଛନ୍ତି ଗୁଲ୍‌ଜାର। ମଲାଇକା 'ହେଲୋ ହେଲୋ' ଟାଇଟଲ୍ ସଙ୍ଗ୍‌ରେ ନୃତ୍ୟ କରିବେ। ବିଶାଲ ଭରଦ୍ୱାଜ ମଧ ଏହି ଫିଲ୍ମର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି କୋରିଓଗ୍ରାଫର ଗଣେଶ ଆଚାର୍ଯ୍ୟ।

ପ୍ରଯୋଜକ ଅଜୟ କପୁର ଏକ ବିବୃତିରେ କହନ୍ତି, 'ପଟାଖା'ର ସ୍ୱତନ୍ତ୍ର ସଂଗୀତ ପାଇଁ ମଲାଇକାଙ୍କୁ ସର୍ବୋତ୍ତମ ନୃତ୍ୟଶିଳ୍ପୀ ଭାବେ ଚୟନ କରାଯାଇଛି। ଏହି ଗୀତ ପ୍ରତି ତାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏଥିରେ ଖୁବ୍ ଉତ୍ସାହିତ ହେବା ସହିତ ରାଜି ହୋଇଯାଇଥିଲେ। ପଟାଖା ହେଉଛି ଏକ କମେଡିଭିତ୍ତିକ ଡ୍ରାମା। ଦୁଇ ଭଉଣୀଙ୍କ ଚରିତ୍ର ଉପରେ ଉକ୍ତ କାହାଣୀ ଗଢ଼ିଉଠିଛି। ଫିଲ୍ମର କାହାଣୀ ପ୍ରସିଦ୍ଧ ଲେଖକ ଚରଣ ସିଂ ପାଠିକ୍‌ଙ୍କ କ୍ଷୁଦ୍ରଗଳ୍ପ ଉପରେ ଆଧାରିତ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଅଭିନୟ କରିଛନ୍ତି ସାନ୍ୟା ମାଲହୋତ୍ରା, ରାଧିକା ମଦନ, ସୁନିଲ ଗ୍ରୋଭର ଏବଂ ବିଜୟ ରାଜ୍। ଉକ୍ତ ଫିଲ୍ମ ସେପ୍ଟେମ୍ବର ୨୮ରେ ରିଲିଜ୍ ହେବାର ଅଛି।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୯ | ୨୩.୫ |
| ଚାନ୍ଦବାଲି | ୩୧.୨ | ୨୪.୬ |
| କଟକ | ୩୦.୨ | ୨୫.୦ |
| ପାରାଦ୍ୱୀପ | ୩୧.୨ | ୨୫.୯ |
| ଭୁବନେଶ୍ୱର | ୩୦.୨ | ୨୬.୦ |
| ଗୋପାଳପୁର | ୩୧.୬ | ୨୫.୩ |
| ପୁରୀ | ୩୦.୬ | ୨୬.୨ |
| ଅନୁଗୋଳ | ୩୧.୧ | ୨୩.୬ |
| ବାରିପଦା | ୨୮.୫ | ୨୫.୫ |
| ଝାରସୁଗୁଡ଼ା | ୩୦.୮ | ୨୩.୬ |
| କେନ୍ଦୁଝର | ୨୮.୫ | ୨୩.୦ |
| ସମ୍ବଲପୁର | ୩୦.୮ | ୨୧.୭ |
| ସୁନ୍ଦରଗଡ଼ | --- | ୨୦.୦ |
| ହୀରାକୁଦ | ୨୯.୭ | ୨୦.୬ |
| ତାଳଚେର | ୩୧.୨ | ୨୫.୬ |
| ଭବାନୀପାଟଣା | ୩୨.୦ | ୨୪.୮ |
| ବଲାଙ୍ଗୀର | ୩୨.୦ | ୨୪.୪ |
| କୋରାପୁଟ | ୨୫.୦ | ୨୦.୦ |
| ଫୁଲବାଣୀ | ୨୯.୦ | ୨୨.୦ |
| ଟିଟିଲାଗଡ଼ | ୩୨.୫ | ୨୧.୦ |
| ମାଲକାନଗିରି | ୨୬.୦ | ୨୪.୫ |
| ସୋନପୁର | ୩୧.୮ | ୨୨.୬ |
| ଦାରିଙ୍ଗିବାଡ଼ି | ୨୫.୫ | ୨୦.୦ |
| ଢେଙ୍କାନାଳ | ୩୦.୦ | --- |

ଡିଗ୍ରୀ ସେଲ୍‌ସିୟସ୍


ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ତୁର୍କୀର ଏକ ଫୁଟବଲ କ୍ଲବ୍ ଜରୁରୀ ଆବଶ୍ୟକତା ପୂରଣ ପାଇଁ ୧୮ ଜଣ ଖେଳାଳିଙ୍କୁ ବିକ୍ରି କରିଛି। ୧୯୫୪ରେ ସ୍ଥାପିତ ଗଲ୍ଫପୋର କ୍ଲବ୍ ଏପରି କରିଥିବା ଜଣାପଡ଼ିଛି। ଖେଳାଳିମାନଙ୍କୁ ଅନ୍ୟ ଏକ କ୍ଲବ୍‌କୁ ବିକ୍ରି କରି ମିଳିଥିବା ୧.୮୧ ଲକ୍ଷ ଟଙ୍କାରେ ୧୦ଟି ଛେଳି କିଣାଯାଇଛି। ଛେଳିଙ୍କ କ୍ଷୀର ବିକ୍ରି କରି ମାସକୁ ୬୦ ହଜାର ଟଙ୍କା ମିଳିବ। ଏଥିରେ ପୁଣି ଛେଳି କିଣାଯିବ ବୋଲି କ୍ଲବ୍ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି।

## ସଂକ୍ଷେପରେ

### ବାଲିକୁଦାରେ ଅଟକିଲା ମେମୁ ଟ୍ରେନ୍

**କଟକ ଅଫିସ,୨୦।୮:** ଗୋପାଳପୁର ନିକଟସ୍ଥ ବାଲିକୁଦା ପାସେଞ୍ଜର ହଲ୍ଟରେ ସୋମବାର ଅପରାହ୍ନରେ ୪୦ମିନିଟ୍ ଧରି ଅଟକି ରହିଥିଲା ମେମୁ ଟ୍ରେନ। ଟ୍ରେନଟି କଟକରୁ ବ୍ରହ୍ମପୁରକୁ ଯାଉଥିଲା। ବାଲିକୁଦା ପାସେଞ୍ଜର ହଲ୍ଟ ନିକଟରେ ଏକ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଅପରାହ୍ନ ୨ଟା୪୦ରୁ ୪ଟା୨୦ ପର୍ଯ୍ୟନ୍ତ ଚାଲୁଥିଲା। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଏକ କ୍ରେନ କାର୍ଯ୍ୟ ସାରି ଫେରିବାବେଳେ ରେଳ ଟ୍ରାକ୍ କିଛିମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ଉକ୍ତ ଟ୍ରାକରେ ମେମୁ ଟ୍ରେନ ଆସୁଥିବାରୁ ନାଲିପତାକା ଦେଖାଇ ଟ୍ରାକରେ କିଛି ତ୍ରୁଟି ଥିବା ସଙ୍କେତ ଦିଆଯାଇଥିଲା। ଫଳରେ ଚାଳକ ବାଧ ହୋଇ ବାଲିକୁଦାଠାରେ ଟ୍ରେନଟିକୁ ଅଟକାଇଥିଲେ। ତେବେ ଏହି ବିଳମ୍ବର କାରଣ ପାଇଁ ୪୮ ଘଣ୍ଟା ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।




# ସୁଶାନ୍ତ ଧଳସାମନ୍ତଙ୍କୁ ୫ବର୍ଷ ଜେଲଦଣ୍ଡ

**ବିଡ଼ାନାସୀ ଗୁଳିକାଣ୍ଡ**

କଟକ ଅଫିସ, ୨୦।୮

ବିଡ଼ାନାସୀ ଥାନା ଅଞ୍ଚଳରେ ପୋଲିସ ଉପରକୁ ଗୁଳିମାଡ଼ ଘଟଣାରେ ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳସାମନ୍ତ ଦଣ୍ଡିତ ହୋଇଛନ୍ତି। କଟକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ସିଜେଏମ୍) ବନ୍ଦନା କର ଅଭିଯୁକ୍ତ ଧଳସାମନ୍ତଙ୍କୁ ଅସ୍ତ୍ରଶସ୍ତ୍ର ନିରୋଧ ଆଇନର ଦଫା ୨୫ ଓ ଦଫା ୨୭ ଅନୁଯାୟୀ ଯଥାକ୍ରମେ ୩ ବର୍ଷ ଓ ୫ ବର୍ଷ ସଶ୍ରମ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ହେଲେ ଉଭୟ ଦଣ୍ଡ ଏକକାଳୀନ ଲାଗୁ ହେବ। ଏହା ସହିତ ଅଭିଯୁକ୍ତଙ୍କୁ ଉଭୟ ଦଫାରେ ୨୫ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଆଦାୟ ହୋଇ ନ ପାରିଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ନିଜ ରାୟରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୧୯୯୯ ଅଗଷ୍ଟ ୧୦ରେ ସିଡିଏ ସେକ୍ଟର-୬ ମାର୍କେଟ କମ୍ପ୍ଲେକ୍ସ ନିକଟରେ ସୁଶାନ୍ତ ସେଠାକାର ବ୍ୟବସାୟୀମାନଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ଆଦାୟ କରୁଥିଲେ। ଏହି ସମୟରେ ବିଡ଼ାନାସୀ ଥାନା ପୋଲିସ ସେଠାରେ ପହଞ୍ଚି ଧଳସାମନ୍ତଙ୍କୁ ଧରିବା ସମୟରେ ସେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ମାତ୍ର ପୋଲିସ ତାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ତାଙ୍କ ନିକଟରୁ ଗୋଟିଏ ରିଭଲଭର ଏବଂ କିଛି ଗୁଳି ଜବତ କରାଯାଇଥିଲା। ତତ୍କାଳୀନ ବିଡ଼ାନାସୀ ଥାନା ସବ୍‌ଇନ୍ସପେକ୍ଟର ନବକିଶୋର ଫତେସିଂଙ୍କ ଏତଲା ଅନୁଯାୟୀ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ଚାର୍ଜଶିଟ କରାଯାଇ ତାହା କୋର୍ଟଙ୍କ ବିଚାରାଧୀନ ଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ତାପସ କୁମାର ବାରିକ ମାମଲା ପରିଚାଳନା କରୁଥିଲେ।

ସୂଚନାଥାଉ କି, ଗ୍ୟାଙ୍ଗଷ୍ଟର ସୁଶାନ୍ତ ଓ ତାଙ୍କ ସାନଭାଇ ସୁଶୀଲ ଧଳସାମନ୍ତଙ୍କ ନାମରେ ଏକାଧିକ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଉଭୟଙ୍କୁ ପୋଲିସ ୨୦୧୬ରେ ଭୁବନେଶ୍ୱର ପୋଖରୀପୁଟରୁ ଗିରଫ କରିଥିଲା। ଗତବର୍ଷ ମାର୍ଚ୍ଚରେ ଦୁଇଭାଇଙ୍କୁ ପୃଥକ୍ ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। ସୁଶାନ୍ତଙ୍କୁ ଭୁବନେଶ୍ୱର ଝାରପଡ଼ାରୁ ବଲାଙ୍ଗୀର ଜେଲ୍ ଓ ସୁଶୀଲଙ୍କୁ ଚୌଦ୍ୱାରରୁ ବାଲେଶ୍ୱର ଜେଲ୍‌କୁ ପଠାଯାଇଛି।

# ଏସ୍‌ସିବି, ଏମ୍‌କେସିଜି, ଭିମ୍‌ସାର ପୂରଣ ହେଲା ଏମ୍‌ବିବିଏସ୍ ସିଟ୍

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ଏମ୍‌ବିବିଏସ୍ ଏବଂ ବିଡିଏସ୍ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ସୋମବାର ଚାଲିଥିବା ସ୍ପଟ୍ ନାମଲେଖାରେ କଟକ ଏସ୍‌ସିବି, ବ୍ରହ୍ମପୁର ଏମ୍‌କେସିଜି, ବୁର୍ଲା ଭିମ୍‌ସାର ଏବଂ ବାଲେଶ୍ୱର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ଏମ୍‌ବିବିଏସ୍ ସିଟ୍ ପୂରଣ ହୋଇଛି। ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୧ ଏମ୍‌ବିବିଏସ୍ ସିଟ୍ ଖାଲି ଥିବାବେଳେ ସେଥିରୁ ୭ ଜଣ ଛାତ୍ରୀଛାତ୍ର ନାମଲେଖାଇଛନ୍ତି। ସେହିପରି ଶହୀଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ କୋରାପୁଟରେ ୨୭ ଏମ୍‌ବିବିଏସ୍ ସିଟ୍ ଖାଲି ପଡିଛି। ଭୁବନେଶ୍ୱରସ୍ଥିତ ଘରୋଇ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଏମ୍‌ବିବିଏସ୍‌ରେ ୧୮ ଏବଂ ବିଡିଏସ୍‌ରେ ୬୧ ଏବଂ କଟକ ଏସ୍‌ସିବି ବିଡିଏସ୍‌ରେ ୧୪ ସିଟ୍ ଖାଲି ପଡିଛି। ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ୨ ଏମ୍‌ବିବିଏସ୍ ସିଟ୍ ଖାଲି ପଡିଥିବା ଓଜେଇଇ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଡାକ୍ତରୀ ପାଠ୍ୟକ୍ରମ ନାମଲେଖା ପରେ ୨୩୨ ଏମ୍‌ବିବିଏସ୍ ଏବଂ ବିଡିଏସ୍ ସିଟ୍ ଖାଲି ପଡିଥିଲା। ଏହି ସିଟ୍‌ରେ ନାମଲେଖାଇବା ପାଇଁ ଓଜେଇଇ ପକ୍ଷରୁ ସ୍ପଟ୍ ନାମଲେଖା ହୋଇଛି। ସ୍ପଟ୍ ନାମଲେଖା ପ୍ରକ୍ରିୟା ମଙ୍ଗଳ ଏବଂ ବୁଧବାର ଚାଲିବ ବୋଲି ଓଜେଇଇ ପକ୍ଷରୁ ସୂଚନା ମିଳିଛି।

## ଜଗମୋହନ ମାମଲା: ଏଏସ୍‌ଆଇର ସତ୍ୟପାଠ ଦାଖଲ

# ଆରମ୍ଭ ହୋଇଛି ନାଟମଣ୍ଡପ ଯାଞ୍ଚ

କଟକ ଅଫିସ, ୨୦।୮

ଖଡ଼ଗପୁର ଆଇଆଇଟି ଓ ଚେନ୍ନାଇ ଆଇଆଇଟିର ବିଶେଷଜ୍ଞ ଟିମ୍ ସହ କୋର୍ କମିଟି ସଦସ୍ୟମାନେ ମିଳିତ ଭାବେ ନାଟମଣ୍ଡପ ସ୍ଥିତି ଯାଞ୍ଚ କରୁଛନ୍ତି। ଅଗଷ୍ଟ ୨୦, ୨୧ ଓ ୨୨ ତିନିଦିନ ଧରି ଏହ ଯାଞ୍ଚ ଚାଲିବ। ଏ ସମ୍ପର୍କିତ ରିପୋର୍ଟ ମିଳିବା ପରେ ନାଟମଣ୍ଡପ କାର୍ଯ୍ୟ ଆରମ୍ଭ କରାଯିବ। ସେହିପରି କ' ଶ୍ରେଣୀରେ ସ୍ଥାନିତ ୬ଟି ମନ୍ଦିର ମରାମତି କାର୍ଯ୍ୟ ଜୋରସୋର ଚାଲିଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ ପୁରୀ ଶ୍ରୀମନ୍ଦିର ଜଗମୋହନ ମରାମତି ସମ୍ପର୍କିତ ମାମଲା ଉପରେ ସୋମବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ସତ୍ୟପାଠରେ ଏଏସ୍‌ଆଇ ଉପରୋକ୍ତ ପ୍ରସଙ୍ଗ ଉଲ୍ଲେଖ କରିଥିଲାବେଳେ ମାଉସୀ ମା' ଓ ଗୁଣ୍ଡିଚା ମନ୍ଦିର ସ୍ଥିତି ଯାଞ୍ଚ କରାଯାଇ ମନ୍ଦିର ପ୍ରଶାସନକୁ ରିପୋର୍ଟ ଦିଆଯାଇଥିବା ସତ୍ୟପାଠରେ ଦର୍ଶାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୦କୁ ଧାର୍ଯ୍ୟ କରାଯାଇଛି। ଉକ୍ତଦିନ ଉଭୟ ଏଏସ୍‌ଆଇ ଓ ଶ୍ରୀମନ୍ଦିର ପ୍ରଶାସନ ନାଟମଣ୍ଡପ, ଗୁଣ୍ଡିଚା ମନ୍ଦିର ଓ ମାଉସୀ ମା' ମନ୍ଦିର ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ଦାଖଲ କରିବା ପାଇଁ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ ବି.ଆର୍. ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# କାର୍ଯ୍ୟକାରୀ ହେବ ସିକିଲସେଲ ଥାଲାସେମିଆ ରୋଗ ନିୟନ୍ତ୍ରଣ ପ୍ରକଳ୍ପ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ସିକିଲ୍‌ସେଲ୍ ଏବଂ ଥାଲାସେମିଆ ରୋଗ ନିୟନ୍ତ୍ରଣ ପ୍ରକଳ୍ପ କାର୍ଯ୍ୟକାରୀକୁ ନେଇ ସିଏମ୍‌ସି ଭେଲୋର ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆଲୋଚନା ମାଧ୍ୟମରେ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଛି। ବୁଝାମଣାପତ୍ର ଅନୁଯାୟୀ ସୋମବାର ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି।

ଚଳିତ ବର୍ଷ ମୟୂରଭଞ୍ଜ, କଟକ, ବାଲେଶ୍ୱର ଏବଂ କୋରାପୁଟ ଜିଲାରେ ପାଇଲଟ୍ ବେସିସ୍‌ରେ ସିଏମ୍‌ସି ଭେଲୋର କାର୍ଯ୍ୟ ଆରମ୍ଭ କରିବ। ଆସନ୍ତା ବର୍ଷ ଆଉ ୧୫ ଜିଲାରେ ଏବଂ ତା'ପର ବର୍ଷ ସମସ୍ତ ଜିଲାକୁ ନିୟନ୍ତ୍ରଣ ପ୍ରକଳ୍ପ ସଂପ୍ରସାରିତ ହେବ। ଏଥିରେ ଅଷ୍ଟମ ଶ୍ରେଣୀରୁ ପିଲାମାନଙ୍କୁ ସିକିଲ୍‌ସେଲ୍ ଏବଂ ଥାଲାସେମିଆ ଆକ୍ରାନ୍ତ ସମ୍ପର୍କରେ ସ୍କ୍ରିନଂ କରାଯାଇ ଚିହ୍ନଟ କରାଯିବ। ସେମାନଙ୍କୁ ଚିକିତ୍ସା ସହିତ ରୋଗ ନିୟନ୍ତ୍ରଣ ଉପରେ ପରାମର୍ଶ ଦିଆଯିବ। ଭୁବନେଶ୍ୱରରେ ଆସନ୍ତା ୩ ମାସ ମଧ୍ୟରେ ସିଏମ୍‌ସି ଭେଲୋର ଏକ ପ୍ରକଳ୍ପ ପରିଚାଳନା କାର୍ଯ୍ୟାଳୟ ଖୋଲିବ। ସେହିପରି ୩୦ ଜିଲାରୁ ୬୦ ମେଡିକାଲ ଅଫିସରଙ୍କୁ ତାଲିମ୍ ଦେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଡ. ବସନ୍ତ କୁମାର ପଣ୍ଡା, ବୁର୍ଲା ସିକିଲ୍‌ସେଲ୍ ପ୍ରକଳ୍ପ ଅଧିକାରୀ ପ୍ରଫେସର ଡ. ପି.କେ ମହାନ୍ତି, ଏସ୍‌ସିବିର ପ୍ରଫେସର ଡ. ପଙ୍କଜ ପରିଡା ଏବଂ ଭେଲୋରର ଡ. ଆଲୋକ ଶ୍ରୀବାସ୍ତବ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

# କଂଗ୍ରେସରେ ଯୋଗଦେଲେ ମିଲି ପଣ୍ଡା, ନୀଳଗିରି ରାଣୀ

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ସ୍ତ୍ରୀ ଶୁଭଶ୍ରୀ(ମିଲି) ପଣ୍ଡା ସୋମବାର କଂଗ୍ରେସରେ ସାମିଲ ହୋଇଛନ୍ତି। ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ଉପସ୍ଥିତିରେ ପଣ୍ଡା ଦଳରେ ଯୋଗ ଦେଇଛନ୍ତି। ସେ ୨୦୧୩ରେ ଜନମଞ୍ଚ ଓଡ଼ିଶା ଗଠନ କରିଥିଲେ। ମାତ୍ର ୨୦୧୪ରେ ସେ ଆମ ଓଡ଼ିଶା ପାର୍ଟିରେ ସାମିଲ ହୋଇଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ମଧ୍ୟ ସେ ଆମ ଓଡ଼ିଶା ପାର୍ଟି ଟିକେଟରେ ରଣପୁର ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ହୋଇଥିଲେ। ପୂର୍ବରୁ ସେ ବିଜେଡିରେ ଯୋଗଦେବେ ବୋଲି କହିଥିଲେ। ତାଙ୍କ ସହ ନୀଳଗିରି ରାଣୀ ମନୋଜମଞ୍ଜରୀ ଦେବୀ ମଧ୍ୟ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ଅବସରରେ ପଣ୍ଡା କହିଛନ୍ତି ଯେ, କଂଗ୍ରେସ ହେଉଛି ଏକ ଜାତୀୟ ଦଳ। ଲୋକଙ୍କ ପାଇଁ ଅଧିକରୁ ଅଧିକ କାମ କରିବାକୁ କଂଗ୍ରେସରେ ସାମିଲ ହୋଇଛି। ପୂର୍ବରୁ ଯେପରି ଲୋକଙ୍କ କାମ କରୁଥିଲି ଆଗକୁ ମଧ୍ୟ ତାହା ବଳବତ୍ତର ରଖିବି। କେବଳ ରଣପୁର ନିର୍ବାଚନମଣ୍ଡଳୀ ନୁହେଁ ବରଂ ସାରା ରାଜ୍ୟବାସୀଙ୍କ ପାଇଁ କାମ କରିବି। କୌଣସି ପ୍ରକାର ସର୍ତ୍ତ ରଖି କଂଗ୍ରେସରେ ସାମିଲ ହୋଇ ନାହିଁ। ଦଳର ନିଷ୍ପତ୍ତି ଅନୁଯାୟୀ କାମ କରିବି ବୋଲି ସେ କହିଛନ୍ତି।

# କାୟା ମେଲାଉଛି ଡେଙ୍ଗୁ

ରାଜ୍ୟରେ କାୟା ବିସ୍ତାର କରିଚାଲିଛି ଡେଙ୍ଗୁ। ସଚେତନତା ଅଭାବରୁ ଦିନକୁ ଦିନ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କହୁଛି ସମସ୍ତ ପ୍ରକାର ସଚେତନାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। କିନ୍ତୁ ଡେଙ୍ଗୁର ବାସ୍ତବ ଚିତ୍ର ବଦଳୁନି। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ଲୋକେ ଏଥିରେ ଆକ୍ରାନ୍ତ ହେଉଛନ୍ତି। ସେପଟେ ସହରରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପରିମଳ ବ୍ୟବସ୍ଥା ସୁଧାରିବାରେ ଫେଲ୍ ମାରିଛି। ଫଳରେ ଭୁବନେଶ୍ୱର ଏବଂ କଟକ ସହରର କେତେକ ଅଞ୍ଚଳରେ ଡେଙ୍ଗୁ ବ୍ୟାପୀ ଚାଲିଛି। ଖୋର୍ଦ୍ଧା, କଟକ, ରାୟଗଡା ଏବଂ କଳାହାଣ୍ଡି ଜିଲାରେ ଚଳିତବର୍ଷ ଅଧିକ ସଂଖ୍ୟାରେ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏକପ୍ରକାର ଚିନ୍ତାରେ ପଡିଯାଇଛି। ଅପରପକ୍ଷରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାରେ ବିଏମ୍‌ସି ଏବଂ ସିଏମ୍‌ସି ଗୁରୁତ୍ୱ ଦେଉ ନ ଥିବାରୁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଏବଂ କଟକର ଜଗତପୁର ଓ ଟାଙ୍ଗୀ ଅଞ୍ଚଳରେ ଡେଙ୍ଗୁ ଭୟଙ୍କର ରୂପ ନେଇଛି।

ଜାନୁୟାରୀ ପହିଲାରୁ ଅଗଷ୍ଟ ୨୦ ମଧ୍ୟରେ ରାଜ୍ୟରେ ୧,୬୩୧ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ୩୦ ଜିଲାରୁ ୮,୯୪୮ ରକ୍ତ ନମୁନା ପରୀକ୍ଷା କରାଯାଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪୫୬ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ଭୁବନେଶ୍ୱରର ୪୩୩ ପଜିଟିଭ୍ ଥିବା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ଜଣାପଡିଛି। ଏହା ପଛକୁ କଟକରେ ୩୫୧, ରାୟଗଡାରେ ୧୪୬, କଳାହାଣ୍ଡିରେ ୫୪, ଜଗତ୍‌ସିଂହପୁରରେ ୧୦୬, ଗଜପତିରେ ୬୮, ଯାଜପୁରରେ ୬୭ ଏବଂ ପୁରୀରେ ୬୨ ରୋଗୀ ଚିହ୍ନଟ ହୋଇଛନ୍ତି। ଅନ୍ୟ ଜିଲାଗୁଡିକରେ ଆକ୍ରାନ୍ତଙ୍କ ସଂଖ୍ୟା କମ ରହିଛି ବୋଲି ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡ. ବ୍ରଜକିଶୋର ବ୍ରହ୍ମା କହିଛନ୍ତି। ଗତ ୯ ତାରିଖରେ ଖୋର୍ଦ୍ଧା ଜିଲାରେ ୧୦୬୯ ଜଣଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସେଥିରୁ ୩୬୯ ଡେଙ୍ଗୁ ପଜିଟିଭ୍ ବାହାରିଥିଲା। ଜିଲାରେ ଦେଖାଦେଇଥିବା ରୋଗୀଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁର ଅଞ୍ଚଳରେ ସର୍ବାଧିକ ବୋଲି ସ୍ୱାସ୍ଥ୍ୟ ବିଭାଗ କହୁଛି। ଚଳିତବର୍ଷ ଡେଙ୍ଗୁରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ରାଜ୍ୟଗୁଡିକ ତୁଳନାରେ ଓଡ଼ିଶାରେ ଡେଙ୍ଗୁ ଆକ୍ରାନ୍ତ କମ୍ ବୋଲି ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡ. ବ୍ରହ୍ମା କହିଛନ୍ତି।

ସେ ଆହୁରି କହିଛନ୍ତି, କଟକ ଜିଲାର ଜଗତପୁର ଓ ଟାଙ୍ଗୀ, ରାୟଗଡା ଏବଂ କଳାହାଣ୍ଡିର ଲଡୁଗାଁ ଅଞ୍ଚଳଗୁଡିକୁ ବିଭାଗ ପକ୍ଷରୁ ଗୋଟିଏ ଲେଖାଏ ଡାକ୍ତରୀ ଦଳ ପଠାଯାଇ ସଚେତନ କରାଯାଉଛି। ଲଘୁଚାପ ଯୋଗୁ ଲଗାଣ ବର୍ଷା ହେଉଛି। ଖରା ପଡିଲେ ଜମିଥିବା ପାଣି ଶୁଖିଯାଆନ୍ତା। ତା' ନ ହୋଇ ବେଳକୁ ବେଳ ଅଧିକ ବର୍ଷା ହେଉଛି। ବର୍ଷା ପାଣି ଜମି ରହିବାରୁ ଏଡିସ୍ ମଶାବଂଶ ବୃଦ୍ଧି ପାଉଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଚିକିତ୍ସା ବ୍ୟବସ୍ଥା ସହିତ ମଶା ମରା ବ୍ୟବସ୍ଥା କରିଛୁ। କଳାହାଣ୍ଡି, କଟକର ଜଗତପୁର ଏବଂ ଟାଙ୍ଗୀ, ରାୟଗଡାରେ ଲୋକଙ୍କ ଘର ଘର ବୁଲି ସଚେତନ କରାଯାଇଛି। ସୂଚନାଯୋଗ୍ୟ, ୨୦୧୭ରେ ରାଜ୍ୟରେ ୪୧୦୮ ଡେଙ୍ଗୁ ପଜିଟିଭ୍ ଥିବାବେଳେ ୬ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୬ରେ ୮୩୮୦ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୧ଜଣଙ୍କ ପ୍ରାଣହାନି ହୋଇଥିଲା।







Highway Honda
Showroom: Cantonment Road Cuttack, PH: 7873999589, 7873999603

Highway Honda
Showroom: NH-5, Plot No. 209, Mirzapur Pani Koili, Distt., Jajpur, PH: 7873999226



ଜଣେ ମହିଳାଙ୍କ ପାଇଁ ଧନୀ ବୟଫ୍ରେଣ୍ଡ ଖୋଜି ନ ପାରି ଲଣ୍ଡନରେ କାର୍ଯ୍ୟ କରୁଥିବା ଏକ ଏଜେନ୍ସିକୁ ସାଢ଼େ ୧୪ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିଛି। ଛାଡ଼ପତ୍ର ପରେ ଏକୁଟିଆ ରହୁଥିବା ୩ ସନ୍ତାନଙ୍କ ଜନନୀ ଓ୍ୱାଲି ଟେରେଜା ବୁର୍କି ଡେଟିଂରେ ଯିବା ଲାଗି ଜଣେ ବୟଫ୍ରେଣ୍ଡଙ୍କୁ ଖୋଜୁଥିଲେ। ଏନେଇ ସେ କେନ୍ଦ୍ରୀୟ ଲଣ୍ଡନର ନାଇଟ୍ରାବିଜ୍ସ୍ଥିତ ସେଭେଣ୍ଟି-ଥାର୍ଟି ନାମକ ଏକ ଏଜେନ୍ସିର ପ୍ରିମିୟମ୍ ସଦସ୍ୟତା ଗ୍ରହଣ କରିଥିଲେ। ଏଜେନ୍ସି ନିଜ ପ୍ରତିଶ୍ରୁତି ପାଳନ କରି ନ ଥିବା ବୁର୍କି ଅଭିଯୋଗ କରି କୋର୍ଟରେ ମାମଲା ଦାଏର କରିଥିଲେ। ଅଦାଲତ ଏଜେନ୍ସିକୁ ଦୋଷୀ ସାବ୍ୟସ୍ତ କରି ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ସୁଚିସ୍ମିତା
ପରିବାରବର୍ଗ



ପିୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

**3BHK Flat for sale at Goutam Nagar, Vivekananda Marg, Near Mausima Temple. Contact: 7789841141, 9692864178.** D-61492

Bhubaneswar ପିତାପଲ୍ଲିଠାରେ NHରୁ 700 mtr. ଦୂରତାରେ boundary wall campus ମଧ୍ୟରେ 30' ରାସ୍ତା ଥାଇ demarcated sthitiban plot ବିକ୍ରିହେବ। 9337110700, 9692619663. D-63575

ଭୁବନେଶ୍ୱରର **IIT** ଅରଗୁଳଠାରେ ପିଚୁରୋଡକୁ ଲାଗିକରି ଘରବାରି ପ୍ଲଟ କିଣନ୍ତୁ ଓ ନିଜ ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ। **Akshya: 8327748629.** D-63583

Immediate ready for construction land at Rasulgarh near Hitech square (NH-5) @16,20,000/- 9437976031. D-63576

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Gharabari Boundary Plot Infront Krapujal Engineering College, Bhubaneswar: 9090899281, 8908805482. D-63474

ଭୁବନେଶ୍ୱରର **IIT** ଅରଗୁଳଠାରେ ପିଚୁରୋଡକୁ ଲାଗିକରି ଘରବାରି ପ୍ଲଟ କିଣନ୍ତୁ ଓ ନିଜ ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ। **Ranapratap: 9777342153.** D-63584

### PURCHASE

A reputed realestate company requires land in around Cuttack and Bhubaneswar on basis of outright sharing and marketing contact: 9937816565, 9583944403. D-64897




3 Bedroom first floor Aryapalli (KIIT Square) for family only. Contact: 9438669617. D-62773

One BHK fully furnished house at Acharyavihar, preferable for single working bachelor. Contact: 7978067072. D-7949




Shivam logistic packers movers. Household/ car relocation countrywide. 9777044177, 9338461133. D-7836




"Ashribad Spa" is reputed ayurvedic clinic provided all type herbal body massage by well trained ladies therapist. Contact: 9040050502. D-64840

Rejuvenate and ayurvedic full body massage by smart therapist. 9114402304. D-64841

Pamper yourself this Mansoon profesional massage contact Purple Orchid. 9776598888. D-64842

Experience full body massage with us by experts enquiry. 7377048581. D-64890

Herbal full body massage by smart/ expert therapist. Contact: 8338067247. D-64893

Madam Monalisa massage club- 50% discount full body massage by hiprofile smart lady therapist. 9708545108. D-7948

Bangkok spa special offer 50% off on all 1hrs any full body massage. 9861688844, 8018739084. D-63582

Physiotherapy and Herbal massage by trained ladies/ Gents Therapist. 9938811534. D-63473

Opening newly Ayurvedic full body massage ladies and gents. 7873414146, 8117833107. D-63472

Full body massage home service also available please contact: 7751085315. D-61020

Fully refreshed/ relaxed body massage by expert therapist, Shastrinagar. 7377984773. D-64894

Newly opening ayurvedic body massage in joint pains, smart therapist. 9776383819. D-64895

Newly opening ayurvedic body massage smart therapist, Shree Herbal. 7750020754. D-64896

G.S Spa herbal full body massage ladies/ gents. 9078429117, 7683840853. D-63072

### ଜନ୍ମଦିନ ଶୁଭେଚ୍ଛା



**ପୀୟୂଷ ସିଂ ଦଳପତି**
ଗଡ୍ରାମୁଣ୍ଡା, ଖଡିଆଳ, ଜିଲ୍ଲା- ନୂଆପଡା

ଆଜି ତୋ ଜନ୍ମଦିନର ୪ର୍ଥ ବର୍ଷ ପୂର୍ତ୍ତି ଅବସରରେ ଚଳାପଥ କୁସୁମିତ ହେବା ସହ ଦୀର୍ଘାୟୁ, ଯଶସ୍ୱୀ ଓ ଉଜ୍ଜ୍ୱଳମୟ ହେଉ ଏହା ହିଁ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା। ଶୁଭେଚ୍ଛୁ: କେଜେମା, ବଡବାପା, ବଡମା, ବାପା, ମା, ଟିନି ଦିଦି, ଟିଟୁନ ଦାଦା, ନିଖିଲ ଦାଦା, ନିହାଲ୍ ଓ ନିଲୁ। ଧ-୭୯୪୭

### Birthday Wish



**Sai Suchismita Dash**
We are so lucky that you are a part of our family ! Happy Birthday from all of us ! Best wishes from: **Papa, Mama, Grand Father, Grand Mother & Mousi**. D-61489

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଓଡ଼ିଆ ଲୋକଙ୍କୁ ଆଣିବା ଲାଗି ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

**କେରଳ ବନ୍ୟା**
- ପ୍ରଭାବିତଙ୍କ ତାଲିକା ପଠାଗଲା
- ହେଲ୍ପ ଲାଇନ ନମ୍ବର ଜାରି
- ଉଦ୍ଧାର କାର୍ଯ୍ୟ ଜାରି ରଖିଛି ପୂର୍ବତଟ ରେଳପଥ

କେରଳର ଭୟଙ୍କର ବନ୍ୟାରେ ଫସିରହିଥିବା ଓଡିଆମାନଙ୍କୁ ଉଦ୍ଧାର କରିବା କାର୍ଯ୍ୟ ଜାରି ରଖିଛନ୍ତି ଓଡ଼ିଶାରୁ ଯାଇଥିବା ଅଗ୍ନିଶମ ବିଭାଗ କର୍ମଚାରୀମାନେ। ଏହାଛଡ଼ା ପ୍ରଭାବିତ ଓଡ଼ିଆ ଲୋକମାନଙ୍କୁ ଘରକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏଥିପାଇଁ ସରକାର ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରିଛନ୍ତି। କୋଚୁଭେଲି-କାମାକ୍ଷା ସ୍ୱତନ୍ତ୍ର ଟ୍ରେନ୍(୦୬୩୩୬)ରେ ଦୁଇଟି କୋଚ ଏବଂ ତ୍ରିଭେନ୍ଦ୍ରମ୍-ସିଲଚର ଟ୍ରେନ୍ (୦୨୫୧୫)ରେ ଗୋଟିଏ କୋଚ୍‌ର ବ୍ୟବସ୍ଥା ହୋଇଛି।

ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି) ବିଷ୍ଣୁପଦ ସେଠୀ କହିଛନ୍ତି ଯେ, କେରଳ ବନ୍ୟାରେ ଫସିଥିବା ଲୋକମାନଙ୍କ ବିଷୟରେ ଆମେ ସେମାନଙ୍କ ପରିବାର ଓ ସମ୍ପର୍କୀୟଙ୍କ ଠାରୁ ସୂଚନା ପାଉଛୁ। ସେହି ସୂଚନା ଆଧାରରେ ରାଜ୍ୟ ସରକାର ତାଲିକା ପ୍ରସ୍ତୁତ କରୁଛନ୍ତି। ବନ୍ୟାରେ ଫସି ରହିଥିବା ୬୯ ଜଣଙ୍କ ତାଲିକା ସୋମବାର କେରଳ ରିଲିଫ କମିଶନରଙ୍କ ନିକଟକୁ ପଠାଯାଇଛି। ପୂର୍ବରୁ ୧୮୭ ଜଣଙ୍କ ତାଲିକା ପଠାଯାଇଥିଲା।

ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଟୋଲ ଫ୍ରି ନମ୍ବର ୧୦୭୦ ଏବଂ ହେଲ୍ପଲାଇନ ନମ୍ବର ୦୬୭୪୨୫୩୪୧୭୭ ଜାରି କରାଯାଇଛି। ସେହିପରି ଗଞ୍ଜାମ ଜିଲା ଲୋକଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଟୋଲ ଫ୍ରି ନମ୍ବର ୧୦୭୭ ଏବଂ ହେଲ୍ପ ଲାଇନ ନମ୍ବର ୦୬୮୧୧୨୬୩୯୭୮ ଜାରି କରାଯାଇଛି। ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ କେରଳରେ ଜିଲାର କେତେ ଲୋକ ଫସି ରହିଛନ୍ତି ତାହାର ରିପୋର୍ଟ ସଂଗ୍ରହ କରାଯାଉଛି। ଏ ସମ୍ପର୍କିତ ତଥ୍ୟ ଦେବାକୁ ଜିଲାର ବିଡିଓ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଆନୁକୂଲ୍ୟରେ କେରଳର ଆଲେପିରେ ଅନୁଷ୍ଠିତ ସରସ ମେଳାରେ ଭାଗ ନେବା ପାଇଁ ଯାଇଥିବା ଓଡ଼ିଶାର ୨୧ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ଫେରାଇ ଆଣିବାକୁ ବ୍ୟବସ୍ଥା କରାଯାଇଛି। ସେମାନେ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବାବେଳେ ଆସନ୍ତା ବୁଧବାର ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଓଡ଼ିଶା ଫେରିବେ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ ମହାରଥୀ ସୂଚନା ଦେଇଛନ୍ତି। ଭାରତୀୟ ରେଳ ପକ୍ଷରୁ ମଧ୍ୟ କେରଳ ବନ୍ୟା ପୀଡ଼ିତଙ୍କ ପାଇଁ ସେବା କାର୍ଯ୍ୟ ଜାରି ରହିଛି। ଅନ୍ୟ ରାଜ୍ୟରୁ ଯାଇ ସେଠାରେ କାର୍ଯ୍ୟ କରୁଥିବା ଲୋକଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣିବା ପାଇଁ ଭାରତୀୟ ରେଳ ଏକାଧିକ ଟ୍ରେନ୍ ବ୍ୟବସ୍ଥା କରିଛି। ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସୋମବାର ପୂର୍ବାହ୍ନ ୧୧ଟାରେ ଥିରୁଭାନନ୍ଥପୁରମ୍‌ରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ବାହାରିଛି। ଏହା ବିଶାଖାପାଟଣାରେ ୨୧ ତାରିଖ ରାତି ୨ଟା ୩୫ରେ ପହଞ୍ଚିବା ପରେ ଭୁବନେଶ୍ୱର ଅଭିମୁଖେ ବାହାରିବ। ଏହାବାଦ୍ ଏର୍ନାକୁଲମ୍‌ରୁ ହାଓଡାକୁ ଆଉ ଦୁଇଟି ସ୍ୱତନ୍ତ୍ର ଟ୍ରେନ୍ ଆସୁଥିବା ବେଳେ ଗୋଟିଏ ମଙ୍ଗଳବାର ଏବଂ ଅନ୍ୟଟି ବୁଧବାର ପୂର୍ବାହ୍ନରେ ପହଞ୍ଚିବା ଆଶା କରାଯାଉଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ।

## ପ୍ରଥମ ପୃଷ୍ଠାରୁ...

### ପକ୍କାଘର ନିର୍ମାଣରେ...

ବାଣ୍ଟି ଦେଇଥିଲେ। ଏତେ ଟଙ୍କା ଗୋଟିଏ ମାସରେ କେମିତି ବାଣ୍ଟିଲ ସେ ନେଇ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ଠାରୁ କୈଫିୟତ ମାଗିବା ସହ ସମସ୍ତ ପ୍ରମାଣ ନ ଦେଲେ ଆଉ କିସ୍ତି ଦିଆଯିବ ନାହିଁ କହି ପରୋକ୍ଷ ଧମକ ଦେଲେ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ହିତାଧିକାରୀଙ୍କୁ ଦିଆଯାଇଥିବା ବ୍ୟାଙ୍କ ଷ୍ଟେଟମେଣ୍ଟ ଠାରୁ ଆରମ୍ଭ କରି ଏ ସମ୍ପର୍କିତ ୩ ହଜାର ପୃଷ୍ଠାର ସମସ୍ତ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇଛନ୍ତି। ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଉପରେ ସନ୍ଦେହ କରି ଜାଣିଶୁଣି ଚଳିତ ଆର୍ଥିକ ବର୍ଷ ପାଇଁ କୌଣସି ଅନୁଦାନ ଦେଇ ନ ଥିବା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କେନ୍ଦ୍ର ସରକାର ଯଦି ଚଳିତ ମାସରେ ପ୍ରଥମ କିସ୍ତି ନ ଦେବେ ତେବେ ଘର ନିର୍ମାଣ ଯୋଜନା ଏକ ପ୍ରକାର ବନ୍ଦ ହେବାର ଆଶଙ୍କା ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ନିଜ ଅଂଶଧନ ୪୦ ପ୍ରତିଶତ ସମେତ ଅନ୍ୟାନ୍ୟ ଯୋଜନା ଅର୍ଥକୁ ଗୃହ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରି ଟାର୍ଗେଟ ପୂରଣ କରିବାକୁ ଆଣ୍ଠୁଗାଡି ଛିଡ଼ାଉ ଥିବା ବେଳେ କେନ୍ଦ୍ରର ଅସହଯୋଗ ପକ୍କାଘର ନିର୍ମାଣରେ ଏକ ବିରାଟ ବାଧକ ହୋଇଛି। ପ୍ରୋତ୍ସାହନ ରାଶି ଘୋଷଣା କରି ଗୃହ ନିର୍ମାଣକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ଉଦ୍ୟମ ଚଳାଇଥିବା ବେଳେ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ପକ୍କାଘର ଯୋଜନା ପାଇଁ ଶକ୍ତ ଧକ୍କା ଦେଇଛି।

### ଲଘୁଚାପ:ଦକ୍ଷିଣ...

ସୋମବାର ସଚିବାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି) ବିଷ୍ଣୁପଦ ସେଠୀ କହିଛନ୍ତି ଲଘୁଚାପକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଲାଗି ରହିଛି। କୌଣସି ସ୍ଥାନରେ ଅସ୍ୱାଭାବିକ ପରିସ୍ଥିତି ଉପୁଜିଥିବାର ସୂଚନା ମିଳି ନାହିଁ। ଗତ ବର୍ଷାରେ ମାଲକାନଗିରି-ଜୟପୁର, ମାଲକାନଗିରି-ମୋଟୁ, ମାଲକାନଗିରି-ବାଲିମେଳା ଅଞ୍ଚଳର କେତେକ ସ୍ଥାନ ବୁଡି ରହିଥିଲା। ଗତ ଲଘୁଚାପ ବର୍ଷାରେ ହୋଇଥିବା କ୍ଷୟକ୍ଷତିର ଆକଳନ ଜିଲା ପ୍ରଶାସନ ପ୍ରସ୍ତୁତ କରୁଛନ୍ତି। ରିପୋର୍ଟ ମିଳିବା ପରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

### 'ଭୟଙ୍କର ପ୍ରାକୃତିକ...

ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆର୍‌ଏଫ୍)ରୁ ରାଜ୍ୟକୁ ଅତିରିକ୍ତ ସହଯୋଗ ଯୋଗାଇଦେବା ଲାଗି କେନ୍ଦ୍ର ସରକାର ଚିନ୍ତା କରୁଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ହେବା ପରେ ରାଜ୍ୟ ପାଇଁ ଏକ ବିପର୍ଯ୍ୟୟ ରିଲିଫ୍ ପାଣ୍ଠି (ସିଆର୍‌ଏଫ୍) ଗଠନ କରାଯାଇଥାଏ। ଏଥିରେ କେନ୍ଦ୍ର ଏବଂ ରାଜ୍ୟର ସହଯୋଗ ମାତ୍ରା ୩:୧ ରହିଥାଏ। ସିଆର୍‌ଏଫ୍‌ର ସମ୍ବଳ ପର୍ଯ୍ୟାପ୍ତ ନ ହେଲେ ଜାତୀୟ ବିପର୍ଯ୍ୟୟ ଜରୁରିକାଳୀନ ପାଣ୍ଠି (ଏନ୍‌ସିସିଏଫ୍)ରୁ ଅର୍ଥ ଯୋଗାଇ ଦିଆଯାଇଥାଏ। ଏହାସହ କ୍ଷତିଗ୍ରସ୍ତ ଲୋକଙ୍କୁ ଋଣ ଛାଡ଼ କରାଯିବା ସାଙ୍ଗକୁ ନୂଆ କରି ଋଣ ମଧ୍ୟ ଯୋଗାଇ ଦିଆଯାଇଥାଏ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଏ.ଭି. ଧର୍ମା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତଃ ମନ୍ତ୍ରଣାଳୟ ଟିମ୍ ଅଗଷ୍ଟ ୮ରେ କେରଳ ଗସ୍ତକରି ବନ୍ୟା କ୍ଷୟକ୍ଷତି ଆକଳନ କରିଥିଲେ। ତେବେ ଏଭଳି ଆନ୍ତଃ ମନ୍ତ୍ରଣାଳୟ ଟିମ୍ କୌଣସି ପ୍ରାକୃତିକ ବିପର୍ଯ୍ୟୟ ସ୍ଥଳକୁ ଗସ୍ତକଲେ ଏହାକୁ ଆପେ ଆପେ ଭୟଙ୍କର ବୋଲି ବିବେଚନା କରାଯାଇଥାଏ।

ସେପଟେ କେରଳ ବନ୍ୟାକୁ ଜାତୀୟ ବିପର୍ଯ୍ୟୟ ଘୋଷଣା ନେଇ ହୋଇଥିବା ଦାବିକୁ କେନ୍ଦ୍ର ସରକାର ଅସ୍ୱୀକାର କରିଛନ୍ତି। ଏଥିଲାଗି କୌଣସି ବ୍ୟବସ୍ଥା ନାହିଁ ବୋଲି ସୋମବାର କେରଳ ହାଇକୋର୍ଟରେ କେନ୍ଦ୍ର ସରକାର ପକ୍ଷ ରଖିଛନ୍ତି। ଜାତୀୟ ବିପର୍ଯ୍ୟୟ ଘୋଷଣା ଦାବିରେ କେରଳ ହାଇକୋର୍ଟରେ ଏକ ଆବେଦନ ହୋଇଥିଲା। ଏହାର ଜବାବରେ ସତ୍ୟପାଠ ଜରିଆରେ ହାଇକୋର୍ଟ ଆଗରେ କେନ୍ଦ୍ର ସରକାର କହିଛନ୍ତି ଯେ, କେରଳ ବନ୍ୟା ସ୍ଥିତିକୁ ଜଟିଳ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଦେଖାଯାଉଛି। ଏହାକୁ ଜାତୀୟ ବିପର୍ଯ୍ୟୟ ପରିଚାଳନା ନିୟମାବଳୀରେ 'ତୃତୀୟ ସ୍ତରୀୟ ବିପର୍ଯ୍ୟୟ' ବର୍ଗ (ଲେଭେଲ୍ ୩ କାଲାମିଟି)ରେ ରଖାଯାଇଛି। ବିପର୍ଯ୍ୟୟ ଯେତେ ବଡ଼ ହେଉ ନା କାହିଁକି, ବ୍ୟକ୍ତିବିଶେଷଙ୍କ ଦାବିରେ କୌଣସି ବିପର୍ଯ୍ୟୟକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରାଯିବ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି।

### ଫୋଗଟଙ୍କୁ ଐତିହାସିକ...

ବ୍ରୋଞ୍ଜ ପଦକ ଜିତିଥିଲେ। ଚଳିତ ବର୍ଷ ଭଲ ଫର୍ମରେ ଥିବା ଫୋଗଟ ଏହା ପୂର୍ବରୁ ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ୫୦ କେଜି ଫ୍ରିଷ୍ଟାଇଲ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେଠାରେ ସେ ଫାଇନାଲରେ କାନାଡ଼ାର ଜେସିକା ମ୍ୟାକଡୋନାଲ୍ଡଙ୍କୁ ପରାସ୍ତ କରିଥିଲେ। କେବଳ ସେତିକି ନୁହେଁ ସେ କ୍ରମାଗତ ୨ଟି ରାଜ୍ୟଗୋଷ୍ଠୀ କ୍ରୀଡ଼ା(ଗ୍ଲାସ୍‌ଗୋ ଓ ଗୋଲ୍ଡକୋଷ୍ଟ)ରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଚଳିତ ଏସିଆନ ଗେମ୍ସରେ ଭାରତ ପାଇଁ ରେସଲିଂରୁ ପ୍ରଥମ ପଦକ ଜିତିଥିଲେ ବଜରଙ୍ଗ ପୁନିଆ। ୬୫ କେଜି ପୁରୁଷ ବର୍ଗରେ ସେ ରବିବାର ଏହି ସଫଳତା ପାଇଥିଲେ।

ଏଠାରେ ଅନ୍ୟ ଭାରତୀୟ ମହିଳା ରେସଲରଙ୍କ ମଧ୍ୟରେ ସାକ୍ଷୀ ମଲିକ(୬୨ କେଜି) ଓ ପୂଜା ଧନ୍ଦ (୫୭ କେଜି) ସେମିଫାଇନାଲରେ ହାରି ଯାଇଥିବାବେଳେ ପିଙ୍କି (୫୩ କେଜି) ପ୍ରଥମ ରାଉଣ୍ଡରେ ମଙ୍ଗୋଲିଆର ସୁମିୟା ଇର୍ଡେନେଚିମେଗ୍‌ଙ୍କଠାରୁ ହାରି ବିଦାୟ ନେଇଥିଲେ। କ୍ୟାରିୟରରେ ପ୍ରଥମଥରପାଇଁ ଏସିଆନ ଗେମ୍ସ ଖେଳିଥିବା ସାକ୍ଷୀ ପ୍ରଥମ ଦୁଇ ଲଢ଼େଇରେ ସହଜରେ ଥାଇଲାଣ୍ଡର ସାଲିନି ସ୍ରିସୋମ୍ବାତ(୧୦-୦) ଓ ଆୟୁଲିମ୍ କାସିମୋଭା(୧୦-୦)ଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ସେ କିର୍ଗିଜସ୍ତାନ ପ୍ରତିଦ୍ୱନ୍ଦ୍ୱୀ ଆଇସୁଲୁ ଟ୍ୟାନିବେକୋଭାଙ୍କ ବିପକ୍ଷରେ ଏକଦା ୪-୦ରେ ଅଗ୍ରଣୀ ରହିଥିଲେ। ମାତ୍ର ଏହାପରେ ଅତ୍ୟଧିକ ରକ୍ଷଣାତ୍ମକ ପନ୍ଥା ଅବଲମ୍ବନ କରି କ୍ରମାଗତ ୬ ପଏଣ୍ଟ ହରାଇଥିଲେ। ସେହିପରି ପୂଜା ଥାଇଲାଣ୍ଡର ଓରାସା ସୋକଡୋଙ୍ଗୟୋରଙ୍କୁ ୧୦-୦ ଓ ଉଜବେକିସ୍ତାନର ନାବିରା ଇସେନବିଙ୍କୁ ୧୨-୧ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ସେଠାରେ ସେ କୋରିଆର ମ୍ୟୋଙ୍ଗ ସୁକ୍ ଜଙ୍ଗଙ୍କ ନିକଟରୁ ହାରି ଯାଇଥିଲେ।

### ଇଂଲଣ୍ଡରେ ଠାବ ହେଲେ ନୀରବ...

ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ହୋଇଥିବା ବେଆଇନ ଅର୍ଥ କାରବାର ମାମଲାରେ ଏହି ନୋଟିସ ଜାରି କରାଯାଇଥିଲା। ପିଏନ୍‌ବି ମାମଲାରେ ସରକାରୀ ତଦନ୍ତକାରୀ ଏଜେନ୍ସିଗୁଡିକ ବର୍ତ୍ତମାନ ନୀରବ ଏବଂ ମେହୁଲ୍ ଚୋକସୀଙ୍କ ବିରୋଧରେ ତଦନ୍ତ ଜାରୀ ରଖିଛନ୍ତି। ମେ ମାସ ୨୪ ଓ ୨୬ରେ ଇଡି ନୀରବ ଏବଂ ଚୋକ୍‌ସୀଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଓ ଚାର୍ଜଶିଟ୍ ଦାଖଲ କରିଥିଲା। ଚାର୍ଜଶିଟ୍ ଆଧାରରେ କୋର୍ଟ ଏମାନଙ୍କ ବିରୋଧରେ ଜାମିନ ବିହୀନ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ପିଏନ୍‌ବି ଘୋଟାଲା ପ୍ରଘଟ ହେବା ଆଗରୁ ଜାନୁୟାରୀ ପ୍ରଥମ ସପ୍ତାହରେ ନୀରବ ତାଙ୍କ ପରିବାର ସହ ଦେଶ ଛାଡି ପଳାୟନ କରିଥିଲେ। ଆମେରିକା ନାଗରିକ ଥିବା ନୀରବଙ୍କ ପତ୍ନୀ ଆମୀ ଜାନୁୟାରୀ ୬ରେ ଦେଶ ଛାଡି ଥିବା ବେଳେ ମେହୁଲ ଚୋକ୍‌ସୀ ଜାନୁୟାରୀରେ ୪ରେ ଦେଶ ଛାଡି ପଳାୟନ କରିଥିଲେ।


## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଜ୍ୟୋତି ମହାନ୍ତି**
ମା' ଚାହୁଁ ଚାହୁଁ ଆଜିକୁ ତିନିବର୍ଷ ହୋଇଗଲା ତୁ ଆମ୍ଭମାନଙ୍କୁ ଛାଡି ଚାଲିଗଲୁ। ଆମ୍ଭର ଭଗବାନଙ୍କ ନିକଟରେ ପ୍ରାର୍ଥନା ତୋ ଆତ୍ମାର ସଦ୍‌ଗତି ହେଉ। ତୋର ସ୍ନେହ, ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ। ତୋର ପିଲାମାନେ। ଧ-୭୯୨୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଶ୍ରୀନିବାସ ଲେଙ୍କା**
ଗୋବିନ୍ଦପୁର, ସୋମପୁର
ଆବିର୍ଭାବ: ୦୧।୦୨।୧୯୩୩
ତିରୋଧାନ: ୦୨।୦୮।୨୦୧୭
ଆପଣଙ୍କ ଆତ୍ମା ଚିର ଶାନ୍ତି ଲାଭ କରୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ସହଧର୍ମିଣୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନମାନେ। ଧ-୭୯୪୪

### ତୋରି ସ୍ମୃତିରେ



**୰ ଅଧ୍ୟାପକ ଜୟପ୍ରକାଶ ମିଶ୍ର (ନୁନୁ)**
(୧୨.୪.୬୨ - ୨୧.୮.୯୫)
ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା। ଶୋକସନ୍ତପ୍ତ - ବୋଉ, ନନା ଓ ଆତ୍ମୀୟ ସଜନ
ଧ-୬୪୮୯

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବୃନ୍ଦାବନ ମହାନ୍ତି**
ଆଳକଣା, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୨୪।୧୦।୧୯୩୩
ତିରୋଧାନ: ୧୧।୦୮।୨୦୧୮
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ କର୍ତ୍ତବ୍ୟପରାୟଣତା ଆମ ପାଇଁ ଅବିସ୍ମରଣୀୟ ଓ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ରାଧାମୋହନଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ। ଧ-୭୯୪୦


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ରଙ୍କ ସହ ଶନିଙ୍କ ପ୍ରଭାବରୁ କାମଗୁଡିକ ଟିକିଏ ବିଳମ୍ବ ଓ ଝମେଲା ଭିତରେ ହିଁ ହେବ। ବ୍ୟବସାୟ, ବାଣିଜ୍ୟ ଓ ନିର୍ମାଣ ତଥା ପରିବହନ ବାଧାପ୍ରାପ୍ତ ହୋଇପାରେ। ଆନୁଷ୍ଠାନିକ କାମ,ବାଣିଜ୍ୟ, ବ୍ୟବସାୟ ଓ ପ୍ରତିଯୋଗିତାରେ ସଫଳତା ଅନୁଭବ କରିବେ। କୌଣସି ଧର୍ମକାର୍ଯ୍ୟରେ ଯୋଗଦେଇପାରନ୍ତି।

**ବୃଷ** ରବିଙ୍କ ସ୍ୱଗୃହ ସ୍ଥିତି ଆପଣଙ୍କ ପାରିବାରିକ ଜୀବନକୁ ସୁନ୍ଦର ଓ ଶୃଙ୍ଖଳିତ କରିବ। ବନ୍ଧୁଙ୍କ ସମସ୍ୟା ବିଷୟରେ ବାରମ୍ବାର ଚିନ୍ତା କରିବା କାରଣରୁ ସାମୟିକ ମାନସିକ ସ୍ଥିରତା ରହି ନ ପାରେ। କର୍ମକ୍ଷେତ୍ରର ବିଭିନ୍ନ ପ୍ରକାର ସମସ୍ୟାକୁ ସମାଧାନ କରି ଆଶ୍ୱସ୍ତି ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** ବୃହସ୍ପତିଙ୍କ ପ୍ରଭାବରେ ନୂଆକରି ଆରମ୍ଭ କରିଥିବା କାମଗୁଡିକ ସୁବିଧାରେ ହୋଇଯିବ। ଅବଶ୍ୟ ପାପଗ୍ରହଯୁକ୍ତ ରାଶ୍ୟାଧିପତି କାରଣରୁ ଦୈହିକ ଅସୁସ୍ଥତା, ମାନସିକ ଶାନ୍ତି ନଷ୍ଟକରିବାର ଆଶଙ୍କା ରହିଛି। ଋଣ ପରିଶୋଧର ଚିନ୍ତା ସାଙ୍ଗକୁ ଆର୍ଥିକ ପରିସ୍ଥିତି ଦୁଶ୍ଚିନ୍ତାର କାରଣ ହେବ। ଆନୁଷ୍ଠାନିକ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛିଅଂଶରେ ବଢିଚାଲିବ।

**କର୍କଟ** କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ଅସୁବିଧା ହେବନି। ପରିବହନ, ଯାତ୍ରା, ନିର୍ମାଣକାର୍ଯ୍ୟ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟିହୋଇପାରେ। ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ନିଜ ଲୋକମାନଙ୍କ ଉପରେ ରାଗି ବିନା କାରଣରେ ଶତ୍ରୁତା ସୃଷ୍ଟି କରିପାରନ୍ତି।

**ସିଂହ** ସ୍ୱାସ୍ଥ୍ୟ ଭଲ ରହିବା ସହ ସରକାରୀ ସୁବିଧା କିମ୍ବା ଅନୁକମ୍ପା ଲାଭ କରି ଖୁସି ହେବେ। ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନଙ୍କ ସାହାଯ୍ୟ ଲାଭ କରି ଅଟକି ରହିଥିବା କାମଟିକୁ ସମ୍ପନ୍ନ କରିପାରିବେ। ଜମିଜମା କାରବାର, ସଭାସମିତି, ଆନୁଷ୍ଠାନିକ କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପରିବହନରେ ଲାଭବାନ୍ ହେବେ।

**କନ୍ୟା** ବିଶିଷ୍ଟବ୍ୟକ୍ତିମାନଙ୍କ ସହଯୋଗରେ କର୍ମକ୍ଷେତ୍ରରେ ରହିଥିବା ସମସ୍ୟାର ସମାଧାନ କରିପାରିବେ। ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇ ଆର୍ଥିକ ସଂକଟକୁ ଦୂରେଇ ନେବେ। ପାରିବାରିକ କ୍ଷେତ୍ରରେ ଅପୂରଣୀୟ ଆଶା ମନକୁ ବାରମ୍ବାର ଆଲୋଡନ କରିବା କାରଣରୁ ସାମୟିକ ଅଶାନ୍ତି ରହିବେ।

**ତୁଳା** ତୃତୀୟ ଷଷ୍ଠାଧିପ ବୃହସ୍ପତି ନିଜ ରାଶିରେ ରହିଥିବାରୁ ନିଜଲୋକମାନେ ବିରୁଦ୍ଧାଚରଣ କରିବେ। ଏହା ସାଙ୍ଗକୁ ଅସୁସ୍ଥତା ଯୋଗୁ ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ସମ୍ପନ୍ନ କରିବା କଷ୍ଟକର ହୋଇପାରେ। ପ୍ରତିଯୋଗିତା, ମାଲି ମକଦ୍ଦମା ଓ ବିବାଦୀୟ ଘଟଣାରେ ବିଜୟଲାଭ ଅବଶ୍ୟମ୍ଭାବୀ। ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ।

**ବିଛା** ମନ ଚାହୁଁଥିବା ପ୍ରକାରେ କୌଣସି କାମ ନ ହେବା କାରଣରୁ ସାମୟିକ ଅସନ୍ତୁଷ୍ଟ ରହିପାରନ୍ତି। ନୂତନସ୍ଥାନ ପରିଦର୍ଶନ ସହିତ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିପାରନ୍ତି। ବନ୍ଧୁଙ୍କ ଜରିଆରେ ଅପରାହ୍ନେ ଅର୍ଥ ଓ ସମ୍ମାନ ପାଇ ମନ ଖୁସି ହୋଇଯିବ। କ୍ରୀଡା, କଳା ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀ କିମ୍ବା ପାରିବାରିକ କ୍ଷେତ୍ରରେ ପିଲାମାନଙ୍କ କିଛି ବ୍ୟତିକ୍ରମ ହେତୁ ମନଟା ଅସ୍ଥିର ରହିବ। ଆଜିର ଯାତ୍ରା, ପରିବହନ, ବ୍ୟବସାୟ ଓ ବାଣିଜ୍ୟ ମାନ୍ଦା ହେବ ନାହିଁ। ସହକର୍ମୀଙ୍କ ଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। କୌଣସି ନୂତନ କର୍ମାରମ୍ଭ ପାଇଁ ମନ ବଳାଇବେ।

**ମକର** ଶୁକ୍ରଙ୍କ ନୀଚଭଙ୍ଗ ରାଜଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ସମ୍ମାନ ଓ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ପରିବାରରେ ପୁତ୍ରକନ୍ୟା ହେତୁକ ସୁଖ ମିଳିବ ଓ ଶାନ୍ତି ଫେରିଆସିବ। ଯାତ୍ରା, ବାଣିଜ୍ୟ, ନିର୍ମାଣ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କଳା, ସାହିତ୍ୟ,ସାମ୍ବାଦିକତା, ଏଜେନ୍ସିରେ ସମସ୍ୟାର ସମାଧାନ ହୋଇଯିବ।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ଦୁର୍ବଳ ଚନ୍ଦ୍ରଙ୍କ ସ୍ଥିତି ବିଭିନ୍ନ ପ୍ରକାର ସମସ୍ୟାରେ ଚିନ୍ତିତ କରାଇବ। ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ୍ୟ କରିପାରିବେ। ଆଜିର ଯାତ୍ରା, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଆଶା ପୂରଣ ହୋଇପାରିବ।

**ମୀନ** ଆଶା କରିଥିବା ଦିଗରୁ ଅର୍ଥ ଓ କର୍ମକ୍ଷେତ୍ରରେ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ସହକର୍ମୀଙ୍କ ମିଥ୍ୟାରୋପର ଅଭିଯୋଗ କ୍ରମେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଋଣ ପରିଶୋଧ କରି ନ ପାରିବାରୁ ମନରେ ସରସତା ରହିବ ନାହିଁ। କଳା, ସାହିତ୍ୟ,ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ପାଇବେ।

ଆଜି ଶ୍ରାବଣ ଶୁକ୍ଳ ଏକାଦଶୀ ମଙ୍ଗଳବାର, ଶ୍ରୀମନ୍ଦିରରେ ଝୁଲଣଯାତ୍ରା ଆରମ୍ଭ, ଅଗଷ୍ଟ ୨୧ ତାରିଖ ରାଶି, ନକ୍ଷତ୍ର- ମୂଳା/ଧନୁ, ମକର ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୮।୨୮ମି. ଗତେ ଘ୧୦।୦୮ମି. ମଧ୍ୟେ, ଘ୧୧।୪୭ମି. ଗତେ ଘ୧।୨୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୪୭ମି. ମଧ୍ୟେ, ଘ୩।୪୧ମି. ଗତେ ଘ୫।୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୫୮ମି. ଗତେ ଘ୪।୩୩ମି. ମଧ୍ୟେ ରାହୁକାଳ।



ଭାରତୀୟ ତଟରକ୍ଷୀ ବାହିନୀ ସୋମବାର ଏକ ପାକିସ୍ତାନୀ ବୋଟ୍‌କୁ ଜବତ କରିଛି। ବୋଟ୍‌ରେ ୯ ଜଣ କର୍ମଚାରୀ ଥିବା ତଟରକ୍ଷୀ ବାହିନୀ ପକ୍ଷରୁ କୁହାଯାଇଛି। ଆରବ ସାଗରରେ ଭାରତୀୟ ସାମୁଦ୍ରିକ ସୀମା ଭିତରେ ବୋଟ୍ ମାଛ ଧରୁଥିବା ଅଭିଯୋଗ ହୋଇଛି। ପଶି ଆସିଥିବା ଏହି ବୋଟ୍‌ର ପିଛା ତଟରକ୍ଷୀ ବାହିନୀ କରିଥିଲେ। ବୋଟ୍‌ରେ ଥିବା କର୍ମଚାରୀଙ୍କୁ ଅଧିକ ପଚରାଉଚରା ପାଇଁ ଦ୍ୱାରକା ଜିଲାର ଓଖା ବନ୍ଦରକୁ ନିଆଯାଇଥିବା ଭାରତୀୟ ପ୍ରତିରକ୍ଷା ମୁଖପାତ୍ର ସୂଚିତ କରିଛନ୍ତି।

## ସଂକ୍ଷେପରେ

### ଘରେ ନିଆଁ ଲାଗି ଦୁଇ ଶିଶୁ ମୃତ

**ବୋରିଗୁମ୍ମା, ୨୦।୮ (ଡି.ଏନ୍.ଏ.):** କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଧୀନ ତାରାଗାଁ ନିବାସୀ ବଳରାମ ହରିଜନଙ୍କ ଘରେ ସୋମବାର ନିଆଁ ଲାଗି ତାଙ୍କ ୫ବର୍ଷର ଝିଅ ଦିନେଶ୍ୱରୀ ଓ ଚାରି ମାସର ଶିଶୁ ପୁତ୍ରଙ୍କ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ସ୍ତ୍ରୀ ଧନମତି(୨୫) ଜଳିଯାଇ ଗୁରୁତର ହୋଇଛନ୍ତି। ତାଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଶ୍ରାବଣ ମାସ ପାଇଁ ବଳରାମ ପାଣି ଢାଳିବାକୁ ହରିଶଙ୍କର ପୀଠକୁ ଯାଇଥିବା ବେଳେ ଘରେ ସ୍ତ୍ରୀ ଓ ଦୁଇ ପିଲା ଥିଲେ। କୌଣସି କାରଣରୁ ସୋମବାର ଘରେ ନିଆଁ ଲାଗି ଯାଇଥିଲା। ଏଥିରେ ଶିଶୁ କନ୍ୟାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଧନମତି ଓ ଶିଶୁ ପୁତ୍ରଙ୍କୁ ଗ୍ରାମବାସୀ ଗୁରୁତର ଭାବେ ଉଦ୍ଧାର କରି ପ୍ରଥମେ ଜୟପୁର ଉପଖଣ୍ଡ ଓ ପରେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁପୁତ୍ରଙ୍କର ମୃତ୍ୟୁ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଥିବା ବୋରିଗୁମ୍ମା ଆଇଆଇସି ସୁଦାମ ସାହୁ କହିଛନ୍ତି।

## ■ ଯୁକ୍ତ୩ ସେମିଷ୍ଟର ପରୀକ୍ଷା ଫର୍ମ ପୂରଣରେ ଆସିବ ସଂସ୍କାର

# ଏକକାଳୀନ ଫର୍ମ ପୂରଣ କରିବେ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୨୦।୮ (ବ୍ୟୁରୋ)**

ଯୁକ୍ତ୩ ଛାତ୍ରୀଛାତ୍ରଙ୍କୁ ଆଉ ପ୍ରତି ସେମିଷ୍ଟର ପରୀକ୍ଷା ପାଇଁ ଫର୍ମ ପୂରଣ କରିବାକୁ ପଡିବ ନାହିଁ। ନାମଲେଖାବେଳେ ଛାତ୍ରୀଛାତ୍ର ସେମିଷ୍ଟର ପରୀକ୍ଷା ପାଇଁ ଗୋଟିଏ ଫର୍ମ ପୂରଣ କରିବେ। ଉକ୍ତ ଫର୍ମ ଯୁକ୍ତ୩ର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବର୍ଷର ୬ ସେମିଷ୍ଟର ପାଇଁ କାର୍ଯ୍ୟକାରୀ ହେବ। ଏଭଳି ନିୟମ ଉଚ୍ଚଶିକ୍ଷା ବିଭାଗ ଆଣିବାକୁ ଯାଉଛନ୍ତି। ଏହି ନିୟମ ଆସିବା ଦ୍ୱାରା ଯୁକ୍ତ୩ ସେମିଷ୍ଟର ପରୀକ୍ଷା ଫର୍ମ ପୂରଣ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କାର ଆସିବ ବୋଲି ବିଭାଗ ପକ୍ଷରୁ କୁହାଯାଉଛି। ଅପରପକ୍ଷରେ ୨୦୧୯-୨୦ ଶିକ୍ଷା ବର୍ଷରେ ଉଚ୍ଚଶିକ୍ଷା ବିଭାଗ ସମସ୍ତ ବିଶ୍ୱବିଦ୍ୟାଳୟ ପାଇଁ ଏକକ ସିଲାବସ୍ ଆଣିବାକୁ ଯାଉଛନ୍ତି। ଏହି ସମୟରେ ସେମିଷ୍ଟର ପରୀକ୍ଷା ପାଇଁ ଗୋଟିଏ ଫର୍ମ ପୂରଣ ନିୟମ ଆଣି କାର୍ଯ୍ୟକାରୀ କରିବାକୁ ବିଭାଗ ନିଷ୍ପତ୍ତି ନେଇଛି।

ସେମିଷ୍ଟର ପରୀକ୍ଷା ଫର୍ମ ପୂରଣ ପାଇଁ ଆଉ ଛାତ୍ରୀଛାତ୍ରଙ୍କୁ କଲେଜରେ ଘଣ୍ଟା ଘଣ୍ଟା ଧରି ଲମ୍ୱାଧାଡିରେ ଠିଆ ହେବାକୁ ପଡିବ ନାହିଁ କି ସେମିଷ୍ଟର ପରୀକ୍ଷା ଫର୍ମ ପୂରଣ ଚିନ୍ତା ୩ ବର୍ଷ ଯାଏ ନେବାକୁ ପଡିବନି। ଯୁକ୍ତ୩ ପ୍ରଥମ ବର୍ଷର ନାମଲେଖା ବେଳେ ଛାତ୍ରୀଛାତ୍ରମାନେ ପରୀକ୍ଷା ପାଇଁ ଗୋଟିଏ ଫର୍ମ ପୂରଣ କରିବେ। ସେତେବେଳେ ୬ ସେମିଷ୍ଟର ପରୀକ୍ଷା ଫି କୁ ମଧ୍ୟ ଏକକାଳୀନ କଲେଜରେ ଦାଖଲ କରିବେ। ବିଭାଗର ଉଚ୍ଚ କ୍ଷମତା ସମ୍ପନ୍ନ କମିଟି (ଏଚ୍‌ପିସି)ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିୟମ ପ୍ରଣୟନ ଦିଗରେ ବିଭାଗ ପ୍ରକ୍ରିୟା ଆରମ୍ଭ କରି ଦେଇଛି। ବିଭାଗ ଦୃଷ୍ଟିରେ ନାମଲେଖାବେଳେ ସେମିଷ୍ଟର ପରୀକ୍ଷା ଫର୍ମ ପୂରଣ ସାରି ଦେଲେ ଛାତ୍ରୀଛାତ୍ରଙ୍କ ପାଠପଢା ପାଇଁ ସମୟ ବଞ୍ଚିବ। କଲେଜକୁ ନିୟମିତ ପାଠ ପଢିବାକୁ ଆସି ପରୀକ୍ଷା ସମୟରେ ପରୀକ୍ଷା ଦେବେ ଛାତ୍ରୀଛାତ୍ର। ସେହିପରି ପୂର୍ବରୁ ପ୍ରତି ସେମିଷ୍ଟର ପରୀକ୍ଷା ପିଛା ଫର୍ମ ପୂରଣ କରିବା ପଡୁଥିଲା। ଡିଗ୍ରୀ କଲେଜ ଏବଂ ବିଶ୍ୱବିଦ୍ୟାଳୟ କର୍ମଚାରୀ ଏଥିପାଇଁ ମାସାଧିକ ଫର୍ମ ପୂରଣ କାମ କରନ୍ତି। ଯଦି ଗୋଟିଏ ଫର୍ମ ପୂରଣ ବ୍ୟବସ୍ଥା କରାଯିବ ତେବେ ଡିଗ୍ରୀ କଲେଜ ଏବଂ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ କ୍ଷେତ୍ରରେ ଅଫିସ୍ କାମ ହ୍ରାସ ପାଇବ। ପ୍ରତି ସେମିଷ୍ଟର ପରୀକ୍ଷା ଫର୍ମ ପୂରଣ ବେଳେ ଛାତ୍ରୀଛାତ୍ରଙ୍କ ପେପର ପିଛା ୭୫% ଉପସ୍ଥାନ ଥିବା ଦରକାର। ଯେଉଁ ଛାତ୍ରୀଛାତ୍ରଙ୍କ ପେପର ପିଛା ୭୫% ଉପସ୍ଥାନ ନ ଥିବ ସେହି ଛାତ୍ରୀଛାତ୍ରଙ୍କୁ କଲେଜ କର୍ତ୍ତୃପକ୍ଷ ଫର୍ମ ପୂରଣ ପାଇଁ ଅନୁମତି ଦେଉ ନ ଥିଲେ। କଲେଜ କର୍ତ୍ତୃପକ୍ଷ ଫର୍ମ ପୂରଣ ବେଳେ ଛାତ୍ରୀଛାତ୍ରଙ୍କ ପେପର ପିଛା ଉପସ୍ଥାନକୁ ଦେଖି ଏଭଳି ନିଷ୍ପତ୍ତି ନିଅନ୍ତି। ତେବେ ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ ପୂର୍ବରୁ ଫର୍ମ ପୂରଣ କରାଯିବ। ଫର୍ମ ପୂରଣ ବେଳେ ଉପସ୍ଥାନ ଦେଖାଯାଉଥିବା ନିୟମକୁ କିପରି କାର୍ଯ୍ୟକାରୀ କରାଯିବ ସେ ନେଇ ଶିକ୍ଷାବିତ୍‌ଙ୍କ ମନରେ ପ୍ରଶ୍ନ ଆସିଛି। ସେହିପରି ପୂର୍ବରୁ ୬ମାସ ବ୍ୟବଧାନରେ ଫର୍ମ ପୂରଣ କରି ଛାତ୍ରୀଛାତ୍ର ଫି କୁ କଲେଜରେ ଦାଖଲ କରୁଥିଲେ। ଫଳରେ ଗରିବ ଛାତ୍ରୀଛାତ୍ର ଆର୍ଥିକ କ୍ଷେତ୍ରରେ ହାଲକା ହେଉଥିବା ପରିଲକ୍ଷିତ କରାଯାଉଥିଲା। ହେଲେ ଏକକ ଫର୍ମ ପୂରଣ ନିୟମରେ ଏକକାଳୀନ ଫି ଦାଖଲ କାର୍ଯ୍ୟକାରୀ ହେଲେ ଗରିବ ଛାତ୍ରୀଛାତ୍ର ଆର୍ଥିକ କ୍ଷେତ୍ରରେ ଅସୁବିଧାରେ ପଡିବେ ବୋଲି ଏନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି।

ଏନେଇ ଏଚ୍‌ପିସି ଅଧ୍ୟକ୍ଷ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଅଶୋକ କୁମାର ଦାଶଙ୍କୁ ପଚାରିବାରୁ ସେ କୁହନ୍ତି, ପୂର୍ବରୁ ଯୁକ୍ତ୩ ଛାତ୍ରୀଛାତ୍ରମାନେ ୬ ସେମିଷ୍ଟର ପାଇଁ ଗୋଟିଏ ଗୋଟିଏ କରି ଫର୍ମ ପୂରଣ କରୁଥିଲେ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ସମୟ ନଷ୍ଟ ହେଉଥିଲା। କଲେଜକୁ ଆସି ଫର୍ମ ପୂରଣ ପାଇଁ କାଉଣ୍ଟର ଆଗରେ ଲମ୍ୱାଧାଡିରେ ଦୀର୍ଘ ସମୟ ଧରି ଠିଆ ହେଉଥିଲେ। ଏହି ନିୟମ ଆସିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ସମୟ ନଷ୍ଟ ହେବନି। ପୂର୍ବରୁ ଫର୍ମ ପୂରଣ ବେଳେ ୭୫% ଉପସ୍ଥାନ ଦେଖା କଥା କୁହାଯାଉଛି। ସେଥିପାଇଁ ବିଭାଗ ଏକ ଗାଇଡ୍‌ଲାଇନ୍ ଆଣିବ। ନିୟମ କାର୍ଯ୍ୟକାରୀ ହେଲେ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ଏକ ନିର୍ଦ୍ଦେଶନାମା ଦିଆଯିବ। ଯେଉଁ ଛାତ୍ରୀଛାତ୍ରଙ୍କ ପେପର ପିଛା ୭୫% ଉପସ୍ଥାନ ନ ଥିବା ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ନାମକୁ କଲେଜ ଅଧ୍ୟକ୍ଷ ବିଶ୍ୱବିଦ୍ୟାଳୟ ଏବଂ ବିଭାଗକୁ ଦେବେ। ୭୫%ରୁ କମ୍ ଉପସ୍ଥାପନ ରଖିଥିବା ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଦେବା ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ଅନ୍ୟପଟେ ଏକକାଳୀନ ପରୀକ୍ଷା ଫି ଦାଖଲ କଲେ ଗରିବ ପିଲା ହଇରାଣ ହେବେ ବୋଲି ପ୍ରଶ୍ନ ଉଠୁଛି। କିନ୍ତୁ ସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ସେମିଷ୍ଟର ଫର୍ମ ଫି ବହୁତ କମ୍। ତେଣୁ ଏକକାଳୀନ ଫି ଦାଖଲରେ କୌଣସି ଛାତ୍ରୀଛାତ୍ର ହଇରାଣ ହେବେ ବୋଲି ମନେ କରୁନାହିଁ। ବରଂ ଏକକାଳୀନ ଫି ଦାଖଲ କରିବା ଯୋଗୁ ଗରିବ ପିଲାଟି ୩ବର୍ଷ ଯାଏ ଆର୍ଥିକ ଚିନ୍ତା ନ କରି ଖୁସି ମନରେ କଲେଜରେ ପାଠ ପଢି ପାରିବ ବୋଲି ଦାଶ କହିଛନ୍ତି।

■ ଉଚ୍ଚଶିକ୍ଷା ବିଭାଗ ଆଣିବେ ନିୟମ

■ ୨୦୧୯ରେ ହେବ ଲାଗୁ

## ଓଡ଼ିଶା ଆସିବେ ରାହୁଲ

**ଭୁବନେଶ୍ୱର, ୨୦।୮ (ବ୍ୟୁରୋ)**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ମାସରେ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ରାଜ୍ୟରେ ୪ଟି ସଭା କରାଯିବ। ସଭାରେ ରାହୁଲ ରାଜ୍ୟରେ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ କରିବେ। ଏହାସହ ସେହି ସମୟରେ ପଦଯାତ୍ରା କରାଯିବ ବୋଲି ପ୍ରଚାର କମିଟି ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି। ଏହାସହ ଆଗାମୀ ଦିନରେ ରାଜ୍ୟରେ ଓଡ଼ିଶା ବନ୍ଦ, ଜେଲଭରୋ ଆନ୍ଦୋଳନ କରାଯିବ ବୋଲି ଦାସ କହିଛନ୍ତି। ଅନ୍ୟପଟେ ଆଗକୁ ପ୍ରତ୍ୟେକ ମାସରେ ଥରେ ଲେଖା ରାହୁଲ ଓଡ଼ିଶା ଗସ୍ତରେ ଆସିବେ ବୋଲି ପ୍ରଚାର କମିଟି ବୈଠକରେ ପ୍ରଭାରୀ ଜିତେନ୍ଦ୍ର ସିଂ କହିଥିବା ଜଣାପଡିଛି। ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବା ପାଇଁ ଦଳ ପକ୍ଷରୁ ଏହି ଯୋଜନା କରାଯାଇଛି। ସୂଚନାଯୋଗ୍ୟ ଯେ, ପିସିସି କମିଟି ଗଠନରେ ବିଳମ୍ୱ ହେବା କାରଣରୁ ରାହୁଲଙ୍କ ଓଡ଼ିଶା ଗସ୍ତରେ ବିଳମ୍ୱ ହୋଇଛି। ସେ ନିଜେ ପୂର୍ବରୁ ରାଜ୍ୟ ଗସ୍ତରେ ଆସିବାକୁ ଚାହୁଁଥିବା ଦଳୀୟ ମହଲରେ ଚର୍ଚ୍ଚା ଜୋର୍ ଧରିଥିଲା।

## ଗ୍ରୀନ୍‌ପିସ ଇଣ୍ଡିଆର ଅଧ୍ୟକ୍ଷ ହେଲେ ବିଶ୍ୱଜିତ ମହାନ୍ତି

**ଭୁବନେଶ୍ୱର, ୨୦।୮ (ବ୍ୟୁରୋ)**

ବେଙ୍ଗାଲୁରୁସ୍ଥିତ ଗ୍ରୀନପିସ୍ ଇଣ୍ଡିଆର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି ପରିବେଶବିତ୍ ଡ. ବିଶ୍ୱଜିତ୍ ମହାନ୍ତି। ପ୍ରଥମ ଓଡ଼ିଆ ଭାବେ ସେ ଏକ ଅନ୍ତର୍ଜାତୀୟ ସ୍ତରୀୟ ଏନ୍‌ଜିଓର ଅଧ୍ୟକ୍ଷ ହେବାର ଗୌରବ ଅର୍ଜନ କରିଛନ୍ତି। ଦୀର୍ଘ ୧୦ବର୍ଷ ହେବ ସେ ଏହି ସଂସ୍ଥାର ସଦସ୍ୟ ଭାବେ କାମ କରିଆସୁଥିଲେ। ଡ. ମହାନ୍ତି ପେସାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ। ସେ ଆଇନରେ ସ୍ନାତକ ହାସଲ କରିବା ସହିତ ବନ୍ୟପ୍ରାଣୀ ଶିକାରରେ ପିଏଚ୍‌ଡି କରିଛନ୍ତି। ୧୯୯୪ରୁ ସେ ବନ୍ୟପ୍ରାଣୀ ଓ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଛନ୍ତି। ଓଡ଼ିଶା ଉପକୂଳରେ ଅଧିକ ମାତ୍ରାରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ପାଇଁ ଅଭିଯୁକ୍ତଙ୍କୁ ଧରିବା ଲାଗି ସେ ୧୯୯୮ରେ ଅପରେଶନ 'କଚ୍ଛପ' ଆରମ୍ଭ କରିଥିଲେ। ୨୦୧୧ରେ ସାଙ୍କ୍‌ଚୁଆରି ଏସିଆ-ଏବିଏନ୍ ଆମ୍ରୋ ପୁରସ୍କାର ପାଇବା ସହିତ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ଅନେକ ପୁରସ୍କାର ଲାଭ କରିଛନ୍ତି। ଡ. ମହାନ୍ତି ୨୦୦୮ରୁ ୨୦୧୪ ପର୍ଯ୍ୟନ୍ତ ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ପରିଚାଳନା ପରିଷଦ ସଦସ୍ୟ ଥିଲେ। ବର୍ତ୍ତମାନ ସେ ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶାର ଅବୈତନିକ ସଚିବ ଅଛନ୍ତି। ସୂଚନାଯୋଗ୍ୟ, ଗ୍ରୀନ୍‌ପିସ୍ ଇଣ୍ଡିଆ ବିଶ୍ୱ ପରିବେଶର ବିଭିନ୍ନ ଦିଗ ଯଥା ଜଳବାୟୁ ପରିବର୍ତ୍ତନ, ମହାସାଗର ଓ ବାୟୁ ପ୍ରଦୂଷଣ ଉପରେ କାମ କରିଥାଏ। ଭାରତରେ ଏହା ଶକ୍ତି ନବୀକରଣ, ବାୟୁ ପ୍ରଦୂଷଣ ରୋକିବା ଦିଗରେ ବିଶେଷ ଭାବେ କାର୍ଯ୍ୟ କରେ।



ଡ. ବିଶ୍ୱଜିତ୍ ମହାନ୍ତି।

## ଟିକେଟ ବଣ୍ଟନ, ପ୍ରସଙ୍ଗ ଯୋଗାଡ଼ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୦।୮ (ବ୍ୟୁରୋ)**

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଜୋର୍‌ଦାର୍ ପ୍ରସ୍ତୁତି ଆରମ୍ଭ ହୋଇଛି। ଘନଘନ ବୈଠକ କରାଯାଇ ଆସନ୍ତା ନିର୍ବାଚନରେ ଦଳର ରଣନୀତି କ'ଣ ହେବ ସେନେଇ ସମୀକ୍ଷା କରାଯାଇଛି। ଗତ ଶନିବାର ଏବଂ ରବିବାର ନବ ନିଯୁକ୍ତ ପିସିସି କମିଟି ସଦସ୍ୟଙ୍କ ବୈଠକ ହେବାପରେ ସୋମବାର ଦୁଇଟି ପର୍ଯ୍ୟାୟରେ ଭିନ୍ନଭିନ୍ନ ବୈଠକ କରାଯାଇଛି। ଆସନ୍ତା ୧୫ଦିନ ମଧ୍ୟରେ ୫୦ପ୍ରାର୍ଥୀଙ୍କ ତାଲିକା ଘୋଷଣା କରାଯିବ ବୋଲି ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ତେଣୁ ଏଥିପାଇଁ ପିଇସି(ପ୍ରଦେଶ ଇଲେକ୍ସନ କମିଟି) ବୈଠକରେ ଆଲୋଚନା କରାଯାଇଛି। ଦଳର ୧୫ ବିଧାୟକଙ୍କ ଟିକେଟ ନିଶ୍ଚିତ କରାଯାଇଥିବା ଜଣାପଡିଛି। ଏହାସହ କମ୍ ଭୋଟ୍‌ରେ ହାରିଥିବା ପ୍ରାର୍ଥୀଙ୍କୁ ମଧ୍ୟ ଟିକେଟ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାସହ ନିଶ୍ଚିତ ଜିତିବାର ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ମଧ୍ୟ ଟିକେଟ ମିଳିବ। ଏଥିପାଇଁ ପିଇସି ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ଗତ ସାଧାରଣ ନିର୍ବାଚନ ସମୟରେ ହୋଇଥିବା ଟିକେଟ ବିକ୍ରି କଥା ଉଠାଇଥିଲେ। ଚଳିତ ନିର୍ବାଚନରେ ତା'ଉପରେ ବିଶେଷ ଧ୍ୟାନ ଦେବାକୁ ତାରା ମତ ପ୍ରକାଶ କରିଥିବା ଜଣାପଡିଛି।

ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି ଯେ, ଗୋଟାଏ ଆସନ ପାଇଁ ୩ରୁ ୪ଜଣଙ୍କ ନାମ ସୁପାରିସ କରାଯିବ। ସେମାନଙ୍କ ମାପଦଣ୍ଡ ଅନୁଯାୟୀ ଟିକେଟ ମିଳିବ ବୋଲି ସେ କହିଛନ୍ତି। ଏହି ବୈଠକ ପରେ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିବା ପ୍ରଚାର କମିଟି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିବା ଜଣାପଡିଛି। କେତେଜଣ ବରିଷ୍ଠ ନେତା କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ସଭାପତିଙ୍କୁ ସମାଲୋଚନା କରିଛନ୍ତି। ଗତ ପାର୍ଲାମେଣ୍ଟ ଅଧିବେଶନ ସମୟରେ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଚାଲିଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଲିଙ୍ଗନ କରିବା ସହ ଫେରିବା ସମୟରେ ତାଙ୍କ ସାଥୀଙ୍କୁ ଆଖି ମାରିଥିଲେ। ଯାହା ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିଲା। ଉକ୍ତ ସମୟରେ ଓଡ଼ିଶାର ଏକ ଖବର କାଗଜରେ ଆସିଥିବା ସମ୍ପାଦକୀୟରେ ରାହୁଲଙ୍କୁ ବହୁ ସମାଲୋଚନା କରାଯାଇଥିଲା। ତେବେ ଦଳର ହାଇକମାଣ୍ଡଙ୍କ ଜାତି, ଧର୍ମକୁ ଆକ୍ଷେପ କରି ଲେଖାଯାଇଥିବା ସମ୍ପାଦକୀୟ ବିରୋଧରେ ସଭାପତି ଏ ପର୍ଯ୍ୟନ୍ତ କାହିଁକି ପାଟି ଖୋଲି ନାହାନ୍ତି ବୋଲି ଦଳର ବରିଷ୍ଠ ନେତା ଶରତ ରାଉତ ବୈଠକରେ ପ୍ରଶ୍ନ ଉଠାଇଥିବା ଜଣାପଡିଛି। ଏହାସହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଉକ୍ତ ବୈଠକରେ ରାଜ୍ୟରେ ହୋଇଥିବା ଖଣି ଦୁର୍ନୀତି ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟରେ ୬୦ଲକ୍ଷ ପରିବାର ରହିଛନ୍ତି। ଖଣି ଲୁଟିଥିବା ୬୦ ପରିବାର ପାଇଁ ଏବେ ୬୦ଲକ୍ଷ ପରିବାର ଦୁର୍ଦ୍ଦଶା ଭୋଗୁଛନ୍ତି। ଏଥିପାଇଁ ରାଜ୍ୟରେ ନଗଡା ଭଳି ଚିତ୍ର ଦେଖାଦେଇଛି। ଯଦି ସେହି ୬୦ ପରିବାରର ଦୁର୍ନୀତି ଲୋକଲୋଚନକୁ ଅଣାନଯିବ ତେବେ ଆଗକୁ ନଗଡା ଭଳି ଚିତ୍ର ଦେଖା ନ ଯିବ ବୋଲି କିଏ କହିବ। ତେଣୁ ଏହି ୬୦ ପରିବାରର ଦୁର୍ନୀତି ଲୋକମାନଙ୍କୁ ଜଣାଯିବ। ରାଜ୍ୟର ପ୍ରତ୍ୟେକ ପରିବାର ପାଖକୁ ଯାଇ ଏହି କଥା କଂଗ୍ରେସ ଉଠାଇବ ବୋଲି ଶ୍ରୀକାନ୍ତ କହିଛନ୍ତି। ଶ୍ରୀକାନ୍ତଙ୍କ ଏଭଳି ମନ୍ତବ୍ୟ ପରେ ଦଳୀୟ ମହଲରେ ଭିନ୍ନ ଧରଣର ଚର୍ଚ୍ଚା ଜୋର୍ ଧରିଛି। ନିରଞ୍ଜନଙ୍କୁ ଟାର୍ଗେଟ କରିବାକୁ ଯାଇ ଶ୍ରୀକାନ୍ତ ଏହି କଥା ଉଠାଇଥିବା କେତେକ ନେତା କହିବା ଆରମ୍ଭ କରିଦେଇଛନ୍ତି। ଅନ୍ୟପଟେ ଆଗାମୀ ନିର୍ବାଚନ ପାଇଁ ଦଳ ପକ୍ଷରୁ ଆଉ କେଉଁସବୁ ପ୍ରସଙ୍ଗ ଉଠାଯିବ ସେନେଇ ମଧ୍ୟ ଆଲୋଚନା ଜୋର ଧରିଛି।

**କଂଗ୍ରେସର ଘନଘନ ବୈଠକ**

■ ନେତାଙ୍କ ବିରୋଧୀ ସମ୍ପାଦକୀୟକୁ କାହିଁକି ହେଲାନି ବିରୋଧ: ଶରତ

■ ଖଣି ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରାଯିବ: ଶ୍ରୀକାନ୍ତ

■ ବିଧାୟକଙ୍କ ଟିକେଟ ନିଶ୍ଚିତ: ନିରଞ୍ଜନ

## କଂଗ୍ରେସରେ ବିବାଦ ଥମିବାର ନାଁ ଧରୁନି

### ଧାରଣାରେ ବସିଲେ ୩ ପୁରୁଣା କର୍ମୀ

**ଭୁବନେଶ୍ୱର, ୨୦।୮ (ବ୍ୟୁରୋ)**

କଂଗ୍ରେସରେ ଲାଗି ରହିଥିବା ବିବାଦ ଥମିବାର ନାଁ ଧରୁନି। କେଉଁଠି ନା କେଉଁଠି ସଭାପତିଙ୍କ ବିରୋଧରେ ଅସନ୍ତୋଷ ଦେଖିବାକୁ ମିଳିଛି। ଦୀର୍ଘ ୨୫ବର୍ଷରୁ ଅଧିକ ସମୟ ହେବ କଂଗ୍ରେସ ପାଇଁ କାମ କରିଥିବା ଏବଂ ଦଳର ଦୁଃଖ, ସୁଖରେ ସାମିଲ ହୋଇଥିବା କେତେକ ନେତାଙ୍କୁ ଚଳିତ ନବ ନିଯୁକ୍ତ ପିସିସି କମିଟିରୁ ବାଦ୍ ଦିଆଯାଇଛି। ଯାହାକୁ ନେଇ ବହୁ ପୁରୁଣା କର୍ମୀଙ୍କୁ କୁଠାରା ଘାତ କରିଛି। ଛାତ୍ର, ଯୁବ ଏବଂ ପିସିସିରେ ରହି କାମ କରୁଥିବା ୩ ପୁରୁଣା ସଦସ୍ୟ ଚିନ୍ମୟ ଦାସ, ମାନସ ଆଚାର୍ଯ୍ୟ ଏବଂ ଶ୍ରୀନିବାସ ରାଉତରାୟ ପିଇସି ବୈଠକ ପୂର୍ବରୁ ଦଳୀୟ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଏହି ସମୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ପ୍ରଭାରୀ ଜିତେନ୍ଦ୍ର ସିଂ ଭିତରକୁ ଆସି ସେମାନଙ୍କୁ ବୁଝାଶୁଝା କରି ସେଠାରୁ ଉଠାଇଥିଲେ। ସନ୍ଧ୍ୟାରେ ବୈଠକ ଶେଷ ହେବାପରେ ଜିତେନ୍ଦ୍ର ସିଂ ଧାରଣା ଦେଇଥିବା ୩ ନେତାଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ଆଗକୁ ପିସିସି କମିଟିର ତାଲିକା ବଢାଯିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଚିନ୍ମୟ ଦାସ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ସେମାନଙ୍କ କଥା ବିଚାର କରା ନ ଗଲେ ଅଧିକ କିଛି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

## ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ପାଳିତ

**ଭୁବନେଶ୍ୱର, ୨୦।୮ (ବ୍ୟୁରୋ)**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୪ତମ ଜୟନ୍ତୀ ସୋମବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନ ଭୁବନେଶ୍ୱରଠାରେ ପାଳିତ ହୋଇଯାଇଛି। ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ ନେତା ରାଜୀବ ଭବନଠାରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଆଉ କିଛି ନେତା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ମହାନଦୀକୁ ଡେଇଁ ଇଞ୍ଜିନିୟରିଂ ଛାତ୍ରୀଙ୍କ ଆତ୍ମହତ୍ୟା

**ବାଙ୍କୀ/ଆଠଗଡ଼, ୨୦।୮ (ସ୍ୱ.ପ୍ର.)**

କଟକ ଜିଲା ବାଙ୍କୀ ଥାନା ସରଣ୍ଡା ଫାଣ୍ଡି ଅଧୀନ ଜାତମୁଣ୍ଡିଆ-ସୁବର୍ଣ୍ଣପୁର ବ୍ରିଜ୍‌ରୁ ଡେଇଁ ସୋମବାର ଜଣେ ଇଞ୍ଜିନିୟରିଂ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀ ହେଲେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀର ଉମେଶ ମହାରଣାଙ୍କ ଝିଅ ସୀମା (୨୨)। ସେ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଥିଲେ। ସବୁଦିନ ପରି ଘରୁ ଏକ ସ୍କୁଟି (ନଂ-ଓଡି-୦୨-ଏନ୍-୧୧୩୬) ଯୋଗେ କଲେଜକୁ ଆସିଥିଲେ। ପରେ ଅପରାହ୍ନ ପ୍ରାୟ ୨ଟା୩୦ରେ ବାଙ୍କୀ ଜାତମୁଣ୍ଡିଆ-ସୁବର୍ଣ୍ଣପୁର ବ୍ରିଜ୍‌କୁ ଯାଇ ସେଠାରେ ସ୍କୁଟି, ମୋବାଇଲ ଓ ରେନିକୋର୍ଟ ରଖି ବ୍ରିଜ୍ ଉପରୁ ମହାନଦୀକୁ ଡେଇଁ ପଡିଥିଲେ। ଏହି ଦୃଶ୍ୟ ଦୂରରୁ କିଛି ଲୋକ ଦେଖି ଥିଲେ ହେଁ ତାଙ୍କୁ ଉଦ୍ଧାର କରି ପାରି ନ ଥିଲେ। ପ୍ରାୟ ଘଣ୍ଟାଏ ପରେ ସେ ଭାସି ଆସି ଆଠଗଡ଼ ଥାନା ଅଧୀନ କନ୍ଦରପୁରଠାରେ ପହଞ୍ଚିଥିଲେ। ମତ୍ସ୍ୟଜୀବୀମାନେ ଡଙ୍ଗାରେ ଯାଉଥିବା ସମୟରେ ଛାତ୍ରୀ ଜଣଙ୍କ ଭାସୁଥିବା ଦେଖି ଉଦ୍ଧାର କରି କୂଳକୁ ଆଣିଥିଲେ। ପରେ ସ୍ଥାନୀୟ ଲୋକ ଏ ସମ୍ପର୍କରେ ଆଠଗଡ ଥାନାରେ ଜଣାଇଥିଲେ। ଖବର ପାଇ ଆଠଗଡ଼ ପୋଲିସ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ଆଣିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଠଗଡ଼ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ-୩୨/୧୮)ରୁଜୁ କରାଯାଇଛି। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଛାତ୍ରୀ ଜଣଙ୍କ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ସେ ନେଇ ପରିବାର ପକ୍ଷରୁ କୌଣସି ସୂଚନା ମିଳିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।



ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି । ତାହା ଫଳରେ ପୃଥିବୀ ବହୁ ଦୁଃଖ,ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି । —ଶ୍ରୀମା

# ତରକିଥିବୁ ତେରକୁ



ବୈକୁଣ୍ଠନାଥ ମିଶ୍ର

ବିକୃତ ମାନସିକତା ସମାଜରେ ହୁ ହୁ ହୋଇ ବଢ଼ିଚାଲିଛି । ମନେହୁଏ ସତେ ଯେପରି ମାନବିକତା କେଉଁକାଳୁ ମରିହଜି ଗଲାଣି । ସାମାଜିକ ପ୍ରାଣୀର ଗୌରବ ବହନ କରୁଥିବା ମନୁଷ୍ୟ ସାମାଜିକତା ପରିବର୍ତ୍ତେ କ୍ରୂରତା ଓ ହିଂସ୍ରପ୍ରବୃତ୍ତିର ଆଶ୍ରୟ ନେଉଛି । ଶାସନ, ପ୍ରଶାସନ ଓ ନ୍ୟାୟିକ ବ୍ୟବସ୍ଥା ତା' ଚରିତ୍ରରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହେଉନାହାନ୍ତି । କୋମଳମତି ଶିଶୁକନ୍ୟାଟି ଦୁନିଆର ଭଲମନ୍ଦ ବୁଝିବା ଆଗରୁ ଯେତେବେଳେ ତା' ପ୍ରତି ହେଉଥିବା ପାଶବିକତାକୁ ଅଙ୍ଗେ ନିଭାଉଛି, ବୟସ ବୃଦ୍ଧି ହେଲେ ତା' ମନୋରାଜ୍ୟରେ ସମାଜ ପ୍ରତି ଏକ ଘୋର ଅନାସ୍ଥାଭାବ ସୃଷ୍ଟିହେବ । ପ୍ରତିହିଂସାର ପ୍ରଚଣ୍ଡ ବହ୍ନି ତା' ହୃଦୟରେ ସଦା ପ୍ରଜ୍ୱଳିତ ଥିବ । ପୁଷ୍ପକଢ଼ିଟି ପ୍ରସ୍ଫୁଟିତ ହୋଇ ଦୁନିଆକୁ ସୌରଭ ବିକିରଣ କରିବା ପୂର୍ବରୁ ସେ ହେଉଛି କୀଟଦଂଷ୍ଟା । ବଳାତ୍କୃତାର ମାନବିକ ଅଧିକାରର ସୁରକ୍ଷା ପାଇଁ ଆମ ସ୍ୱର ଶାଣିତ ନୁହେଁ, କିନ୍ତୁ ବଳାତ୍କାରୀକୁ ଦଣ୍ଡବିଧାନ ହେଲେ ତା'ର ମାନବିକ ଅଧିକାର କ୍ଷୁଣ୍ଣ ହେଲା ବୋଲି ଆମେ ପ୍ରତିବାଦ କରୁ । ଯେଉଁ ପୀଡ଼ିତା ମୃତ୍ୟୁକୁ ଆଦରି ନେଲା ସେ ହୁଏତ ତରିଗଲା । କିନ୍ତୁ ବଞ୍ଚିଥିବା ପୀଡ଼ିତାଟି ସାରା ଜୀବନ ଏ ସମାଜକୁ ଏକ ଘୃଣିତ ଚକ୍ଷୁରେ ଦେଖି ଚାଲିଥିବ ଓ ଏକ ସନ୍ଦେହାଚ୍ଛନ୍ନ ମାନସିକତାରେ ସେ ଜଡସଡ ହେଉଥିବ ।

ସବୁଆଡୁ ଭୟଶୂନ୍ୟ, ଆଜିର ଯୁବସମାଜ ଗୋଟିଏ ଉଦ୍‌ଭ୍ରାନ୍ତ, ଅରୁଚିକର ଓ ଅପାଂକ୍ତେୟ ଜୀବନଚର୍ଯ୍ୟାକୁ ଆପଣେଇ ନେଇଛି । ନୈତିକତାର ପ୍ରାଣ କୁହାଯାଉଥିବା ବିଦ୍ୟାଳୟଗୁଡ଼ିକ ମଣିଷ ତିଆରି କରିବାରେ ବ୍ୟର୍ଥ ହେଲେଣି । ଗୁରୁଙ୍କଠାରୁ ଛାଟ ରୂପକ ଆୟୁଧଟି କାଢ଼ି ନିଆଯାଇଛି । ଆଜିର ଶାସକ, ପ୍ରଶାସକ, ବିଚାରକ ତଥା ଅନ୍ୟାନ୍ୟ ପ୍ରାଜ୍ଞମାନେ, ଯେଉଁମାନେ ଓଡ଼ିଶା ସରକାର ପରିଚାଳିତ ବିଦ୍ୟାଳୟରେ ଶିକ୍ଷାର୍ଜନ କରିଛନ୍ତି, ଅବଶ୍ୟ ମୁକ୍ତକଣ୍ଠରେ ଉଦ୍‌ଘୋଷଣା କରିବେ ଗୁରୁ ଓ ତାଙ୍କ ଛାଟର ମହାତ୍ମ୍ୟ । ଯଦି ସେମାନେ ଗୁରୁଙ୍କ ଛାଟରେ ବଡ ହୋଇଛନ୍ତି ତେବେ ଅନ୍ୟମାନଙ୍କୁ ସେ ସୁଯୋଗ ଦିଆଯାଉନାହିଁ କାହିଁକି । ବିଶିଷ୍ଟ ବୈଜ୍ଞାନିକ ତଥା ଶିକ୍ଷାବିତ୍ ଡ. ପ୍ରାଣକୃଷ୍ଣ ପରିଜା ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି ଯେ, ତାଙ୍କ ଅବଧାନଙ୍କ ଛାଟ ବିନା ସେ ଏ ସ୍ଥାନରେ ପହଞ୍ଚିପାରି ନ ଥାନ୍ତେ । ଓଡ଼ିଶାରେ ଶିକ୍ଷାର୍ଜନ କରିଥିବା ପ୍ରତ୍ୟେକ ପ୍ରତିଷ୍ଠିତ ଓଡ଼ିଆ ଜାଣେ ତା' ଜୀବନରେ ଗୁରୁଙ୍କ ଛାଟର ମହତ୍ତ୍ୱ କେତେ । ଛାତ୍ରକୁ ସୁପଥକୁ ଆଣିବା ପାଇଁ ଯେଉଁ ଚତୁର୍ବିଧ ପ୍ରକ୍ରିୟା 'ଶାମ, ଦାମ, ଦଣ୍ଡ, ଭେଦ' ଆବଶ୍ୟକ ତାହା ଆଜି ସମ୍ପୂର୍ଣ୍ଣ ବିଲୁପ୍ତ । ଶିକ୍ଷକ ପ୍ରତି ଥିବା ଭୟ କେବଳ ପାଠ ପ୍ରତି ଅନୁରକ୍ତି ସୃଷ୍ଟି କରେ ନାହିଁ, ତାହା ସମାଜ ଓ ଗୁରୁଜନଙ୍କ ପ୍ରତି ଭୟ ସଞ୍ଚାର କରିବାର ମଧ୍ୟ ଏକ ଉତ୍କୃଷ୍ଟ ମାଧ୍ୟମ । ଗୁରୁ ଛାତ୍ର ପ୍ରତି ଆବଶ୍ୟକତା ଅନୁଯାୟୀ କଠୋରତା କିମ୍ବା କୋମଳତା ଅବଲମ୍ବନ କରନ୍ତି, ଯାହା ଛାତ୍ରର ସର୍ବାଙ୍ଗୀଣ ବିକାଶରେ ସହାୟକ ହୁଏ । ରାଜନୈତିକ ପଶାପାଲିରେ 'ଦଣ୍ଡମୁକ୍ତ' ଘୋଷିତ ପବିତ୍ର କ୍ଷେତ୍ର ଆଜି ଅଜ୍ଞ ଅଭିଭାବକଙ୍କ ତାଣ୍ଡବରେ ମ୍ରିୟମାଣ । ତାଙ୍କ ନାଲିଆଖି, ଅକଥନୀୟ ବ୍ୟବହାର ଶିକ୍ଷକଙ୍କୁ ଜୀବନ୍ତ ଶବରେ ପରିଣତ କରିଦେଲାଣି । ଛାତ୍ର ଅବାଟରେ ଗଲେ ମଧ୍ୟ କିଂକର୍ତ୍ତବ୍ୟବିମୂଢ଼ ଶିକ୍ଷକ ନୀରବ ରହିବାକୁ ବାଧ୍ୟ । କେଉଁଠି ଗୁରୁ ମଦ୍ୟ ସେବନ କଲାଣି ତ କେଉଁଠି ଅଭିଭାବକ ନିଶାସକ୍ତ । ଏପରି କ୍ଷେତ୍ରରେ ଛାତ୍ରର ଭବିଷ୍ୟତ ଅନ୍ଧକାର । ଅନ୍ଧକାର ଭବିଷ୍ୟତସମ୍ପନ୍ନ ବାଳକଟି କୈଶୋରରୁ ହିଁ ଏକ ଉଦ୍ଭଟ ମାନସିକତାର ବଶବର୍ତ୍ତୀ ହୋଇ ସମସ୍ତ କୁକାର୍ଯ୍ୟକୁ ଆଦରି ନେଉଛି ।

ଯୌଥ ପରିବାରଗୁଡ଼ିକ ଏକକରେ ପରିଣତ ହେବା ପରେ ଦାଦା, ଖୁଡ଼ୀ, ବଡବାପା, ବଡମା' ଏପରିକି ଜେଜେ, ଜେଜେମାମାନେ ମଧ୍ୟ ବିପଥଗାମୀ ସନ୍ତାନଟି ପ୍ରତି ଉଦାସୀନ । ମା'ବାପାଙ୍କ ଅନୁଚିତ ଆଚରଣ ପିଲା ଉପରେ ନକାରାତ୍ମକ ପ୍ରଭାବ ପକାଉଛି । ନିଶାସେବନ କରୁଥିବା ବାପଟି ସନ୍ତାନ ନିକଟରେ ନୀତିହରା ହୋଇସାରିଛି । ପିଲାକୁ ହିତୋପଦେଶ ଦେବା ତା'ପକ୍ଷେ ସମ୍ଭବ ହେଉନାହିଁ । ମା'ମାନେ ନିଜ ଶାଶୁଶ୍ୱଶୁର ତଥା ଅନ୍ୟ ଗୁରୁଜନଙ୍କୁ ସମୁଚିତ ବ୍ୟବହାର ପ୍ରଦର୍ଶନ ନ କରିବା ପିଲାର ମନସ୍ତତ୍ତ୍ୱକୁ ଗଭୀର ପ୍ରଭାବିତ କରୁଛି । ନିଜ ପରିବାରରୁ ଯେତେବେଳେ ଯଥେଷ୍ଟ ଅନୁଶାସନ ମିଳିପାରୁନାହିଁ, ପିଲାଟି ଯଥେଚ୍ଛାଚାରୀ ହୋଇ ଏକ ବୃହତ୍ ଅସାମାଜିକ ଜୀବରେ ପରିଣତ ହେଉଛି । ଚୋରି, ଡକାୟତି, ରାହାଜାନି ଓ ବଳାତ୍କାର ଘଟଣାର ନାୟକ ସାଜୁଛି । ବିଦ୍ୟାଳୟ ସିନା ଦଣ୍ଡମୁକ୍ତ, ପରିବାର ତ ଦଣ୍ଡମୁକ୍ତ ନୁହେଁ । ପରିବାର ତ ପିଲା ପ୍ରତି ଦଣ୍ଡଯୁକ୍ତ ହୋଇପାରନ୍ତା । ମାତାପିତାଙ୍କ ପ୍ରଦୂଷିତ ଚରିତ୍ର ସେଥିରୁ ତାଙ୍କୁ ନିବୃତ୍ତ କରୁଛି । ସନ୍ଧ୍ୟା ସମୟରେ ବାପାମାନେ ତାସ୍ ଖେଳ, ଅଯଥା ପର ଆଲୋଚନାରେ ଲିପ୍ତ ନ ରହି ପିଲାର ପାଠପଢ଼ା ନିକଟରେ ବସିବା ଦରକାର । ପାଠ ଜଣା ନ ଥିଲେ ମଧ୍ୟ ଅନ୍ତତଃ ପିଲାଟି କ'ଣ କରୁଛି ସେଥିପ୍ରତି ଧ୍ୟାନ ଦେଇପାରିବେ । ଫଳରେ ପିଲା ମନରେ ଭୟ ଜାତ ହେବ ଓ ସେ କିଛିଟା ପଢ଼ିବ ।

ତେରବର୍ଷରୁ ଉଣେଇଶ ବର୍ଷ ମାନବ ଜୀବନର ଗୁରୁତ୍ୱପୂର୍ଣ୍ଣ ସମୟ । ମହାପୁରୁଷ ଅଚ୍ୟୁତାନନ୍ଦ ଏ ବିଷୟରେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି– ''ତରକିଥିବୁ ତେରକୁ–ଚଉଦ ପନ୍ଦରେ ହୁନ୍ଦର ଲାଗିବ ସତ ଉପୁଜିବ ସତରକୁ । ଅଠର ଉଣେଇଶ ପୂରୁପୂରୁ ଥୋକାଏ ବଞ୍ଚିବେ ମରୁ ମରୁ ।...'' କୈଶୋରରେ ପିଲା ପ୍ରତି ଯତ୍ନବାନ ହେଲେ ସେ ଉତ୍ତମ ନାଗରିକ ହେବ । ବିଶ୍ୱକବି ରବୀନ୍ଦ୍ରନାଥ ମଧ୍ୟ ତେର/ଚଉଦ ବର୍ଷ ବୟସରେ ଉପଯୁକ୍ତ ଅନୁଶାସନ ବିନା ପିଲାଟି ବିପଥଗାମୀ ହେବାର ଯଥେଷ୍ଟ ସମ୍ଭାବନା ଅଛି ବୋଲି ଚେତାବନୀ ଦେଇଛନ୍ତି । ଚାଣକ୍ୟ ନୀତି ମଧ୍ୟ କହେ– ଶିଶୁକୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ସସ୍ନେହ ଲାଳନପାଳନ କରିବ । ତା' ପରବର୍ତ୍ତୀ ଦଶବର୍ଷ କଠୋର ଅନୁଶାସନ ବଳରେ ପିଲାଟି ଷୋଳ ବର୍ଷ ବେଳକୁ ଉତ୍ତମ ମଣିଷରେ ରୂପାନ୍ତରିତ ହେବ । ଏହାପରେ ପୁତ୍ରକୁ ମିତ୍ର ସଦୃଶ ବ୍ୟବହାର କରିବା ଉଚିତ ।

ମା'ମାନେ ମୋବାଇଲ କିମ୍ବା ଟିଭି ପରଦାରେ ମନୋନିବେଶ ନ କରି ଅବସର ସମୟକୁ ପୁସ୍ତକ ପଠନରେ ବିନିଯୋଗ କରି ପୁସ୍ତକଲବ୍ଧ ଜ୍ଞାନକୁ ଶିଶୁମାନଙ୍କୁ କାହାଣୀ ଛଳରେ ପରିବେଷଣ କରିବା ଉଚିତ । ପୁରାଣ ଓ ଇତିହାସବର୍ଣ୍ଣିତ ମହାପୁରୁଷଙ୍କ ଦୁଃଖକଷ୍ଟମୟ ବାଲ୍ୟଜୀବନୀ ପିଲାଙ୍କୁ ଶୁଣାଇଲେ ସେମାନଙ୍କ ସୁପ୍ତ ଚେତନା ଜାଗ୍ରତ ହୁଏ । ପିଲାକୁ ସତ୍‌ପଥରେ ଚାଳିତ କରିବାର ଗୁରୁଦାୟିତ୍ୱ ଶିକ୍ଷକ ଓ ମାତାପିତାଙ୍କ ଭିନ୍ନ ଆଉ କିଏ ଭଲଭାବରେ ନିଭାଇପାରିବ ? ବଳାତ୍କାରଠାରୁ ଆରମ୍ଭ କରି ବର୍ତ୍ତମାନ ସମାଜରେ ଯାହାକିଛି ଅକାର୍ଯ୍ୟ, କୁକାର୍ଯ୍ୟ ଚାଲିଛି, ସେଥିରେ ନାବାଳକମାନେ ବୟସ୍କଙ୍କ ସମକକ୍ଷ ହୋଇଗଲେଣି । ଏଥିପାଇଁ ମାତାପିତା ଓ ଗୁରୁଙ୍କର ଅନୁଶାସନର ଅଭାବ ହିଁ ଦାୟୀ । ଶିଶୁର ମସ୍ତିଷ୍କରେ ହିଂସା ଓ କ୍ରୂରତା କିପରି ସ୍ଥାନ ନ ପାଇବ ସେଥିପ୍ରତି ସମସ୍ତେ ସଜାଗ ରହିବା ଉଚିତ । ଶୈଶବରୁ ଈଶ୍ୱରାନୁରାଗ, ସତ୍‌ଚିନ୍ତନ, ସତ୍‌କଥନ ଓ ସତ୍‌ସଙ୍ଗର ପରିବେଶ ସୃଷ୍ଟି କରାଯିବା ବିଧେୟ । ଶିଶୁର ଉପସ୍ଥିତିରେ ଅଶ୍ଳୀଳ ଭାଷା ପ୍ରୟୋଗ, କ୍ରୂର ଆଚରଣ ଓ ମିଥ୍ୟାକଥନ ସର୍ବଥା ବର୍ଜନୀୟ । ଶିଶୁ ପ୍ରତି ଆମର ଅନୁଶାସନ ଏପରି ହେବା ଉଚିତ, ଯଦ୍ୱାରା ସେ ମଣିଷ ପରି ମଣିଷଟିଏ ହୋଇ ଦେଶହିତରେ ପ୍ରୟାସୀ ହେବ ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ–୯୯୩୭୪୫୦୫୪୦

# ଏମିତି ଆଉ କେତେଦିନ



ଛନ୍ଦା ମିଶ୍ର

''କିଛିବର୍ଷ ପୂର୍ବର କଥା, ଲୋକଟି ମୋତେ ବଳାତ୍କାର କଲା । ତା'ର ବନ୍ଧୁମାନେ ମୋତେ ଚାରିପଟୁ ଘେରି ଛିଡା ହୋଇଥିଲେ । ସ୍ଥାନଟି ଦିଲ୍ଲୀର ଦ୍ୱାରକା ଅଞ୍ଚଳର ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟ ଥିଲା । ମୁଁ ଭୀଷଣ ଭୟରେ ଥରୁଥିଲି ଓ ନିଶ୍ଚିତ ଥିଲି ଯେ, ୟା' ପରେ ସେମାନେ ମୋତେ ହତ୍ୟା କରିବେ । କିନ୍ତୁ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମୋ ଉପରକୁ ମୋ ପିନ୍ଧାଲୁଗାଟିକୁ ଫୋପାଡିଦେଇ କହିଲା– ଯିଏ ତୋତେ ବଳାତ୍କାର କଲା, ସେ ପଡୋଶୀ ରାଜ୍ୟର ଜଣେ ନେତାଙ୍କ ପୁଅ । ତା' ପାଖରେ ବନ୍ଧୁକ ଅଛି । ସେ ତତେ ମାରିଦେବ । କିନ୍ତୁ ମୁଁ ଚାହୁଁନି ମର୍ଡର ଫର୍ଡର ଝମେଲାଟାଏ ହେଉ ବୋଲି, ତେଣୁ ତତେ ଛାଡିଦେଉଛି ।'' ଏହା କହି ଉକ୍ତ ବ୍ୟକ୍ତିଟି ମୁଁ ରହୁଥିବା ଅଞ୍ଚଳରେ ନେଇ ମୋତେ ଛାଡିଦେଲା । ଖୁବ୍ କଷ୍ଟରେ ମୁଁ ନିଜକୁ ଘୋଷାରି ଘୋଷାରି ନେଇ ନିକଟରେ ଥିବା ଏକ ଥାନାରେ ପହଞ୍ଚିଲି । ଜଣେ ପୋଲିସ ଅଫିସର ମୋର ସବୁକଥା ଶୁଣିସାରି ମୋର ନାମ, ଠିକଣା ଓ ବାପାଙ୍କ ନାମ ପଚାରିଲେ । ତାଙ୍କର ଏହି ଶେଷ ପ୍ରଶ୍ନଟି ଶୁଣି ମୁଁ ପଛକୁ ମୋର ପାଦ ଫେରାଇ ଆଣିବା ପାଇଁ ବାଧ୍ୟ ହେଲି । ମୁଁ ସେତିକିବେଳେ ଅନୁଭବ କଲି ଯେ, ଏସବୁ କଥାକୁ ମୁଁ ମୋର ଅଭିଭାବକଙ୍କ ନିକଟରେ ପ୍ରକାଶ କରିପାରିବି ନାହିଁ । ସେମାନେ ଏ କଥାଟିକୁ ସହଜରେ ଗ୍ରହଣ କରିପାରିବେ ନାହିଁ । ମୋ ପରିଚୟ ହିଁ ମୋ ପାଇଁ ବିରାଟ ଏକ ଆହ୍ୱାନ ହୋଇ ଛିଡା ହୋଇଥିଲା । ତେଣୁ ଆଇନର ସହାୟତା ନେବା ଅପେକ୍ଷା ନୀରବତା ଅବଲମ୍ବନ କରିବାକୁ ଉଚିତ ମଣିଲି । ଏ କଥାଟିକୁ ଅନେକ ବର୍ଷ ହୋଇଗଲାଣି । ମାତ୍ର ଆଜି ବି ଯେଉଁଠି ବଳାତ୍କାର ବିଷୟରେ ଶୁଣେ, ମୋର ସେଦିନର ସ୍ମୃତି ତାଜା ହୋଇଉଠେ । ଭିତରେ ଭିତରେ ଏକ ଅଦ୍ଭୁତ ପ୍ରକାରର ଶୀତଳତା ମତେ ଆବୋରି ବସେ ।

କେବଳ ଏତିକି ନୁହେଁ, ଆଜି ମୁଁ ପୁଣି ମନେପକାଉଛି ମୋ ପିଲାବେଳର କଥା । ମତେ ସେତେବେଳକୁ ୧୨ ବର୍ଷ ବୟସ । ଦିନେ ମୁଁ କପଡା ବଦଳାଉଥିବା ବେଳେ, ମୋ ଅଙ୍କଲ ହଠାତ୍ ପଶି ଆସି ମୋ ସହ ଅସଦାଚରଣ କଲେ, ମୁଁ ଚିତ୍କାରଟାଏ କଲି, ସେ ମତେ ଛାଡିଦେଲେ । ୟା' ପରେ ଆମେ ଯେତେବେଳେ ତାଙ୍କ ଘରକୁ ଯାଉଥିଲୁ ବା ସେ ଆମଘରକୁ ଆସୁଥିଲେ, ମୋ ପାଇଁ ଏକ ଅସ୍ୱସ୍ତିକର ପରିବେଶ ତିଆରି ହୋଇଯାଇଥିଲା । ସେ ସୁଯୋଗ ଉଣ୍ଡି କେବେ ମତେ ଜବରଦସ୍ତି ଜାବୁଡି ଧରୁଥିଲେ ତ ପୁଣି କେବେ ନଗ୍ନ ଛବି ମାନ ଦେଖାଉଥିଲେ । ମୁଁ ଅନେକଥର ଚେଷ୍ଟା କଲା ପରେ ବି ମା'ଙ୍କୁ ଏ ବିଷୟରେ କହିପାରି ନ ଥିଲି । ଯେବେ ଖୁବ୍ ସାହସ କରି ମା'ଙ୍କୁ ଏକଥା କହିଲି, ସେ ଉତ୍ତର ଦେଲେ– ତୋର ନିଶ୍ଚୟ କିଛି ଭୁଲ ଥିବ । ୟା' ପରେ ଏ ବିଷୟରେ ମୁଁ ଆଉ ମା'ଙ୍କ ସହ କଥା ହୋଇନାହିଁ । ହେଲେ, ଏତେ ବର୍ଷ ପରେ ଏସବୁ କହିବାର ଅର୍ଥ ହେଉଛି, ମୋ ଭଳି ଆଉ କେହି ଯଦି ନୀରବ ରହି, ବଞ୍ଚିବା ପାଇଁ ନିଜ ସହ ନିଜେ ସଂଗ୍ରାମ କରୁଛି, ତେବେ ମୋ କାହାଣୀରୁ ତାକୁ ଆଶ୍ୱାସନା ମିଳିବ ଯେ, ସେ ଏକା ନୁହେଁ, ତା'ଭଳି ଅନେକ ନିର୍ଯାତିତା ନୀରବ ରହି ସବୁ ସହିଚାଲିଛନ୍ତି ।

ଏକଥା କହିଥିବା ଯୁବତୀଙ୍କର ସାମାଜିକ ସମ୍ମାନକୁ ଦୃଷ୍ଟିରେ ରଖି ତାଙ୍କ ପରିଚୟ ଗୋପନ ରଖାଯାଇଛି । ନିଜକୁ ସଭ୍ୟ, ଶ୍ରେଷ୍ଠ ଓ ବିଚାରବନ୍ତ ପ୍ରାଣୀ ବୋଲି ବିବେଚନା କରୁଥିବା ମନୁଷ୍ୟ ଅନେକ ସମୟରେ ନିଜ ବିବେକର ବଳି ପକାଇଦେଉଛି, ଯେଉଁଥିପାଇଁ ଆଜି ଗଣମାଧ୍ୟମରେ ପ୍ରତି ତିନିନମ୍ବର ଖବରଟି ବଳାତ୍କାର ସମ୍ବନ୍ଧିତ । ଏକ ସର୍ଭେ ଅନୁସାରେ, ଏହି ଦୁର୍ଘଟଣାଗୁଡ଼ିକର ମାତ୍ର ଏକ ଚତୁର୍ଥାଂଶ ହିଁ ଲୋକଲୋଚନକୁ ଆସେ । କାରଣ ଏବେ ମଧ୍ୟ ଆଧୁନିକତାର ମୁଖା ପିନ୍ଧିଥିବା ଆମ ସମାଜ ପୁରୁଷକୁ ପିତଳଗରା ଓ ଝିଅଟିକୁ ମାଟିହାଣ୍ଡି ସହ ତୁଳନା କରେ । ଆଜି ବି ବଳାତ୍କାରୀଟିଏ ଅପକର୍ମ ଘଟାଇ ସାରି ରାଜରାସ୍ତାରେ ଛାତି ଫୁଲାଇ ଚାଲୁଥିଲା ବେଳେ, ପୀଡିତାଟି କୌଣସି ଦୋଷ ନ କରି ମଧ୍ୟ କବାଟ କଣରେ କାନ୍ଦି କାନ୍ଦି ମୁହଁ ଲୁଚାଇ ନିଜ ଭାଗ୍ୟକୁ ନିନ୍ଦେ । କେବେ ସେ ପରିସ୍ଥିତି ସହ ସାଲିସ କରିବା ପାଇଁ ଚୁପ୍ ରହେ ତ, ଆଉ କେବେ ତାକୁ ଚୁପ୍ କରାଇଦିଆଯାଏ । ବେଳେବେଳେ ଲୋକଲଜ୍ଜା ଓ ଅପମାନ ଏତେ ତୀବ୍ର ହୁଏ ଯେ, ସେ ନିଜ ଶରୀରକୁ ଅପବିତ୍ର ମଣି ଆତ୍ମହତ୍ୟା ପରି ପନ୍ଥା ଆଦରିନିଏ । ହେଲେ ଏମିତି ଆଉ କେତେ ଦିନ ? ଆଜି ଭଦ୍ରଲୋକର ମୁଖା ପିନ୍ଧିଥିବା ବର୍ବରଟିର ମୁଖା ଖୋଲିବାର ବେଳ ଆସିଛି, ନିର୍ଯାତନା ସହି ନୀରବ ରହି, ପରୋକ୍ଷରେ ଦୋଷୀକୁ ପ୍ରୋତ୍ସାହନ ଦେବା ଅପେକ୍ଷା ମୁହଁ ଖୋଲି, ତାକୁ କାଠଗଡାରେ ଠିଆ କରାଇବା କଥା । ଏଇ କିଛିଦିନ ତଳେ ଚଳଚ୍ଚିତ୍ର ଜଗତରେ ହେଉଥିବା ଯୌନଶୋଷଣ ବିରୋଧରେ 'ମି ଟୁ' ବା 'ମୁଁ ମଧ୍ୟ' କ୍ୟାମ୍ପେନ୍ ବେଶ୍ ଜୋରସୋର୍‌ରେ ଚର୍ଚ୍ଚା ଧରିଛି । ଜଣକ ପରେ ଜଣେ ଅଭିନେତ୍ରୀ ତାଙ୍କ ସହ ହୋଇଥିବା ଅସଦାଚରଣ ବିରୋଧରେ ମୁହଁ ଖୋଲିବାର ସାହସ ଜୁଟାଇ ପାରିଛନ୍ତି । ତାହା ଦେଖି ଅସଭ୍ୟମାନେ ଭୟରେ ଥରହର ହୋଇ ସେମାନଙ୍କ ପାଳି ଆସିବାର ପ୍ରତୀକ୍ଷା କରିଥିଲା ବେଳେ ଅନ୍ୟମାନେ ଏହାକୁ ଏକ ଚେତାବନୀ ରୂପେ ଗ୍ରହଣ କଲେଣି । ମାତ୍ର କେବଳ ଚଳଚ୍ଚିତ୍ର ଜଗତ ନୁହେଁ, ଘରଠାରୁ ବଜାର ଯାଏଁ, ବିଦ୍ୟାଳୟଠାରୁ ଦେବାଳୟ ପର୍ଯ୍ୟନ୍ତ ଆଉ କୌଣସି ସ୍ଥାନରେ ଝିଅଟିଏ ନିଜକୁ ସୁରକ୍ଷିତ ମଣିପାରୁନାହିଁ ।

ପୁଣି ଯେଉଁ ଦେଶରେ ନାରୀକୁ ଦେବୀର ଆଖ୍ୟା ଦିଆଯାଏ, ସେହି ମହାନ୍ ଦେଶ ଭାରତ ସମଗ୍ର ବିଶ୍ୱରେ ନାରୀମାନଙ୍କ ପାଇଁ ସବୁଠାରୁ ବିପଜ୍ଜନକ ସ୍ଥାନର କଳଙ୍କ ଟିକା ବହନ କରିଛି । ପରିତାପର ବିଷୟ, ଥମସନ୍ ରିଉଟର୍‌ସ ଫାଉଣ୍ଡେଶନ ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ, ଆଫଗାନିସ୍ତାନ, ସିରିଆ ଓ ସାଉଦି ଆରବ ପରି ଦେଶମାନଙ୍କୁ ପଛରେ ପକାଇ ସର୍ବାଗ୍ରେ ରହିଛି ଭାରତ । ୨୦୦୭ରୁ ୨୦୧୬ ମଧ୍ୟରେ ବଳାତ୍କାରର ହାର ବଢ଼ିଛି ୮୩% । ପୋଲିସ ନିକଟକୁ ଆସୁଥିବା ଅଭିଯୋଗଗୁଡ଼ିକରେ ୪୦% ହେଉଛନ୍ତି ନାବାଳିକା ଓ ୯୫% ବଳାତ୍କାରୀ ହେଉଛନ୍ତି ପୀଡିତାଙ୍କର ପରିଚିତ ବ୍ୟକ୍ତି । ବର୍ତ୍ତମାନ ୧୨ ବର୍ଷରୁ କମ୍ ନାବାଳିକା ବଳାତ୍କାରୀଙ୍କ ପାଇଁ ଫାଶୀଦଣ୍ଡର ବ୍ୟବସ୍ଥା ହେଲାଣି । ମାତ୍ର ତା' ଦ୍ୱାରା ସମସ୍ୟାର ସମାଧାନ ହେବନାହିଁ, ବରଂ ପୀଡିତାଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ କରିବାକୁ ଦୋଷୀଟି ପଛାଇବ ନାହିଁ ।

ଏଣୁ ବିଦ୍ୟାଳୟଗୁଡ଼ିକରେ କିଶୋର କିଶୋରୀଙ୍କ ପାଇଁ ଯୌନ ସଚେତନତା, ନାରୀ ପ୍ରତି ସମ୍ମାନ ଓ ସାମାଜିକ ଅଧିକାରକୁ ଦୃଷ୍ଟିରେ ରଖି ପାଠ୍ୟକ୍ରମ ପ୍ରଚଳନର ଆବଶ୍ୟକତା ଦେଖାଦେଇଛି । ଦୈନନ୍ଦିନ ଜୀବନରେ ଆଧ୍ୟାତ୍ମିକତା ଓ ନୈତିକତାକୁ ଆପଣାଇବା ଦରକାର । ପ୍ରତ୍ୟେକ ସକାରାତ୍ମକ ଚିନ୍ତାଧାରାର ଯୁବକ ଜଣେ ଯୌନଶୋଷିତା ଯୁବତୀର ହାତଧରି, ତାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସମ୍ମାନର ଅଧିକାରିଣୀ କରିବା ପାଇଁ ଆଗେଇ ଆସିବା ଉଚିତ ।

ମୋ–୯୪୩୭୪୫୩୬୧୦

## ଏଇ ଭାରତରେ

ସମ୍ପ୍ରତି ବନ୍ୟା ବିଭୀଷିକା ଦ୍ୱାରା କେରଳବାସୀ ସର୍ବହରା ହୋଇଥିବା ବେଳେ ସେମାନଙ୍କୁ ଦେଶବିଦେଶରୁ ସହାୟତାର ସୁଅ ଛୁଟିବାରେ ଲାଗିଛି । ବନ୍ୟାର କରାଳ ଦୃଶ୍ୟରେ ସ୍ପର୍ଶକାତର ହୋଇପଡିଛନ୍ତି ତାମିଲନାଡୁର ଜଣେ ୯ବର୍ଷର ବାଳିକା । ସେ ସାଇକେଲ୍‌ଟିଏ କିଣିବା ପାଇଁ ଦୀର୍ଘ ୪ବର୍ଷ ହେଲା ସାଇତି ରଖିଥିବା ଟଙ୍କା ବନ୍ୟାବିପନ୍ନଙ୍କ ନିମନ୍ତେ ଦାନ କରିବେ । ବାଳିକାର ବଦାନ୍ୟତାରେ ଖୁସିହୋଇ ସାଇକେଲ୍ ନିର୍ମାତା ହିରୋ କମ୍ପାନି ତାଙ୍କୁ ସାଇକେଲ୍ ଉପହାର ଦେବାପାଇଁ ପ୍ରତିଶ୍ରୁତି ଦେଇଛି । ତାମିଲନାଡୁର ଭିଲ୍ଲୁପୁରମ୍ ବାସିନ୍ଦା ଅନୁପ୍ରିୟା ଟିଭି ଭିଜୁଆଲ୍‌ରେ କେରଳବାସୀଙ୍କ ଦୁଃଖଦୁର୍ଦ୍ଦଶା ଦେଖିବା ପରେ ନିଜର ସଞ୍ଚିତ ୯,୦୦୦ଟଙ୍କା ଦାନ କରିବାକୁ ସ୍ଥିର କରିଛନ୍ତି । ତେବେ ସମ୍ପୃକ୍ତ ବାଳିକାଙ୍କୁ ହିରୋ ସାଇକେଲ୍ କମ୍ପାନୀ ପକ୍ଷରୁ ଟୁଇଟର ମାଧ୍ୟମରେ ପ୍ରଶଂସା କରାଯାଇଛି । ହିରୋ ମୋଟର୍ସ କମ୍ପାନିର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଏମ୍. ମୁଞ୍ଜାଲ୍ ଅନୁପ୍ରିୟାଙ୍କୁ 'ମହତ୍ ଆତ୍ମା' ବୋଲି ବର୍ଣ୍ଣନା କରିଛନ୍ତି । ସେ ତାଙ୍କ ଟୁଇଟର ପୃଷ୍ଠାରେ ଉଲ୍ଲେଖ କରିଛନ୍ତି–''ଅନୁପ୍ରିୟା, ତୁମକୁ ପ୍ରଣାମ । ତୁମ ବଦାନ୍ୟତାର ଖବର ଚାରିଆଡ଼େ ପ୍ରସାରିତ ହେବା ଆମେ ଇଚ୍ଛା କରୁ । ତୁମକୁ ହିରୋ କମ୍ପାନି ପ୍ରତିବର୍ଷ ଗୋଟିଏ ଲେଖାଏଁ ବାଇକ୍ ପ୍ରଦାନ କରିବ । ମୋ ଟୁଇଟର ଆକାଉଣ୍ଟରେ ଶେୟାର କରିବାକୁ ଅନୁରୋଧ । ତୁମକୁ ଅନେକ ଶୁଭେଚ୍ଛା । କେରଳ ପାଇଁ ପ୍ରାର୍ଥନା କରୁଛି ।''

## ଚିରନ୍ତନୀ

ସେ ବାରତା ପୂରେ ତା'ର ରଚଇ କି ହାହାକାର
କାତର ନିଃଶ୍ୱାସ ସମ ଲାଗେ କି ନୟନେ
ଯେ ବାରତା ପଠାଏଁ ପବନେ ?
(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଅଗଷ୍ଟ ୧୯୯୩

- ଦୁର୍ନୀତି ଅଭିଯୋଗରେ ଚାଇନା କମ୍ୟୁନିଷ୍ଟ ପାର୍ଟିର ପ୍ରାୟ ୩୬୪୦୦ ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ।
- ନୋବେଲ ପୁରସ୍କାର ବିଜେତା ତଥା ବିଶିଷ୍ଟ ସମାଜସେବୀ ମଦର ଟେରେସାଙ୍କୁ ପ୍ରଥମ ରାଜୀବ ଗାନ୍ଧୀ ଜାତୀୟ ସଦ୍‌ଭାବନା ପୁରସ୍କାର ।

# ସଂସ୍କାରର ଅକାଳ



ରବିନ୍ ଖଣ୍ଡାୟତରାୟ

ଖାଦ୍ୟର ଅକାଳ ପଡ଼ିଲେ ମଣିଷ ମରେ, ମାତ୍ର ସଂସ୍କାରର ଅକାଳ ପଡ଼ିଲେ ମନୁଷ୍ୟତା ମରେ । ପ୍ରାଣହୀନ ଶରୀର ଆଉ ଦେବତାବିହୀନ ଦେଉଳର ଅବସ୍ଥା ଯାହା ମାନବିକ ମୂଲ୍ୟବୋଧ ଓ ସଂସ୍କାର ନ ଥିବା ମଣିଷର ଅବସ୍ଥା ତତୋଽଧିକ । ସଂସାର ତେଣୁ କାଳ କାଳ ଧରି ଆଦର୍ଶ ତଥା ସଂସ୍କାରୀ ମଣିଷମାନଙ୍କୁ ପ୍ରାଧାନ୍ୟ ଦେଇଆସିଛି । ଭଲ ମଣିଷଟିଏ ଭଲ ପରିବେଶରୁ ସୃଷ୍ଟି ହେଉଥିବା ବେଳେ ଭଲ ମଣିଷମାନଙ୍କ ପାଇଁ ସମାଜ ସମୃଦ୍ଧିଶାଳୀ ହୋଇଥାଏ । ଜୀବନସାରା ଖାଲି ନିଜ ପାଇଁ ଆଉ ନିଜ ପରିବାର ପାଇଁ ଅର୍ଥ କମେଇଲେ, ଅନେକ ଘର ତୋଳାଇଲେ ଅଥବା ଦାମୀ ଗହଣା କି ଗାଡ଼ିଘୋଡ଼ା ବ୍ୟବହାର କଲେ ମଣିଷର ମୂଲ୍ୟ ବଢ଼ିବ ନାହିଁ, ଯଦି ଏହାଦ୍ୱାରା ସମାଜ କିଛିମାତ୍ରାରେ ଉପକୃତ ନ ହୋଇଛି । ସମସ୍ତଙ୍କ ପାଖରେ ହୁଏତ ଆର୍ଥିକ ସାହାଯ୍ୟ କରିବାର କ୍ଷମତା ନ ଥାଇପାରେ ମାତ୍ର କାୟିକ ସାହାଯ୍ୟ ଓ ମାନସିକ କଲ୍ୟାଣ ଚିନ୍ତାରେ କାର୍ପଣ୍ୟ ରହିବା ଉଚିତ ନୁହେଁ ।

ଭଲ ମଣିଷର ସଂଜ୍ଞା, ଆଦର୍ଶ ଆଉ ମୂଲ୍ୟବୋଧର ଅର୍ଥ ହୁଏତ ପାଠ୍ୟପୁସ୍ତକର ଶବ୍ଦକୋଷରେ ମିଳିପାରେ, ମାତ୍ର ତାହାକୁ ମଣିଷ ଭିତରେ ସ୍ଥାପନା କରିବାର ମାଧ୍ୟମ ବହୁଧା ବିଭକ୍ତ । ଯେପରି କିଛି ସଂସ୍କାର ସେ ନିଜ ବାପାମାଆ ତଥା ପରିବାରରୁ ପାଏ, କିଛି ତା'ର ଶିକ୍ଷାଗୁରୁଙ୍କଠାରୁ ପାଏ ତ ଆଉ କିଛି ପାର୍ଶ୍ୱ ପରିବେଶରୁ ମିଳିଥାଏ । ମାତ୍ର ଭଗବାନ ଶ୍ରୀକୃଷ୍ଣ ଗୀତାରେ ସୂଚାଇଥିବା ଆତ୍ମବିଦ୍ୟା କେବଳ ସଦ୍‌ଗୁରୁଙ୍କଠାରୁ ପ୍ରାପ୍ତ ହୋଇଥାଏ । ଶିଶୁଟିର ମନରେ ସଂସ୍କାରର ମଞ୍ଜି ପ୍ରଥମେ ପରିବାରରେ ବାପାମାଆ ଯେପରି ପୋତିଥାଆନ୍ତି, ବଡ଼ ହୋଇ ତାହା ସେହିପରି ବୃକ୍ଷରେ ପରିଣତ ହୋଇଥାଏ । ଆଧ୍ୟାତ୍ମିକ ଶିକ୍ଷା ହିଁ ଏମିତି ସଂସ୍କାର ଆଣିପାରେ ! ତେଣୁ ଆଗରୁ ଘରେ ଘରେ ଗୀତା, ଭାଗବତ, ରାମାୟଣ, ମହାଭାରତ ଆଦି ପାଠ ହେବାଦ୍ୱାରା ପାରିବାରିକ ସମ୍ପର୍କ କିପରି ହେବା ଦରକାର ତାହାର ଶିକ୍ଷା ମିଳିପାରୁଥିଲା । ଆଦ୍ୟଗୁରୁ ପିତାମାତାଙ୍କଠାରୁ ଏହିପରି ସତ୍‌ଶିକ୍ଷା ପ୍ରାପ୍ତ ହୋଇ ପିଲା ଶିକ୍ଷାଗୁରୁଙ୍କ ନିକଟରେ ସମର୍ପିତ ହେବାପରେ ଶିକ୍ଷକ ସମୟାନୁବର୍ତ୍ତିତା, ଜୀବନର ମୂଲ୍ୟବୋଧ, ଉଚ୍ଚ ଆଦର୍ଶ ଆଦି ଗୁଣମାନ ଅନେକ ମହାପୁରୁଷଙ୍କ ଜୀବନରୁ ଉଦାହରଣ ରୂପେ ନେଇ ବୁଝାଇବା ସହିତ ବିଭିନ୍ନ ପ୍ରକାର ବୃତ୍ତିଗତ ଦିଗରେ ପିଲାମାନଙ୍କୁ ପ୍ରତିଷ୍ଠିତ କରାଇଥାଆନ୍ତି । ସେହିପରି ପୃଥିବୀର ସହନଶୀଳତା, ଆକାଶର ବିସ୍ତୀର୍ଣ୍ଣତା, ଅଗ୍ନିର ସମସ୍ତଙ୍କୁ ସମାନ ଭାବରେ ଆଦରିନେବା ଏବଂ ବାୟୁର ସମସ୍ତଙ୍କ ସହିତ ମିଶିଯିବା ପରି ଗୁଣମାନ ଗ୍ରହଣ କରିବାର ଶିକ୍ଷା ଆମକୁ ପ୍ରକୃତିରୁ ମିଳିଥାଏ । ତେଣୁ ସଂସ୍କାରିତ ଜୀବନ ପାଇଁ ଉପଯୁକ୍ତ ସମୟରେ ଉପଯୁକ୍ତ ସାଧନାର ଆବଶ୍ୟକତା ରହିଛି । ସେହି ସାଧନା କେବଳ ନିର୍ଜନ ସ୍ଥାନରେ ଧ୍ୟାନମୁଦ୍ରାରେ କରାଯାଏ ନାହିଁ ବରଂ ସଂସାରରେ ରହି ସକଳ କର୍ମ ସମ୍ପାଦନା ଭିତରେ ମଧ୍ୟ କରାଯାଇପାରେ ।

ଆଜି ବିବାହ ଉପହାର ପାର୍ସଲରେ ବୋମା, ଦୁନିଆକୁ ଭଲରେ ଜାଣି ନ ଥିବା ନାବାଳିକା ଓ ରାସ୍ତାକଡ଼ର ନିଃସହାୟ ପାଗଳୀ ପ୍ରତି ବଳାତ୍କାର ଏବଂ ଜୀବନ୍ତ ଠାକୁର ବାପାମାଆଙ୍କୁ ଅବହେଳା ପ୍ରମାଣିତ କରିଦେଉଛି ଯେ ଦିନକୁ ଦିନ ଆମ ମନରୁ ମଣିଷପଣିଆ ଲିଭି ଲିଭି ଯାଉଛି, ସଂସ୍କାର ମରି ମରି ଯାଉଛି ଏବଂ ବେଦରଦୀ ହୃଦୟ ଆଉ କୁସଂସ୍କାରୀମାନଙ୍କ ସଂଖ୍ୟା ବଢ଼ି ବଢ଼ି ଦିନେ ପୃଥିବୀମାତାର ହୃଦ୍‌ଘାତ ହେବାର ସମ୍ଭାବନା ପାଖେଇ ଆସୁଛି । ପବନ ଆଉ ପବନ ହୋଇ ନାହିଁ କି ଜଳ ମଧ୍ୟ ଜଳ ହୋଇ ରହିନାହିଁ । ନଈ, ନାଳ, ସାଗର, ମହାସାଗର, ପାହାଡ଼, ପର୍ବତ ସବୁ ବିଷାକ୍ତ ! ଆଉ କିଛି ତଥାକଥିତ ସୁଖସନ୍ଧାନୀ ମଣିଷମାନଙ୍କ ସୁଖାନଳରେ ସାଧାରଣ ମଣିଷଙ୍କ ସୁଖ, ସ୍ୱାଚ୍ଛନ୍ଦ୍ୟ ସବୁକିଛି ଜଳିପୋଡ଼ି ଭସ୍ମୀଭୂତ ! ନିଜେ ଗଢ଼ିଥିବା ସ୍ମାର୍ଟ ଯନ୍ତ୍ରମାନଙ୍କ ନିକଟରେ ଅନେକ ମନୁଷ୍ୟ ସମ୍ପୂର୍ଣ୍ଣ ଭାବରେ ସମର୍ପିତ ! ତେବେ ଏ କ'ଣ ସୁଖ ? ଏ କ'ଣ ଆନନ୍ଦ ? ଯାହା ପାଇବା ପାଇଁ ଅନ୍ୟ ଜଣେ ଶୋଷିତ, ନିଷ୍ପେଷିତ ଆଉ ଅପମାନିତ ହେବ ? ଆଜି ଆମ ଜୀବନକୁ ରାଜନୀତି ଆଉ ଅର୍ଥନୀତି ଯେତିକି ନିୟନ୍ତ୍ରଣ କରୁଛି ଆଗରୁ ସେପରି ନ ଥିଲା । ମଣିଷ ତା'ଜୀବନର ମୂଲ୍ୟବୋଧ, ଜନ୍ମର ମହତ୍ତ୍ୱ ନିଜେ ଅନୁଭବ କରୁଥିଲା । କିନ୍ତୁ ଆଜି କେଉଁଠି ହୀନ ରାଜନୀତି କରି କାହା ପରିବାରରେ ଫାଟ ସୃଷ୍ଟି କରାଗଲାଣି ତ ଆଉ କେଉଁଠି ଧନ ରୋଜଗାର ନିଶାରେ ମଣିଷପଣିଆ ମରିଗଲାଣି । ଆଉ ବଢ଼ିଗଲାଣି ମଣିଷ ମନର ଉଦ୍‌ବେଗ ଓ ଉତ୍କଣ୍ଠା । କାହିଁକି ନା ନିଜ ଇଚ୍ଛାକୁ ସେ ପରମଙ୍କ ଇଚ୍ଛା ସହିତ ସାମିଲ କରିପାରୁନି । ତେଣୁ ଆଧ୍ୟାତ୍ମିକ ଦେଶ ଭାରତରେ ଆଜି ବିଷାଦଗ୍ରସ୍ତଙ୍କ ସଂଖ୍ୟା ଧୀରେଧୀରେ ବଢ଼ିବାରେ ଲାଗିଛି ।

ପୃଥିବୀର ଆକାର ବଢୁନାହିଁ । ସେତେ ପରିମାଣରେ ବଢୁନାହାନ୍ତି ଅନ୍ୟ ଜୀବଜନ୍ତୁ ଯେତେ ବଢୁଛନ୍ତି ମଣିଷ । ତଥାପି ନିଜ ଗୋଡ଼ରେ କୁରାଢ଼ି ମାରିବାର ଏ ଅପଚେଷ୍ଟା କାହିଁକି ? ସମସ୍ତଙ୍କ ମନରେ ଆଜି ସେ ପ୍ରଶ୍ନ ଉତ୍‌ଥାପନ ହେଉ, ସୁପ୍ତ ଚେତନାକୁ ଜାଗ୍ରତ କରାଯାଉ । ଆତ୍ମସମୀକ୍ଷା ଦ୍ୱାରା ସମାଧାନର ରାସ୍ତା ବାହାରୁ, ଅନ୍ୟଥା ଭବିଷ୍ୟତକୁ ବିପଦ ସୁନିଶ୍ଚିତ । ଅନେକ ଥର ଆମେ ଦର୍ପଣରେ ନିଜର ସୁନ୍ଦର ମୁହଁକୁ ଦେଖୁଛେ, ଥରେ ବିବେକ ଦର୍ପଣରେ ନିଜ ମନର ପ୍ରତିବିମ୍ବ ଦେଖି ନିଜେ ଯଦି ବଦଳିପାରିବା ତେବେ ଦୁନିଆ ଆପେ ବଦଳିବାକୁ ଆରମ୍ଭ କରିବ । ପୁଣି ହସିବ ମଣିଷ, ଛଳନାରେ କି କୃତ୍ରିମ ଭୋଗଲାଳସାରେ ନୁହେଁ ବରଂ ପ୍ରକୃତିଗତ ମନଖୋଲା ହୃଦୟରେ, ତ୍ୟାଗମୟ ଆତ୍ମୀୟତାରେ ।

ମୋ–୯୭୭୬୬୯୨୨୦୭

## sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | B | | C | | | | | 4 | | 8 | |
| | | 2 | 3 | 6 | C | | | 9 | | | 5 | | | E |
| 1 | | B | | | | | 0 | 7 | | A | | 4 | | |
| | | 3 | 9 | 4 | 2 | | A | | | B | | | 0 | 1 |
| | | C | | | | | 2 | E | | | | B | | 3 |
| | 2 | | 8 | | | | | D | | | | | | 0 |
| | | | 4 | | 9 | | E | | | C | 8 | | A | |
| | | | E | A | 6 | | 7 | | | | | 5 | | 2 |
| | A | | D | 2 | | 9 | | C | | | | | | 7 |
| 7 | | | | | | 4 | 5 | | 0 | | | | E | 8 |
| | E | 1 | | 5 | | | | | | | A | 3 | | |
| | 3 | 8 | | | | 0 | 9 | | | | | | | |
| 5 | D | | | | 8 | | | | | | | | 1 | |
| 0 | | 7 | C | | E | | | | 9 | | | 6 | | |
| B | | | | 7 | | | | | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 0 | A | 2 | 6 | D | E | 5 | C | 7 | 9 | 1 | 3 | B | 4 |
| 2 | C | E | 1 | 9 | A | 3 | B | 8 | 6 | 4 | 5 | 7 | 0 | D |
| 9 | 1 | 3 | 5 | 7 | 0 | A | 4 | D | 8 | B | E | 2 | 6 | C |
| 6 | D | 5 | B | E | 4 | 0 | 9 | 7 | 2 | C | 3 | 8 | A | 1 |
| 4 | 7 | B | 3 | 8 | C | 2 | 6 | 1 | 0 | A | D | E | 9 | 5 |
| 3 | 5 | 0 | 7 | 1 | E | 6 | 2 | 4 | 9 | D | A | C | 8 | B |
| A | 6 | 2 | 9 | 3 | 8 | 7 | C | B | 4 | 1 | 0 | D | 5 | E |
| 7 | E | 8 | C | 5 | 6 | D | A | 0 | 3 | 2 | B | 1 | 4 | 9 |
| B | 4 | 1 | D | 0 | 2 | 9 | E | 5 | C | 6 | 8 | A | 7 | 3 |
| C | 9 | D | A | 4 | B | 8 | 1 | 3 | E | 5 | 7 | 0 | 2 | 6 |
| 1 | A | 9 | 4 | B | 3 | C | 7 | 6 | D | 0 | 2 | 5 | E | 8 |
| E | 3 | 4 | 8 | 2 | 5 | B | 0 | 9 | 1 | 7 | C | 6 | D | A |
| 0 | B | 7 | 6 | D | 1 | 5 | 8 | E | A | 3 | 4 | 9 | C | 2 |
| D | 8 | C | 0 | A | 9 | 4 | 3 | 2 | 5 | E | 6 | B | 1 | 7 |
| 5 | 2 | 6 | E | C | 7 | 1 | D | A | B | 8 | 9 | 4 | 3 | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଘଟଣ ନା ଅଘଟଣା

ମହାଶୟ,

ଆଜିକାଲି ବିଶେଷତଃ ସମସ୍ତ ଦୂରଦର୍ଶନ, ଖବରକାଗଜ, ପତ୍ରପତ୍ରିକାରେ ଓ ବକ୍ତୃତାରେ ଓଡିଆ ଭାଷାର ଅପପ୍ରୟୋଗ ଦେଖିବାକୁ ମିଳୁଛି । ଉଦାହରଣ ସ୍ୱରୂପ ଅଘଟଣ ଶବ୍ଦଟିକୁ ବିଚାର କରିବା । 'ଘଟଣ' ଅର୍ଥ ସୁନ୍ଦର ଆଉ ତା'ର ବିପରୀତ ଶବ୍ଦ ଅଘଟଣ ମାନେ ଅସୁନ୍ଦର । ମାତ୍ର ଏହାକୁ ଘଟଣା (ଘଟନା)ର ବିପରୀତ ଶବ୍ଦ ଅଘଟଣା ମନେକରି ବ୍ୟବହାର କରାଯାଉଛି । ଯେଉଁ ସ୍ଥାନରେ ଅଶୁଭ ଘଟଣା, ଅଘଟଣା ବା ଦୁର୍ଘଟଣା ଲେଖିବା କଥା ସେଠାରେ ତାହା ପ୍ରୟୋଗ ନ କରି 'ଅଘଟଣ' ଶବ୍ଦ ବ୍ୟବହାର କେତେଦୂର ସମୀଚୀନ, ତାହା ଆପଣମାନେ ବିଚାର କରିବେ ।

ଶ୍ରୀନିବାସ ପାଣି, କନ୍ତକାଇ, କଳାପଥର, କଟକ

### ପବିତ୍ର ବାନାର ଅବମାନନା

ପୁରୀ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଲଗାଯାଇଥିବା ପତିତପାବନ ବାନା ମଇଳା ହୋଇଗଲା ପରେ ତାହାକୁ ଖୋଲାଯାଇ ଶ୍ରୀମନ୍ଦିର ବେଢ଼ାରେ ରଖାଯାଇଥାଏ । ତାହାକୁ ଅନେକ ଭକ୍ତ କିଣି ନେଇ ସେମାନଙ୍କ ବାସଗୃହର ଛାତ ଉପରେ ଲଗାଇଥାନ୍ତି । କିନ୍ତୁ ବର୍ତ୍ତମାନ ମୁଁ ଦେଖିବାକୁ ପାଇଲି ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା କେତେକ ଚିଙ୍ଗୁଡି ଓ ମାଛ ପ୍ରୋସେସିଂ ପ୍ଲାଣ୍ଟର ଛାତ ଉପରେ ଏହାର ମାଲିକମାନେ ସେହି ବାନା ଲଗାଇଛନ୍ତି । ମୋର କହିବା କଥା, ସେ ସବୁ ପ୍ଲାଣ୍ଟର ମାଲିକମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଭକ୍ତ ନିଶ୍ଚୟ । କିନ୍ତୁ ଆମିଷ ପ୍ରସ୍ତୁତ ହେଉଥିବା ପ୍ଲାଣ୍ଟର ଛାତ ଉପରେ ପବିତ୍ର ବାନା ଲଗାଇବା ଉଚିତ ନୁହେଁ । କାରଣ ଏହା ପବିତ୍ର ବାନାର ତଥା ଓଡିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ପ୍ରତି ଅବମାନନା ।

କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଗୋପୀନାଥପୁର ଗ୍ରାମରେ ଡେଙ୍ଗୁ ଆତଙ୍କ

**ମହାକାଳପଡା, ୨୦।୮ (ଡି.ଏନ.ଏ.):** କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ତେରଗାଁ ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର ଶାସନ ଗ୍ରାମରେ ଡେଙ୍ଗୁ ବ୍ୟାପିଛି। ୨ ସପ୍ତାହ ପୂର୍ବେ ଗ୍ରାମର ପ୍ରାୟ ୩ ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ରାଜ କିଶୋର ସାହୁ (୩୬), ନିହାର ରଞ୍ଜନ ଦାସ(୫୨) ପ୍ରଭଞ୍ଜନ ଦାସ (୫୫) କଟକ ମେଡିକାଲରୁ ଚିକିତ୍ସିତ ହୋଇ ଇତିମଧ୍ୟରେ ଘରକୁ ଫେରିଛନ୍ତି। ଏବେ ଗ୍ରାମର ଅନ୍ୟ କେତେ ଜଣ ବ୍ୟକ୍ତି ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି ବୋଲି ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଅମିତା ମହାପାତ୍ର ସୂଚନା ଦେଇଛନ୍ତି। ଏଠାକାର ପାରିପାର୍ଶ୍ୱିକ ପରିବେଶ ଓ ପାନୀୟଜଳ ସମସ୍ୟା ଯୋଗୁ ଡେଙ୍ଗୁ ବ୍ୟାପିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ବୈଷ୍ଣବ ଚରଣ ସାହୁ କହିଛନ୍ତି ଗ୍ରାମରେ ବର୍ତ୍ତମାନ ଡେଙ୍ଗୁ ରୋଗ ନିୟନ୍ତ୍ରଣାଧୀନ ରହିଛି। ସ୍ଥାନୀୟ ଏଏନଏମ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀ ଘର ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। କୌଣସି ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ଥିବା ସୂଚନା ମିଳିଲେ ଯୁଦ୍ଧକାଳୀନ ଭିତ୍ତିରେ ଏନେଇ ପଦକ୍ଷେପ ନିଆଯିବ ବୋଲି ସାହୁ କହିଛନ୍ତି।

## କେରଳରେ ବନ୍ୟାବିପ୍ରୃତ ସ୍ପେଶାଲ୍ ରିଲିଫ୍ କମିଶନରଙ୍କୁ ଭେଟିଲେ ବିଧାୟକ

**ରାଜନଗର, ୨୦।୮(ଡି.ଏନ୍.ଏ.):** କେରଳରେ ପ୍ରଳୟଙ୍କରୀ ବନ୍ୟାରେ କେନ୍ଦ୍ରାପଡା ଜିଲା ରାଜନଗର ନିର୍ବାଚନମଣ୍ଡଳୀର ବହୁ ଲୋକ ଫସି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ସୋମବାର ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀଙ୍କୁ ଭେଟିଛନ୍ତି। ବିପନ୍ନମାନଙ୍କ ଏକ ତାଲିକା ପ୍ରସ୍ତୁତ କରି ରିଲିଫ କମିଶନରଙ୍କୁ ଦେଇଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାତଭାୟା, ପେଣ୍ଠ, ଓକିଲପାଳ, ଗୁପ୍ତି ସମେତ ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ଯୁବକ କେରଳର ବିଭିନ୍ନ ପ୍ଲାଏଉଡ୍ କାରଖାନାରେ ଦାଦନ ଖଟୁଥିଲେ ବୋଲି ମହାନ୍ତି ସୂଚନା ଦେଇଛନ୍ତି। ସେମାନଙ୍କୁ ଉଦ୍ଧାର କରି ଓଡିଶା ଫେରାଇ ଆଣିବା ପାଇଁ ବିଧାୟକ ଅନୁରୋଧ କରିଛନ୍ତି। ଚିଠିର ଏକ ନକଲ କେରଳର ଏସ୍ଆର୍ସିଙ୍କୁ ଇମେଲ୍ ଯୋଗେ ପଠାଯାଇଛି।

# ଅନାହାର ମୃତ୍ୟୁ ଅପେକ୍ଷାରେ ଧରଣୀଧର

**ଡେରାବିଶ,୨୦।୮(ସ୍ୱ.ପ୍ର.)**

ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ଥାଇ ମଧ୍ୟ ଅନାହାରରେ ରହି ମୃତ୍ୟୁ ସହ ସଂଗ୍ରାମ ଚଳାଇଛନ୍ତି ଧରଣୀଧର । ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଏଣ୍ଡର ଗ୍ରାମରେ ଏଭଳି ଅଭାବନୀୟ ଘଟଣା ନଜରକୁ ଆସିଛି । ଏହି ଗ୍ରାମର ଧରଣୀଧର ଦାସଙ୍କ ବୟସ ୯୦ବର୍ଷ । ବୟସର ଅପରାହ୍ନରେ ପହଞ୍ଚିଥିବା ବେଳେ ତାଙ୍କର ସ୍ତ୍ରୀ ଓ ପିଲା କେହି ନାହାଁନ୍ତି । ଅବିବାହିତ ଜୀବନ ବିତାଇଥିବା ଧରଣୀ ଯୁବକ ଅବସ୍ଥାରେ ବହୁ ଦୁଃସାହାସୀ ଥିଲେ । ହେଲେ ବୃଦ୍ଧାବସ୍ଥାରେ ହାତଗୋଡ ନ ଚଳିବାରୁ ଦୁଇଓଳି ଖାଇବା ତାଙ୍କ ପାଇଁ ସମସ୍ୟା ହୋଇପଡିଛି । ଫଳରେ ଗତ କିଛି ଦିନ ହେବ ସେ ଶଯ୍ୟାଶାୟୀ ହୋଇ ଅନାହାରରେ ଦିନ କାଟୁଛନ୍ତି । ଅବହେଳିତ ଅବସ୍ଥାରେ ପଡି ରହିଛନ୍ତି । ସେ ପାଉଥିବା ମାସିକ ୫୦୦ ଟଙ୍କା ଭତ୍ତା ତାଙ୍କ ଘରେ



ଭଙ୍ଗା ଚାଳିଆରେ ଜୀବନ ସହ ସଂଗ୍ରାମ ଚଳାଇଛନ୍ତି ଧରଣୀଧର ।

ଦିଆଯାଉଛି । ଖାଦ୍ୟ ସୁରକ୍ଷା ଯୋଜନାରେ ପାଇଥିବା ରାଶନ କାର୍ଡ ମଧ୍ୟ ବିଛଣାରେ ପଡି ରହିଛି । ଭତ୍ତା ଟଙ୍କା ପାଖରେ ରହିଛି । ହେଲେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ରାଶନ ସାମଗ୍ରୀ ଆଣିବାକୁ ଯାଇ ପାରୁନାହାନ୍ତି । ଏମିତି କି ଶୋଷ ହେଲେ କେହି ପାଣି ମୁନ୍ଦିଏ ଦେବା କିମ୍ବା ଭୋକ ହେଲେ ଖାଇବାକୁ ଦେବା ତାଙ୍କ ପାଇଁ ସ୍ୱପ୍ନ ପାଲଟି ଯାଇଛି ଯେମିତି । ପାଖ ପଡୋଶୀଙ୍କ ହାତ ଟେକା ଉପରେ ଜୀବନ ଜୀଇବାକୁ ପଡୁଛି । ଏକ ଭଙ୍ଗା କୁଡିଆ ଘରେ ପରିତ୍ୟକ୍ତ ଅବସ୍ଥାରେ ସେ ଏକ ଖଟ ଉପରେ ପଡି ରହିଛନ୍ତି । କଥା କହିବାର ଶକ୍ତି ନାହିଁ କହିଲେ ଚଳେ । ତେଣୁ ତାଙ୍କ ସଂପର୍କରେ ଅଧିକ କିଛି ଜାଣିବା ସମ୍ଭବ ହୋଇନାହିଁ । ଧରଣୀଙ୍କ ଏଭଳି ଅବସ୍ଥା ସମ୍ପର୍କରେ ବ୍ଲକ ପ୍ରଶାସନ ପାଖରେ ଖବର ନାହିଁ । ଏ ନେଇ ବିଡିଓ ଗୋପବନ୍ଧୁ ଭୋସାଗରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ କହିଛନ୍ତି ଏ ବିଷୟରେ ସେ ଅବଗତ ନ ଥିଲେ । ତେବେ ତାଙ୍କୁ ଜରାନିବାସକୁ ପଠାଇବା ପାଇଁ ଉଦ୍ୟମ କରାଯିବ । ଅନ୍ୟପକ୍ଷରେ କୌଣସି ସ୍ୱେଚ୍ଛାସେବୀ ସଂଗଠନ ଧରଣୀଙ୍କୁ ସହାୟତାର ହାତ ବଢାଇବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ନିବେଦନ କରିଛନ୍ତି।

# ଟାଏକୋଣ୍ଡୋ ପ୍ରଶିକ୍ଷଣ ଶିବିର



ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍ଯାପନୀ ଉତ୍ସବରେ ପ୍ରଶିକ୍ଷାର୍ଥୀ ଓ ଅନ୍ୟମାନେ ।

**ଡେରାବିଶ,୨୦।୮(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଗୁଆଳସିଂଠାରେ ଥିବା କେନ୍ଦ୍ରାପଡା ପବ୍ଲିକ ସ୍କୁଲ ପରିସରରେ ଶନିବାର ଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରଶିକ୍ଷଣ ଶିବିର ରବିବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଯାଇଛି । କେନ୍ଦ୍ରାପଡା ଜିଲା ଟାଏକୋଣ୍ଡୋ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟର ବିଭିନ୍ନ ଜିଲାରୁ ୧୧୭ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ । ରାଜ୍ୟ ଟାଏକୋଣ୍ଡୋ ଆସୋସିଏଶନର ଯୁଗ୍ମ ସମ୍ପାଦକ ସୁନ୍ଦର ମଣି ପଟେଲ , ଜିଲା କର୍ମକର୍ତ୍ତା ମିର ଅଞ୍ଜର ଅଲ୍ଲୀ, ଜିଲା ସମ୍ପାଦକ ଦୈତାରୀ ବେହେରା ପ୍ରଶିକ୍ଷଣ ଦେଇଥିଲେ । ଉଦ୍ଯାପନୀ ଉତ୍ସବରେ ଜିଲା ସଭାପତି ଭବାନୀ ପ୍ରସାଦ ଓଝା ଅଧ୍ୟକ୍ଷତା କରିଥିଲେ । ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାଧାପକ ଅଜୟ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଶିକ୍ଷାର୍ଥୀମନଙ୍କୁ ରାଜ୍ୟର ଗୌରବକୁ ଅକ୍ଷୁର୍ଣ୍ଣ ରଖିବାକୁ କହିଥିଲେ । ଏଥିସହିତ ପ୍ରଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । ଜିଲା ଆସୋସିଏଶନ ପକ୍ଷରୁ ସୁରେଶ ଚନ୍ଦ୍ର ନାୟକ, ଶ୍ରୀୟା ରଏ, ପ୍ରଫୁଲ୍ଲ କୁମାର ଉପାଧ୍ୟାୟ, ସୁକାନ୍ତ ମହଲା, ନିହାର ପ୍ରଧାନ, ଆସିଫ ଅଲ୍ଲୀ, ଅନସର ଅଲ୍ଲୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଡେରାବିଶ ଡିଗ୍ରୀ ମହିଳା କଲେଜରେ ନବାଗତ ଛାତ୍ରୀଙ୍କୁ ସ୍ୱାଗତ



ନବାଗତ ଛାତ୍ରୀମାନଙ୍କୁ ସ୍ୱାଗତ କରାଯାଉଛି ।

**ଡେରାବିଶ,୨୦।୮(ସ୍ୱ.ପ୍ର.)**

ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ପ୍ରଥମ ବର୍ଷର ଛାତ୍ରୀଙ୍କୁ ସୋମବାର ସ୍ୱାଗତ କରାଯାଇଛି । ଏହିଅବସରରେ ବିଭାଗୀୟ ମୁଖ୍ୟ ଅଧାପିକା ସୁଶ୍ରୀ ସଙ୍ଗୀତା ସାମଲଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାକର ସାମଲ ମୁଖ୍ୟଅତିଥି, ଅଧାପିକା ସ୍ନେହଲତା ପରିଡା, ପ୍ରସାଦ ପ୍ରିୟଦର୍ଶିନୀ ସ୍ୱାଇଁ, ବିଜୟ କୁମାର ଘଡେଇ, ଜୟନ୍ତ କୁମାର ନାଥ ଅତିଥି ଭାବେ ଯୋଗଦେଇ ନିଜର ଶିକ୍ଷା ସହ ପ୍ରତ୍ୟେକ ଛାତ୍ରୀ ନିଜକୁ ଜଣେ ଭଲ ମଣିଷ ଭାବେ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷର ଛାତ୍ରୀ ବନସ୍ୱତି ଦାଶ, ନିରୁପମା ମଲ୍ଲିକ, ରୋଜାଲିନ୍ ବେହେରା, ସ୍ନେହଲତା ବେହେରା, ଲକ୍ଷ୍ମୀପ୍ରିୟା ପରିଡା ପ୍ରମୁଖ ନବାଗତ +୩ ପ୍ରଥମ ବର୍ଷର ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ମହାବିଦ୍ୟାଳୟ ପକ୍ଷରୁ ସନ୍ଦୀପ ଦାସ, ଶୁଭ ପ୍ରକାଶ ସାମଲ, ଦିପ୍ତିମୟୀ ମହାନ୍ତି, କିଶୋର ଶତପଥୀ , କଲ୍ୟାଣୀ ମଲ୍ଲିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

■ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ରୋଗୀମାନେ ଖରାରେ ଠିଆ ହୋଇ ଔଷଧ ନେଉଛନ୍ତି

**ପଟ୍ଟାମୁଣ୍ଡାଇ,୨୦।୮(ସ୍ୱ.ପ୍ର.)**

ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଇ ସରକାର ଆରମ୍ଭ କରିଛନ୍ତି ନିରାମୟ ଯୋଜନା। ଗାଁରୁ ସହର ଯାଏ ସବୁଠି ରୋଗୀମାନଙ୍କୁ ନିରାମୟ ଯୋଜନାରେ ଔଷଧ ଯୋଗାଇ ଦିଆଯାଉଛି। ତଥାପି ଏହି ଯୋଜନାରେ ଔଷଧ ବିତରଣ ଠିକ ଭାବେ ହେଉ ନ ଥିବା ନେଇ ଅନେକ ସମୟରେ ଅଭିଯୋଗ ହୋଇ ଆସୁଛି। ନିରାମୟ ଯୋଜନାର ୩ ବର୍ଷ ପରେ ବି ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ବିତରଣକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୈନିକ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୪ ଶହରୁ ୫ ଶହ ରୋଗୀ ଚିକିତ୍ସା ହେବାକୁ ଆସିଥାନ୍ତି। ମାତ୍ର ଗତ କିଛି ଦିନ ହେବ ନିରାମୟ ଔଷଧ ବିତରଣ କରାଯାଉଥିବା ସ୍ଥାନ ରୋଗୀମାନଙ୍କ ପାଇଁ ଆଦୌ ସୁରକ୍ଷିତ ନୁହେଁ। ଗତ ମାସରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିରାମୟ ଔଷଧ ବିତରଣ କେନ୍ଦ୍ର ପୋଡି ଯାଇଥିବା ବେଳେ ଏବେ ଅଂଶୁଘାତ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଶୀତତାପ ନିୟନ୍ତ୍ରିତ କକ୍ଷରେ ନିରାମୟ ଔଷଧ ବିତରଣ କେନ୍ଦ୍ର ଖୋଲାଯାଇଛି। ଏହି ଔଷଧ ବିତରଣ କେନ୍ଦ୍ରର ଭିତର ପଟୁ କବାଟ ବନ୍ଦ କରାଯାଇ ଝରକା ପଟେ ରୋଗୀମାନଙ୍କୁ ଔଷଧ ବିତରଣ କରାଯାଉଛି। ଝରକା ବାହାରେ ରୋଗୀମାନଙ୍କୁ ଖୋଲା ଆକାଶ ତଳେ ଛିଡା ହୋଇ ଔଷଧ ନେବାକୁ ପଡୁଥିବାରୁ ବହୁ ରୋଗୀ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଟାଣ ଖରା ହେଲେ କିମ୍ବା ବର୍ଷା ହେଲେ ଏଥିପାଇଁ ସମସ୍ୟା ହେଉଛି । ଗତ ଶନିବାର ଖରା ହେଉଥିବା ବେଳେ ରୋଗୀମାନେ ଔଷଧ ନେବା ପାଇଁ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡିରେ ଅପେକ୍ଷା କରିବା ଦେଖାଯାଇଥିଲା । କେତେକ ରୋଗୀ ଖରାରେ ଠିଆ ହୋଇ ନ ପାରି ନିରାଶ ହୋଇ ଫେରି ଯାଉଥିବା ଦେଖିବାକୁ ମିଳିଥିଲା । କେତେଜଣ ରୋଗୀ କେନ୍ଦ୍ରର ମୁଖ୍ୟ କବାଟ ଖୋଲି ଔଷଧ ଦେବାକୁ ନିବେଦନ କରିଥିଲେ। ତେବେ ଔଷଧ ବିତରଣ କରୁଥିବା ଫାର୍ମାସିଷ୍ଟ ଜଣକ ରୋଗୀମାନଙ୍କୁ ଦୁର୍ବ୍ୟବହାର କରିବା ସହ ବିତରଣ କେନ୍ଦ୍ର ଛାଡି ପଳାଇ ଯାଇଥିଲେ। ଔଷଧ ପାଇଁ ଖରାରେ ଠିଆହୋଇ ଅପେକ୍ଷା କରିଥିବା ରୋଗୀମାନେ ନିରାଶ ହୋଇ ଡାକ୍ତର ନିରଞ୍ଜନ କରଙ୍କୁ ଜଣାଇଥିଲେ। ଏହି ଘଟଣାରେ ଡାକ୍ତର କର ହସ୍ତକ୍ଷେପ କରିବା ଫଳରେ ଅଧଘଣ୍ଟା ପରେ ଅନ୍ୟ କର୍ମଚାରୀମାନେ ଔଷଧ ବଣ୍ଟନ କରିଥିଲେ। କିନ୍ତୁ ସଂପୃକ୍ତ ଫାର୍ମାସିଷ୍ଟ ଘଣ୍ଟାଏ ପରେ ମଧ୍ୟାହ୍ନରେ ଔଷଧ ବିତରଣ କେନ୍ଦ୍ରକୁ ଆସିଥିଲେ। ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ନିରାକାର ପରିଡା ଶନିବାର ଅନୁପସ୍ଥିତ ଥିବାରୁ କେତେକ ରୋଗୀ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବୈଷ୍ଣବ ଚରଣ ସାହୁଙ୍କୁ ଏ ସଂପର୍କରେ ଅବଗତ କରି ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି।



ଔଷଧ ବିତରଣ କେନ୍ଦ୍ର ଆଗରେ ଲମ୍ବା ଧାଡିରେ ଠିଆ ହୋଇଥିବା ରୋଗୀମାନେ ।

# ୧୨ ଦଫା ଦାବି ନେଇ ପାଚିକା ସଂଘର ଧାରଣା

**ମାର୍ଶାଘାଇ,୨୦।୮(ଡିଏନ୍ଏ)**

ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ (ଏଆଇଟିୟୁସି) ମାର୍ଶାଘାଇ ବ୍ଲକ ଶାଖା ପକ୍ଷରୁ ସୋମବାର ୧୨ ଦଫା ଦାବି ନେଇ ସ୍ଥାନୀୟ ବିଇଓ ଅଫିସ ଆଗରେ ଧାରଣା ଦିଆଯାଇଥିଲା । ମାର୍ଶାଘାଇ ବ୍ଲକ ଶାଖା ସଭାନେତ୍ରୀ ଦମୟନ୍ତୀ ସାମଲଙ୍କ ନେତୃତ୍ୱରେ ଶତାଧିକ ପାଚିକା ଏବଂ ସହାୟିକା ଜାତୀୟ ରାଜପଥର ଶିଳିପୁର ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ମାର୍ଶାଘାଇ ବଜାର ପରିକ୍ରମା କରି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ରାଜ୍ୟ ସରକାର ସେମାନଙ୍କ ପ୍ରତି ଅନ୍ୟାୟ କରୁଥିବା ନେଇ ଅଭିଯୋଗ କରିଥିଲେ । ସଂପାଦିକା ନମିତା ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ । ପରେ ଏଆଇଟିୟୁସିର ରାଜ୍ୟନେତା ରମଣୀ ରଞ୍ଜନ ରାଉତରାୟ,କେନ୍ଦ୍ରାପଡା ଜିଲା ସଭାନେତ୍ରୀ ସୁହାନା ବେଗମ୍,ସଂପାଦିକା ସୌଭାଗିନୀ ପତି, ଗରଦପୁର ବ୍ଲକ ନେତା ଗଜେନ୍ଦ୍ର ନାୟକ, ଶରତ ଚନ୍ଦ୍ର ତ୍ରିପାଠୀ,କାଳନ୍ଦୀ ସେଠୀ,ମନୋରମା ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସରକାର ପାଚିକାମାନଙ୍କ ପାରିଶ୍ରମିକ ଓ ଶାଢୀ କ୍ରୟ ଖର୍ଚ୍ଚ ବୃଦ୍ଧି,ବର୍ଷକୁ ୧୨ ମାସର ପାରିଶ୍ରମିକ ଦେବା ,ବର୍ଦ୍ଧିତ ବକେୟା ଟଙ୍କା ତୁରନ୍ତ ପ୍ରଦାନ ଆଦି ୧୨ ଦଫା ଦାବି ନେଇ ଧାରଣା ଦିଆଯାଇଥିଲା। ଏହି ଅବସରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ୧୨ଦଫା ସମ୍ବଳିତ ଦାବିପତ୍ରକୁ ବ୍ଲକ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ବିଆରସିସି ମାଗୁଣି ଚରଣ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ଦାବି ଗୁଡିକ ତୁରନ୍ତ ପୁରଣ କରା ନ ଗଲେ ସେପ୍ଟେମ୍ବର ୫ ତାରିଖରେ ଆନ୍ଦୋଳନକୁ ଜୋରଦାର କରାଯିବା ସହିତ ସ୍କୁଲରେ ରୋଷେଇ କରାଯିବ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।





ପାଚିକା ଓ ସହାୟିକାମାନେ ବିଇଓ ଅଫିସ ଆଗରେ ଧାରଣା ଦେଇଛନ୍ତି ।

# ଜ୍ଞାନ ବିଜ୍ଞାନ ମେଳାରେ ୩୨ ପ୍ରକଳ୍ପ ପ୍ରଦର୍ଶିତ

**ମହାକାଳପଡା, ୨୦।୮(ଡି.ଏନ.ଏ.)**

ମହାକାଳପଡା ବ୍ଲକ ରାମନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସୋମବାର ୨୮ତମ ଜ୍ଞାନବିଜ୍ଞାନ ମେଳା-୨୦୧୮ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଧ୍ରୁବପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୨ ବିଜ୍ଞାନ ପ୍ରକଳ୍ପ ଓ ୧୦ ଗଣିତ ସମ୍ବନ୍ଧିତ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋଟ ୧୪୭ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବାସୁଦେବ ସାହୁ ଏଥିରେ ସଭାପତିତ୍ୱ କରିଥିବା ବେଳେ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ତରୁଣକାନ୍ତି କାଞ୍ଜିଲାଲ ଯୋଗଦେଇଥିଲେ। କୁନି କୁନି ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ଦେଶ ଗଠନରେ ସାମିଲ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ପରେ ଜ୍ଞାନବିଜ୍ଞାନ ମେଳାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁତି ଭୂଷଣ ସେନାପତି, ଶିକ୍ଷକ ରାମକୃଷ୍ଣ ଜାନା, ଜଗନ୍ନାଥ ମାଝି ଓ ନମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ବିନା ବାଧାରେ ନିଅନ୍ତୁ ବୈବାହିକ ଲାଇଫ୍‌ର ଭରପୂର ମଜା...
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
୧ କ୍ୟାପ୍ସୁଲ୍ ସକାଳେ ଓ ୧ କ୍ୟାପ୍ସୁଲ ରାତିରେ ସେବନ କରନ୍ତୁ
ସବୁ ମେଡିକାଲ /ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
only Effect No Side Effect
ଶାରୀରିକ ସମସ୍ୟା ହେବା ଏକ ଅତି ସାଧାରଣ କଥାରେ ପରିଣତ ହୋଇଯାଇଛି, ଏହା କାରଣରୁ ବୈବାହିକ ଲାଇଫ୍ ଉପରେ ଖରାପ ପ୍ରଭାବ ପଡୁଛି, ଯାହାଦ୍ୱାରା ପୁରୁଷଙ୍କଠାରେ ଶୀଘ୍ରପତନ, ଉତ୍ତେଜନାର ଅଭାବ ଓ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଦେଖାଯିବାରେ ଲାଗିଛି। ଏସବୁ ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍ସୁଲର ୨୧ ଦିନର କୋର୍ସ କରି ଜୋଶ୍, ଶକ୍ତି ଓ ଷ୍ଟାମିନା ବଢ଼ାନ୍ତୁ । ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ବ୍ୟବହାର କରନ୍ତୁ ଏବଂ ବୈବାହିକ ଜୀବନର ଭରପୂର ମଜା ନିଅନ୍ତୁ ।
Play Win Capsule
Play Win Oil
A Quality Product by Rajnish Wellness Limited
ପ୍ଲେ-ୱିନ୍ କ୍ୟାପ୍ସୁଲ
Super Stockist Mahendra Pharma / ODD
ତେଲ କ୍ୟାପ୍ସୁଲ୍
www.playwincapsule.com
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ ।
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ !!

CLASSIFIED DISPLAY

ALL LEADING FOOTWEAR BRANDS
LIBERTY · Lee Cooper · RED CHIEF · WOODLAND · Hitz · inblu · DUKE · Tracer · Helios · SOLETHREADS · NEOZ Italia · iD
For Dealership Contact
RAMJI ENTERPRISES
Hanspal, Bhubaneswar
Mob.: 9437006984, 7788000590

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
Estd.2000
logon : www.eeuromaritime.org
Ph.0674-2385773, M:9437114882, 9090366575

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

EARN IN DOLLARS

NO ENTRANCE-NO INTERVIEW-DIRECT JOINING
AIMA is providing 6 months Training at its own campus at Berhampur, Ganjam to Join Merchant Navy, since-2004.
For Spot Admission in 24th batch please Contact / Visit /Call :-
Eligibility:-10th Pass, ITI ,+2,+3,Diploma (Age18-28Yrs)
ALL INDIA MARINE ACADEMY
N.H-5,Golanthara, Berhampur
Ganjam, Odisha-761008
Website : www.aimaedu.in, E-Mail- aimaltd@rediffmail.com
PHONE- 0680-2492300 /2302/ 2303 MOB.9861212145 / 9861264222

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

ହୃଦ୍‌ଘାତ

ଯେ କୌଣସି ମୁହୂର୍ତ୍ତରେ, ଯେ କୌଣସି ଠାରେ ଆସିପାରେ । ଏଥିପାଇଁ ସଦାସର୍ବଦା ପ୍ରସ୍ତୁତ ଅଶ୍ୱିନୀ ହସ୍ପିଟାଲ୍ । ଏଠାରେ ଆନ୍‌ଜିଓଗ୍ରାମ୍, ଆନ୍‌ଜିଓପ୍ଲାଷ୍ଟି, ପେସ୍ ମେକର୍, ଇସିଜି, ୨ଡ଼ି ଇକୋ, ଟିଏମ୍‌ଟି, ବାଇପାସ୍ ସର୍ଜରୀ ଏବଂ ଭାଲ୍‌ଭ ରିପ୍ଲେସ୍‌ମେଣ୍ଟ, ସୁଲଭ ମୂଲ୍ୟରେ ଅଭିଜ୍ଞ ଡ଼ାକ୍ତରଙ୍କ ଦ୍ୱାରା କରାଯାଏ ।
ASHWINI HOSPITAL empowered to heal...
ଯୋଗାଯୋଗ - ୭୮୯୪୪୭୦୪୪୩

## ସଂକ୍ଷେପରେ

### ଖାଉଟି ସାମଗ୍ରୀ ପ୍ରଦାନରେ ଅନିୟମିତତା

**କୁଜଙ୍ଗ,୨୦।୮(ସ୍ୱ.ପ୍ର):** କୁଜଙ୍ଗ ଥାନା ବାମଦେଇପୁର ପଞ୍ଚାୟତର ଛତ୍ରକନ୍ଧାରେ ହିତାଧିକାରୀମାନେ ଠିକ୍ ଭାବେ ଖାଉଟି ସାମଗ୍ରୀ ପାଉନାହାନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ସୋମବାର କୁଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବାମଦେଇପୁର ପଞ୍ଚାୟତର ଛତ୍ରକନ୍ଧାର ୨ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ସ୍ଥାନୀୟ ଡିଲରଙ୍କଠାରୁ ଖାଉଟି ସାମଗ୍ରୀ ନେଇଥାନ୍ତି। ସମ୍ପୃକ୍ତ ଡିଲର ଗତ ମାର୍ଚ୍ଚ ମାସର ସାମଗ୍ରୀ କୌଣସି ଖାଉଟିଙ୍କୁ ବଣ୍ଟନ କରିନାହାନ୍ତି। ସେହିପରି ଚଳିତ ଓ ଗତ ମାସର ସମାଗ୍ରୀ ଜଣେ ବ୍ୟକ୍ତିଙ୍କ ଘରେ ମହଜୁଦ ରଖିଥିଲେ ମଧ ହିତାଧିକାରୀଙ୍କୁ ଦେଇନାହାନ୍ତି। ସେହିପରି ଓଜନ ଓ ମାପରେ ମଧ ଠକେଇ କରାଯାଉଛି। ଏହାର ପ୍ରତିବାଦ କଲେ ସମ୍ପୃକ୍ତ ଡିଲର ଲୋକଙ୍କୁ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଏରସମା ବ୍ଲକ ଯୋଗାଣ ଅଧିକାରୀ ବିଶ୍ୱଜିତ ମଲ୍ଲିକଙ୍କୁ ପଚାରିବାରୁ ସେ ଏହି ଘଟଣା ସମ୍ପର୍କରେ ଅବଗତ ନାହାନ୍ତି, ଅଭିଯୋଗ ହେଲେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ପ୍ରଧାନ ଶିକ୍ଷକଙ୍କ ଡେପୁଟେଶନକୁ ବିରୋଧ

**ରଘୁନାଥପୁର, ୨୦।୮(ଡି.ଏନ.ଏ.)**

**ସାରଦା ନୋଡ଼ାଲ ହାଇସ୍କୁଲ**



ଅଭିଭାବକମାନେ ଟିସି ପାଇଁ ପ୍ରଧାନଶିକ୍ଷକଙ୍କୁ ଦରଖାସ୍ତ ଦେଉଛନ୍ତି।

- **ଟିସି ଦାବି କଲେ ଅଭିଭାବକ**
- **ମଙ୍ଗଳବାର ଧାରଣାରେ ବସିବାକୁ ସଜବାଜ**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ସାରଦା ନୋଡ଼ାଲ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ତିନିଦିନିଆ ଡେପୁଟେଶନରେ ପଠାଯିବାକୁ ନେଇ ତିନିଖଣ୍ଡି ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଗତ ଶନିବାର ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ସୋମବାର ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ଅଭିଭାବକମାନେ ପ୍ରଧାନଶିକ୍ଷକ ସର୍ବେଶ୍ୱର ବିଶ୍ୱାଳଙ୍କୁ ସେମାନଙ୍କ ପିଲାମାନଙ୍କର ଟିସି (ଟ୍ରାନ୍ସଫର ସାର୍ଟିଫେକେଟ) ଦେବା ପାଇଁ ଲିଖିତ ଭାବେ ଜଣାଇଛନ୍ତି। ଏହାଛଡା ପ୍ରଧାନ ଶିକ୍ଷକଙ୍କ ଡେପୁଟେଶନ ବାତିଲ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏବିଇଓ ନରହରି ମିଶ୍ରଙ୍କୁ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୨୦୧୫ ଜୁନ ପୂର୍ବରୁ ୩ରୁ ୪ ବର୍ଷ ଧରି ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଲାଗି ରହିବା ଏବଂ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡିବା ଯୋଗୁ ପିଲାମାନଙ୍କ ପାଠପଢାରେ ବହୁ ସମସ୍ୟା ସୃଷ୍ଟି ହୋଇଥିଲା। ତିନିବର୍ଷ ତଳେ ପ୍ରଧାନ ଶିକ୍ଷକ ଭାବେ ବିଶ୍ୱାଳ ଯୋଗଦେବା ଦିନଠାରୁ ବିଦ୍ୟାଳୟର ଶିକ୍ଷାଦାନ ସ୍ଥିତି ଉନ୍ନତି ହେବା ସହ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ସଫଳତା ହାର ବୃଦ୍ଧି ପାଇଛି। ଏହାଛଡା ବିଭିନ୍ନ ଶିଶୁ ମନ୍ଦିର ଓ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଚାଲି ଆସି ଏହି ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ଫଳରେ ପ୍ରଧାନ ଶିକ୍ଷକଙ୍କ ପ୍ରତି ଗୋକୁଳପୁର, ହରିଶପୁର ଓ ଖଣ୍ଡତରୀ ଗାଁର ଅଭିଭାବକମାନେ ଆସ୍ଥା ଭାଜନ ହୋଇ ପାରିଛନ୍ତି। ପ୍ରଧାନ ଶିକ୍ଷକ ଉଚ୍ଚ ବିଦ୍ୟାଳୟର ଦୁଇଟି ଶ୍ରେଣୀରେ ଗଣିତ ପଢାଇଥାନ୍ତି। ଏହି ବିଦ୍ୟାଳୟଠାରୁ ପ୍ରାୟ ୧୫ କିମି ଦୂରରେ ଥିବା ମହମ୍ମଦପୁର ପଞ୍ଚାୟତ ବିଶ୍ୱନାଥପୁର ହାଇସ୍କୁଲକୁ ପ୍ରଧାନ ଶିକ୍ଷକ ବିଶ୍ୱାଳ ୩ ଦିନିଆ ଡେପୁଟେଶନରେ ଯିବା ସମ୍ପର୍କରେ ଅଭିଭାବକ ଖବର ପାଇଥିଲେ। କାଳେ ପିଲାଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେବ ସେହି ଆଶଙ୍କା କରି ପରିଚାଳନା କମିଟିର ସଭ୍ୟାସଭ୍ୟ ଅଭିଭାବକ ତଥା ୩ ଗାଁର ଅଧିବାସୀ ଡେପୁଟେଶନ ଅର୍ଡରକୁ ବାତିଲ କରିବାକୁ ଦାବି କରିଛନ୍ତି। ଏହାଛଡା ଅଭିଭାବକଙ୍କ ପକ୍ଷରୁ ମଙ୍ଗଳବାର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ତୁରନ୍ତ ପ୍ରଧାନ ଶିକ୍ଷକଙ୍କ ଡେପୁଟେଶନ ଅର୍ଡରକୁ ବାତିଲ କରିବାକୁ ପରିଚାଳନା କମିଟିର ସଭାପତି ରାଜେନ୍ଦ୍ର ନାରାୟଣ ସିଂହ, ବିନୋଦ ବିହାରୀ ମହାନ୍ତି, ଚନ୍ଦ୍ରଶେଖର ସିଂହ, ଡଲି ଜେନା, ତପସ୍ୱିନୀ ଜେନା, ଦୁର୍ଗା ପ୍ରସାଦ ମହାନ୍ତି, କମଳାକାନ୍ତ ସାହୁ, ସୁଶାନ୍ତ ଜେନା, ପ୍ରଭାତ ସିଂହ, ବନମାଳୀ ସାହୁଙ୍କ ସମେତ ଗ୍ରାମବାସୀ ଜିଲାପାଳ, ଗଣଶିକ୍ଷା ସଚିବ ଓ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖରାଦିନ ଯାକ ଥିଲି ମୁଁ ବସି,**
**ଆଷାଢ଼ ମାସକୁ ପାରୁଛି ଘଷି।**

ବର୍ଷା କାଳରେ ପାଣି ପବନ ଯୋଗୁ ବାହାରେ ଘଷି ପାରିବା ସୁବିଧାଜନକ ହୋଇ ନ ଥାଏ। ତେଣୁ ଯେତେବେଳେ ଯେଉଁ କାମ କରାଯିବା କଥା ସେତେବେଳେ ତାହା ନ କଲେ ପଛରେ ହଇରାଣ ହରକତ ହେବା ହିଁ ସାର ହୋଇଥାଏ। ସମୟ ଜ୍ଞାନର ଅଭାବ ରହିଥିବା ଅଳସୁଆ ପ୍ରକୃତିର ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାରିଆ ଖଡ଼ାକୁ ନବାତ,**
**କିଛି ନ ଭାବିବ ସଙ୍ଗାତ।**

ଖାରିଆ ଖଡ଼ା ସଙ୍ଗେ ନବାତ ବା ଗୁଡ଼ର ମିଶ୍ରଣ କରାଗଲେ ମଧ ଖଡ଼ାର ଖାରିଆ ଦୋଷ କଟି ନ ଥାଏ, ଫଳରେ ତାହା ଖାଦ୍ୟୋପଯୋଗୀ ହୋଇ ପାରି ନ ଥାଏ। ପରୋକ୍ଷରେ ଯାଇତାଇ ଖାଦ୍ୟ ପରଷି ବା ନିକୃଷ୍ଟ ପଦାର୍ଥ ଦେଇ ବନ୍ଧୁଚର୍ଚ୍ଚା କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**ଜଗତ୍‌ସିଂହପୁର ଅଫିସ, ୨୦।୮**

ସୋମବାର ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲା ପ୍ରଶାସନ ତରଫରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୯୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୬୨ଟି ଫଏସଲା କରାଯାଇଥିଲା। ସୂଚନା ଅନୁଯାୟୀ ୯୮ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୮୦ଟି ଥିଲା। ସେଥିରେ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କୀତ ୨୪, ଭତ୍ତା ୬, ଆଇନ ସହାୟତା ୧୧, ବିଦ୍ୟୁତ ସମସ୍ୟା ୩, ଜମିଜମା ସମ୍ପର୍କିତ ୭, ରାଶନ କାର୍ଡ ୧୭ ଓ ଅନ୍ୟାନ୍ୟ ୧୨ ଅଭିଯୋଗ ରହିଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇବା ପାଇଁ ୩, ରେଡକ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୧୧, ଗାଁ ସମସ୍ୟା ସମ୍ପର୍କିତ ୪ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଏସ୍‌ପି ପ୍ରକାଶ ଆର୍, ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଦାସ, ଉପଜିଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମା, ଉପ ଆରକ୍ଷୀ ଅଧିକ୍ଷକ ବାମଦେବ ସିଂହଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, ଭାରପ୍ରାପ୍ତ ଅଭିଯୋଗ ଅଧିକାରୀ ରଞ୍ଜନ କୁମାର ଦାସ, ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

# ପରିବା ବ୍ୟବସାୟୀଙ୍କ ଆନ୍ଦୋଳନ ସ୍ଥଗିତ

**କୁଜଙ୍ଗ,୨୦।୮(ସ୍ୱ.ପ୍ର)**

କୁଜଙ୍ଗ ବଜାର ଆଖଣ୍ଡଳମଣୀ ପରିବା ବ୍ୟବସାୟୀ ସଙ୍ଘ ପକ୍ଷରୁ ପିଣ୍ଡି ଆବଣ୍ଟନ ନେଇ ଚାଲିଥିବା ଆନ୍ଦୋଳନ ସୋମବାରଠାରୁ ସ୍ଥଗିତ ରଖାଯାଇଛି। ସନ୍ଧ୍ୟାରେ ପରିବା ବ୍ୟବସାୟୀ ସଂଘ କର୍ମକର୍ତ୍ତାମାନେ ପ୍ରଶାସନ ସହିତ ଆଲୋଚନା କରିବା ପରେ ଆସନ୍ତା ଗୁରୁବାର ଯାଏ ଆନ୍ଦୋଳନକୁ ସ୍ଥଗିତ ରଖିଥିବା ସଙ୍ଘ ସଭାପତି ଶିଶିର କୁମାର ନାୟକ ପ୍ରକାଶ କରିଛନ୍ତି। ଅପରାହ୍ନରେ ବ୍ୟବସାୟୀ ସଙ୍ଘର ପ୍ରତିନିଧି, କୁଜଙ୍ଗ ଥାନା ଅଧିକାରୀ ଦିଲୀପ କୁମାର ସାହୁ, ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ, ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା ଏବଂ ସ୍ଥାନୀୟ ସରପଞ୍ଚ ଭାରତ ଭୂଷଣ ନାୟକ ପ୍ରମୁଖଙ୍କ ମଧ୍ୟସ୍ଥତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ପ୍ରଶାସନ ସମସ୍ୟାର ସମାଧାନ ପାଇଁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ସମୟ ଲୋଡ଼ିଥିବାରୁ ପରିବା ବ୍ୟବସାୟୀ ସଙ୍ଘ ପକ୍ଷରୁ ଏହି ଅବଧି ପର୍ଯ୍ୟନ୍ତ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ତେଣୁ ମଙ୍ଗଳବାର ହାଟବାରୀରେ ପରିବା ବଜାର ଖୋଲିବା ନେଇ ରହିଥିବା ଆଶଙ୍କା ଦୂରୀଭୂତ ହୋଇଛି। ସୂଚନାଯୋଗ୍ୟ, ପରିବା ବଜାରରେ ପ୍ରଶାସନ ପକ୍ଷରୁ ନିର୍ମିତ ହୋଇଥିବା ୧୯ ବଖରା ବିଶିଷ୍ଟ ପିଣ୍ଡିକୁ ପ୍ରଶାସନ ଏବେ ନବୀକରଣ କରୁଛି। ତେବେ ଏହି ଗୃହକୁ ପ୍ରଶାସନ ସ୍ଥାନୀୟ ପରିବା ବ୍ୟବସାୟୀଙ୍କ ମଧ୍ୟରେ ବଣ୍ଟନ ନ କରି ବାହାର ଲୋକଙ୍କୁ ଦେବାକୁ ଯୋଜନା କରୁଥିବା ଆଶଙ୍କା କରି ସଙ୍ଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ୨ ଦିନ ଧରି ପରିବା ବଜାର ବନ୍ଦ ରଖାଯାଇଥିଲା। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ସୋମନାଥ ନାଥ, ପବିତ୍ର ସେଠୀ, ବିଜୟ ପରିଡ଼ା, ବାବାଜୀ ବାରିକ, ବସନ୍ତ ସାହୁ, କ୍ଷୀରୋଦ ଚନ୍ଦ୍ର ନାଥ, ଅଧିକାରୀ ଫକୀର ମୋହନ ଦାସ, କାଳିଆ ସାହୁ, ନିତ୍ୟାନନ୍ଦ ସ୍ୱାଇଁ, ବାମଦେବ ଦାସ, ବ୍ରଜବନ୍ଧୁ ରାଉତ, କୁଶା ପ୍ରଧାନ ପ୍ରମୁଖ ବହୁ ପରିବା ବ୍ୟବସାୟୀ ଉପସ୍ଥିତ ଥିଲେ।

# ବାଇକ ଡିକିରୁ ୫ ଲକ୍ଷ ଟଙ୍କାର ଗହଣା ଚୋରି

**ଜଗତ୍‌ସିଂହପୁର ଅଫିସ,୨୦।୮**

- **ଅଭିନବ ଉପାୟରେ ଚୋରିକଲେ ଦୁର୍ବୃତ୍ତ**

ସୋମବାର ସକାଳେ ସ୍ଥାନୀୟ ଦୁର୍ଗାବଜାରରେ ଥିବା ଶୁଭଲକ୍ଷ୍ମୀ ଜୁଏଲେରୀ ମାଲିକଙ୍କ ବାଇକ୍ ଡିକିରୁ ଦୁର୍ବୃତ୍ତମାନେ ନାଟକୀୟ ଢଙ୍ଗରେ ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା ଚୋରି କରିନେଇଛନ୍ତି। ଏନେଇ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ନିକଟରେ ଥିବା ଏକ ସିସିଟିଭି କ୍ୟାମେରା ଫୁଟେଜ୍‌କୁ ଆଧାର କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପ୍ରତିଦିନ ପରି ସୋମବାର ସକାଳ ପ୍ରାୟ ୧୦ଟାରେ ଜୁଏଲାରୀ ମାଲିକ ଲୋକନାଥ ସାହୁ ବାଇକ୍ ଡିକିରେ ଏକ ବ୍ୟାଗ୍‌ରେ ଗହଣା ରଖି ଘରୁ ଦୋକାନକୁ ଆସିଥିଲେ। ଦୋକାନ ଆଗରେ ବାଇକ୍ ରଖି ସେ ସଟର୍ ଖୋଲିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସଟର ଲକ୍ ଭିତରେ କେହି ସାଇକେଲ୍ ବଲ୍ ଓ ବାଲି ଭର୍ତ୍ତି କରିଦେଇଥିବାରୁ ତାହା ଖୋଲିବାରେ ବିଳମ୍ବ ହୋଇଥିଲା। ଏହି ସମୟରେ ଦୁର୍ବୃତ୍ତମାନେ କୌଶଳ କ୍ରମେ ସାହୁଙ୍କ ବାଇକ ଡିକି ଖୋଲି ପାଖାପାଖି ୫ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ନେଇଯାଇଥିଲେ। ପରେ ସାହୁ ବାଇକ୍ ଡିକିରେ ଗହଣା ନ ଥିବା ଦେଖି ଜଗତ୍‌ସିଂହପୁର ଥାନାକୁ ଜଣାଇଥିଲେ। ଏନେଇ ପୋଲିସ ମାମଲା ସଂଖ୍ୟା ୧୮୯/୧୮ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ସାହୁଙ୍କ ଦୋକାନରୁ ମଧ ଅତୀତରେ ଏକାଧିକବାର ଚୋରି ହୋଇଥିଲା।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7895459758

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍।
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
OM FINANCE
9557124359
7895699233

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ADMISSION OPEN FOR 2018-20
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

HDB Government Financial Services
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 – 95,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers
9983302166
9983302146

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

SMS JOB
Send SMS, Earn MONEY
AIRTEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

BANAJ FINANCE GROUP LTD.
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ। ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି।
କଲ୍ କରନ୍ତୁ SAMIR MONAL
07363008993
07363008928

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

B.N. FINANCE
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

FINANCE
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୫୦%ଛାଡ। ଘରେ ବସି ପାଆନ୍ତୁ। ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସଂମ୍ପର୍କ କରନ୍ତୁ
7347695603
8941029381

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଫାଇନାନ୍ସ
ଧନଜନ ଯୋଜନା
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି।
2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108
9634734514

SRI RAM FINANCE LTD.
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ। ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି।
Help Line No.
8658665629
7894259095
finance0102018@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ। 1% ସୁଧ 50% ଛାଡ। ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ। (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

ଖର୍ଚ୍ଚ ଋଣରୁ କଟିବ
ଜନଧନ୍ ଫାଇନାନ୍ସ
(Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ
୨% ସୁଧ, ୪୦% ରିହାତି
Contact No.:
94115-02501
92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୨୨ରୁ ଶ୍ରୀ ବିନୋଦ ବିହାରୀଜୀଉଙ୍କ ଝୁଲଣ ଯାତ୍ରା

**କେନ୍ଦ୍ରାପଡା ଅଫିସ, ୨୦।୮:** କେନ୍ଦ୍ରାପଡ଼ା ସହର ଗଣାମାହାଲସ୍ଥିତ ଶ୍ରୀ ବିନୋଦ ବିହାରୀଜୀଉଙ୍କ ଝୁଲଣ ଯାତ୍ରା ଆସନ୍ତା ୨୨ରୁ ୨୬ତାରିଖ ପାଳନ କରାଯିବ। ଏଥିପାଇଁ ଟ୍ରଷ୍ଟି ବିପଦ ଭଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ସୋମବାର ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ଝୁଲଣ ଯାତ୍ରା ଅବସରରେ ପ୍ରତ୍ୟହ ସନ୍ଧ୍ୟା ୬ଟାଠାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଶ୍ରୀ ବିନୋଦ ବିହାରୀଜୀଉ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ବୈଠକରେ ରମାକାନ୍ତ ସାହୁ, ଶେଷଦେବ ମହାରଣା, ବସନ୍ତ କୁମାର ସାହୁ, ଅନନ୍ତ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ମହାକାଳପଡା, ୨୦।୮(ଡି.ଏନ୍.ଏ.):** ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ରାମକଣୀ ଗ୍ରାମର ଦିଲୀପ ରାଉତଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୨ ବଖରା ଜଳିପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ପ୍ରକୃତ କାରଣ ଜଣାପଡି ନଥିବା ବେଳେ ଏଥିରେ ତାଙ୍କର ସମସ୍ତ ଆସବାବ ପତ୍ର ନଷ୍ଟ ହୋଇଯାଇଛି। ଖବରପାଇ ମହାକାଳପଡା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ



**ପଟ୍ଟାମୁଣ୍ଡାଇ, ୨୦।୮ (ସ୍ୱ.ପ୍ର.)** ପଟ୍ଟାମୁଣ୍ଡାଇ ବ୍ଲକ ଦାଣ୍ଡିସାହିସ୍ଥିତ ଜୟହିନ୍ଦ୍ ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ଐତିହ୍ୟ ଓ ମର୍ଯ୍ୟାଦା ବଜାୟ ରଖିବା ପାଇଁ ପୁରାତନ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ପୂର୍ଣ୍ଣାଙ୍ଗ ବୈଠକ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଶାସକ ଶ୍ରୀବତ୍ସ ସାମଲଙ୍କ ପୌରୋହିତ୍ୟରେ ସ୍କୁଲ ପରିସରରେ ବୈଠକର ଆୟୋଜନ କରାଯାଇଥିଲା। ଏଥିରେ ଡା. ବ୍ରାହ୍ମାନନ୍ଦ ଦାସଲ ପ୍ରଫେସର ଦାମୋଦର ବିଶ୍ୱାଳ, ଇଂ. ବିଚିତ୍ରାନନ୍ଦ ପ୍ରଧାନ, ପ୍ରାଧ୍ୟାପକ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ପ୍ରଧାନ ଶିକ୍ଷକ ଭାସ୍କରଚନ୍ଦ୍ର ବେହେରା ଯୋଗଦେଇ ମୋ ସ୍କୁଲ ଅଭିଯାନର ସଫଳତା ନେଇ ବିସ୍ତୃତ ଆଲୋଚନା କରିଥିଲେ। ଆଲୁମିନି କମିଟି ସଭାପତି ସୁରେଶଚନ୍ଦ୍ର ନାୟକ, ସମ୍ପାଦକ ଚିତ୍ତରଞ୍ଜନ ମଲ୍ଲିକ, ପୁରାତନ ଛାତ୍ର ତଥା ବ୍ରାହ୍ମଣୀ କଲେଜ ଅଧ୍ୟକ୍ଷ ପ୍ରଭାକର ରାଉତ, ପ୍ରାଧ୍ୟାପକ ରଞ୍ଜିତ ସାହୁ, ମାନସ ରଞ୍ଜନ ସାମଲ, ରଶ୍ମିରଞ୍ଜନ ସ୍ୱାଇଁ, ଇଂ. ଅଦ୍ୱୈତ ବିଶ୍ୱାଳ, ନୃସିଂହ ଚରଣ ରାଉତ, ପ୍ରେମାନନ୍ଦ ସୁତାର, କାର୍ତ୍ତିକ ଚନ୍ଦ୍ର ରାଉତ, ହେମନ୍ତ ବିଶ୍ୱାଳ, ନିର୍ମଳ ଜେନାଙ୍କ ସମେତ ଶତାଧିକ ପୁରାତନ ଛାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଇଂ. ବିଜୟ ମହାରଣା ଧନ୍ୟବାଦ ଦେଇଥିଲେ।

### ଶ୍ରଦ୍ଧାଞ୍ଜଳି ସଭା

**ରାଜନଗର, ୨୦।୮(ଡି.ଏନ୍.ଏ.):** ରାଜନଗର ଅଞ୍ଚଳର ସାମାଜିକ କର୍ମୀ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ସ୍ୱର୍ଗତ ଗୋକୁଳ ଚନ୍ଦ୍ର ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାର୍‌ହାପୁର ସପନେଶ୍ୱର ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସ୍ମୃତି ସଭାରେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଭିନ୍ନ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ହେମନ୍ତ କୁମାର ରାଉତ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବେଉରା, ଶିକ୍ଷାବିତ୍ ଉମେଶ ଚନ୍ଦ୍ର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଗବନ୍ଧୁ ନାୟକ ଓ ପଣ୍ଡିତ ବରଦାକାନ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଦିଲୀପ କୁମାର ବରାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଜନଗର ଅଞ୍ଚଳର ସଫଳଚାଷୀ ଭାବେ ସୁବାସଚନ୍ଦ୍ର ଖିଲାର, ଯାତ୍ରା କଳାକାର କ୍ଷୀରୋଦ କୁମାର ସ୍ୱାଇଁ ଓ ସାମାଜିକ କର୍ମୀ ସୁରେନ୍ଦ୍ର ପ୍ରସାଦ ରାଉତ ଓ ଯୁକ୍ତ ୨ରେ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ର ଶ୍ରୀକୃଷ୍ଣ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ଅଭିଯୋଗ ପରେ ମିଳୁନି ଏତଲା କପି

# ଥାନାରେ ବଢୁଛି ଲାଞ୍ଚ କାରବାର

**କେନ୍ଦ୍ରାପଡା ଅଫିସ, ୨୦।୮**

କେନ୍ଦ୍ରାପଡ଼ା ଜିଲାର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ପତ୍ର ପ୍ରଦାନ ପରେ ଏହାର ନକଲ (କପି) ଅଭିଯୋଗକାରୀଙ୍କୁ ଦିଆଯାଉନାହିଁ। ଜନଶୁଣାଣି ଶିବିରରେ ଏଭଳି ଅଭିଯୋଗ ବାରମ୍ବାର ହେଉଛି। କେତେକ କ୍ଷେତ୍ରରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ଅଭିଯୋଗପତ୍ର ପଞ୍ଜୀକରଣ ହେଉଛି। ଥାନାରେ ବିଭିନ୍ନ ଅଭିଯୋଗ ପତ୍ର ପଞ୍ଜୀକରଣ କରାଯାଉ ନ ଥିବାରୁ ଲାଞ୍ଚ କାରବାର ବଢୁଥିବା ବହୁ ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ମତ ଦେଉଛନ୍ତି।

ଜମ୍ବୁ ଥାନା ଅଧୀନ ବରକୋଳି ଖଳା ଗ୍ରାମର ହାରାଧନ ମାଇତିଙ୍କ ସ୍ତ୍ରୀ ଲକ୍ଷ୍ମୀ ଏଭଳି ଏକ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ଜମିବାଡି ବିବାଦରୁ ପଡୋଶୀମାନେ ତାଙ୍କ ପରିବାର ଲୋକଙ୍କୁ ବାରମ୍ବାର ଆକ୍ରମଣ କରିବା ନେଇ ଥାନାରେ ଅଭିଯୋଗ କରିବା ପରେ ଏତଲା କପି ମିଳୁନି। ଗତ ୧୦ ତାରିଖରେ ଏହି ବିବାଦରେ ପଡୋଶୀମାନେ ମିଳିମିଶି ତାଙ୍କ ଜମିରୁ ତଳି ଓପାଡି ନେବା ସହ ହାରାଧନଙ୍କୁ ମାଡ଼ ମାରିଥିଲେ। ଏନେଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ସେ ଏ ନେଇ କେନ୍ଦ୍ରାପଡ଼ା ଏସଡିପିଓଙ୍କୁ ଭେଟି ଅଭିଯୋଗ ପତ୍ର ଦେଇଥିବା କହିଛନ୍ତି। ଏଥିସହ ସେ ସୂଚନା ଦେଇଛନ୍ତି ଯେ, ଗତ ମାସକ ମଧ୍ୟରେ ପରିବାର ସଦସ୍ୟଙ୍କୁ ପଡୋଶୀମାନେ ବାରମ୍ବାର ଆକ୍ରମଣ କରିଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା ଏ ଯାଏଁ କୌଣସି ଏତଲାର କପି ତାଙ୍କୁ ଦିଆଯାଇନାହିଁ। ସେହିପରି ଏହି ଥାନା ଅଧୀନ ପ୍ରସନ୍ନ ରାଉତ କୁହନ୍ତି ଯେ, ଖରିନାସୀରେ ତାଙ୍କର ଚାଷ ଜମି ଅଛି। ଏହାର ରକ୍ଷଣାବେକ୍ଷଣ ପାଇଁ ସେ ସେଠାରେ ଘର କରିଛନ୍ତି। ତେବେ ୨୦୧୭ ମସିହାରୁ ଖରିନାସୀର କେତେଜଣ ବ୍ୟକ୍ତି ଏହି ଜମିକୁ ଜବରଦଖଲ କରିବା ସହ ଖରିନାସୀସ୍ଥିତ ଘରର କବାଟ ଝରକା ମଧ୍ୟ ତାଡି ନେଇଛନ୍ତି। ଏ ନେଇ ସେ ଥାନାରେ ବାରମ୍ବାର ଅଭିଯୋଗ ପତ୍ର ଦେଇଛନ୍ତି। ମାତ୍ର କେବଳ ଗୋଟିଏ ଧାନ ଚୋରି ବ୍ୟତୀତ ଅନ୍ୟ କୌଣସି ଅଭିଯୋଗକୁ ଅଦ୍ୟାବଧି ପଞ୍ଜୀକରଣ କରାଯାଉନାହିଁ। ଏ ସମ୍ପର୍କରେ ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ଉକ୍ତ ଥାନା ଅଞ୍ଚଳରେ ବହୁ ବାଂଲାଦେଶୀ ବେଆଇନ ଭାବେ ରହୁଛନ୍ତି। ଏମାନଙ୍କର ନିଜସ୍ୱ ଜମି ନ ଥିବା ବେଳେ କେତେଜଣ ରାଜନେତାଙ୍କ ଭୋଟବ୍ୟାଙ୍କ ସାଜି ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ଜମିକୁ ଜବରଦଖଲ କରୁଥିବା ବହୁ ଅଭିଯୋଗ ଆସୁଛି। ଗ୍ରାମାଞ୍ଚଳ ଥାନାରେ ଲାଞ୍ଚ କାରବାର ହେଉଥିବା ବେଳେ ଯେଉଁ ପକ୍ଷ ଅଧିକ ଅର୍ଥ ପ୍ରଦାନ କରୁଛି, ସେହି ଅନୁଯାୟୀ ନ୍ୟାୟ ଅନ୍ୟାୟର ବିଚାର ହେଉଛି ବୋଲି ବୁଦ୍ଧିଜୀବୀ ପ୍ରକାଶ କୁମାର ନାୟକ ମତ ଦେଇଛନ୍ତି। କେନ୍ଦ୍ରାପଡ଼ା ଏସଡିପିଓ ରାଜୀବଲୋଚନ ପଣ୍ଡାଙ୍କୁ ଏ ସମ୍ପର୍କରେ ପଚାରିବାରେ ପ୍ରତ୍ୟେକ ଅଭିଯୋଗ ପତ୍ରକୁ ପଞ୍ଜୀକରଣ କରାଯାଇ ଅଭିଯୋଗକାରୀଙ୍କୁ ଦିଆଯାଉଛି। ତେବେ କେତେଜଣ ଅଭିଯୋଗକାରୀ ଉଭୟ ପକ୍ଷ ସମାଧାନ ହୋଇଯିବ କହି ଅଭିଯୋଗ ପତ୍ର ଫେରାଇ ନେଉଛନ୍ତି ବୋଲି କହିଛନ୍ତି।

## ଶିଶୁ ମନ୍ଦିରରେ ବିଜ୍ଞାନମେଳା



ପ୍ରକଳ୍ପ ସମ୍ପର୍କରେ ଜଣେ ଛାତ୍ର ସୂଚନା ଦେଉଛନ୍ତି।

**କେନ୍ଦ୍ରାପଡା ଅଫିସ, ୨୦।୮**

ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଜ୍ଞାନମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୫୫ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସର୍ବଶ୍ରେଷ୍ଠ ୧୦ ପ୍ରକଳ୍ପକୁ ମନୋନୀତ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଚାଳନା ସମିତି ସଭାପତି ଅନଙ୍ଗ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଶିକ୍ଷାବିତ୍ ନିରଞ୍ଜନ ଜେନା, ବିଜୟ କୁମାର ସାମଲ, ହେମନ୍ତ କୁମାର ପରିଡା, ଅଶୋକ କୁମାର ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ଦାସ, ବିଜ୍ଞାନ ଆଚାର୍ଯ୍ୟ ସଞ୍ଜୟ କୁମାର ସାମଲ, ଆଚାର୍ଯ୍ୟ ମାଧବ ଚରଣ ନନ୍ଦ ପ୍ରମୁଖ ମେଳାର ପରିଚାଳନା କରିଥିଲେ।

ବଙ୍ଗୋପ ସାଗରରେ ଲଘୁଚାପର ପ୍ରଭାବ

## ସମୁଦ୍ର ଉଚ୍ଚ ଜୁଆରରେ ୨ ସ୍ଥାନରେ ଘାଇ

**ମହାକାଳପଡା, ୨୦।୮(ଡି.ଏନ୍.ଏ.)**

ବଙ୍ଗୋପସାଗରରେ ଘନୀଭୂତ ଲଘୁଚାପ ପ୍ରଭାବରେ ସାମୁଦ୍ରିକ ଉଚ୍ଚ ଜୁଆର ଯୋଗୁ ମହାକାଳପଡା ବ୍ଲକ ଖରିନାସୀଗ୍ରାମସ୍ଥିତ ଆଠଶହ ଏକର ଅଞ୍ଚଳର ୨ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ଫଳରେ ବହୁ ଏକର ଚାଷ ଜମି ଜଳମଗ୍ନ ହୋଇଯାଇଛି। ଆଠଶହ ଏକର ନଦୀବନ୍ଧର ବେନମରୀ କ୍ରିକ୍ ନିକଟରେ ଗୋଟିଏ ଘାଇ ହୋଇଥିବା ବେଳେ ଏକ କିଲୋମିଟର ଦୂରରେ ଥିବା ସେକେଣ୍ଡ କ୍ରିକ୍ ଏକଜ୍ୱରୀ ବନ୍ଧରେ ଅନ୍ୟ ଏକ ଘାଇ ସୃଷ୍ଟି ହୋଇଛି। ଉଭୟ ଘାଇ ପ୍ରାୟ ୩୦ଫୁଟ ଗଭୀର ହୋଇଥିବା ଅନୁମାନ କରାଯାଉଛି। ସମୁଦ୍ର ଜଳ ନିକଟସ୍ଥ ଚାଷ ଜମିଗୁଡିକୁ ମାଡିଯାଇଛି। ଫଳରେ ଧାନ ବେଉଷଣ ଓ ଧାନ ତଳି ପ୍ରଭାବିତ ହୋଇଛି ବୋଲି ଚାଷୀ ବାୟା ପ୍ରଧାନ, ପ୍ରଦୀପ ମଣ୍ଡଳ, ପ୍ରବୀର ଦାସ ଓ ସଚିନ ଦାସ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିଲାଗି ପଦକ୍ଷେପ ନିଆ ନଗଲେ ବର୍ଷା ସମୟରେ ଅତଡା ଧସିବାର ଆଶଙ୍କା ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏସମ୍ପର୍କରେ ଆଳି ତଟବନ୍ଧ ବିଭାଗର ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ କହିଛନ୍ତି ଘାଇ ହେବା ସମ୍ପର୍କରେ ରିପୋର୍ଟ ମିଳିଛି। ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ ବୋଲି ରଥ ସୂଚନା ଦେଇଛନ୍ତି।



ନଦୀବନ୍ଧରେ ସୃଷ୍ଟି ହୋଇଥିବା ଘାଇ।

# ନାଳକୁ ଖସିଲା ସ୍କୁଲ ଗାଡ଼ି

**ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର**

**ରାଜନଗର, ୨୦।୮(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ରାଜନଗରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ସୋମବାର ବିଦ୍ୟାଳୟକୁ ନେଇ ଆସୁଥିବା ବେଳେ ଏକ ଟାଟା ମ୍ୟାଜିକ ଗାଡି ଭାରସାମ୍ୟ ହରାଇ ନାଳକୁ ଖସିପଡିଛି। ଲକ୍ଷ୍ମୀ ନାରାୟଣପୁର ଗାଁ ନିକଟରେ ଏହି ଦୁର୍ଘଟଣା ହୋଇଥିବା ବେଳେ ଛାତ୍ରୀଛାତ୍ରମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେମାନେ ହେଲେ ଘଡିଆମାଳର ସ୍ୱାତୀସ୍ନିଗ୍ଧା ମିଶ୍ର, ମୋନାଲିସା ପ୍ରଧାନ, କଣ୍ଡିରାର ଅନନ୍ୟା ମଲ୍ଲିକ, ଇତିଶ୍ରୀ ମିଶ୍ର, ନେଥୁରିଆର ଦେବବ୍ରତ ସ୍ୱାଇଁ, ଦିଘୀର ମାମାଲି ଜେନା, ରାହୁଲ ଜେନା, ଭିତରଗଡର ସୁଧାଂଶୁ ଶେଖର ସେଠୀ, କଣ୍ଡିରାର ସ୍ୱପ୍ନେଶ୍ୱର ମଲ୍ଲିକ ଓ ହରିହର ବାରିକ। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ବ୍ଲକ ଅନ୍ତର୍ଗତ ଘଡିଆମାଳ ଅଞ୍ଚଳରୁ ସକାଳ ପ୍ରାୟ ୬ଟା ୩୦ରେ ୧୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏହି ଗାଡିଟି ସ୍କୁଲକୁ ଆସୁଥିଲା। ଲକ୍ଷ୍ମୀ ନାରାୟଣପୁର ଗାଁ ନିକଟରେ ହୋଇଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ନାଳକୁ ଓଲଟି ପଡିଥିଲା। ଫଳରେ ଗାଡିର ୯୦ ଭାଗ ପାଣିରେ ବୁଡିଯାଇଥିଲା। ଛାତ୍ରୀଛାତ୍ରମାନେ ପାଣିରେ ଓଦା ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିଛନ୍ତି। ଏନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



ନାଳକୁ ଖସିପଡିଥିବା ସ୍କୁଲ ଗାଡି।



ଉଦ୍ଧାର ହୋଇଥିବା ଛାତ୍ରୀଛାତ୍ରମାନେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଜିଲା ପ୍ରଶାସନ ପକ୍ଷରୁ ସଦ୍‌ଭାବନା ଦିବସ





ସଦ୍‌ଭାବନା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀମାନେ।

**କେନ୍ଦ୍ରାପଡା ଅଫିସ୍, ୨୦।୮**

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ସଦ୍‌ଭାବନା ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଏକତା ଓ ସଂହତିର ପାଠ କରିବା ସହିତ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିରେ ସହକାରୀ ଜିଲାପାଳ ସୋନମ ଦାସ ଯୋଗଦେଇ ଜାତି, ଧର୍ମ ନିର୍ବିଶେଷରେ ଆଞ୍ଚଳିକ ଓ ଭାଷାଭିତ୍ତିକ ଭେଦଭାବ ଭୁଲି ସଭିଏଁ ସାମ୍ବିଧାନିକ ରୀତିନୀତିରେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପାର୍ଥନା କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ସଦ୍‌ଭାବନା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଜିଲାପାଳଙ୍କ କାର୍ଯ୍ୟାଳୟର ବହୁ କର୍ମଚାରୀ ସାମିଲ ଥିଲେ। ସେହିପରି ଜିଲା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୪ତମ ଜୟନ୍ତୀ ଅବସରରେ କଜଳାସ୍ଥିତ କଂଗ୍ରେସ ଭବନଠାରେ ସଦ୍‌ଭାବନା ଦିବସ ପାଳନ କରାଯାଇଥିଲା। ନଗର କଂଗ୍ରେସ କମିଟି ସଭାପତି ସୌମେନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳର ସତ୍ୟପ୍ରିୟ ସାମଲ, ଶିବପ୍ରସାଦ ବିଶ୍ୱାଳ, ନିରଞ୍ଜନ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ହୋଇଥିବା ଜନ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରାଯାଇଥିଲା।

## ସ୍ୱାଧୀନ କପ୍ ଫୁଟବଲ ମ୍ୟାଚ୍



ଅତିଥିଙ୍କ ଗହଣରେ ଖେଳାଳିମାନେ।

**କେନ୍ଦ୍ରାପଡା ଅଫିସ, ୨୦।୮**

ସହରସ୍ଥିତ ସରକାରୀ ହାଇସ୍କୁଲ ପଡ଼ିଆରେ କେନ୍ଦ୍ରାପଡା ଫୁଟବଲ ଆସୋସିଏଶନ ପକ୍ଷରୁ ସ୍ୱାଧୀନ କପ୍ ଫୁଟବଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଏକାଡେମୀ, କଜଳା କ୍ଲବ, ପଟ୍ଟାମୁଣ୍ଡାଇ ଓ କୁଜଙ୍ଗ କ୍ଲବ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କଜଳା କ୍ଲବ ଓ ପଟ୍ଟାମୁଣ୍ଡାଇ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଜଳା କ୍ଲବ ଟ୍ରାଇବ୍ରେକର ଜରିଆରେ ପଟ୍ଟାମୁଣ୍ଡାଇ କ୍ଲବକୁ ୩-୨ ଗୋଲରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ରିଜର୍ଭ ଇନ୍ସପେକ୍ଟର ହେମନ୍ତ କୁମାର ଦାସ ମୁଖ୍ୟ ଅତିଥି, ସହକାରୀ ଅଗ୍ନିଶମ ଅଧିକାରୀ ବୀରଭଦ୍ର ଗୁଡୁ ମୁଖ୍ୟବକ୍ତା ଓ ସର୍ଜେଣ୍ଟ ମନବୀର ସାଗର ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ସମ୍ପାଦକ ସୟଦ ଅକମଲ ଅଲ୍ଲୀ, ଜିଲା ଫୁଟବଲ୍ ଆସୋସିଏଶନ ସଭାପତି ମହମ୍ମଦ ଅମୀର, ସମ୍ପାଦକ ସେକ ସଲ୍ଲାଉଦ୍ଦିନ, ସହ ସମ୍ପାଦକ ସେକ୍ ନସିମୁଦ୍ଦିନ, କୋଷାଧ୍ୟକ୍ଷ ସେକ୍ ଅସଲମ, ସେକ୍ ସୌକତ, ସେକ୍ ବଣ୍ଟି ପ୍ରମୁଖ ଉତ୍ସବରେ ସାମିଲ ହୋଇଥିଲେ।

## ବଳଦେବଜୀଉ ଟ୍ରଷ୍ଟର ବାର୍ଷିକୋତ୍ସବ



ଟ୍ରଷ୍ଟ ପକ୍ଷରୁ ଜଣଙ୍କୁ ସମ୍ମାନିତ କରାଯାଉଛି।

**କେନ୍ଦ୍ରାପଡା ଅଫିସ, ୨୦।୮**

ଶ୍ରୀ ବଳଦେବଜୀଉ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକୋତ୍ସବ ସହରସ୍ଥ ଏକ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ପ୍ରଦୀପ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜଜ୍ ଡି.ପି. ଚୌଧୁରୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ବରିଷ୍ଠ ଆଇନଜୀବୀ ବଂଶୀଧର ଶତପଥୀ, ଶିକ୍ଷାବିତ୍ ବିପିନ ବିହାରୀ ବାରିକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ନୈତିକ ଓ ଗୁଣାତ୍ମକ ଶିକ୍ଷା ସୁସ୍ଥ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ ଶୀର୍ଷକରେ ନିଜର ମତ ପ୍ରଦାନ କରିଥିଲେ। ସେମାନେ କହିଥିଲେ ଯେ, ଶିକ୍ଷାର ବ୍ୟବସାୟୀକରଣ ବନ୍ଦ ହେବା ଆବଶ୍ୟକ। ଦ୍ୱିତୀୟ ଅଧିବେଶନରେ ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି, ମନ୍ମଥ ବରାଳ, ଶିକ୍ଷକ ଶୁଭ୍ରାଂଶୁ କୁମାର ଦାସ, ଶିକ୍ଷାବିତ୍ ଡା. ବାସୁଦେବ ଦାସ, କରୁଣାକର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପାଇଁ ୬୦ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଞ୍ଜୟ ଜେନା, ବାସୁଦେବ ରାଉତ, ମାନସ ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ମୂର୍ତ୍ତି ଚୋରି ପ୍ରତିବାଦରେ ବନ୍ଦ ପାଳନ

**ରାଜକନିକା,୨୦।୮(ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ ଗିରିଆ କୋଠସାହିସ୍ଥିତ ଗିରିଆ ମଠରୁ ଅଷ୍ଟଧାତୁର ରାଧାକୃଷ୍ଣ ମୂର୍ତ୍ତିସହ ଅନ୍ୟାନ୍ୟ ପୂଜା ସାମଗ୍ରୀ ଚୋରି ହୋଇଯାଇଥିଲା। ଏହି ଘଟଣାର ଦୀର୍ଘ ୧୨ ଦିନ ବିତିଯାଇଥିଲେ ମଧ୍ୟ ଚୋର ଅବା ଚୋରି ସାମଗ୍ରୀକୁ ପୋଲିସ ଠାବ କରିପାରିନାହିଁ। ଏହାର ପ୍ରତିବାଦରେ ରାଜକନିକାର ବିଭିନ୍ନ ସ୍ଥାନରେ ସୋମବାର ବନ୍ଦ ପାଳନ କରାଯାଇଛି। ଏହି ସମ୍ବେଦନଶୀଳ ଘଟଣାରେ ରାଜକନିକା ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇଥିଲେ। ଚନ୍ଦନ ପୋଖରୀ ଛକରେ ଯୁବତୀ,ଯୁବକ,ବୃଦ୍ଧ ଓ ମହିଳାମାନେ ଏକତ୍ରିତ ହୋଇ ବନ୍ଦପାଳନ କରିଥିଲେ। ଏହି ସମୟରେ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଖବରପାଇ ରାଜକନିକା ବିଡିଓ, ଆଇଆଇସି ଏକ ପ୍ଲାଟୁନ୍ ପୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଜନତାଙ୍କୁ ବୁଝାଶୁଝା କରିଥିଲେ। ଚୋରି ଯାଇଥିବା ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ତୁରନ୍ତ ଠାବ କରିବା ସହ କନିକା ରାଜା ଓ ମନ୍ଦିର ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଲୋକେ ଦାବି କରିଥିଲେ। ଅପରାହ୍ନରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ସାତଦିନ ମଧ୍ୟରେ ତଦନ୍ତକୁ ଜୋରଦାର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରାଜକନିକା ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଏହି ରାସ୍ତାରୋକୋରେ ରାଧାକାନ୍ତଜୀଉ କମିଟିର ୧୫ ଜଣ ସଦସ୍ୟଙ୍କ ସହ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ।



ଲୋକମାନେ ଧାରଣାରେ ବସିଛନ୍ତି।

## ଗାୟକ ଭୂଷଣ ଗୋପବନ୍ଧୁ ନାଥଙ୍କ ଜନ୍ମୋତ୍ସବ

**କେନ୍ଦ୍ରାପଡା ଅଫିସ, ୨୦।୮**

ମାର୍ଶାଘାଇ ବ୍ଲକ ଅଧୀନ ସଖୀବଟଠାରେ ଗାୟକ ଭୂଷଣ ଗୋପବନ୍ଧୁ ନାଥଙ୍କ ୮୪ତମ ଜନ୍ମୋତ୍ସବ ସୋମବାର ପାଳିତ ହୋଇଯାଇଛି। ସଖୀବଟ ଉନ୍ନୟନ ପରିଷଦର ସଭାପତି ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷାବିତ୍ ଅଜୟ କୁମାର ସାମଲ, ବ୍ରଜକିଶୋର ବିଶ୍ୱାଳ, ଶ୍ରୀବତ୍ସ ନାୟକ, ଆଦିକନ୍ଦ ରାଉଳ, ରମଣୀରଞ୍ଜନ ରାଉତରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଗାୟକଭୂଷଣ ନାଥଙ୍କ ଗୁଣାବଳୀର ଅବତାରଣା କରିବା ସହିତ ସେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ଗାୟକଭୂଷଣ ନାଥଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମେଜର ଭରତ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

**ପାରାଦୀପ,୨୦।୮(ସ୍ୱ.ପ୍ର.):** ପାରାଦୀପ ଥାନା ଅନ୍ତର୍ଗତ ମଧୁବନ ଶିବ ମନ୍ଦିର ଛକରେ ଗତ ୧୨ ତାରିଖ ରାତି ୧୦.୩୦ରେ ଉମେଶ ଜେନା ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ ମାନସ ରାଉତଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କଠାରୁ ଏକ ଭୁଜାଲି ଜବତ କରାଯାଇଛି। ଏନେଇ କେସ୍ ନଂ. ୧୨୨/୧୮ ରୁଜୁ ହୋଇଛି। ଘଟଣାଦିନ ଉମେଶ ନିଜ ଘର ଆଗରେ ସାନଭାଇ ସହ କଥା ହେଉଥିଲେ। ଏହି ସମୟରେ ମାନସ ତାଙ୍କୁ ପଛପଟୁ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏଥିରେ ମାନସ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି।

### ଏରସମା ବିପ୍ଳବ ଦିବସ ପାଇଁ ପ୍ରସ୍ତୁତି

**ଏରସମା,୨୦।୮(ସ୍ୱ.ପ୍ର.):** ଏରସମା ବ୍ଲକ ସଦରମହକୁମାରେ ସେପ୍ଟେମ୍ବର ୬ରେ ଅନୁଷ୍ଠିତ ହେବାକୁଥିବା ୭୭ତମ ଏରସମା ବିପ୍ଳବ ଦିବସ ପାଳନ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଂକଳ୍ପର ନିର୍ଦ୍ଦେଶକ ଚନ୍ଦ୍ରଜିତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପସଭାପତି ସର୍ବେଶ୍ୱର ମୁଦୁଲି, ପ୍ରଶାନ୍ତ ତରାଇ, ସମ୍ପାଦକ ପ୍ରମୋଦ ମହାପାତ୍ର, ଗଜେନ୍ଦ୍ର ବେହେରା, ନେତ୍ରାନନ୍ଦ ବେହେରା, ସଂଶୟ ସ୍ୱାଇଁ, ଲୋକନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଅତିଥି ଓ ସମ୍ବର୍ଦ୍ଧିତ ହେବାକୁ ଥିବା ପ୍ରତିଭା ଚୟନ, ମୁଖପତ୍ର ବହ୍ନିଶିଖା ପ୍ରକାଶନ, ମଶାଲ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା।

### ବିଶ୍ୱକର୍ମା ପୂଜା ପ୍ରସ୍ତୁତି ବୈଠକ

**ପାରାଦୀପ,୨୦।୮(ସ୍ୱ.ପ୍ର.):** ପାରାଦୀପ ଦୋଛକିଠାରେ ଥିବା ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଂଘର ସ୍ଥାୟୀ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ପୂର୍ବବର୍ଷ ପରି ଚଳିତବର୍ଷ ମଧ ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ମତବ୍ୟକ୍ତ କରିଥିଲେ। ପୂଜା ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସଭାପତି ପଟ୍ଟନାୟକ କହିଥିଲେ। ବୈଠକରେ ସଂଘର ଅନ୍ୟ କର୍ମକର୍ତ୍ତାଙ୍କ ମଧରେ ମନିନ୍ଦ୍ର ଗୁରୁ, ପଦ୍ମଲୋଚନ ଦାଶ, ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ

**ଏରସମା,୨୦।୮(ସ୍ୱ.ପ୍ର.):** ଏରସମା ସଦରମହକୁମାସ୍ଥିତ ଗାନ୍ଧୀଛକ ନିକଟରେ ସୋମବାର ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଛି। ଠାକୁରଙ୍କ ଜନ୍ମ ମାସରେ ଭାଦ୍ରବ ପରିକ୍ରମା କ୍ରମରେ ଅନୁଷ୍ଠିତ ଏହି ୧ମ ସତ୍‌ସଙ୍ଗରେ କୈଳାସ ଚନ୍ଦ୍ର ଦାସ ପୌରୋହିତ୍ୟ କରିଥିଲେ। ଏଥିରେ ଋତିକ ନିରଞ୍ଜନ ପ୍ରଧାନ, ସହପ୍ରତିଋତିକ ନିତ୍ୟାନନ୍ଦ ସ୍ୱାଇଁ, ରବୀନ୍ଦ୍ରନାଥ ସ୍ୱାଇଁ, ବାବାଜୀ ସ୍ୱାଇଁ, ଅମ୍ବିକା ପ୍ରସାଦ ମହାନ୍ତି, ସୌଭାଗ୍ୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଠାକୁରଙ୍କ ଦିବ୍ୟ ବାଣୀ ଉପରେ ବକ୍ତବ୍ୟ ଦେଇଥିଲେ। ସଭା ପ୍ରାରମ୍ଭରେ ଭଜନ ପରିବେଷଣ କରାଯାଇଥିଲା।

### ଶାରଦା ଦାଶଙ୍କ ସ୍ମୃତିସଭା

**ତିର୍ତ୍ତୋଲ,୨୦।୮(ଡି.ଏନ.ଏ.):** ତିର୍ତ୍ତୋଲ ସରଣୀଛକସ୍ଥିତ ଏକ ମଣ୍ଡପ ପରିସରରେ ବିଶିଷ୍ଟ କର୍ମକାଣ୍ଡ ବିଶାରଦ ତଥା ପୂର୍ବତନ ପ୍ରଧାନଶିକ୍ଷକ ପଣ୍ଡିତ ଶାରଦା ଚରଣ ଦାଶଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଏଥିରେ ଝଙ୍କଡ଼ ସାହିତ୍ୟ ସଂସଦ ସାଧାରଣ ସମ୍ପାଦକ ଗୋଲକ ବିହାରୀ ପଲାଇ ସଭାପତିତ୍ୱ କରିଥିଲେ। ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ, ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରବିର ରାୟ, ଆରଡି ବିଭାଗ ମୁଖ୍ୟଯନ୍ତ୍ରୀ ଆଶୁତୋଷ ମଲ୍ଲିକ, ପାରାଦୀପ ପୋର୍ଟର ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି, ଅଧାପକ ଉମାକାନ୍ତ ନାୟକ, ଶିକ୍ଷାବିତ ସୁଦର୍ଶନ ପଣ୍ଡା, ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ଚିତ୍ତରଞ୍ଜନ ରଥ, ମନୋରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ ଡା. ବିମଳ ଚରଣ ଦାଶ, ରଘୁନାଥପୁର ବ୍ଲକ ଉପାଧକ୍ଷ ଦେବାଶିଷ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଦାଶ, ଶରତ ଚନ୍ଦ୍ର ଦାଶ, ସୁବ୍ରତ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ପେଟ୍ରୋଲ ପମ୍ପରେ ଫାଙ୍କା ଗୁଳିଚାଳନା ମାମଲା

# ୨ ଅଭିଯୁକ୍ତ ଗିରଫ, ପିସ୍ତଲ ସହ ଗୁଳି ଜବତ

**ଜଗତ୍‌ସିଂହପୁର ଅଫିସ, ୨୦।୮**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଆଳିପିଙ୍ଗଳସ୍ଥିତ ଏସାର ପେଟ୍ରୋଲ ପମ୍ପରେ ଗତ ୧୮ ତାରିଖ ସନ୍ଧ୍ୟାରେ ଫାଙ୍କା ଗୁଳିଚାଳନା ହୋଇଥିଲା। ଏହି ମାମଲାରେ ପୋଲିସ ୨ ଅଭିଯୁକ୍ତ ଶାଳଗାଁର ସୂର୍ଯ୍ୟକାନ୍ତ ସ୍ୱାଇଁ(୨୬) ଓ ଫୁଲାରର ଦୁର୍ଗାପ୍ରସାଦ ସାହୁ ଓରଫ ଶିଶିର(୨୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ଏକ ୯ ଏମ୍ଏମ୍ ପିସ୍ତଲ, ପିସ୍ତଲ ମାଗାଜିନ୍, ୪ ରାଉଣ୍ଡ ଜୀବନ୍ତ ଗୁଳି ଓ ବାଇକ୍ (ନଂ. ଓଡି ୨୧ ଏଫ୍ ୩୫୧୫) ଜବତ ହୋଇଛି। ସୋମବାର ଅପରାହ୍ନରେ ଜଗତ୍‌ସିଂହପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ସୂର୍ଯ୍ୟକାନ୍ତଙ୍କ ନାମରେ ଜଗତ୍‌ସିଂହପୁର, ନାଉଗାଁ, ଟାଙ୍ଗି ଓ ପାରାଦୀପ ଲକ୍‌ଥାନାରେ ୧୦ଟି ମାମଲା ଅଛି। ସେହିପରି ଶିଶିରଙ୍କ ନାମରେ ଭୁବନେଶ୍ୱରର ନୟାପଲ୍ଲୀ, ପାରାଦୀପ ଲକ୍ ଓ ଜଗତ୍‌ସିଂହପୁର ଥାନାରେ ୫ଟି ମାମଲା ରହିଛି। ଉଭୟ ବିଭିନ୍ନ ସମୟରେ ରାଜ୍ୟର ଏକାଧିକ ସ୍ଥାନରେ ହତ୍ୟା ଉଦ୍ୟମ, ଡକାୟତି, ଗୁଳି ଚାଳନା ଓ ବୋମାମାଡ଼ ଭଳି ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ସୂର୍ଯ୍ୟକାନ୍ତଙ୍କ ନାମରେ ଜଗତ୍‌ସିଂହପୁର ଥାନାରେ ମାମଲା ନଂ. ୫୬/୧୪ (ଦଫା ୩୪୧/୩୨୩/ ୨୯୪/ ୩୪ ଆଇପିସି), ନଂ.୬୨/ ୧୪ (ଦଫା ୩୪୧/ ୩୨୩/ ୨୯୪/ ୫୦୬/ ୩୪ ଆଇପିସି), ୧୦/ ୧୭ (ଦଫା ୪୫୨/ ୩୨୩/ ୨୯୪/ ୩୫୪/ ୪୨୭/ ୫୦୬/ ୩୪ ଆଇପିସି), ୩୧୩/୧୭ (ଦଫା ୩୯୫/୩୬୪/-ଏ ଆଇପିସି/୨୫/୨୭ ଆର୍ମସ୍ ଆକ୍ଟ) ଓ ୧୮୮/୧୮ (ଦଫା ୨୯୪/୩୦୭/୩୪ ଆଇପିସି/୨୫/୨୭ ଆର୍ମସ୍ ଆକ୍ଟ) ରୁଜୁ ହୋଇଛି। ସେହିପରି ଟାଙ୍ଗି ଥାନାରେ ମାମଲା ସଂଖ୍ୟା ୧୩୨/୧୪ (ଦଫା ୩୯୪ ଆଇପିସି/୨୫/୨୭ ଆର୍ମସ୍ ଆକ୍ଟ) ରୁଜୁ ହୋଇଛି।

ନାଉଗାଁ ଥାନାରେ ୩ଟି ମାମଲା ଅଛି। ସେଗୁଡିକ ହେଲା ମାମଲା ସଂଖ୍ୟା ୨୮/୧୫ (ଦଫା ୩୦୭/୩୨୪/୩୮୬/୧୨୦-ବି/୩୪ ଆଇପିସି), ୧୨୯/୧୫ (ଦଫା ୩୯୯/୪୦୨ ଆଇପିସି) ଓ ୨୯/୧୭ (ଦଫା ୩୯୪ ଆଇପିସି/୨୫ ଆର୍ମସ୍ ଆକ୍ଟ)। ପାରାଦୀପ ଲକ୍ ଥାନାରେ ମଧ ମାମଲା ନଂ.୧୪୯/୧୭ (ଦଫା ୩୫୩/୩୩୨/୩୦୭/୩୪ ଆଇପିସି/୨୫ (୧)(ଏ)/୨୭ ଆର୍ମସ୍ ଆକ୍ଟ /ସେକ୍. ୩/୪ ଇ. ଏସ୍. ଆକ୍ଟ) ରୁଜୁ ହୋଇଛି। ଶିଶିରଙ୍କ ନାମରେ ଥିବା ମାମଲାଗୁଡିକ ମଧ୍ୟରୁ ଜଗତ୍‌ସିଂହପୁର ଥାନାରେ ୩, ପାରାଦୀପ ଲକ୍ ଥାନାରେ ୧ ଓ ନୟାପଲ୍ଲୀ ଥାନାରେ ୧ ମାମଲା ରହିଛି। ଜଗତ୍‌ସିଂହପୁର ଥାନାରେ ଥିବା ମାମଲାଗୁଡିକ ହେଲା ନଂ.୩୦୫/୧୬ (ଦଫା ୩୯୨/୩୪ ଆଇପିସି/୨୫/୨୭ ଆର୍ମସ୍ ଆକ୍ଟ), ୩୧୩/୧୭ (ଦଫା ୩୯୫/୩୬୪/ ଏ ଆଇପିସି/୨୫/୨୭ ଆର୍ମସ୍ ଆକ୍ଟ) ଓ ୧୮୮/୧୮ (ଦଫା ୨୯୪/୩୦୭/୩୪ ଆଇପିସି/୨୫/୨୭ ଆର୍ମସ୍ ଆକ୍ଟ)। ପାରାଦୀପ ଲକ୍ ଓ ନୟାପଲ୍ଲୀ ଥାନା ମାମଲା ସଂଖ୍ୟା ଯଥାକ୍ରମେ ୧୪୯/୧୭ (ଦଫା ୩୫୩/୩୩୨/୩୦୭/୩୪ ଆଇପିସି/୨୫(୧)(ଏ)/୨୭ ଆର୍ମସ୍ ଆକ୍ଟ/ସେକ୍. ୩/୪ ଇ.ଏସ୍ ଆକ୍ଟ) ଓ ୨୬୯/୧୫ (ଦଫା ୩୯୫ ଆଇପିସି/୨୫ ଆର୍ମସ୍ ଆକ୍ଟ) ରହିଛି। ପେଟ୍ରୋଲ ପମ୍ପ ମାଲିକ ସୁଧାଂଶୁଭୂଷଣ ଦାଶ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ୭.୩୦ରେ ଅଭିଯୁକ୍ତ ଦ୍ୱୟ ତାଙ୍କ ପେଟ୍ରୋଲ ପମ୍ପରେ ପହଞ୍ଚି ୧୦ ହଜାର ଟଙ୍କା ମାଗିଥିଲେ। କର୍ମଚାରୀମାନେ ନ ଦେବାରୁ ମାଡ଼ ମାରିବା ସହ ପିସ୍ତଲ ଦେଖାଇ ଧମକାଇଥିଲେ। ଖବରପାଇ ସେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ପ୍ରତିରୋଧ କରିଥିଲେ। କିନ୍ତୁ ହଠାତ୍ ଅଭିଯୁକ୍ତ ଦ୍ୱୟ ତାଙ୍କ ଗୁଳିଚାଳନା କରିଥିଲେ। ସୌଭାଗ୍ୟ ବସତଃ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗୁଳି ପାଚେରିରେ ପେଟ୍ରୋଲ ପମ୍ପ ପାଚେରିରେ ବାଜିଥିଲା। ଏହାପରେ ଅଭିଯୁକ୍ତମାନେ ଦାଶଙ୍କ ଠାରୁ ୫ ହଜାର ଟଙ୍କା ଛଡାଇ ନେଇ ଖସିଯାଇଥିଲେ। ଏହି ଅଭିଯୋଗକୁ ଆଧାର କରି ପୋଲିସ ମାମଲା ନଂ.୧୮୮/୧୮ ରୁଜୁ କରିବା ସହ ତଦନ୍ତ ଚଳାଇଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁଯୋଗ୍ୟ ମିଶ୍ର ଓ ଆଇଆଇସି ରଜନୀକାନ୍ତ ମିଶ୍ର ଉପସ୍ଥିତ ଥିଲେ।



ଗିରଫ ୨ ଅଭିଯୁକ୍ତ।

■ସୂର୍ଯ୍ୟକାନ୍ତ ଓ ଶିଶିରଙ୍କ ନାଁରେ ରହିଛି ୧୫ ଆପରାଧିକ ମାମଲା

■ଜଗତ୍‌ସିଂହପୁରରୁ ଭୁବନେଶ୍ୱରକୁ ଲମ୍ବିଛି ଚେର

# ଶେଷ ପାଳିରେ ୧୦ ହଜାର କାଉଡ଼ିଆ



ଗୋରେଖନାଥପୀଠକୁ ପାଣି ଢ଼ାଳିବାକୁ ଆସିଥିବା କାଉଡ଼ିଆ।

**ରଘୁନାଥପୁର, ୨୦।୮(ଡି.ଏନ.ଏ.)**

**ଗୋରେଖନାଥ ପୀଠ**

ବିଭୂତି କ୍ଷେତ୍ର ରୂପେ ଖ୍ୟାତି ଲାଭ କରିଥିବା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠରେ ଶ୍ରାବଣମାସ ସୋମବାର ଶେଷ ପାଳିରେ ୧୦ ହଜାର କାଉଡିଆ ଜଳଲାଗି କରିଛନ୍ତି। ଭୋରୁ ମାନସିକଧାରୀମାନେ ମନ୍ଦିର ଚତୁଃପାର୍ଶ୍ୱକୁ ସାତଥର ପ୍ରଦକ୍ଷିଣ କରି ପାଣି ଢାଳିବା ଆରମ୍ଭ କରିଥିଲେ। ରବିବାର ବିଭିନ୍ନ ଦୂରଦୂରାନ୍ତ ସ୍ଥାନରୁ ଜଳ ଭାର ନେଇ ଆସିଥିବା କାଉଡିଆମାନେ ପୀଠ ପରିସରରେ ଆଶ୍ରୟ ନେଇଥିଲେ। ତେବେ ଆଖପାଖ ଅଞ୍ଚଳରୁ ଆସୁଥିବା ବୋଲବମଧାରୀ ସକାଳୁ ସକାଳୁ ଜଳ ଭାର ଧରି ପୀଠରେ ପହଞ୍ଚିଥିଲେ। ଏହି ଅବସରରେ ରବିବାର ସନ୍ଧ୍ୟାରେ ବଦାନ୍ୟ ବ୍ୟକ୍ତିଙ୍କ ପକ୍ଷରୁ ଆସୁଥିବା କାଉଡିଆଙ୍କ ପାଇଁ ମାଗଣାରେ ଜଳପାନର ବ୍ୟବସ୍ଥା କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆନୁଷଙ୍ଗିକ ସମସ୍ତ ସହଯୋଗ କରାଯାଇଥିଲା। ଡିଏସପି ଶିବଚରଣ ମଲ୍ଲିକ ପୀଠ ପରିସରକୁ ଆସି ଆଇନଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ। ଏହାଛଡା ବିଭିନ୍ନ ଛକ ବଜାର ତଥା ବିଭିନ୍ନ ପଟୁ ପୀଠକୁ ସଂଯୋଗ କରୁଥିବା ରାସ୍ତାରେ ପୋଲିସ ମୁତୟତ କରାଯାଇଥିଲେ। ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହ ପାଣି ଢଳା ପର୍ବ ଶେଷ ହୋଇଛି।

# ମୁହାଣରେ ଫସିଲା ଟ୍ରଲର, ୪ ମତ୍ସ୍ୟଜୀବୀ ଗୁରୁତର

**ପାରାଦୀପ,୨୦।୮(ସ୍ୱ.ପ୍ର.)**

ପାରାଦୀପ ମହାନଦୀ ମୁହାଣରେ ସୋମବାର ଅପରାହ୍ନରେ ଏକ ମାଛଧରା ଟ୍ରଲର ଅଳ୍ପକେ ଏକ ବଡ଼ ଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଏଥିରେ ୪ଜଣ ମତ୍ସ୍ୟଜୀବୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଅସ୍ତରଙ୍ଗର ଟ୍ରଲର ଚାଳକ ପ୍ରଫୁଲ୍ଲ ବେହେରା, ଟୁକୁନା ବେହେରା, ବାବାଜି ବେହେରା ଓ ଗଡ଼ଚକ୍ରଧରପୁରର ଶରତ ମହାନ୍ତି। ସେମାନଙ୍କୁ ଓମ୍ପା ପକ୍ଷରୁ ପ୍ରଥମେ ବିଜୁ ମେମୋରିଆଲ ହସ୍‌ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସମୁଦ୍ରରୁ ମାଛ ଧରି ପାରାଦୀପ ମାଛଧରା ବନ୍ଦରକୁ ଫେରୁଥିବାବେଳେ ଟ୍ରଲରଟି ଆନ୍ତଃସ୍ରୋତରେ ଫଶିଯାଇଥିଲା। ପ୍ରଖର ସ୍ରୋତ ଓ ଢେଉ ଟ୍ରଲରକୁ ଉପରକୁ ଉଠାଇ କଚାଡି ଦେଇଥିଲା। ଫଳରେ ଟ୍ରଲର ଚାଳକଙ୍କ ସମେତ ୪ଜଣ ସେଥିରେ ବାଡେଇ ହୋଇ ଗୁରୁତର ଆହତ ହୋଇଥିଲେ। ଏହାପରେ ଉକ୍ତ ମାଛଧରା ଟ୍ରଲର (ଶ୍ରୀଲୋକନାଥ) ପୁଣି ସମୁଦ୍ରକୁ ଫେରିଯାଇଥିଲା। ଅନ୍ୟ ଏକ ଟ୍ରଲର ତାହାକୁ ରଶି ଦ୍ୱାରା ଟାଣି ବନ୍ଦର ପୋତାଶ୍ରୟକୁ ଆଣିଥିଲା। ସୂଚନାଯୋଗ୍ୟ, ଲଘୁଚାପ ଯୋଗୁ ମତ୍ସ୍ୟଜୀବୀଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଥିବାରୁ ଉକ୍ତ ଟ୍ରଲର ମହାନଦୀ ମୁହାଣ ବାଟେ ମାଛଧରା ବନ୍ଦରକୁ ଫେରୁଥିଲା। କିନ୍ତୁ ମୁହାଣ ପୋତି ହୋଇଯାଇଥିବାରୁ ସେହି ଅଞ୍ଚଳ ଅଧିକ ଅଶାନ୍ତ ହୋଇପଡ଼ିଛି। ଏବେ ସମସ୍ତ ମାଛଧରା ଟ୍ରଲର ଓ ଡଙ୍ଗା ବରୁଣେଇ ମୁହାଣ ବାଟେ ଚଳାଚଳ କରୁଛି।

# କ୍ଷତିପୂରଣ ଦାବିରେ ନିର୍ଣ୍ଣାୟକ ଆନ୍ଦୋଳନ ଡାକରା

**ପାରାଦୀପ,୨୦।୮(ସ୍ୱ.ପ୍ର.)**

**କେସିଟିର ୨୨୪ ଶ୍ରମିକ ଛଟେଇ ପ୍ରସଙ୍ଗ**

ପାରାଦୀପ ବନ୍ଦରର ପୁରୁଣା ଷ୍ଟିଭେଡର୍ସ ସଂସ୍ଥା କେସିଟି(କରମ ଚାନ୍ଦ ଥାପର) କମ୍ପାନୀର ଛଟେଇ ୨୨୪ ଶ୍ରମିକ ନିର୍ଣ୍ଣାୟକ ଲଢେଇ କରିବାକୁ ସୋମବାର ଡାକରା ଦେଇଛନ୍ତି। ମାସକ ମଧରେ ପୂର୍ବ ଚୁକ୍ତି ମୁତାବକ ଶ୍ରମିକଙ୍କ ମଜୁରି ଦେବା ବ୍ୟବସ୍ଥା ନ କଲେ ସେହି ଶ୍ରମିକଙ୍କ ପରିବାର କମ୍ପାନୀ ଅଫିସ ସମ୍ମୁଖରେ ଗଣଧାରଣା ଦେବେ ବୋଲି ସୋମବାର ପାରାଦୀପ ଶ୍ରମିକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ମଞ୍ଚ ସଭାପତି ଅଭୟ ସାହୁ ଦର୍ଶାଇଛନ୍ତି, ଏହି ଶ୍ରମିକମାନେ କେସିଟିରେ କାମ କରୁଥିଲେ। କମ୍ପାନୀର ଆଭ୍ୟନ୍ତରୀଣ ବ୍ୟାପାର ଯୋଗୁ ଏମାନଙ୍କୁ ୧୯୯୮ରେ ବାହାର କରିଦିଆଯାଇଥିଲା। ସେତେବେଳେ ଶ୍ରମିକମାନେ ଅନ୍ୟ ଏକ ୟୁନିୟନ ଦ୍ୱାରା ହାଇକୋର୍ଟରେ କେସ୍ କରିଥିଲେ। କୋର୍ଟ ମଧ ଶ୍ରମିକଙ୍କ ସପକ୍ଷରେ ନ୍ୟାୟ ଦେଇଥିଲେ। କିନ୍ତୁ ସେତେବେଳର ଜଣେ ଶ୍ରମିକନେତା କମ୍ପାନୀ ସହିତ ସାଲିସ କରି ୨୫ ହଜାର ଟଙ୍କା ଲେଖାଏ ମିଳିବ ବୋଲି କହିଥିଲେ। ଏପରି ନିଷ୍ପତ୍ତିକୁ ଶ୍ରମିକମାନେ ପ୍ରତ୍ୟାଖ୍ୟାନ କରି ପୁଣି କୋର୍ଟକୁ ଯାଇଛନ୍ତି। ଏହା ମଧରେ ସମ୍ପୃକ୍ତ ଶ୍ରମିକନେତାଙ୍କ ଦେହାନ୍ତ ହୋଇଯାଇଛି। ୨୨୪ ଜଣଙ୍କ ମଧ୍ୟରୁ ପ୍ରାୟ ୭ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟମାନେ ଏବେ ବୟସର ସାୟାହ୍ନରେ ପହଞ୍ଚିଗଲେଣି। ସେତେବେଳେ ଶ୍ରମିକଙ୍କ ମୂଳ ଦରମା ୩ ହଜାର ଟଙ୍କା ହିସାବରେ ସେମାନଙ୍କୁ ୨୦ ବର୍ଷର ଦରମା ଦେବା ପାଇଁ ମଞ୍ଚ ଦାବି କରିଛି। ଏପରିକି କମ୍ପାନୀ ଅଧିକାରୀଙ୍କ ସହ ଏକାଧିକ ଥର ଆଲୋଚନା ହୋଇସାରିଲାଣି। ସବୁ ପରେ ଯଦି ନ୍ୟାୟ ନ ମିଳିବ ତେବେ ଶ୍ରମିକ ନିଜ ହକ୍ ପାଇଁ ଲଢେଇ କରିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ସେତେବେଳେ କେସିଟିରେ ଯେଉଁ ୨ ଅଧିକାରୀ ଏପରି ଛଟେଇ ଓ ଚଞ୍ଚକତା କରି ଅର୍ଥ ହଡ଼ପ କରିଥିଲେ ସେମାନଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।

# ସଫା ହେଉନି କେନାଲ, ତଳମୁଣ୍ଡକୁ ଯାଉନି ପାଣି

**ତିର୍ତ୍ତୋଲ,୨୦।୮(ଡି.ଏନ.ଏ.)**

ତାଳଦଣ୍ଡା ମୁଖ୍ୟ କେନାଲରୁ ବାହାରି ତିର୍ତ୍ତୋଲ ବ୍ଲକ ଅଞ୍ଚଳ ଦେଇ ଯାଇଥିବା କେତେକ କେନାଲ, ସବ୍‌କେନାଲ ଏବଂ ମାଇନର କେନାଲ ଏପର୍ଯ୍ୟନ୍ତ ସଫା ହୋଇନାହିଁ। ଫଳରେ ତଳମୁଣ୍ଡକୁ ସ୍ୱାଭାବିକ ଭାବେ ପାଣି ଯାଇପାରୁନାହିଁ। ପ୍ରତିବର୍ଷ ଜଳ ସମ୍ପଦ ବିଭାଗ ଦ୍ୱାରା ବର୍ଷାଦିନ ଆରମ୍ଭରୁ କେନାଲରୁ ଦଳ ସଫେଇ କରାଯାଇଥାଏ। ଫଳରେ କେନାଲରେ ପାଣି ସୁବିଧାରେ ତଳମୁଣ୍ଡ ପର୍ଯ୍ୟନ୍ତ ଯାଇଥାଏ। କେନାଲ ତଳମୁଣ୍ଡରେ ଥିବା ଜମିରେ ଚାଷୀମାନେ ସୁବିଧାରେ ଚାଷ କାମ କରିଥାନ୍ତି। ଚଳିତବର୍ଷ ବହୁ ବିଳମ୍ବରେ ମଣିଜଙ୍ଗା ଜଳ ସମ୍ପଦ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ତରଫରୁ କେନାଲ ସଫେଇ କାମ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ୧୨ନଂ ଗ, ନୂଆପୋଖରୀ ସବ୍‌ମାଇନର ସମେତ ୧୩ ନଂ ସି, ତାଳପଡ଼ା ମାଇନର କେନାଲ ଆଦି ସଫେଇ ସମ୍ଭବ ହୋଇନାହିଁ। ଏହି ସବୁ କେନାଲରେ ଏମଜିଏନଆରଇଜିଏସ୍‌ରେ ଦଳ ଓ କୋଡି ସଫେଇ ହେବା ପାଇଁ ନିର୍ଦ୍ଦେଶ ରହିଛି। ଚାଷ ସମୟରେ ଶ୍ରମିକ ଅଭାବ କାରଣରୁ ଏହି ସବୁ କେନାଲ ସଫେଇ ସମ୍ଭବ ହୋଇପାରୁନି। କେନାଲ ସଫେଇ ନ ହେବା କାରଣରୁ ଚାଷିଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।



ବଣବୁଦାରେ ଭର୍ତ୍ତି କେନାଲ।

■ ବିଦ୍ୟାଳୟ ରାସ୍ତା ବିପର୍ଯ୍ୟସ୍ତ

# ଜିଲାପାଳଙ୍କୁ ଅଭିଯୋଗ କଲେ ଛାତ୍ରୀଛାତ୍ର



ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ଛାତ୍ରୀଛାତ୍ର।



କାଦୁଅ ରାସ୍ତାରେ ପିଲାମାନେ ବିଦ୍ୟାଳୟ ଯାଉଛନ୍ତି।

**ଜଗତ୍‌ସିଂହପୁର ଅଫିସ,୨୦।୮**

ଜଗତ୍‌ସିଂହପୁର ଶିକ୍ଷା କ୍ଷେତ୍ରରେ ଏକ ଆଗୁଆ ଜିଲା। କିନ୍ତୁ ଜିଲାର ଅନେକ ବିଦ୍ୟାଳୟକୁ ଏବେ ସୁଦ୍ଧା ଭଲ ରାସ୍ତାଟିଏ ହୋଇପାରିନି, ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡିଲୋ ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ। ଏହି ବିଦ୍ୟାଳୟ ରାସ୍ତାରେ ଗାଡିମୋଟର ଚଳାଚଳ ତ ଦୂରର କଥା ଖାଲି ପାଦରେ ଚାଲିକରି ଯିବା କଷ୍ଟକର। ପ୍ରତ୍ୟହ କୁନିକୁନି ପିଲାମାନେ ଏହି ବିଦ୍ୟାଳୟକୁ ଯାଉଛନ୍ତି। ରାସ୍ତା ଖରାପ ଯୋଗୁ ଅନେକ ସମୟରେ ପିଲାମାନେ ବିଦ୍ୟାଳୟ ଯିବାକୁ ଡରୁଛନ୍ତି। କାଦୁଅ ରାସ୍ତାରେ ଗୋଡ ଖସିଯିବାରୁ ପିଲାମାନେ ପଡିଯାଉଛନ୍ତି। ଏଥିଯୋଗୁ ସେମାନଙ୍କ ପୋଷାକ, ବହିପତ୍ର କାଦୁଅ ହୋଇଯାଉଛି। ଏପରି କି ପିଲାମାନେ ଆହତ ହେବାର ମଧ ନଜିର ଅଛି। ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ଏ ସମ୍ପର୍କରେ ବିଭିନ୍ନ ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କିଛି ସୁଫଳ ମିଳିନାହିଁ। ତେଣୁ ସୋମବାର ବାଧହୋଇ ପିଲାମାନେ ଜିଲାପାଳଙ୍କୁ ଏ ସମ୍ପର୍କରେ ଜଣାଇବାକୁ ଆସିଥିଲେ। ତେବେ ଜିଲାପାଳ ଅନୁପସ୍ଥିତ ଥିବାରୁ ସେମାନେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ କୁମାର ଭୋଇ, ଜଗନ୍ନାଥ ଭୋଇ ପ୍ରମୁଖ କହିଛନ୍ତି ଯେ ବିଦ୍ୟାଳୟଟି ପ୍ରାୟ ୧୦୦ ବର୍ଷର ପ୍ରାଚୀନ ହୋଇଥିଲେ ମଧ ଏଯାଏ ପକ୍କା ରାସ୍ତା ହୋଇପାରିଲାନି। ବର୍ଷାଦିନେ ଛାତ୍ରୀଛାତ୍ର ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଏ ବିଷୟରେ ପୂର୍ବରୁ ଏକାଧିକ ବାର ଜିଲାପାଳଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ପ୍ରତିକାର ହୋଇନାହିଁ। ତେଣୁ ପିଲାମାନେ ବାଧହୋଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

■କାଦୁଅ ରାସ୍ତା ଯୋଗୁ ସ୍କୁଲ ଯାଉନାହାନ୍ତି ପିଲା

■ବାରମ୍ବାର ରାସ୍ତା ନିର୍ମାଣ ଦାବି ସତ୍ତ୍ୱେ ମିଳୁନି ସୁଫଳ

# ବର୍ଷାଦିନରେ ସ୍ୱାସ୍ଥ୍ୟବର୍ଦ୍ଧକ ଖାଦ୍ୟ

ମନସୁନ୍ ଆସିଲେ ଖାଦ୍ୟପେୟକୁ ନେଇ ଟିକେ ସତର୍କ ରହିବାକୁ ହେବ। ନ ହେଲେ ଆମେ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କାରହିଛି। ତେବେ ବର୍ଷା ଋତୁରେ କେଉଁ ପରିବାରେ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରିରହିଛି ସେ ସମ୍ପର୍କରେ ଟିପ୍ସ...

**ଲାଉ:** ଏହା ବର୍ଷାଦିନରେ ଖିଆଯାଉଥିବା ସବୁଠାରୁ ସ୍ୱାସ୍ଥ୍ୟଦାୟକ ଖାଦ୍ୟ। ଏଥିରେ ଆଇରନ୍ ଓ ଭିଟାମିନ୍-ସି ପ୍ରଚୁର ମାତ୍ରା ରହିଛି। ଏହା ଆଣ୍ଟିଅକ୍ସିଡାଣ୍ଟ ଭାବରେ କାମ କରିଥାଏ। ଏଥିରେ ଫାଇବର ମଧ୍ୟ ରହିଛି ଯାହା ଓଜନ ହ୍ରାସ କରିବାରେ ଅନେକାଂଶରେ ସହାୟକ ହୋଇଥାଏ।

**କଲରା :** ଏହାର ସ୍ୱାଦ ପିତା ହେଲେ ମଧ୍ୟ ଏଥିରେ ସ୍ୱାସ୍ଥ୍ୟବର୍ଦ୍ଧକ ଗୁଣ ରହିଛି ଯାହାକୁ ଅଣଦେଖା କରିହେବ ନାହିଁ। ଏଥିରେ ଭିଟାମିନ୍ 'ସି' ରହିଛି ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ।

**ପୋଟଳ:** ବର୍ଷାଦିନରେ ସାଧାରଣତଃ ଥଣ୍ଡାକାଶର ପ୍ରାଦୁର୍ଭାବ ଦେଖିବାକୁ ମିଳେ। ଏହାକୁ ଖାଇଲେ ଥଣ୍ଡା କାଶ ଦୂର ହୋଇଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ ଓ ସି ରହିଛି। ଏଥିରେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ରହିଛି।

**ଗୁଆଁର:** ଗୁଆଁରରେ ପ୍ରୋଟିନ୍, ଭିଟାମିନ୍ କେ, ସି ଓ ଏ ରହିଛି । ଏହା ବ୍ୟତୀତ ଏଥିରେ ଫସ୍‌ଫରସ୍,



କ୍ୟାଲସିୟମ୍, ଆଇରନ୍ ଓ ପୋଟାସିୟମର ମାତ୍ରା ରହିଛି। ଡାଇବେଟିସ୍ ଏବଂ ବ୍ଲଡ ପ୍ରେସର ରୋଗୀଙ୍କ ପାଇଁ ଏହା ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏହା ହାଡକୁ ମଜଭୁତ୍ କରିବା ସହ ପାଚନ କ୍ରିୟାକୁ ସକ୍ରିୟ କରିଥାଏ।

**ଭେଣ୍ଡି:** ଭେଣ୍ଡିରେ କୋଲେଷ୍ଟ୍ରଲ ଦୂର କରିବାର ଗୁଣ ରହିଛି। ଏହା ପାଚନ ଶକ୍ତିକୁ ବଢ଼ାଇଥାଏ। ଆଖିର ଉଜ୍ଜ୍ୱଳତା



ବଢ଼ାଇଥାଏ, କ୍ୟାନସର ଭଳି ରୋଗରୁ ଦୂରେଇ ରଖିଥାଏ, ହାଡକୁ ମଜଭୁତ୍ କରିଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।



# ପିଲାଙ୍କ ଭବିଷ୍ୟତ
# ମା'ଙ୍କ ଦାୟିତ୍ୱ



ପିଲଟିଏ ଜନ୍ମ ନେବା ପରେ ତାହାର ଦାୟିତ୍ୱ ମା'ବାପା ନେଇଥାଆନ୍ତି। ସମୟକ୍ରମେ ସେ ବଡ଼ ହୁଏ । ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଆତ୍ମନିର୍ଭରଶୀଳ ହୁଏ। ହେଲେ ପିଲାକୁ ଛୋଟ ଅବସ୍ଥାରେ ଅନେକ କ୍ଷେତ୍ରରେ ବେଶ୍ ସତର୍କତାର ସହ ଜଗିବାକୁ ପଡିଥାଏ। ଏହି ସମୟରେ ତାକୁ ଏମିତି କଥା ଶିଖାନ୍ତୁ, ଯାହା ତାହାର ଭବିଷ୍ୟତକୁ ଉଜ୍ଜ୍ୱଳ କରିବାରେ ସହାୟକ ହେବ। ସେ ସମ୍ପର୍କିତ କେତୋଟି କଥା..

## ଅନୁଶାସନ

ପିଲାଟିଏ ଭଦ୍ର ହେବା ପଛରେ ମା'ବାପାଙ୍କ ଅନୁଶାସନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଦୁନିଆ ବିଷୟରେ କିଛି ଜାଣିବା ପୂର୍ବରୁ ପିଲାଟିକୁ ଏଭଳି କଥା ଶିଖାନ୍ତୁ ଯାହା ତାହାର ଚରିତ୍ର ଏବଂ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ। କେତେକ ମାତାପିତା ପିଲାମାନଙ୍କୁ ଛୋଟ ଛୋଟ କଥାରେ ଆକଟ କରନ୍ତି। ସେମାନଙ୍କୁ ଏଭଳି ପରିବେଶ ମଧ୍ୟରେ ରଖନ୍ତି ଯାହାଦ୍ୱାରା ସେମାନଙ୍କ ମନରେ ଭୟ ଜାତ ହୁଏ। ତେଣୁ ଏଭଳି ପରିବେଶଠାରୁ ପିଲାଙ୍କୁ ଯେତେ ଦୂରେଇ ରଖିବେ ସେତେ ଭଲ। ଛୋଟ ବେଳେ ପିଲାମାନେ ଚପଳମତି ଥାଆନ୍ତି। ତେଣୁ ତାଙ୍କ ସହ ଏଭଳି ଭଙ୍ଗୀରେ କଥା ହୁଅନ୍ତୁ ଯାହା ତାଙ୍କ ମନରେ ଖୁସି ଭରିଦେବ।

## ସାମାଜିକ ପରିବେଶ

ପିଲାମାନଙ୍କର ଭାବନାତ୍ମକ ବିକାଶ ପାଇଁ ସେମାନଙ୍କୁ ଅନ୍ୟମାନଙ୍କ ସହ ମିଶିବାକୁ ଛାଡନ୍ତୁ। କାରଣ ସାମାଜିକ ପରିବେଶ ଯଦି ଭଲ ହୋଇଥାଏ ତେବେ ତାହାର ସକାରାତ୍ମକ ପ୍ରଭାବ ପିଲାଟି ଉପରେ ପଡେ। ଅନ୍ୟମାନଙ୍କ ସହ ମିଶିବା ଦ୍ୱାରା ସେ ଅନେକ କଥା ଶିଖିଥାଏ। ହେଲେ ଏହି ତାଲିକାରୁ ଖଳ ପ୍ରକୃତିର ଲୋକଙ୍କୁ ବାଦ୍ ଦିଅନ୍ତୁ। ନ ହେଲେ ପିଲାଟିର ଭବିଷ୍ୟତ ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ରହିଛି। ସମାଜରୁ ପିଲାଟି ଅନେକ କଥା ଶିଖିଥାଏ। ସେ କ'ଣ ଶିଖୁଛି ଏବଂ ଶିଖିବା ଦରକାର ତାହା ଲକ୍ଷ୍ୟ କରନ୍ତୁ। ଏହାଦ୍ୱାରା ସେମାନଙ୍କର ଆଚାରବ୍ୟବହାରରେ ପରିବର୍ତ୍ତନ ଦେଖିବାକୁ ମିଳେ। ଫଳରେ ସେମାନେ ନିଜ ଭବିଷ୍ୟତକୁ ନକାରାତ୍ମକ ମାନସିକତା ଦ୍ୱାରା ପ୍ରଭାବିତ ହେବାକୁ ଦେଇ ନ ଥାନ୍ତି।

## ବ୍ୟବହାର

ନିଜର ନମ୍ର ବ୍ୟବହାର ବ୍ୟକ୍ତିତ୍ୱକୁ ନୂଆ ପରିଚୟ ଦେଇଥାଏ। ତେଣୁ ପିଲାଟିର ବ୍ୟବହାର ପ୍ରତି ଆରମ୍ଭରୁ ସଚେତନ ରହିବା ଦରକାର। ସେ ଯଦି କାହାକୁ ରୁକ୍ଷ ବ୍ୟବହାର କଲା ତେବେ ତାକୁ ଧମକାଇବା ପରିବର୍ତ୍ତେ ଥଣ୍ଡା ମିଜାଜରେ ବୁଝାନ୍ତୁ। ଭଲ ବ୍ୟବହାର ଦ୍ୱାରା ସେ ନିଜର ବନ୍ଧୁତ୍ୱକୁ ପ୍ରସାରିତ କରିଥାଏ। ତେଣୁ ସବୁବେଳେ ରୁକ୍ଷ ବ୍ୟବହାର କରୁଥିବା ପିଲାଙ୍କ ସଂସ୍ପର୍ଶରେ ତାକୁ ଆସିବାକୁ ଦିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଭଲ ପିଲାର ମାନସିକତା ବଦଳି ଯିବାର ସମ୍ଭାବନା ରହିଛି।

## ପରିବାର

ଛୋଟ ପିଲାଟିର ପ୍ରଥମ ବିଦ୍ୟାଳୟ ହେଲା ପରିବାର। କାରଣ ତାହାର ବୟସ ବଢ଼ିବା ସହ ସେ ଅନେକ କଥା ପରିବାରରୁ ହିଁ ଶିଖିଥାଏ। ତେଣୁ ନିଜ ପରିବାରର ପରିବେଶ ଖୁସିର ମାହୋଲ ଭିତରେ ରହିବା ଦରକାର। ପିଲାଟିଏ ମା, ବାପା, ଜେଜେ, ଜେଜେମା, ଦାଦା, ଖୁଡୀ ଆଦି ପରିବାର ସଦସ୍ୟଙ୍କଠାରୁ ଅନେକ ଭଲ କଥା ଶିଖିଥାଏ। ଏପରି କି ଅନ୍ୟମାନଙ୍କୁ କିପରି ବ୍ୟବହାର କରିବାକୁ ପଡିବ ତାହା ମଧ୍ୟ ସେ ଏମାନଙ୍କୁ ଲକ୍ଷ୍ୟ କରି ଶିଖେ। ତେଣୁ ପିଲାଟିର ଭବିଷ୍ୟତ ଗଢ଼ିବା ପଛରେ ପରିବାର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା କେବଳ ମା'ବାପା ନୁହନ୍ତି ପରିବାରର ଅନ୍ୟ ସଦସ୍ୟ ଉପଲବ୍ଧି କରିବା ଦରକାର।

## ସାଙ୍ଗ ଏବଂ ପଡ଼ୋଶୀଙ୍କ ସହ ମିଶାନ୍ତୁ

ପିଲାଟିକୁ ନିଜ ଘରର ଚାରି କାନ୍ଥ ଭିତରେ ଆବଦ୍ଧ କରି ରଖନ୍ତୁ ନାହିଁ। ତାକୁ ବନ୍ଧୁ, ସମ୍ପର୍କୀୟ କିମ୍ବା ପଡୋଶୀଙ୍କ ସହ ମିଶିବାକୁ ଦିଅନ୍ତୁ। ଯଦି କୌଣସି ବାର୍ଥ ଡେ' କିମ୍ବା ମ୍ୟାରେଜ ରିସେପଶନକୁ ଯାଇଛନ୍ତି ତେବେ ପିଲା ଯଦି ଅନ୍ୟମାନଙ୍କ ସହ ମିଶୁଛି ତେବେ ତାହାର ବ୍ୟବହାରକୁ ଲକ୍ଷ୍ୟ କରନ୍ତୁ। କାରଣ ଅନ୍ୟମାନଙ୍କଠାରୁ ପିଲାଟି ଅନେକ ଭଲ କଥା ଶିଖିଥାଏ।

## ବୁଦ୍ଧିମତ୍ତା

ପିଲାଟିର ବୁଦ୍ଧିମତ୍ତାର ବିକାଶ ପିଲାଟି ଦିନରୁ ହିଁ ଠିକ୍ ଭାବରେ ହେବା ଦରକାର। ଆଜିକାଲି ତ ହାଇଟେକ ଯୁଗ। ଘରେ ମୋବାଇଲ, ଟିଭି, ଲାପଟପ, କମ୍ପ୍ୟୁଟର ଆଦି ବିଭିନ୍ନ ପ୍ରକାର ଜିନିଷ ଉପଲବ୍ଧ। ପିଲାଟି ଯଦି ମୋବାଇଲରୁ କିଛି ନୂଆ କଥା ଶିଖିବାକୁ ଚାହୁଁଛି ତେବେ ତାକୁ ଉତ୍ସାହିତ କରନ୍ତୁ। ବର୍ତ୍ତମାନ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଯେଉଁଭଳି ଭାବରେ ଉନ୍ନତ ହେବାରେ ଲାଗିଛି ପିଲାମାନେ ତା' ସହ ପାଦ ମିଳାଇ ଚାଲିଲେ କ୍ଷତି କ'ଣ ? ଏସବୁ ଜିନିଷରୁ ସେ ଅନେକ ଭଲ କଥା ଶିଖିଥାଏ, ତା'ସହ ତାହାର ବୁଦ୍ଧିମତ୍ତାର ବିକାଶ ଘଟିଥାଏ। ହେଲେ ଏହାଦ୍ୱାରା ଯେମିତି ପିଲାମାନଙ୍କର ପାଠପଢ଼ା ପ୍ରଭାବିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

## ଅଲ୍‌ରାଉଣ୍ଡର

ଆଜିକାଲି ପାଠପାଢ଼ା ବ୍ୟତୀତ ଖେଳକୁଦ, ନାଚ, ଗୀତ, କୁଇଜ ପ୍ରତିଯୋଗିତା ଆଦି ଅନେକ କ୍ଷେତ୍ରରେ ପିଲମାନେ ନିଜର ପାରଦର୍ଶିତା ପ୍ରଦର୍ଶନ କରୁଛନ୍ତି। ତେଣୁ ପିଲାଟିର ଭବିଷ୍ୟତକୁ କେବଳ ପାଠପଢ଼ାରେ ସୀମିତ ରଖନ୍ତୁ ନାହିଁ। ସେ ପାଠ ପଢ଼ିବା ବ୍ୟତୀତ ଆଉ କ'ଣ ଶିଖିବାକୁ ଚାହୁଁଛି ତାହା ପ୍ରଥମେ ଜାଣନ୍ତୁ। କାରଣ ଏହାଦ୍ୱାରା ତାହାର ମନ ହାଲ୍‌କା ରହିବା ସହ ସେ ନିଜର ଲକ୍ଷ୍ୟ ପଥରେ ସହଜରେ ଆଗେଇ ଚାଲିଥାଏ। ପିଲାମାନଙ୍କଠାରେ ଏଭଳି ଗୁଣ ଦେଖିଲେ ସେମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ଯେମିତି ସେମାନେ କେବଳ ପାଠପଢ଼ା ନୁହେଁ ଅନ୍ୟାନ୍ୟ କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇପାରିବେ।





### ଏମାନେ କ'ଣ କରନ୍ତି



**ଲକ୍ଷ୍ମୀପ୍ରିୟା ଭୋଳ**
*(ମଳୟ ବିହାର, ଜିଜିପି କଲୋନୀ, ରସୁଲଗଡ, ଭୁବନେଶ୍ୱର)*

ପିଲାକୁ ସବୁବେଳେ ଅନ୍ୟମାନଙ୍କ ସହ ମିଶିବାକୁ ଛାଡନ୍ତୁ। ଏହାଦ୍ୱାରା ପିଲାର ମାନସିକ ସ୍ତରରେ ବିକାଶ ଘଟିଥାଏ। କେବଳ ଘର ଭିତରେ ବାନ୍ଧି ନ ରଖି ଆପଣ ଯେଉଁ ପାର୍ଟି ଫଙ୍କଶନ୍ ଯାଉଛନ୍ତି ତାକୁ ସାଙ୍ଗରେ ନିଅନ୍ତୁ। ଏହାଦ୍ୱାରା ପିଲା ସେଠାରେ ଅନେକ ଭଲ କଥା ଶିଖିପାରିବ।



**ପ୍ରତିମା ମହାନ୍ତି**
*(ଗୋରଡ, ତିର୍ତ୍ତୋଲ, ଜଗତ୍‌ସିଂହପୁର)*

ପିଲାମାନଙ୍କୁ ସବୁବେଳେ ତାଗିଦ୍ ନ କରି ତାକୁ ସ୍ନେହ, ଶ୍ରଦ୍ଧା କରନ୍ତୁ। ଫଳରେ ଅନ୍ୟମାନଙ୍କ ପ୍ରତି ତାହାର ବ୍ୟବହାର ନମ୍ର ରହିବ। କେବଳ ପାଠପଢ଼ା ନୁହେଁ ଅନ୍ୟ କ୍ଷେତ୍ରରେ ପିଲା ଯେପରି ନିଜର ଦକ୍ଷତା ଦେଖାଇପାରେ ସେଥିପ୍ରତି ଆରମ୍ଭରୁ ନଜର ଦିଅନ୍ତୁ।

---

### ସୌନ୍ଦର୍ଯ୍ୟ



# ମନସୁନ୍ କେୟାର

ମନସୁନ୍‌ରେ ହେୟାର ସ୍ପ୍ରେ କିମ୍ବା ଜେଲ୍ ବ୍ୟବହାର କରନ୍ତୁ ନାହିଁ। କାହିଁକି ନା ଏହା ସ୍କାଲ୍ପରେ ଲାଗିକି ରହିଯିବ ଯାହାଦ୍ୱାରା ମୁଣ୍ଡରେ ରୁପି ହେବାର ଆଶଙ୍କା ରହିଛି।

- ମନସୁନ୍‌ରେ ବାୟୁମଣ୍ଡଳ ଅଧିକ ଆର୍ଦ୍ରତା ରହିବା ଯୋଗୁ କେଶରେ ରୁପି ହେବା ଏକ ସାଧାରଣ ସମସ୍ୟା। ଏଥିପାଇଁ ସପ୍ତାହରେ ଥରେ ଆଣ୍ଟିଡାଣ୍ଡ୍ରଫ୍ ଶାମ୍ପୋ ବ୍ୟବହାର କରନ୍ତୁ।
- ମନସୁନ୍‌ରେ ପାଣିରେ କ୍ଲୋରିନ୍ ଅଧିକ ପରିମାଣରେ ଥାଏ। ଯାହା କେଶକୁ ଅଧିକ ବ୍ଲିଚ୍ କରି ଖରାପ୍ କରିଥାଏ।
- କେଶରେ ଉକୁଣି ହେବାର ଆଶଙ୍କା ଅଧିକ ରହିଛି। ଯଦି ମୁଣ୍ଡରେ ଉକୁଣି ହୋଇଛି ତେବେ ପରମାଇଟ୍ ଲୋଶନ୍‌କୁ ବ୍ୟବହାର କରିପାରିବେ। ଏହି ଲୋଶନ୍‌କୁ ଏକ ଘଣ୍ଟା ମୁଣ୍ଡରେ ଲଗାଇ ରଖିବା ପରେ ଧୋଇ ଦିଅନ୍ତୁ। ଏମିତି ତିନି ଚାରି ସପ୍ତାହ ପର୍ଯ୍ୟନ୍ତ କରନ୍ତୁ।
- ଆପଣଙ୍କ କେଶ ଅନୁଯାୟୀ ହେୟାର କେୟାର ପ୍ରଡକ୍ଟ ଚୟନ କରନ୍ତୁ।
- – ତ୍ୱଚାକୁ ସଫା କରିବାକୁ ହେଲେ ୱେଟ ୱାଇପ୍‌ସ ବ୍ୟବହାର କରନ୍ତୁ।
- ଏହି ଦିନରେ ଫଙ୍ଗାଲ ଇନ୍‌ଫେକଶନ୍ ହେବାର ଆଶଙ୍କା ଅଧିକ, ଏଥିପାଇଁ ଆଣ୍ଟିଫଙ୍ଗାଲ ଡଷ୍ଟିଙ୍ଗ ପାଉଡର ପାଖରେ ରଖନ୍ତୁ।
- ଏହି ଦିନରେ ପାଖରେ ପରଫ୍ୟୁମ୍ କିମ୍ବା ଡିଓଡ୍ରାଣ୍ଟ ବ୍ୟବହାର କରନ୍ତୁ।



---

### ଫ୍ୟାଶନ୍

# ପ୍ରଫେଶନ ଅନୁଯାୟୀ ପିନ୍ଧନ୍ତୁ ଡ୍ରେସ୍

*ଆପଣ ତ ଶୁଣିଥିବେ 'ଫାଷ୍ଟ ଇମ୍ପ୍ରେଶନ୍ ଲାଷ୍ଟ ଲଙ୍ଗ'। ସେଥିପାଇଁ ଆମେ ଯେଉଁ ପ୍ରଫେଶନ୍ ଅନୁଯାୟୀ ଡ୍ରେସ୍ ପିନ୍ଧିଲେ ତାହା ନିଜର ବ୍ୟକ୍ତିତ୍ୱକୁ ଅଧିକ ଆକର୍ଷଣୀୟ କରିଥାଏ । ତେଣୁ ଅଫିସ ଯିବା ସମୟରେ କେଉଁ ଡ୍ରେସ୍ ପିନ୍ଧିଲେ ତାହା ଆପଣଙ୍କୁ ପରଫେକ୍ଟ ମ୍ୟାଚ୍ କରିବ ଜାଣନ୍ତୁ ସେ ସମ୍ପର୍କରେ..*



## ବିଜ୍‌ନେସ ପ୍ରଫେଶନ

ଏହି କ୍ଷେତ୍ରରେ ଆପଣଙ୍କ ପର୍ସନାଲିଟିର ଲୁକ୍ ରହିବା ଆବଶ୍ୟକ। ଫର୍ମାଲ ସହ ବିଜ୍‌ନେସ୍ ସୁଟ୍ ପିନ୍ଧି ପାରିବେ। ଏହା ଆପଣଙ୍କ ପାଇଁ ପରଫେକ୍ଟ ହେବ। ଏହାଦ୍ୱାରା ଆପଣ ଅଧିକ ପ୍ରଭାବଶାଳୀ ଲାଗିବେ। ଆପଣ ବିନା କୌଣସି ଦ୍ୱିଧାରେ କ୍ଲାସିକ୍ କଲର ଯେମିତି ଗ୍ରେ, ଷ୍ଟିଲ ବ୍ଲୁ, ଅଫ୍ ହ୍ୱାଇଟ୍‌ରେ ବ୍ଲାକ୍ ସୁଟ୍ସ ଟ୍ରାଏ କରିପାରିବେ। ଶାର୍ଟ ପାଇଁ ଷ୍ଟିଲ୍ ବ୍ଲୁ, ସ୍କାଇ ବ୍ଲୁ, ମେରୁନ୍ କମ୍ବିନେଶନ ଆପଣଙ୍କୁ ଫର୍ମାଲରେ ଆକର୍ଷକ ଲୁକ୍ ଦେବ।

## ମେଡିକାଲ୍

ଡାକ୍ତର, ଫାର୍ମାଶିଷ୍ଟ ଫିଲ୍ଡ ସହିତ ଜଡିତ ରହୁଥିବା ବ୍ୟକ୍ତି ସଫା ସୁତୁରା ରହିବା ସହିତ ସିମ୍ପଲ୍ ରହିବାକୁ ଚେଷ୍ଟା କରନ୍ତୁ। ଆପଣ ଯେତେ ଶାନ୍ତଶିଷ୍ଟ ଦେଖାଯିବେ ସେତେ ଆପଣଙ୍କର ବିଶ୍ୱସନୀୟତା ବଢ଼ିବ। ଲାଇଟ୍ ବ୍ଲୁ, ହ୍ୱାଇଟ୍, ଅଫ୍ ହ୍ୱାଇଟ୍, ଲାଇଟ୍ ପିଙ୍କ ଭଳି ହାଲୁକା ଶେଡ୍‌ସ ଆପଣଙ୍କୁ ପସନ୍ଦ ଲାଗିପାରେ। ଆପଣ ସେମି ଫର୍ମାଲ କିମ୍ବା ସେମି କାଜୁଆଲ ଲୁକ୍‌କୁ ଆପଣାଇଲେ ଆପଣଙ୍କ ଇଜ୍ଜତ ବଢ଼ିଯିବ ଏବଂ ଆପଣଙ୍କୁ ସମ୍ମାନ କରିବେ। ଆପଣ ସେମି ଫର୍ମାଲ କିମ୍ବା ସେମି କାଜୁଆଲ ଲୁକ୍‌କୁ ଆପଣାଇପାରିବେ ଯାହା ଦ୍ୱାରା ସାମ୍ନାବାଲା ଆପଣଙ୍କୁ ଦେଖି ଇଜ୍ଜତ ଦେବା ସହ ଫ୍ରେଣ୍ଡଲି ବି ହୋଇଯିବେ।



## କ୍ରିଏଟିଭ୍ ପ୍ରଫେଶନ

ଆପଣ କୌଣସି ଆଡ୍ କମ୍ପାନୀର ହେଉ, ସଫ୍ଟୱେର କମ୍ପାନୀ କିମ୍ବା ଫ୍ୟାଶନ୍ ଷ୍ଟୁଡିଓରେ କାମ କରୁଥିଲେ ତେବେ କାମରେ କ୍ରିଏଟିଭିଟି ପାଇଁ ଡ୍ରେସ୍ ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡିବ। ବୋଲ୍ଡ ଏବଂ ଅଫ୍ ଶେଡ୍ କମ୍ବିନେଶନ୍, ଫ୍ୟୁଜନ୍ ଏବଂ ଏକରୁ ଅଧିକ ଶେଡ୍ ସହିତ ମିକ୍ସ ଆଣ୍ଡ ମ୍ୟାଚ୍ କରି ମଧ୍ୟ ପିନ୍ଧିପାରିବେ। ଆପଣଙ୍କ କମ୍ପାନୀରେ ଯଦି ଡ୍ରେସ୍ କୋଡ୍ ନାହିଁ ତେବେ କାଜୁଆଲ୍ କିମ୍ବା ସେମି କାଜୁଆଲ୍ ଲୁକ୍‌କୁ ବି କ୍ୟାରି କରିପାରିବେ। ସବୁବେଳେ ଧ୍ୟାନ ରଖିବେ ଯେ ଆପଣ ପିନ୍ଧୁଥିବା ଡ୍ରେସ୍ ସଫା ଏବଂ ପ୍ରେସ୍ ହୋଇଥିବା ଦରକାର। ତେବେ ଯାଇ ଆପଣଙ୍କ ଉପରେ ଭଲ ଇମ୍ପ୍ରେଶନ ରହିବ।



Dollar 69.82 (33) | Sensex 38,278.75 (330.87) | Nifty 11,551.75 (81) | Gold 30,420.00 (₹ 170) | Silver 38,100.00 (₹ 100)



"ନିଷ୍ପତ୍ତିଗତ ବିଳମ୍ବ ଯୋଗୁ କନସୋର୍ଟିୟମ ବ୍ୟାଙ୍କିଂରେ ବିଭିନ୍ନ ଅସୁବିଧା ସୃଷ୍ଟି ହେଉଛି।"
– ରଜନୀଶ କୁମାର, ଏସ୍‌ବିଆଇ, ଅଧ୍ୟକ୍ଷ



"ବଜାରକୁ ଆସିଥିବା ପରିବର୍ତ୍ତିତ ସିଆଜ୍ ଗ୍ରାହକଙ୍କୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ପ୍ରଦାନ କରିବ ବୋଲି ଆଶା।"
– କେନିଚି, ଆୟୁକାୱା, ମାରୁତି ସୁଜୁକି ଇଣ୍ଡିଆ ଏମ୍‌ଡି

## ସଂକ୍ଷେପରେ

### ସିଏଆଇଟିର ଭାରତ ବନ୍ଦ ଡାକରା




ହାଇଦ୍ରାବାଦ,୨୦-୮: ୱାଲମାର୍ଟ-ଫ୍ଲିପକାର୍ଟ ଡିଲ୍‌କୁ ବିରୋଧ କରି କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ସେପ୍ଟେମ୍ବର ୨୮ରେ ଭାରତ ବନ୍ଦ ଡାକରା ଦେଇଛି। ଏହି ଚୁକ୍ତି ଦ୍ୱାରା ଇ-କମର୍ସ ଖୁଚୁରା ବାଣିଜ୍ୟ ଉପରେ ନିୟନ୍ତ୍ରଣ ଜାରି କରିବ। ଏହା ସରକାରଙ୍କ ୨୦୧୬ ପ୍ରେସ୍ ନୋଟ ନମ୍ବରଣୀକୁ ବିରୋଧାଭାଷ କରୁଥିବା ସିଏଆଇଟିର ମହାସଚିବ ପ୍ରଭୀନ ଖଣ୍ଡେଲୱାଲ କହିଛନ୍ତି। ଚୁକ୍ତି ହେଲେ ଏହା ଘରୋଇ ବଜାରରେ ଏକଚାଟିଆ କାରବାରକୁ ପ୍ରୋତ୍ସାହିତ କରିବା ସହ ଅତିରିକ୍ତ ରିହାତି ଓ ମୂଲ୍ୟରେ ହ୍ରାସ ଯୋଗୁ ଖୁଚୁରା ବ୍ୟବସାୟୀମାନେ ପ୍ରଭାବିତ ହେବେ ବୋଲି ଖଣ୍ଡେଲୱାଲ କହିଛନ୍ତି। ଅପରପକ୍ଷରେ ଡିଲ୍‌କୁ ବିରୋଧ କରି ସେପ୍ଟେମ୍ବର ୧୫ରେ ଦେଶ ବ୍ୟାପୀ ରଥ ଯାତ୍ରା ଶୁଭାରମ୍ଭ କରାଯିବ ବୋଲି ସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି। ବ୍ୟବସାୟୀଙ୍କ ବିରୋଧରେ ଭେଦଭାବ ପ୍ରତିବାଦରେ ଡିସେମ୍ବର ୧୬ରେ ସଂଘ ପକ୍ଷରୁ ଏକ ମେଗା ର୍ୟାଲି ଅନୁଷ୍ଠିତ ହେବ। ସୋମବାର ନାଗପୁରଠାରେ ଅନୁଷ୍ଠିତ ସଂଘର ବାର୍ଷିକ ସାଧାରଣ ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। ସେପ୍ଟେମ୍ବର ୨୮ରେ ସାରା ଦେଶରେ ଦୋକାନ ବଜାର ବନ୍ଦ କରିବା ସହ ବ୍ୟବସାୟୀମାନେ ବିରୋଧ ପ୍ରଦର୍ଶନ କରିବେ ବୋଲି ସଂଘ କହିଛି।

### ଟିଭି ବଜାରରେ ପ୍ରାଇସ୍ ୱାର

ନୂଆଦିଲ୍ଲୀ,୨୦-୮: ଘରୋଇ ଟେଲିଭିଜନ ବଜାରରେ ବର୍ତ୍ତମାନ ମୂଲ୍ୟକୁ ନେଇ କମ୍ପାନୀଙ୍କ ମଧ୍ୟରେ ଜୋରଦାର ଲଢେଇ ଦେଖିବାକୁ ମିଳିଛି। ଦେଶର ଟିଭି ବଜାରରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ କମ୍ପାନୀ ରହିଛନ୍ତି। କମ୍ପାନୀଗୁଡିକ ବର୍ତ୍ତମାନ ମୂଲ୍ୟକୁ ନେଇ ନିଜ ମଧ୍ୟରେ ଲଢେଇ ଜାରି ରଖିଛନ୍ତି। ଏହା ଦ୍ୱାରା ଗ୍ରାହକମାନେ ଲାଭବାନ ହେବେ ବୋଲି ବଜାର ବିଶେଷଜ୍ଞ ମାନେ କହିଛନ୍ତି। ୨ ବର୍ଷ ପୂର୍ବେ ବର୍ତ୍ତମାନ ତୁଳନାରେ ବଜାରରେ ଅଧା କମ୍ପାନୀ ରହିଥିଲେ। ମାତ୍ର କମ୍ପାନୀଗୁଡିକ ବଢିବା ଯୋଗୁ ଟିଭି ମୂଲ୍ୟରେ ପ୍ରାୟ ୪୦% ହ୍ରାସ ହୋଇଥିବା ଏକ ଆକଳନରୁ ଜଣାଯାଇଛି। ଆଗାମୀ ଦିନଗୁଡିକରେ ଅଧିକରୁ ଅଧିକ କମ୍ପାନୀ ପ୍ରବେଶ କରିବେ ବୋଲି ଅନୁମାନ କରାଯାଉଛି। ଏହା ହେଲେ ପ୍ରାଇସ୍ ୱାର୍ ଆହୁରି ବଢିଯିବ ବୋଲି ବିଶେଷଜ୍ଞ କହିଛନ୍ତି। ୨୦୧୬ରେ ୩୨ ଇଞ୍ଚ ଏଚ୍‌ଡି ରେଡି ଟିଭିର ମୂଲ୍ୟ ୧୩,୫୦୦ ଟଙ୍କା ରହିଥିଲା। ବର୍ତ୍ତମାନ ସମାନ ମୂଲ୍ୟରେ ୩୨ ଇଞ୍ଚ ସାଇଜର ସ୍ମାର୍ଟ ଏବଂ ଫୁଲ ଏଚ୍‌ଡି ଟିଭି ଉପଲବ୍ଧ ହେଉଛି। ଏହି ଧରଣର ଟିଭି କ୍ରୟ କରିବାକୁ ଗ୍ରାହକଙ୍କୁ ୨୦୧୬ରେ ୨୯-୩୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା। ବର୍ତ୍ତମାନ ୪୩ ଇଞ୍ଚ ସାଇଜର ସ୍ମାର୍ଟ ୪କେ ଟିଭି ସେଟ୍ ୩୦ ହଜାର ଟଙ୍କାରେ ବିକ୍ରି ହେଉଛି। ଏହି ସାଇଜର ଟିଭି ମୂଲ୍ୟ ଦୁଇ ବର୍ଷ ପୂର୍ବେ ୪୫-୫୦ ହଜାର ଟଙ୍କା ରହିଥିଲା। ସେହିଭଳି ୫୫ ଇଞ୍ଚ ୪କେ ସ୍ମାର୍ଟ ଟିଭି ବର୍ତ୍ତମାନ ୪୫-୫୦ ହଜାର ଟଙ୍କାରେ ବିକ୍ରି ହେଉଛି ଯାହା ଦୁଇ ବର୍ଷ ତଳେ ୭୦-୮୦ ହଜାର ଟଙ୍କା ରହିଥିଲା। ଫ୍ରାଇସିଂ, ଫିଚର ଭଳି ଅନ୍ୟ କେତେକ କ୍ଷେତ୍ରରେ କମ୍ପାନୀଗୁଡିକ ଧ୍ୟାନ କେନ୍ଦ୍ରିତ କରିଥିବା ଜଣାଯାଇଛି।

■ ଭାରତକୁ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନର ପରାମର୍ଶ

# ସୁଦୃଢ଼ କର ୱେଜ୍ ପଲିସି

ନୂଆଦିଲ୍ଲୀ,୨୦-୮



■ରାଜୁତି କରୁଛି ବୈଷମ୍ୟଗତ ସମସ୍ୟା
■୬ କୋଟି ୨୦ ଲକ୍ଷ କର୍ମଜୀବୀ ସର୍ବନିମ୍ନ ମଜୁରିରୁ ବଞ୍ଚିତ
■ଲାଗି ରହିଛି ଜେଣ୍ଡର ୱେଜ୍ ଗ୍ୟାପ୍

ଭାରତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସୁବିଧା ଠାରୁ ଆରମ୍ଭ କରି ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ପାଇଁ ହେଲେ ଏଠାରେ ୱେଜ୍ ପଲିସିଜ୍ (ମଜୁରି ନୀତି)କୁ ସୁଦୃଢ଼ କରିବାକୁ ପଡ଼ିବ। ଖାଲି ସେତିକି ନୁହେଁ ମହିଳା ସଶକ୍ତୀକରଣକୁ ଯଥେଷ୍ଟ ଗୁରୁତ୍ୱ ଦେବାକୁ ହେବ। ଅର୍ଥାତ୍ ସାମଗ୍ରିକ ବିକାଶ ସହିତ ମୋଟ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧିକୁ ବଜାୟ ରଖିବାକୁ ହେଲେ ଭାରତରେ ୱେଜ୍ ପଲିସିରେ ସଂସ୍କାର ଆଣିବା ନିହାତି ଜରୁରୀ। ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ଆଇଏଲ୍‌ଓ) ପକ୍ଷରୁ ସୋମବାର ଏହା କୁହାଯାଇଛି।

ଆଇଏଲ୍‌ଓର କହିବା ଅନୁସାରେ ଭାରତରେ ବିଭିନ୍ନ କ୍ଷେତ୍ରରେ ବୈଷମ୍ୟଗତ ସମସ୍ୟା ଏବେବି ରାଜୁତି କରୁଛି। ସବୁଠାରୁ ଦୁର୍ଭାଗ୍ୟର କଥା ଏକବିଂଶ ଶତାବ୍ଦୀରେ ମଧ୍ୟ ଭାରତରେ ଜେଣ୍ଡର ୱେଜ୍ ଗ୍ୟାପ୍(ପୁରୁଷଙ୍କ ତୁଳନାରେ ମହିଳାଙ୍କୁ କମ୍ ବେତନ) ସମସ୍ୟା ଲାଗି ରହିଛି।

ଆଇଏଲ୍‌ଓ ଏହାର 'ଇଣ୍ଡିଆ ୱେଜ୍ ରିପୋର୍ଟ: ୱେଜ୍ ପଲିସିଜ୍ ଫର୍ ଡିସେଣ୍ଟ ୱାର୍କ ଆଣ୍ଡ ଇନ୍‌କ୍ଲୁଶିଭ୍ ଗ୍ରୋଥ୍' ଶୀର୍ଷକ ରିପୋର୍ଟ ପ୍ରକାଶ କରି ଏଭଳି କହିଛି। ସୂଚନା ଅନୁସାରେ, ବର୍ତ୍ତମାନ ଭାରତର ପ୍ରାୟ ୬ କୋଟି ୨୦ ଲକ୍ଷ କର୍ମଜୀବୀ ଜାତୀୟ ସର୍ବନିମ୍ନ ମଜୁରି ଠାରୁ କମ୍ ଆୟ କରୁଛନ୍ତି। ମହିଳା କର୍ମଜୀବୀ ଏ କ୍ଷେତ୍ରରେ ମାତ୍ରାଧିକ ପ୍ରଭାବିତ। ଜାତୀୟ ନମୁନା ସର୍ବେକ୍ଷଣ ସଙ୍ଗଠନ(ଏନଏସ୍‌ଏସ୍‌ଓ)ର ଆକଳନ ଅନୁସାରେ ଗ୍ରାମାଞ୍ଚଳ ଓ ଅଣସଂଗଠିତ କ୍ଷେତ୍ରରେ ଯେଉଁମାନେ କାର୍ଯ୍ୟରତ ସେମାନଙ୍କ ଆୟରେ ବୃଦ୍ଧି ଘଟିଛି। ସେହିପରି ସାମୟୀକ ଭାବେ ନିୟୋଜିତ ମହିଳା କର୍ମଚାରୀମାନଙ୍କ ମଜୁରିରେ ମଧ୍ୟ ଉନ୍ନତି ଆସିଛି। ହେଲେ ମଧ୍ୟ ଏଥିରେ ଢେର ତାରତମ୍ୟ ରହିଛି। ୧୯୯୩-୯୪ ତୁଳନାରେ ୨୦୧୧-୧୨ରେ ଦୈନିକ ମଜୁରି ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି। ସେହିପରି ଜେଣ୍ଡର ୱେଜ୍ ଗ୍ୟାପ୍ ୧୯୯୩-୯୪ରେ ୪୮% ଥିବା ବେଳେ ୨୦୧୧-୧୨ରେ ଏହା ୩୪%କୁ ହ୍ରାସ ପାଇଛି। ଏହା ସତ୍ତ୍ୱେ ଗ୍ରାମାଞ୍ଚଳରେ କାଜୁଆଲ୍ ୱାର୍କର ଭାବେ କାମ କରୁଥିବା ମହିଳାମାନେ ଭାରତବର୍ଷରେ ସବୁଠାରୁ କମ୍ ମଜୁରି ପାଉଛନ୍ତି। ଏହି ଦୃଷ୍ଟିରୁ ଏଠାରେ ସାମଗ୍ରିକ ବିକାଶ ପାଇଁ ୱେଜ୍ ପଲିସିରେ ସୁଧାର ଆଣିବା ନିହାତି ଆବଶ୍ୟକ ବୋଲି ଅନ୍ତର୍ଜାତୀୟ ଶ୍ରମ ସଂଗଠନ ପରାମର୍ଶ ଦେଇଛି।

## ଜେଏସ୍‌ପିଏଲ୍‌କୁ ଏନର୍ଜି ଏକ୍ସିଲେନ୍ସ ଆୱାର୍ଡ



ଅନୁଗୋଳ ଅଫିସ୍, ୨୦-୮

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍(ଜେଏସ୍‌ପିଏଲ୍)ର ଅନୁଗୋଳ ସ୍ଥିତ ପ୍ଲାଣ୍ଟକୁ ଏନର୍ଜି ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି।

ଗ୍ରୋ କେୟାର୍ ଇଣ୍ଡିଆ ନାମକ ଦିଲ୍ଲୀଭିତ୍ତିକ ଏକ ନନ୍ ପ୍ରଫିଟ୍‌ମେକିଙ୍ଗ୍ ଅର୍ଗାନାଇଜେଶନ ଜେଏସ୍‌ପିଏଲ୍‌କୁ ଗୋଲ୍ଡ କାଟାଗୋରିରେ ଏହି ସମ୍ମାନ ପ୍ରଦାନ କରିଛି ବୋଲି କମ୍ପାନୀ ସୂତ୍ରରୁ ପ୍ରକାଶ। ଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜେଏସ୍‌ପିଏଲ୍ ପକ୍ଷରୁ ଏହାର ହେଲ୍‌ଥ ଆଣ୍ଡ ସେଫ୍ଟି ବିଭାଗର କାର୍ଯ୍ୟନିର୍ବାହୀ ଉପସଭାପତି ରବିକାନ୍ତ ସୋମାନିଆ ଏବଂ ଏନର୍ଜି ମ୍ୟାନେଜର ଜୟ ପ୍ରକାଶ ଚୌଧୁରୀ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ଅବସରରେ ଜେଏସ୍‌ପିଏଲ୍ ଅନୁଗୋଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅତୁଲ ମିଶ୍ର ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ବିଦ୍ୟୁତ୍ ଶକ୍ତିର ଉଚିତ ବିନିଯୋଗ ବର୍ତ୍ତମାନ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ସୂଚନା ଅନୁସାରେ ଗ୍ରୋ କେୟାର ଇଣ୍ଡିଆ ପକ୍ଷରୁ ଏନର୍ଜି ଏକ୍ସିଲେନ୍ସ ଆୱାର୍ଡ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଜେଏସ୍‌ପିଏଲ୍ ଶକ୍ତି ସଞ୍ଚୟ ପାଇଁ ଯେଉଁ ସବୁ ପଦକ୍ଷେପ ଗ୍ରହଣ କରିଛି ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲା।

## ପୂର୍ବତଟ ରେଳପଥର ସଦ୍‌ଭାବନା ଦିବସ




ଭୁବନେଶ୍ୱର,୨୦-୮

ପୂର୍ବତଟ ରେଳପଥ ପକ୍ଷରୁ ସ୍ଥାନୀୟ ଚନ୍ଦ୍ରଶେଖରପୁର ସ୍ଥିତ ରେଳ ସଦନଠାରେ ସଦ୍‌ଭାବନା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଏକ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଉମେଶ ସିଂ ରେଳପଥ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଜାତି, ଧର୍ମ, କ୍ଷେତ୍ର, ଭାଷାଗତ ବିଭିନ୍ନତା ବିନା ଭାରତ ବର୍ଷର ସମସ୍ତ ଜନସାଧାରଣଙ୍କ ଭାବନାତ୍ମକ ଏକତା ଏବଂ ସଦ୍‌ଭାବନା ନେଇ କାର୍ଯ୍ୟ କରିବା ଦିଗରେ ଶପଥପାଠ କରାଇଥିଲେ। ସେହିଭଳି ହିଂସା ବିନା ବାର୍ତ୍ତାଳାପ ଓ ସାମ୍ବିଧାନିକ ବ୍ୟବସ୍ଥା ମାଧ୍ୟମରେ ସମସ୍ତ ମତଭେଦକୁ ଦୂରକରି କାର୍ଯ୍ୟ ସମ୍ପାଦନ କରିବାକୁ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଛି। ପୂର୍ବତଟ ରେଳପଥର ମୁଖ୍ୟ କାର୍ମିକ ଅଧିକାରୀ ମଞ୍ଜୁ ରାୟ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ଆୟ କରିଛି ଭାରତୀୟ ରେଳ

ନୂଆଦିଲ୍ଲୀ,୨୦-୮

ଚଳିତ ଆର୍ଥିକବର୍ଷର ପ୍ରଥମ ଚାରି ମାସରେ ଭାରତୀୟ ରେଳ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ଆୟ କରିଛି। ସୂଚନା ଅନୁସାରେ ଚଳିତବର୍ଷ ଏପ୍ରିଲ୍‌ରୁ ଜୁଲାଇ ମଧ୍ୟରେ ମୋଟ ୬୧ ହଜାର ୯୦୨ କୋଟି ଟଙ୍କା ଆୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଏହି ସମୟରେ ଭାରତୀୟ ରେଳ ୫୬ହଜାର ୭୧୮ କୋଟି ଟଙ୍କା ଆୟ କରିଛି। ସେହିପରି ଏହାର ପରିଚାଳନା ଖର୍ଚ୍ଚ ୫୦ହଜାର ୪୮୭ କୋଟି ଟଙ୍କା ମଧ୍ୟରେ ସୀମିତ ରଖିବା ପାଇଁ ଯୋଜନା କରିଥିବା ବେଳେ ୫୨ ହଜାର ୫୧୮ କୋଟି ଟଙ୍କା ଖର୍ଚ୍ଚ କରିଛି।

## ସେପ୍ଟେମ୍ବର ୪ରୁ ଆର୍‌ବିଆଇ କର୍ମଚାରୀଙ୍କ ଧର୍ମଘଟ

ହାଇଦ୍ରାବାଦ,୨୦-୮

ସେପ୍ଟେମ୍ବର ୪ ଏବଂ ୫ ତାରିଖରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର କର୍ମଚାରୀମାନେ ସମୂହ ଛୁଟିରେ ଯିବେ। ପେନ୍‌ସନ ସଂକ୍ରାନ୍ତ ଦାବିରେ କର୍ମଚାରୀମାନେ ଦୁଇଦିନ ବ୍ୟାପୀ କାଜୁଆଲ ଲିଭ୍‌ରେ ରହିବେ। ୟୁନାଇଟେଡ ଫୋରମ୍ ଅଫ୍ ରିଜର୍ଭ ବ୍ୟାଙ୍କ ଅଫିସର୍ସ ଆଣ୍ଡ ଏମ୍ପ୍ଲଇ ପକ୍ଷରୁ ଏହି ସୂଚନା ମିଳିଛି। ଏହି ସମୟରେ ଆର୍‌ବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଂଘ ପକ୍ଷରୁ ଜାରି ଏକ ଇସ୍ତାହାରରେ ସୂଚନା ରହିଛି। କର୍ମଚାରୀମାନେ ଦୀର୍ଘ ଦିନ ଧରି ସରକାରଙ୍କୁ ଏ ନେଇ ଦାବି ଜଣାଇ ଆସୁଛନ୍ତି। ମାତ୍ର ସରକାର ପକ୍ଷରୁ ଏହାକୁ ନେଇ କୌଣସି ସୁବିଧା କରାଯାଇ ନ ଥିବାରୁ ସଂଘ ଅସନ୍ତୋଷ ପ୍ରକାଶ କରିଛି। ଅନେକ ଦିନ ଧରି କର୍ମଚାରୀମାନେ ଏ ନେଇ ଅପେକ୍ଷା କରିଛନ୍ତି। ସରକାର କୌଣସି ବିକଳ୍ପ ପନ୍ଥା ଗ୍ରହଣ ନ କରିବାରୁ କର୍ମଚାରୀମାନେ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ହୋଇଛି ବୋଲି ସଂଘ କହିଛି। ଅଗଷ୍ଟ ୨୭ରେ ଏ ନେଇ ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକମାନଙ୍କୁ ଦାବିପତ୍ର ପ୍ରଦାନ କରାଯିବ। କଣ୍ଟ୍ରିବ୍ୟୁଟୋରି ପ୍ରୋଭିଡେଣ୍ଟ ଫଣ୍ଡ ରିଟେନର ପାଇଁ ପେନସନରେ ନବୀକରଣ, ୨୦୧୨ ଠାରୁ ନିଯୁକ୍ତି ଲାଭ କରିଥିବା କର୍ମଚାରୀଙ୍କ ପାଇଁ ସିପିଏଫ୍, ଅତିରିକ୍ତ ପ୍ରୋଭିଡେଣ୍ଟ ଫଣ୍ଡ ଭଳି ବିଭିନ୍ନ ଦାବି ସଂଘ ପକ୍ଷରୁ ରହିଛି।

## ଫସଲ ବୀମା ଯୋଜନା ବାବଦରେ ଜାଣନ୍ତିନି ୬୮% ଚାଷୀ

ନୂଆଦିଲ୍ଲୀ,୨୦-୮(ପି.ଟି.)

ରୋଗପୋକ ତଥା ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଫସଲ ନଷ୍ଟ ହେଲେ ଏଥି ବାବଦ ଚାଷୀ ଯେଉଁ କ୍ଷତି ସହିବ ତାହାକୁ ସରକାର ଭରଣା କରିବେ। ଏଥିପାଇଁ ୨୦୧୬ ମସିହାରୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍‌ଏଫ୍‌ବିୱାଇ) ଆରମ୍ଭ କରିଛନ୍ତି। କିନ୍ତୁ ଯେଉଁମାନଙ୍କ ପାଇଁ ଏହି ଯୋଜନା, ସେମାନେ ଏ ବାବଦରେ ଜାଣି ନାହାନ୍ତି। ସରକାର ଏହି ଯୋଜନା ସମ୍ପର୍କରେ ପ୍ରଚାର ପ୍ରସାର କରାଉଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରୁନାହିଁ। ୱାର୍ମ ନାମକ ଏକ କ୍ଲାଇମେଟ ରିସ୍କ ମ୍ୟାନେଜ୍‌ମେଣ୍ଟ ଫାର୍ମ ଏହାର ଏକ ରିପୋର୍ଟରେ ଏଭଳି ଦର୍ଶାଇଛି। ଓଡିଶା, ଛତିଶଗଡ, ଆନ୍ଧ୍ରପ୍ରଦେଶ, ବିହାର, ନାଗାଲାଣ୍ଡ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଏବଂ ଗୁଜରାଟ ଆଦି ୮ଟି ରାଜ୍ୟକୁ ନେଇ ଉକ୍ତ ସଂସ୍ଥା ସର୍ବେକ୍ଷଣ କରିଛି।

ରିପୋର୍ଟ ଅନୁସାରେ ପ୍ରାୟ ୬୮% ଚାଷୀ ଏହି ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନା ସମ୍ପର୍କରେ ଜାଣି ନାହାନ୍ତି। ସର୍ବେକ୍ଷଣ ସମୟରେ ଚାଷୀମାନେ ଅଭିଯୋଗ କରିଛନ୍ତି, ଯେଉଁମାନେ ଋଣ କରି ନାହାନ୍ତି ସେମାନଙ୍କୁ ଏହି ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ସମସ୍ୟା ଉପୁଜୁଛି। ସେମାନଙ୍କୁ ବିଭିନ୍ନ ଦସ୍ତାବିଜ୍ ଦେଖାଇବାକୁ ପଡୁଛି। ବ୍ୟାଙ୍କ ଶାଖା ଓ ଖାଉଟି ସେବା କେନ୍ଦ୍ରରେ ସବୁ ସମୟରେ ଏହି ସେବା ଉପଲବ୍ଧ ହେଉ ନାହିଁ। ଅନେକ ଚାଷୀ ଏଭଳି ଅଭିଯୋଗ ମଧ୍ୟ କରିଛନ୍ତି ଯେ, କ୍ଲେମ୍ ସେଟେଲ୍‌ମେଣ୍ଟ ସମ୍ପର୍କିତ କୌଣସି ବିଷୟରେ ସେମାନଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇ ଦିଆଯାଉ ନାହିଁ। ରିପୋର୍ଟ ଅନୁସାରେ ଆବଶ୍ୟକ ଡକ୍ୟୁମେଣ୍ଟ ନ ଥିବାରୁ ପ୍ରାୟ ୪୧% ଚାଷି ଏହି ଫସଲ ବୀମାର ସୁଯୋଗ ନେଇ ପାରୁ ନାହାନ୍ତି। ୨୬% ଚାଷୀ ଏଥିପାଇଁ ସରକାରୀ ଅଧିକାରୀଙ୍କୁ ଦାୟୀ କରିଥିବା ବେଳେ ୧୭% ଚାଷୀ ଅନ୍‌ଲାଇନ୍ ବ୍ୟବସ୍ଥାକୁ ଦୋଷ ଦେଇଛନ୍ତି। ରିପୋର୍ଟ ଅନୁସାରେ ଅଧିକାଂଶ ଚାଷୀ ଏହି ଫସଲ ବୀମାର ସୁବିଧା ପାଇଁ ଆଗ୍ରହ ପ୍ରକାଶ କରୁଥିଲେ ମଧ୍ୟ ଉପରୋକ୍ତ କାରଣରୁ ସେମାନେ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ୱାର୍ମର ଏମ୍‌ଡି ସୋନୁ ଅଗ୍ରୱାଲ୍ କହିଛନ୍ତି, ପ୍ରତିଟି ସ୍ତରରେ ସଚେତନତା ଅଭାବରୁ ଚାଷୀମାନଙ୍କ ପାଖରେ ଏହି ସୁବିଧା ପହଞ୍ଚି ପାରୁ ନାହିଁ।

## ଖିଲାପକାରୀଙ୍କ ବିରୋଧରେ ଓଜିବିର କାର୍ଯ୍ୟାନୁଷ୍ଠାନ



ବାରିପଦା,୨୦-୮

ଓଡିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି)ରୁ ଋଣ ନେଇ ପରିଶୋଧ କରି ନ ଥିବା ଜନୈକ ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। କାର୍ଯ୍ୟାନୁଷ୍ଠାନ ଅନ୍ତର୍ଗତ ବ୍ୟାଙ୍କ ଉକ୍ତ ବ୍ୟକ୍ତିଙ୍କ ନାମରେ ରହିଥିବା ସମ୍ପତ୍ତିକୁ ଜବରଦଖଲ କରିଛି। ଉକ୍ତ ପ୍ରକ୍ରିୟାରେ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଭାସ୍କର ଚନ୍ଦ୍ର ଦାସ, ଏକଜିକ୍ୟୁଟିଭ୍ ମ୍ୟାଜିଷ୍ଟ୍ରେଟ୍ ଶିବାନୀ ଭଞ୍ଜଦେଓ ଓ ବଡସାହିର ପୋଲିସ ମାନେ ସହାୟତା କରିଥିଲେ। ଏଥିରେ ସାନକେରକ ଶାଖାର ପ୍ରବନ୍ଧକ ସୁରେଶ ଚନ୍ଦ୍ର ମହାନ୍ତି ଓ ବରିଷ୍ଠ ପ୍ରବନ୍ଧକ ଉପେନ୍ଦ୍ର କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉଷା ଅନନ୍ତ ସୁବ୍ରମଣ୍ୟନଙ୍କୁ ଜାମିନ

ନୂଆଦିଲ୍ଲୀ,୨୦-୮

**ପିଏନ୍‌ବି ମାମଲା**



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ୧୪,୦୦୦ କୋଟି ମହାଘୋଟାଲା ମାମଲାରେ ଆଲ୍ଲାହାବାଦ ବ୍ୟାଙ୍କର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ତଥା ସିଇଓ ଉଷା ଅନନ୍ତ ସୁବ୍ରମଣ୍ୟନଙ୍କୁ ସିବିଆଇର ସ୍ୱତନ୍ତ୍ର କୋର୍ଟ ସୋମବାର ଜାମିନ ପ୍ରଦାନ କରିଛନ୍ତି। ଉକ୍ତ ମାମଲାରେ ଉଷାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଚଳିତ ମାସ ଅନୁମୋଦନ ପ୍ରଦାନ କରିଥିଲେ। ଏହା ପରେ କୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିଥିଲେ। ନିୟମ ମୁତାବକ କୋର୍ଟ ଏକ ମାମଲାକୁ ଗ୍ରହଣ କରିବା ପରେ ଅଭିଯୁକ୍ତଙ୍କ ବିରୋଧରେ ସମନ ଜାରି କରାଯାଇଥାଏ। ଏହା ସହ କୋର୍ଟରେ ହାଜର ହେବା ଲାଗି ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ରହିଥାଏ। ଏଭଳି ବିଭିନ୍ନ ପ୍ରକ୍ରିୟା ପରେ ଅଭିଯୁକ୍ତଙ୍କୁ ଜାମିନ ପାଇଁ ଆବେଦନ କରିବାର ନିୟମ ରହିଛି।

ପ୍ରକ୍ରିୟା ମୁତାବକ ଉଷା ସ୍ୱତନ୍ତ୍ର ଜଜ୍ ଜେ.ସି.ଜଗଦଲେଙ୍କ ନିକଟରେ ହାଜର ହୋଇଥିବା ଜଣା ଯାଇଛି। ସେ ସ୍ୱତନ୍ତ୍ର କୋର୍ଟଙ୍କ ନିକଟରେ ଜାମିନ ଲାଗି ଆବେଦନ କରିଥିବା ବେଳେ ତାଙ୍କୁ ଜାମିନ ମଞ୍ଜୁର ହୋଇଛି। ଉକ୍ତ ମାମଲାରେ ପିଏନ୍‌ବିର ପୂର୍ବତନ କାର୍ଯ୍ୟକାରୀ ନିର୍ଦ୍ଦେଶକ ସଞ୍ଜୀବ ସରଣଙ୍କୁ ମଧ୍ୟ ଜାମିନ ମଞ୍ଜୁର ହୋଇଛି। ସୂଚନା ଯୋଗ୍ୟ, ପିଏନ୍‌ବିର ମହାରଣ ଘୋଟାଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ପକ୍ଷରୁ ଦାଏର ହୋଇଥିବା ଚାର୍ଜଶିଟରେ ଉଷାଙ୍କ ନାମ ଆସିଛି। ଏହା ପରେ ଉଷା ବିବାଦ ଘେରକୁ ଚାଲି ଆସିଥିଲେ। ସେ ଆଲ୍ଲାହାବାଦ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ପଦବୀରେ କାର୍ଯ୍ୟ କରୁଥିବା ବେଳେ ଏଭଳି ବିବାଦ ସାମ୍ନାକୁ ଆସିଥିଲା। ଏଥି ଯୋଗୁ ତିନି ମାସ ତଳେ ବ୍ୟାଙ୍କ ବୋର୍ଡ ତାଙ୍କ ଠାରୁ ସମସ୍ତ କ୍ଷମତା ପ୍ରତ୍ୟାହାର କରି ନେଇଥିଲା।

ଆଲ୍ଲାହାବାଦ ବ୍ୟାଙ୍କ ପୂର୍ବରୁ ପିଏନ୍‌ବିର ଏମ୍‌ଡି ତଥା ସିଇଓ ଦାୟିତ୍ୱ ମଧ୍ୟ ଉଷା ତୁଲାଇଛନ୍ତି। ଏମ୍‌ଡି ଦାୟିତ୍ୱରେ ଥିଲେ ମଧ୍ୟ ନିଜର କ୍ଷମତାକୁ ଠିକ୍ ଭାବେ ଉପଯୋଗ କରି ନ ଥିବାରୁ ଏଭଳି ଏକ ଘୋଟାଲା ସାମ୍ନାକୁ ଆସିଥିବା ଅଭିଯୋଗ ଆସିଛି। ପିଏନ୍‌ବିର ବ୍ରାଡି ହାଉସ ଶାଖାରେ ସ୍ୱିଫ୍ଟ(ସୋସାଇଟି ଫର ୱାର୍ଲଡୱାଇଡ ଇଣ୍ଟରବ୍ୟାଙ୍କ ଫାଇନାନସିଆଲ କମ୍ୟୁନିକେଶନ) ଅପବ୍ୟବହାର ଦ୍ୱାରା ଏଭଳି ଏକ ବଡ ଧରଣର ଘୋଟାଲା ଘଟାଇବାକୁ ନୀରବ ମୋଦି ଏବଂ ମେହୁଲ ଚୋକ୍‌ସୀ ସକ୍ଷମ ହୋଇଥିବା ଚାର୍ଜଶିଟରେ ଉଲ୍ଲେଖ ରହିଛି।

## ନୂଆ ସିଏଫ୍‌ଓ ଅନ୍ୱେଷଣରେ ଇନ୍‌ଫୋସିସ୍

ନୂଆଦିଲ୍ଲୀ,୨୦-୮




■୫ ବର୍ଷ ମଧ୍ୟରେ ନିଯୁକ୍ତ ହେବେ ୪ ସିଏଫ୍‌ଓ
■ରଙ୍ଗନାଥଙ୍କ ପୂର୍ବରୁ ଚାକିରି ଛାଡିଛନ୍ତି ଅନ୍ୟ ବରିଷ୍ଠ ଅଧିକାରୀ
■କମ୍ପାନୀର କାର୍ଯ୍ୟପନ୍ଥା ଉପରେ ବିଶେଷଜ୍ଞଙ୍କ ନଜର

ପ୍ରମୁଖ ଆଇଟି କମ୍ପାନୀ ଇନ୍‌ଫୋସିସ୍‌ର ମୁଖ୍ୟ ବିତ୍ତ ଅଧିକାରୀ(ସିଏଫ୍‌ଓ) ଥିବା ଏମ୍.ଡି ରଙ୍ଗନାଥ ଇସ୍ତଫା ଦେବା ପରେ କିଏ ତାଙ୍କ ସ୍ଥାନରେ ଅବସ୍ଥାପିତ ହେବେ ସେ ନେଇ କଳ୍ପନା ଜଳ୍ପନା ଲାଗି ରହିଛି। କମ୍ପାନୀ ସହ ୧୮ ବର୍ଷ ଧରି ଜଡିତ ଥିବା ରଙ୍ଗନାଥଙ୍କ ଇସ୍ତଫା ଅପୂରଣୀୟ କ୍ଷତି ବୋଲି ଇନ୍‌ଫୋସିସ୍ ପ୍ରତିଷ୍ଠାତା ଏନ୍.ଆର୍. ନାରାୟଣ ମୂର୍ତ୍ତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ରଙ୍ଗନାଥଙ୍କ ଇସ୍ତଫା ପରେ କମ୍ପାନୀରେ ଶେୟାର କାରବାର ପ୍ରଭାବିତ ହୋଇଥିବା ଜଣାପଡିଛି। ରଙ୍ଗନାଥ କମ୍ପାନୀରେ ନଭେମ୍ବର ୧୬ ଯାଏ କାର୍ଯ୍ୟ କରିବେ। ଏପରିସ୍ଥିତିରେ ନୂଆ ସିଇଓଙ୍କୁ ନିଯୁକ୍ତି ଦେବା ଲାଗି କମ୍ପାନୀ ପ୍ରକ୍ରିୟା ଜୋରଦାର କରିଛି। ଇନ୍‌ଫୋସିସ୍ ସର୍ବଦା ବିବାଦ ଘେରରେ ରହିଥିବା ବେଳେ ରଙ୍ଗନାଥଙ୍କ କମ୍ପାନୀ ଛାଡିବା ଚର୍ଚ୍ଚାର ବିଷୟ ପାଲଟିଛି। ଗତବର୍ଷ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶାଲ ସିକ୍କା ଇସ୍ତଫା ଦେଇଥିଲେ। ଅପରପକ୍ଷରେ ରଙ୍ଗନାଥଙ୍କ ଇସ୍ତଫା ପରେ ତାଙ୍କ ସ୍ଥାନରେ କିଏ ଅବସ୍ଥାପିତ ହେବେ ଏହା ଉପରେ ଏବେ ସମସ୍ତଙ୍କ ନଜର।

ଗତ ପାଞ୍ଚ ବର୍ଷ ମଧ୍ୟରେ ଇନ୍‌ଫୋସିସ୍ ୪ର୍ଥ ସିଏଫ୍‌ଓଙ୍କ ଅନ୍ୱେଷଣରେ ରହିଛି। ରଙ୍ଗନାଥଙ୍କ ପୂର୍ବରୁ କାର୍ଯ୍ୟକାରୀ ଉପସଭାପତି ଥିବା ସଙ୍ଗିତା ସିଂହ, ବରିଷ୍ଠ ଉପସଭାପତି ନିତେଶ ବାଙ୍ଗା ମଧ୍ୟ କମ୍ପାନୀ ଛାଡିଛନ୍ତି। ଚଳିତ ବର୍ଷ ଜାନୁୟାରୀରେ ସଭାପତି ପଦବୀରେ ଥିବା ରାଜେଶ କୃଷ୍ଣମୂର୍ତ୍ତୀ କମ୍ପାନୀ ଛାଡିଥିଲେ। ଏପରି ସ୍ଥିତିରେ କମ୍ପାନୀର ଲିଡରଶିପ ଟ୍ୟାଙ୍କ ସ୍ଥିତାବସ୍ଥା ଦୃଢୀକରଣ ହେବାର ଆବଶ୍ୟକତା ରହିଛି ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଗତ ତିନି ବର୍ଷ ତଳେ ରଙ୍ଗନାଥ କମ୍ପାନୀରେ ସିଏଫ୍‌ଓ ଭାବେ ଯୋଗ ଦେଇଥିଲେ। ରାଜୀବ ବଂଶଲଙ୍କ ପରେ ସେ ସିଏଫ୍‌ଓ ଭାର ସମ୍ଭାଳିଥିଲେ।

ଫାଇନାନ୍ସ ବାଦ୍ ରଙ୍ଗନାଥ କମ୍ପାନୀର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଷ୍ଟ୍ରାଟେଜି, ରିସ୍କ ମ୍ୟାନେଜମେଣ୍ଟ, ମିଶ୍ରଣ ଏବଂ ଅଧିଗ୍ରହଣ ଭଳି ବିଭିନ୍ନ କ୍ଷେତ୍ରରେ ତାଙ୍କର ଦକ୍ଷତା ରହିଛି। ଏଭଳି ଜଣେ ବରିଷ୍ଠ କର୍ମଚାରୀ ଇସ୍ତଫା ଦେବା କମ୍ପାନୀ ଉପରେ ପ୍ରଭାବ ପକାଇବ ବୋଲି ଆଇଡିବିଆଇ କ୍ୟାପିଟାଲର ଉର୍ମିଳ ଶାହ କହିଛନ୍ତି। ସିଇଓ ନ ଥିବା ସମୟରେ ମଧ୍ୟ କମ୍ପାନୀ ଏହାର ଟ୍ରାକ୍‌କୁ ଠିକ୍ ମାର୍ଗରେ ପରିଚାଳନା କରିଥିଲା। ବର୍ତ୍ତମାନ ସ୍ଥିତିରେ ପ୍ରଭାବ କ୍ଷଣସ୍ଥାୟୀ ହେଲେ ମଧ୍ୟ ମଧ୍ୟମ ତଥା ଦୀର୍ଘ ମିଆଦୀ ଭିତ୍ତିରେ ଏହାର ପ୍ରଭାବ ପଡିବ ନାହିଁ ବୋଲି ବିଶେଷଜ୍ଞ କହିଛନ୍ତି। ଏପରି ସ୍ଥିତିରେ କମ୍ପାନୀର ପରବର୍ତ୍ତୀ ସିଏଫ୍‌ଓ କିଏ ହେବେ ଏବଂ ସିଏଫ୍‌ଓ ନିଯୁକ୍ତି ନେଇ କମ୍ପାନୀ କଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା।

## ସଂକ୍ଷେପରେ

### ଜାପାନଠୁ ହାରିଲା ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ

ଜାକର୍ତ୍ତା,୨୦।୮(ପି.ଟି.)- ଚଳିତ ଏସିଆନ୍ ଗେମ୍ସର ମହିଳା ଦଳଗତ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଭାରତୀୟ ଦଳ ପରାଜୟ ସହ ଅଭିଯାନ ଶେଷ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ଦଳ ୧-୩ ବ୍ୟବଧାନରେ ଜାପାନଠାରୁ ପରାସ୍ତ ହୋଇଛି। ଭାରତ ପାଇଁ କେବଳ ପି. ଭି ସିନ୍ଧୁ ବିଜୟ ଲାଭ କରିଥିବାବେଳେ ଅନ୍ୟ କୌଣସି ଖେଳାଳି ମୁକାବିଲା ଜିତିପାରି ନ ଥିଲେ। ଏହି ପରାଜୟ ସହ ଭାରତୀୟ ମହିଳା ଦଳ ବିଦାୟ ନେଇଛି। ଗତ ସଂସ୍କରଣରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ସମାନ ଦଳଠାରୁ ହାରି ବିଦାୟ ନେଇଥିଲା। ସିନ୍ଧୁ ୨୧-୧୮, ୨୧-୧୯ ଗେମ୍‌ରେ ଆକାନେ ୟାମାଗୁଚିଙ୍କୁ ପରାସ୍ତ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ଏହାପରେ ଏନ୍. ସିକ୍କି ରେଡ୍ଡୀ ଓ ଆରଥୀ ସୁନୀଲଙ୍କ ଯୋଡ଼ି ୧୫-୨୧, ୬-୨୧ ଗେମ୍‌ରେ ୟୁକି ଫୁକୁଶିମା ଓ ସାୟାକା ହିରୋଟାଙ୍କଠାରୁ ହାରି ଯାଇଥିଲେ। ଏହାପରେ ଗୁରୁତ୍ୱପୂର୍ଣ୍ଣ ସିଙ୍ଗଲ୍ସ ମ୍ୟାଚ୍‌ରେ ସାଇନା ନେହ୍ୱାଲ ୧୧-୨୧, ୨୫-୨୩, ୧୬-୨୧ ଗେମ୍‌ରେ ନାଜୋମି ଓକୁହରାଙ୍କଠାରୁ ପରାସ୍ତ ହୋଇଥିଲେ। ପରେ ନିଶ୍ଚିତ ବିଜୟ ଆବଶ୍ୟକ ଥିବାବେଳେ ଡବଲ୍ସ ମ୍ୟାଚ୍‌ରେ ସିନ୍ଧୁ ଓ ଅଶ୍ୱିନୀ ପୋନାପାଙ୍କ ଯୋଡ଼ି ୧୩-୨୧, ୧୨-୨୧ ବ୍ୟବଧାନରେ ହାରି ଯାଇଥିଲେ।

### ଆଲ୍‌କୋହଲ ଫ୍ରି ଗେମ୍ସ ଭିଲେଜ୍

ପାଲେମବାଙ୍ଗ୍, ୨୦।୮ (ପି.ଟି.)-ଏସିଆନ ଗେମ୍ସ ଭିଲେଜ୍‌ରେ 'ନୋ ଆଲ୍‌କୋହଲ' ନୀତି ଲାଗୁ କରାଯାଇଛି। ଏହା ଆଥଲେଟଙ୍କ ସହିତ ଯାଇଥିବା କେତେକ କୋଚ୍ ଓ ଅଫିସିଆଲଙ୍କ ଲାଗି ସମସ୍ୟା ହୋଇଛି। ଭିଲେଜକୁ ଚୋରାରେ ଆଲ୍‌କୋହଲ ନେବା ଲାଗି ଚେଷ୍ଟା କରିଛନ୍ତି, କିନ୍ତୁ କ୍ୱଚିତ ସଫଳ ହୋଇଛନ୍ତି। ଇଣ୍ଡୋନେସିଆରେ ଆଲ୍‌କୋହଲ ଫ୍ରି' ଜୋନ୍ କିଛି ନୂଆକଥା ନୁହେଁ। ଦେଶରେ ୨୦୧୫ରୁ ଡିପାର୍ଟମେଣ୍ଟ ଷ୍ଟୋର୍‌ରେ ଲିକର ବିକ୍ରିରେ କଟକଣା ଲାଗୁ କରାଯାଇଛି। ଇଣ୍ଡୋନେସିଆ ହେଉଛି ବିଶ୍ୱର ସବୁଠାରୁ ବଡ଼ ମୁସ୍‌ଲିମ ବହୁଳ ଦେଶ। ପର୍ଯ୍ୟଟକଙ୍କ ସମାଗମ ଯୋଗୁ ବାଲି ପ୍ରଦେଶରେ କିନ୍ତୁ ଆଲ୍‌କୋହଲ୍ କଟକଣାରୁ ମୁକ୍ତ ରଖାଯାଇଛି। ଗେମ୍ସ ଭିଲେଜରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସିକ୍ୟୁରିଟି ଗାର୍ଡ ନିକଟରେ ଜବତ ହୋଇ ପଡ଼ିରହିଥିବା କିଛି ହ୍ୱିସ୍କି ବୋତଲ ସେ ଦେଖିବାକୁ ପାଇଥିଲେ ବୋଲି ଭାରତୀୟ ଦଳ ସହିତ ଯାଇଥିବା ଜଣେ କୋଚ ପ୍ରକାଶ କରିଛନ୍ତି। ଆୟୋଜକ ସହର ଜାକର୍ତ୍ତାର ପବ୍ସ ଏବଂ ରେସ୍ତୋରାଁରେ କିନ୍ତୁ ଆଲ୍‌କୋହଲ ଉପଲବ୍ଧ। କିନ୍ତୁ ଦକ୍ଷିଣ ସୁମାତ୍ରା ପ୍ରଦେଶର ବନ୍ଦର ସହର ପାଲେମ୍‌ବାଙ୍ଗ୍‌ଠାରେ ଏପରିକି ବିୟର ମିଳିବା କଷ୍ଟକର। ଆଲ୍‌କୋହଲ କଟକଣାକୁ ଆଥଲେଟମାନେ ଗୁରୁତ୍ୱ ଦେଉ ନାହାନ୍ତି। ଯେଉଁ ଅଫିସିଆଲ ଅବା କୋଚ୍ ମଦ୍ୟପାନ କରିବାକୁ ଚାହିଁବେ ସେମାନଙ୍କୁ ଜାକାରବାରିଙ୍ଗ ସ୍ପୋର୍ଟ୍ସ ସିଟ, ଗେମ୍ସ ଭେନ୍ୟୁ ଏବଂ ରହଣିସ୍ଥଳ ଛାଡ଼ି ହୋଟେଲକୁ ଯିବାକୁ ପଡ଼ିବ। ଯେଉଁଠାରେ ଟେକ୍‌ନିକାଲ ଅଫିସିଆଲମାନେ ଅବସ୍ଥାନ କରୁଛନ୍ତି। ସେଠାରେ କିନ୍ତୁ ଅଧିକ ମୂଲ୍ୟରେ ଆଲ୍‌କୋହଲ ମିଳିବ।

### ରୂପଜୀବୀ ସ୍କାଣ୍ଡାଲ: ଜାପାନ ଫେରିଲେ ୪ ଆଥ୍‌ଲେଟ୍

ଜାକର୍ତ୍ତା,୨୦।୮(ଏଏଫ୍‌ପି)- ଜାପାନ ବାସ୍କେଟବଲ ଦଳର ୪ ଜଣ ଖେଳାଳିଙ୍କୁ ଘରକୁ ପଠାଇ ଦିଆଯାଇଛି। ସେମାନେ ରୂପଜୀବୀଙ୍କ ସହ ସମ୍ପର୍କ ରଖୁଥିବା ଅଭିଯୋଗ ହୋଇଥିବା ଜାପାନିଜ ଅଲିମ୍ପିକ୍ କମିଟି ପକ୍ଷରୁ (ଜେଓସି) କୁହାଯାଇଛି। ୟୁଭା ନାଗାୟୋଶୀ, ତାକୁୟା ହାଶିମୋଟୋ, ତାକୁମାର ସାଟୋ ଓ କେଇଟା ଇମାମୁରାଙ୍କୁ ଜାକର୍ତ୍ତାର ଏକ ରେଡ୍ ଲାଇଟ୍ ଅଞ୍ଚଳରେ ଦଳୀୟ ଜର୍ସି ପିନ୍ଧିଥିବାର ଦେଖିବାକୁ ମିଳିଥିଲା। ଗତଥର ଜେଓସି ଜଣେ ସନ୍ତରଣକାରୀଙ୍କୁ ସାମ୍ବାଦିକଙ୍କ କ୍ୟାମେରା ଚୋରି କରିବା ନେଇ ଘରକୁ ପଠାଇ ଦେଇଥିଲା। "ମୋତେ ଲାଜ ଲାଗୁଛି। ଆଥ୍‌ଲେଟ୍‌ଙ୍କୁ ଉଚିତ ମାର୍ଗ ଦେଖାଇ ପାରି ନ ଥିବାରୁ କ୍ଷମା ମାଗୁଛି" ବୋଲି ଜାପାନର ଚିଫ୍ ଡି ମିଶନ ୟାସୁହିରୋ ୟାମାଶିତା କହିଛନ୍ତି। ଏପର୍ଯ୍ୟନ୍ତ ଉକ୍ତ ୪ ଜଣ ଆଥ୍‌ଲେଟଙ୍କ ଲାଗି ଦଣ୍ଡାଦେଶ ଧାର୍ଯ୍ୟ କରାଯାଇ ନାହିଁ। ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ମିଳିବା ପରେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

# ଦୀପକ, ଲକ୍ଷ୍ୟଙ୍କୁ ରୌପ୍ୟ ପଦକ

**ପାଲେମବାଙ୍ଗ, ୨୦।୮(ପି.ଟି.)**

ପ୍ରଥମ ଭାରତୀୟ ମହିଳା ରେସଲର ଭାବେ ଭିନେଶ ଫୋଗତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିବାବେଳେ ଶୁଟିଂ ଇଭେଣ୍ଟରୁ ଭାରତକୁ ୨ଟି ରୌପ୍ୟ ପଦକ ମିଳିଛି। ସୋମବାର ଅନୁଷ୍ଠିତ ୧୦ ମିଟର ରାଇଫଲ ଇଭେଣ୍ଟରେ ଦୀପକଙ୍କୁ ପ୍ରଥମ ଏସିଆଡ୍ ପଦକ ମିଳିଛି। ୨୪ ଶୁଟ୍ ବିଶିଷ୍ଟ ଫାଇନାଲର ୧୮ତମ ଶୁଟ୍ ପର୍ଯ୍ୟନ୍ତ ପଦକ ଦୌଡ଼ରେ ନ ଥିବା ଏହି ଭାରତୀୟ ଶୁଟର ପରେ ପରଫେକ୍ଟ ୧୦.୯ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଗତଥରର ଚାମ୍ପିୟନ ଚାଇନାର ୟାଙ୍ଗ ହାଓରାନ ୨୪୯.୧ ପଏଣ୍ଟ ସହିତ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଦୀପକ ୨୪୭.୭ ପଏଣ୍ଟ ସହ ରୌପ୍ୟ ଏବଂ ତାଇପେର ଲୁ ଶାଓଚୁଆନ ୨୨୬.୮ ପଏଣ୍ଟ ପାଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ରବିବାର ଅପୂର୍ବୀ ଚାଣ୍ଡେଲାଙ୍କ ସହ ମିଶି ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଥିବା ରବି କୁମାର ଏଠାରେ ୨୦ତମ ଶୁଟ୍ ପରେ ବାଦ୍ ପଡ଼ିଥିଲେ। ସେ ୨୦୫.୨ ପଏଣ୍ଟ ପାଇଥିଲେ। ଚଳିତବର୍ଷ ପ୍ରାରମ୍ଭରେ ମେହୁଲି ଘୋଷଙ୍କୁ ସାଥିକରି ବିଶ୍ୱକପ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିବା ଦିଲ୍ଲୀର ଦୀପକଙ୍କ ପାଇଁ ଏହା କୌଣସି ବ୍ୟକ୍ତିଗତ ଇଭେଣ୍ଟରେ ସବୁଠାରୁ ବଡ଼ ସଫଳତା।

ପୁରୁଷ ଟ୍ରାପ୍ ଇଭେଣ୍ଟରେ ଭାରତୀୟ ଯୁବ ଶୁଟର ଲକ୍ଷ୍ୟ ଶେଓରାନ୍ ରୌପ୍ୟ ପଦକ ହାସଲ କରିଛନ୍ତି। ୧୯ ବର୍ଷୀୟ ଲକ୍ଷ୍ୟ ୩୯ ପଏଣ୍ଟ ସ୍କୋର କରି ପୋଡିୟମର ଦ୍ୱିତୀୟ ସ୍ଥାନ ଫିନିଶ୍ କରିଥିଲେ। ତାଇପେର କୁନ୍‌ପି ୟାଙ୍ଗ ୪୮ ପଏଣ୍ଟ ସ୍କୋର କରି ଗେମ୍ସ ରେକର୍ଡର ସମକକ୍ଷ ହେବାସହ ସ୍ୱର୍ଣ୍ଣ ପଦକ ପାଇଛନ୍ତି। କୋରିଆର ଦାଇମ୍ୟୋଙ୍ଗ ଆହନ ୩୦ ପଏଣ୍ଟ ସହିତ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ଶୀର୍ଷରେ ରହିଥିବା ମାନବଜିତ ସିଂ ସାନ୍ଧୁ ୨୬ ପଏଣ୍ଟରେ ରହି ଚତୁର୍ଥ ସ୍ଥାନ ପାଇଛନ୍ତି। ଚଳିତ ଏସିଆନ ଗେମ୍ସର ଶୁଟିଂ ଇଭେଣ୍ଟରୁ ଭାରତର ଏହାଥିଲା ତୃତୀୟ ପଦକ।

### ରୋଇଂ: ଦୁଶ୍ୟାନ୍ତ ଫାଇନାଲରେ

ଦୁଶ୍ୟାନ୍ତ ଚୌହାନ ଓ ଭାରତୀୟ ପୁରୁଷ କ୍ୱାଡ୍ରୁପଲ୍ ସ୍କଲ୍ସ ଟିମ୍ ଏସିଆନ ଗେମ୍ସ ରୋଇଂ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନିଜ ହିଟ୍ସରେ ଚୌହାନ ଓ ଭାରତୀୟ ଟିମ୍ ପ୍ରଥମସ୍ଥାନରେ ରହିଥିଲେ। ୪ ବର୍ଷ ପୂର୍ବରୁ ଇଞ୍ଚିଅନ ଗେମ୍ସର ସିଙ୍ଗଲ୍ସ ସ୍କଲ୍ସ ବ୍ରୋଞ୍ଜ ପଦକ ପାଇଥିବା ଦୁଶ୍ୟାନ୍ତ ୭:୪୩.୦୮ ସେକେଣ୍ଡ ସମୟ ନେଇ ହିଟ୍-୧ରେ ପ୍ରଥମ ଓ ଓଭରଅଲ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଦକ୍ଷିଣ କୋରିଆର ହ୍ୟୁନ୍‌ସୁ ପର୍କ ୭:୨୨.୦୮ ସେକେଣ୍ଡ ସହ ଆଗରେ ରହିଥିଲେ। ସେହିପରି ଲେନ୍-୪ରେ ବୋଟ୍ ଚାଳନା କରିଥିବା ଭାରତର ସାୱର୍ନ ସିଂ, ଦତ୍ତୁ ବାବନ ଭୋକାନଲ, ଓମ୍ ପ୍ରକାଶ ଓ ସୁଖମିତ ସିଂ ୬:୧୫.୧୮ ସେକେଣ୍ଡ ସମୟ ନେଇ ଓଭରଅଲ୍ ଦ୍ରୁତତମ ସାବ୍ୟସ୍ତ ହୋଇଥିଲେ। ଓଡ଼ିଶାର ସଂଯୁକ୍ତା ଡୁଙ୍ଗଡୁଙ୍ଗ, ଅନୁ, ନଭନୀତ କୌର ଓ ଯାମିନି କୌର ହିଟ୍-୧ରେ ଚାଇନା ଓ ଇଣ୍ଡୋନେସିଆ ପଛକୁ ଶେଷ ସ୍ଥାନରେ ରହିଥିଲେ। ଏବେ ମହିଳା ଦଳ ରିପ୍‌ଚେଜ୍ ରାଉଣ୍ଡରେ ଭାଗ୍ୟ ପରୀକ୍ଷା କରିବ। ସେହିପରି ପୁରୁଷ ଲାଇଟ୍‌ୱେଟ୍-୮ ଟିମ୍ ମଧ୍ୟ ହିଟ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ରିପ୍‌ଚେଜ୍ ଉପରେ ଭରସା କରିଛନ୍ତି।

### ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୫ | ୧୧ | ୯ | ୩୫ |
| ଜାପାନ | ୮ | ୧୧ | ୧୧ | ୩୦ |
| କୋରିଆ | ୫ | ୯ | ୯ | ୨୩ |
| ଇଣ୍ଡୋନେସିଆ | ୪ | ୨ | ୨ | ୮ |
| ଦକ୍ଷିଣ କୋରିଆ | ୪ | ୧ | ୨ | ୭ |
| ଚାଇନିଜ୍ ତାଇପେ | ୩ | ୧ | ୪ | ୮ |
| ଇରାନ | ୨ | ୨ | ୩ | ୭ |
| ଭାରତ | ୨ | ୨ | ୧ | ୫ |
| ମଙ୍ଗୋଲିଆ | ୨ | ୦ | ୪ | ୬ |
| କାଜାଖସ୍ତାନ | ୧ | ୨ | ୩ | ୬ |



ଫାଇନାଲ ଅବସରରେ ଭାରତର ସ୍ୱର୍ଣ୍ଣ ବିଜୟିନୀ ରେସଲର ଭିନେଶ ଫୋଗତ (ବ୍ଲୁ ଜର୍ସି)।

### ସିପକ୍‌ଟାକ୍ରରୁ ପଦକ ନିଶ୍ଚିତ

ଭାରତ ସିପକ୍‌ଟାକ୍ର ଇଭେଣ୍ଟରୁ ପ୍ରଥମ ଏସିଆଡ୍ ପଦକ ଜିତିବା ନିଶ୍ଚିତ ହୋଇଛି। ଇରାନ ବିପକ୍ଷ ବିଜୟ ଦଳକୁ ସେମିଫାଇନାଲରେ ପହଞ୍ଚାଇଛି। ପୁରୁଷ ଟିମ୍ ରେଗୁ ଇଭେଣ୍ଟରେ ଭାରତ ୨୧-୧୬, ୧୯-୨୧, ୨୧-୧୭ ପଏଣ୍ଟରେ ଇରାନକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ଇଣ୍ଡୋନେସିଆଠାରୁ ୦-୩ରେ ହାରି ଯାଇଥିଲେ ହେଁ ସେମିଫାଇନାଲରେ ପ୍ରବେଶ କରିଥିଲା। ଫଳରେ ଏହି ଇଭେଣ୍ଟରୁ ଭାରତ ଅତିକମ୍‌ରେ ବ୍ରୋଞ୍ଜ ପଦକ ଜିତିବା ନିଶ୍ଚିତ। ଭାରତ ମଙ୍ଗଳବାର ଗତଥର ଚାମ୍ପିୟନ ଥାଇଲାଣ୍ଡକୁ ଭେଟିବ। ଅନ୍ୟ ୨ ସେମିଫାଇନାଲିଷ୍ଟ ଦଳ ହେଲେ ଇଣ୍ଡୋନେସିଆ ଓ ମାଲେସିଆ। ମହିଳା ରେଗୁ ପ୍ରିଲିମିନାରି ଗ୍ରୁପ 'ଏ'ରେ ଭାରତ ୧-୨ରେ ଲାଓସଠାରୁ ଓ ଦକ୍ଷିଣ କୋରିଆଠାରୁ ୦-୩ରେ ହାରି ଯାଇଛି।





ରୌପ୍ୟ ପଦକ ସହ ଦୁଇ ଭାରତୀୟ ଶୁଟର ଲକ୍ଷ୍ୟ ଶେଓରାନ୍ (ବାମ) ଓ ଦୀପକ କୁମାର।

## ସୁଶୀଲ ଦେଲେ ଆଶ୍ୱାସନା

ଭେଟେରାନ କୁସ୍ତିଯୋଦ୍ଧା ସୁଶୀଲ କୁମାର ଏସିଆନ୍ ଗେମ୍ସର ପ୍ରଥମ ରାଉଣ୍ଡରୁ ବିଦାୟ ନେବା ପରେ କ୍ୟାରିୟର ଶେଷ ହୋଇ ନ ଥିବା ଆଶ୍ୱାସନା ଦେଇଛନ୍ତି। ୨୦୦୮ ଓ ୨୦୧୨ ଅଲିମ୍ପିକ୍ସରେ ବ୍ରୋଞ୍ଜ ଓ ରୌପ୍ୟ ପଦକ ଜିତିଥିବା ସୁଶୀଲ ମ୍ୟାଟରେ ପୁଣି ଥରେ ସଫଳ ହେବେ ବୋଲି କହିଛନ୍ତି। "ଏଭଳି ପରାଜୟର ଆଶା ନ ଥିଲା। ମାତ୍ର ହାର ଜିତ ଖେଳର ଅଂଶ। ମୁଁ ପୁଣି ଥରେ ସଫଳତାର ସହ ଫେରିବି। ହାରିଲା ପରେ ଭାଙ୍ଗି ପଡ଼ିଲେ ଚଳିବ ନାହିଁ। ମୁକାବିଲାରେ କେତେକ ଭୁଲ ମୁଁ କରିଛି। ଯେଉଁଠାରେ ମୋତେ ଡିଫେଣ୍ଡ କରିବାର ଥିଲା ମୁଁ ଆକ୍ରମଣ କରିଥିଲି। ଏଭଳି ତ୍ରୁଟିର କାରଣ ମୁଁ ଦୀର୍ଘ ୪ ବର୍ଷ ପରେ କୌଣସି ବଡ଼ ଟୁର୍ନାମେଣ୍ଟ ଖେଳୁଛି" ବୋଲି ୩୫ ବର୍ଷୀୟ ସୁଶୀଲ କହିଛନ୍ତି। ତାଙ୍କୁ ଏସିଆନ ଗେମ୍ସ ପୂର୍ବରୁ ଚୟନ ଶିବିରରୁ ଛାଡ଼ ଦିଆଯାଇଥିଲା। ଏ ସମ୍ପର୍କରେ ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ତଥା ଭାରତର ଚିଫ ଡେ ମିଶନ ବ୍ରିଜ ଭୂଷଣ ଶରନ କହିଛନ୍ତି, ତାଙ୍କୁ ଚୟନ ଶିବିରରୁ ଛାଡ଼ ଦେବା ନେଇ ଆମେ ପଶ୍ଚାତାପ କରୁନାହୁଁ। ସେ ୭୪ କିଗ୍ରା ବର୍ଗର ଶ୍ରେଷ୍ଠ ବିକଳ୍ପ। ଏଣୁ ଆମେ ସୁଯୋଗ ଦେଇଥିଲୁ। ଯଦି ଆମେ ସୁଯୋଗ ଦେଇ ନ ଥାନ୍ତୁ, ତେବେ ମଧ୍ୟ ଆମ ଉପରେ ପ୍ରଶ୍ନ ଉଠିଥାନ୍ତା। ତାଙ୍କ ବୟସ ହେଲାଣି, ମାତ୍ର ସେ ଏବେ ବି ଭଲ ଖେଳୁଛନ୍ତି।

■ ବନ୍ୟାରେ ଫସିଛନ୍ତି ପରିବାର

## ଏସିଆନ ଗେମ୍ସ ପଦକ ଜିତିବା ଲକ୍ଷ୍ୟରେ ଶ୍ରୀଶଙ୍କର

**ନୂଆଦିଲ୍ଲୀ, ୨୦।୮(ପି.ଟି.)**

କେରଳ ଭୟଙ୍କରୀ ବନ୍ୟାରେ ପରିବାରର କେତେକ ସଦସ୍ୟଙ୍କ ଖୋଜଖବର ମିଳୁ ନ ଥିବାବେଳେ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପଦାର୍ପଣକାରୀ ଭାରତୀୟ ଲଙ୍ଗ୍ ଜମ୍ପର ଏମ୍. ଶ୍ରୀଶଙ୍କର ଏସିଆନ ଗେମ୍ସରେ ଅଂଶଗ୍ରହଣ କରିବା ପାଇଁ ଜାକର୍ତ୍ତା ଗସ୍ତରେ ରହିଛନ୍ତି। ଦୁଇଦିନ ତଳେ ଏସିଆନ ଗେମ୍ସ ଅଭିମୁଖେ ଗସ୍ତ କରିବା ସମୟରେ ଶ୍ରୀଶଙ୍କରଙ୍କ ପିତାଙ୍କ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏପରିକି ଇଡୁକ୍କି ଜିଲା ରାଜକଣ୍ଡାରେ ଅବସ୍ଥାପିତ ତାଙ୍କ ମାମୁ ଓ ମାଇଙ୍କ କୌଣସି ଖବର ବର୍ତ୍ତମାନ ସୁଦ୍ଧା ମିଳୁନାହିଁ। ବନ୍ୟା ଯୋଗୁ ଏହି ଅଞ୍ଚଳ ଏବେ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣରୂପେ ବିଚ୍ଛିନ୍ନ ହୋଇଯାଇଛି। 'ଜୁଲାଇ ୩୧ରୁ ଅଗଷ୍ଟ ୧୮ ତାରିଖ ପର୍ଯ୍ୟନ୍ତ ଥିରୁଭାନନ୍ତପୁରମ (ଲଙ୍ଗ ଜମ୍ପ ନ୍ୟାଶନାଲ କ୍ୟାମ୍ପ)ରେ ପ୍ରସ୍ତୁତି ଚଳାଇଥିଲି। ଏହାପରେ ବାଙ୍ଗାଲୋରରୁ ଅଗଷ୍ଟ ୧୮ରେ ଜାକର୍ତ୍ତା ଅଭିମୁଖେ ଗସ୍ତ କରିଥିଲି। ପ୍ରତ୍ୟେକ ଦିନ ଫୋନରେ ଜେଜେବାପା, ମାମୁ ଓ ମାଇଙ୍କ ପରିବାର ସମ୍ପର୍କରେ ଖବର ପଚାରି ବୁଝିଥାଏ। ସେମାନଙ୍କ ସହିତ କିଛିଦିନ ହେବ ଯୋଗାଯୋଗ ହୋଇପାରୁନାହିଁ' ବୋଲି ୧୯ ବର୍ଷୀୟ ଶ୍ରୀଶଙ୍କର କହିଛନ୍ତି। 'ଏସିଆନ ଗେମ୍ସ ଅଭିମୁଖେ ବାହାରିବା ପୂର୍ବରୁ ମୁଁ ବହୁତ ବ୍ୟସ୍ତ ଓ ବିବ୍ରତ ଥିଲି। କ'ଣ କରିବି ଜାଣି ପାରୁ ନ ଥିଲି। ତେବେ ପରିସ୍ଥିତି ଠିକ୍ ରହିଛି ଏବଂ ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି ବୋଲି ମୋ ମମି କହିବା ପରେ ଇଣ୍ଡୋନେସିଆ ଅଭିମୁଖେ ଗସ୍ତ କରିଥିଲି' ବୋଲି ଏହି ଯୁବ ଲଙ୍ଗ୍ ଜମ୍ପର ଫୋନ ଯୋଗେ ଜାକର୍ତ୍ତାରୁ ଏକ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି। ପାଲକ୍କଡ ଜିଲାର ଶ୍ରୀଶଙ୍କରଙ୍କ ପିତା ଓ ମାତା ଉଭୟ ଅନ୍ତର୍ଜାତୀୟ ଆଥ୍‌ଲେଟ୍ ରହିଥିଲେ। ତାଙ୍କ ପିତା ଏସ୍. ମୁରଲୀ ଟ୍ରିପଲ ଜମ୍ପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବାବେଳେ ମାତା କେ.ଏସ୍. ବିଜିମୋଲ ଜଣେ ଅନ୍ତର୍ଜାତୀୟ ୮୦୦ ମିଟର ଧାବିକା ରହିଥିଲେ। ବର୍ତ୍ତମାନ ମୁଁ ମୋ ପ୍ରଦର୍ଶନ ଉପରେ ଧ୍ୟାନ ଦେଇ ଦେଶ ପାଇଁ ପଦକ ଜିତିବାକୁ ଲକ୍ଷ୍ୟ ରଖିଛି ବୋଲି ଶ୍ରୀଶଙ୍କର କହିଛନ୍ତି।

## ଭାରତ ୧୭-୦ରେ ଇଣ୍ଡୋନେସିଆକୁ ହରାଇଲା

**ଜାକର୍ତ୍ତା, ୨୦।୮(ପି.ଟି.)**

ଦିଲପ୍ରୀତ ସିଂ, ସିମରନଜିତ ସିଂ ଓ ମନଦୀପ ସିଂଙ୍କ ହ୍ୟାଟ୍ରିକ ଗୋଲ ସହାୟତାରେ ଭାରତୀୟ ହକି ଦଳ ୧୭-୦ ଗୋଲରେ ଇଣ୍ଡୋନେସିଆକୁ ହରାଇ ସମ୍ପୂର୍ଣ୍ଣ ଷ୍ଟାଇଲରେ ଏହାର ଏସିଆନ ଗେମ୍ସ ଅଭିଯାନ ଆରମ୍ଭ କରିଛି। ପୁଲ୍'ଏ'ର ଏହି ମ୍ୟାଚରେ ଭାରତ ପକ୍ଷରୁ ଦିଲପ୍ରୀତ ୬, ୨୯ ଓ ୩୨ତମ, ସିମରନଜିତ ୧୩, ୩୮, ୫୩ ଏବଂ ମନଦୀପ ୨୯, ୪୪, ୪୯ତମ ମିନିଟରେ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ।

### ପୁରୁଷ ହକିରେ ଗୋଲ ବର୍ଷା

ଅନ୍ୟମାନଙ୍କ ମଧ୍ୟରେ ରୁପିନ୍ଦରପାଲ ସିଂ ୧ମ, ୨ୟ, ଆକାଶଦୀପ ସିଂ ୧୦ମ, ୪୪ତମ, ଏସ.ଭି.ସୁନୀଲ ୨୫ତମ, ବିବେକ ସାଗର ୨୬ତମ, ହରମନପ୍ରୀତ ୩୧ତମ ଓ ଓଡ଼ିଶାର ଅମିତ ରୋହିଦାସ ୫୪ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ମ୍ୟାଚରେ ଭାରତ ଗୋଲବର୍ଷା କରିଥିବାବେଳେ ଇଣ୍ଡୋନେସିଆ ଖେଳାଳିମାନେ ଅସହାୟଭାବେ ଦେଖଣାହାରି ସାଜିଥିଲେ। ଭାରତ ପ୍ରତିପକ୍ଷ ଗୋଲପୋଷ୍ଟକୁ ମୋଟ ୪୦ଟି ଶଟ୍ ମାରିଥିବାବେଳେ ଏଥିରୁ ୧୭ଟି ଗୋଲରେ ପରିଣତ ହୋଇଥିଲା। ମ୍ୟାଚରେ ଭାରତ ୧୦ଟି ଫିଲ୍ଡ ଗୋଲ ଦେଇଥିବାବେଳେ ୬ଟି ପେନାଲ୍ଟି ଏବଂ ଗୋଟିଏ ସ୍ୱଟ୍ କିକ୍ ଗୋଲ ସ୍କୋର କରିଥିଲା। ଭାରତକୁ ମୋଟ ୧୧ଟି ପେନାଲ୍ଟି କର୍ନର ମିଳିଥିଲା। ଏଥିରୁ ୬ଟି ଗୋଲରେ ପରିଣତ ହୋଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ବୁଧବାର ହଂକଂ ବିପକ୍ଷରେ ଖେଳିବ।



ଇଣ୍ଡୋନେସିଆ ବିପକ୍ଷ ମ୍ୟାଚ ଅବସରରେ ଭାରତର ସିମରନ୍‌ଜିତ ସିଂ।



❝ କପିଳ ଦେବଙ୍କ ସହ ତୁଳନା କରନାହିଁ, ମୋତେ ସାମର୍ଥ୍ୟ ଅନୁସାରେ ପ୍ରଦର୍ଶନ କରିବାକୁ ଦିଆଯିବା ଉଚିତ୍ ।

**-ହାର୍ଦ୍ଦିକ ପାଣ୍ଡ୍ୟା, ଭାରତୀୟ କ୍ରିକେଟ ଅଲ୍‌ରାଉଣ୍ଡର**



❝ ଭାରତ ଯେତେବେଳେ ଚାହିଁବ ତୃତୀୟ ଥର ପାଇଁ ଏସିଆନ ଗେମ୍ସ ଆୟୋଜନ ଅଧିକାର ପାଇପାରିବ ।

**-ଶେଖ୍ ଅହମ୍ମଦ ଅଲ୍-ଫାହଦ ଅଲ୍-ଅହମ୍ମଦ ଅଲ୍ ସାବା, ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ ସଭାପତି**

## ସଂକ୍ଷେପରେ

### ଏଲଆଇସି ବ୍ୟାଡ୍‌ମିଣ୍ଟନ, ଟିଟି ଚାମ୍ପିୟନଶିପ ଆରମ୍ଭ

କଟକ ଅଫିସ,୨୦।୮ - ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ପୂର୍ବାଞ୍ଚଳ ଏଲଆଇସି ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ୍ ଚାମ୍ପିୟନଶିପ୍ ସୋମବାରଠାରୁ ଆରମ୍ଭ ହୋଇଛି । ୨ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୧ଟି ମଣ୍ଡଳୀରୁ ୨୫ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ମାନବ ସମ୍ବଳ ବିକାଶ ଆଞ୍ଚଳିକ ପ୍ରବନ୍ଧକ ଗୁର୍ବା ସୋରେନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀମାନେ ସର୍ବଭାରତୀୟ ଏଲଆଇସି ଟୁର୍ଣ୍ଣାମେଣ୍ଟରେ ଭାଗ ନେବାର ଯୋଗ୍ୟତା ହାସଲ କରିବେ । ଆୟୋଜନ ସମିତି ଅଧକ୍ଷ ଅଶୋକ କୁମାର ରାଉତରାୟ, ଉପାଧକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା, ଅଶ୍ୱିନୀ କୁମାର ପଲାଇ, ପବିତ୍ର କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

### ଫାଓ ଲିଗ୍: ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

କଟକ ଅଫିସ,୨୦।୮ - ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗର ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ୧-୦ ଗୋଲରେ ବିଡ଼ାନାସୀ କ୍ଲବକୁ ପରାସ୍ତ କରିଛି । ପ୍ରଥମାର୍ଦ୍ଧର ଖେଳ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧର ୭୭ତମ ମିନିଟ୍‌ରେ ରାଇଜିଂ ଷ୍ଟୁଡେଣ୍ଟର ଜୟନ୍ତ ମହନ୍ତ ଏକମାତ୍ର ମ୍ୟାଚ୍ ବିଜୟୀ ସୂଚକ ଗୋଲ ସ୍କୋର କରିଥିଲେ । ଓଜିପି ଓ ୱାଇଭିସିଜି ମଧ୍ୟରେ ଖେଳାଯାଇଥିବା ପ୍ରତିଯୋଗିତାର ଅନ୍ୟଏକ ମ୍ୟାଚ୍ ଗୋଲ ଶୂନ୍ୟ ରହିଥିଲା । ଜ୍ୟୋତିରଞ୍ଜନ ସ୍ୱାଇଁ, ଦୈତାରୀ କରୁଆ, ତରୁଣ କୁମାର ପ୍ରଧାନ, ନବୀନ କୁମାର ନାୟକ, ରାଜୁ ମହାନ୍ତି, ଭୀମକୁମାର ଛେତ୍ରୀ, ମ୍ୟାଚ୍ କମିଶନର ସୁଜିତ କୁମାର ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ ।

### ଆନ୍ତଃ ସ୍କୁଲ ଫୁଟ୍‌ବଲ କ୍ୱାର୍ଟରରେ ମଦର ପବ୍ଲିକ ସ୍କୁଲ

ଭୁବନେଶ୍ୱର, ୨୦।୮(ସ୍ପୋର୍ଟସ ବ୍ୟୁରୋ)- ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୟୁନିଲାଟ୍ ଆନ୍ତଃ ସ୍କୁଲ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ସୋମବାର ଖେଳାଯାଇ ଦୁଇଟି ମୁକାବିଲାରେ କ୍ୟାପିଟାଲ ହାଇସ୍କୁଲ ଓ ମଦର ପବ୍ଲିକ ସ୍କୁଲ ବୃହତ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ କ୍ୟାପିଟାଲ ହାଇସ୍କୁଲ ୪-୦ ଗୋଲରେ ବିଜେବି ଇଂଲିଶ ମିଡିୟମ ସ୍କୁଲ-୨କୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ବିଶ୍ୱନାଥ ବରୁଆ, ସଂଗ୍ରାମ ମାଝି, ଚନ୍ଦନ ନାୟକ ଓ ରାଜ ସୋରେନ ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ। ସେହିଭଳି ଦିବସର ଦ୍ୱିତୀୟ ମୁକାବିଲାରେ ମଦର ପବ୍ଲିକ ସ୍କୁଲ ୬-୦ ଗୋଲର ବୃହତ ବ୍ୟବଧାନରେ ଜାଭିଅର ସ୍କୁଲ (ଖଣ୍ଡଗିରି)କୁ ହରାଇଛି। ମଦର ପବ୍ଲିକ ସ୍କୁଲର ସୋହନ ଦଣ୍ଡପାଟ ଏକାକୀ ୩ଟି ଗୋଲ କରି ଟୁର୍ଣ୍ଣାମେଣ୍ଟର ପ୍ରଥମ ଖେଳାଳିଭାବେ ହ୍ୟାଟ୍ରିକ ସୌଭାଗ୍ୟ ଅର୍ଜନ କରିଥିଲେ। ଶେଖ୍ ଆସିଫ୍ ଅଲି, ରିଷଭ ପୃଷ୍ଟି ଓ ୟାସ ବେଦ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏଥିସହିତ ପ୍ରତିଯୋଗିତାରେ ଲଗାତର ୨ୟ ବିଜୟ ହାସଲ କରି ମଦର ପବ୍ଲିକ ସ୍କୁଲ ପ୍ରଥମ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ୟୁନିଟ୍-୧ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ପଣ୍ଡା ପ୍ରଥମ ମ୍ୟାଚ୍‌ରେ ଅତିଥି ଭାବେ ଯୋଗଦେଇ କ୍ୟାପିଟାଲ ହାଇସ୍କୁଲର ଚନ୍ଦନ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି କ୍ଲବର ଉପସଭାପତି ଅକ୍ଷୟ କୁମାର ଦାସ ୨ୟ ମ୍ୟାଚ୍‌ର ଅତିଥି ଭାବେ ଉପସ୍ଥିତ ରହି ମଦର ପବ୍ଲିକ ସ୍କୁଲର ସୋହନ ଦଣ୍ଡପାଟଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ଦେଇଥିଲେ। କ୍ଲବର ସଭାପତି ତପନ ମହାନ୍ତି, ପ୍ରିୟନାଥ ମିଶ୍ର, ନବରଞ୍ଜନ ପଟ୍ଟନାୟକ, ଦେବେନ୍ଦ୍ର ମିଶ୍ର, ଅମିୟ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ଦିଲୀପ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ଚନ୍ଦ୍ରକାନ୍ତ ବାରିକ, କୀର୍ତ୍ତୀ ସ୍ୱାଇଁ, ଅମିୟ କୁମାର ନାୟକ, ସରୋଜ ମହାରଣା, ରାଜେନ୍ଦ୍ର ବାରିକ, ଏସ୍. ପଣ୍ଡା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ମହେଶ୍ୱର ସିଂ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଥିଲେ। ଡିଏଭି ପୋଖରୀପୁଟ ଓ ଜାଭିଅର କେଦାରଗୌରୀ ମଧ୍ୟରେ ମଙ୍ଗଳବାର ମ୍ୟାଚ୍ ଅନୁଷ୍ଠିତ ହେବ।



ଶତକ ହାସଲ ପରେ ବିରାଟ କୋହଲି ।

# ଇଂଲଣ୍ଡ ପାଇଁ ବିଜୟ ଲକ୍ଷ୍ୟ ୫୨୧

**ନଟିଂହାମ୍, ୨୦।୮(ପି.ଟି.)**

ସ୍ଥାନୀୟ ଟ୍ରେଣ୍ଟବ୍ରିଜ୍‌ଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ଭାରତ ୫୨୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଜବାବରେ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ଘରୋଇ ଦଳ ଏହାର ଦ୍ୱିତୀୟ ଇନିଂସରେ ବିନା କୌଣସି ଉଇକେଟରେ ୨୩ ରନ କରିଛି। ଆଲିଷ୍ଟର କୁକ୍ ୯ ଓ କିଟନ ଜେନିଙ୍ଗ୍ସ ୧୩ ରନ କରି ଅପରାଜିତ ରହିଛନ୍ତି। ଆଉ ଦୁଇ ଦିନ ଖେଳ ବାକି ଥିବାବେଳେ ବିଜୟ ପାଇଁ ଇଂଲଣ୍ଡକୁ ଆହୁରି ୪୯୮ରନ ଆବଶ୍ୟକ।

ପ୍ରଥମ ଇନିଂସରେ ଅଗ୍ରଣୀ ଲାଭ କରିଥିବା ଭାରତ ଅଧିନାୟକ ବିରାଟ କୋହଲି (୧୦୩ ରନ)ଙ୍କ ଶତକ ଏବଂ ଚେତେଶ୍ୱର ପୂଜାରା (୭୨) ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦ୍ରୁତ ୫୨ରନ (୫୨ବଲ୍) ସହାୟତାରେ ୭ ଉଇକେଟ ବିନିମୟରେ ୩୫୨ ରନ କରି ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। କୋହଲି ଚଳିତ ସିରିଜରେ ତାଙ୍କ ଦ୍ୱିତୀୟ ଏବଂ ମୋଟ ଉପରେ ୨୩ତମ ଟେଷ୍ଟ ଶତକ ହାସଲ କରିଥିଲେ। ଚେତେଶ୍ୱର ପୂଜାରା ମଧ୍ୟ ତାଙ୍କ ଫର୍ମ ଫେରି ପାଇଥିବା ସୂଚନା ଦେଇଥିଲେ।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୨୪/୨ରୁ ଖେଳ ଆରମ୍ଭ କରିଥିବା ଭାରତ ପ୍ରଥମେ ରନ ସଂଗ୍ରହରେ ସଂଯମତା ଅବଲମ୍ବନ କରିଥିଲା। ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ କ୍ରିଜ୍‌ରେ କିଛି ସମୟ ମହଜୁଦ ରହିବାକୁ ପସନ୍ଦ କରିଥିଲେ। କୋହଲି ଓ ପୂଜାରା ତୃତୀୟ ଉଇକେଟ ପାର୍ଟନରଶିପ୍‌ରେ ୧୧୩ ରନ ଯୋଗକରି ଭାରତର ସ୍ଥିତିକୁ ସୁଦୃଢ଼ କରିଦେଇଥିଲେ। କିନ୍ତୁ ପୂଜାରାଙ୍କୁ ଆଲିଷ୍ଟର କୁକ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ କରି ବେନ୍ ଷ୍ଟୋକ୍ସ ଏହି ପାର୍ଟନରଶିପ୍‌କୁ ଭାଙ୍ଗିଥିଲେ। ପୂଜାରାଙ୍କଠାରୁ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଦେଖିବାକୁ ମିଳିଥିଲା। ସେ ୨୦୮ ବଲ୍ ସାମ୍ନା କରି ୯ଚୌକା ସହ ୭୨ରନ କରିଥିଲେ। ଏହି ଭାରତୀୟ ବ୍ୟାଟ୍ସମ୍ୟାନ ୧୪୭ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ୬ଟି ଇନିଂସରେ ଏହା ଥିଲା ତାଙ୍କର ପ୍ରଥମ ଏବଂ ମୋଟ ଉପରେ ୧୮ତମ ଟେଷ୍ଟ ଅର୍ଦ୍ଧଶତକ। ପୂଜାରାଙ୍କ ପରେ କୋହଲିଙ୍କ ସହ ଅଜିଙ୍କ୍ୟ ରାହାନେ କ୍ରିଜ୍‌ରେ ଯୋଗ ଦେଇଥିଲେ। ମାତ୍ର ଏହି ପାର୍ଟନରଶିପ୍ ଅଧିକ ସମୟ ତିଷ୍ଠିପାରି ନ ଥିଲା। ଭାରତୀୟ ଅଧିନାୟକଙ୍କୁ କ୍ରିସ୍ ଓକ୍ସ ଏଲ୍‌ବି ଡବ୍ଲ୍ୟୁ କରିଦେଇଥିଲେ। କୋହଲି ତାଙ୍କ ୧୯୭ ବଲ୍‌ର ଇନିଂସରେ ୧୦ ଚୌକା ଲଗାଇଥିଲେ। କୋହଲିଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା ରିଶଭ ପନ୍ତ ମାତ୍ର ୧ରନ କରି ପ୍ୟାଭିଲିୟନକୁ ଫେରିଥିଲେ। ସେ ଜେମ୍ସ ଆଣ୍ଡରସନଙ୍କ ବଲ୍‌ରେ ଆଲିଷ୍ଟର କୁକ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ୪୪ତମ ଓଭରରେ ଉଇକେଟକିପର ଜନି ବେୟାରଷ୍ଟୋ ଆଘାତପ୍ରାପ୍ତ ହେବା ଘଟଣା ଘରୋଇ ଦଳ ପାଇଁ ଚିନ୍ତାର ବିଷୟ ହୋଇଛି। ବେୟାରଷ୍ଟୋଙ୍କ ବାମ ମଧ୍ୟମାଙ୍ଗୁଳିରେ ଆଘାତ ଲାଗିଛି। ତାଙ୍କର ଏକ୍ସରେ କରାଯାଇଛି। ଜୋସ୍ ବଟଲର କିପିଂ ଦାୟିତ୍ୱ ସମ୍ଭାଳୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ:** ୩୨୯

**ଇଂଲଣ୍ଡ ପ୍ରଥମ ଇନିଂସ:** ୧୬୧

**ଭାରତ ଦ୍ୱିତୀୟ ଇନିଂସ:** ୩୫୨/୭, ଘୋଷଣା (କୋହଲି-୧୦୩, ପୂଜାରା-୭୨, ପାଣ୍ଡ୍ୟା-୫୨*, ଧାୱନ-୪୪, ରାହୁଲ-୩୬; ବେନ୍ ଷ୍ଟୋକ୍ସ-୨/୬୮, ଜେମ୍ସ ଆଣ୍ଡରସନ-୧/୫୫, କ୍ରିସ୍ ଓକ୍ସ-୧/୪୯, ଆଡିଲ ରସିଦ-୩/୧୦୧)।

## ଓମାନଠାରୁ ହାରିଲା ଭାରତ

**ନୂଆଦିଲ୍ଲୀ, ୨୦।୮(ପି.ଟି.)**

ଭାରତୀୟ ୧୬ ବର୍ଷରୁ କମ୍ ଫୁଟ୍‌ବଲ ଦଳ ସୋମବାର ଓମାନ ବିପକ୍ଷରେ ଖେଳାଯାଇଥିବା ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପରାଜୟବରଣ କରିଛି। ତୁର୍କୀରେ ଖେଳାଯାଇଥିବା ଏହି ମ୍ୟାଚ୍‌କୁ ଓମାନ ୧୬ ବର୍ଷରୁ କମ୍ ଦଳ ୨-୧ ଗୋଲରେ ଜିତିନେଇଛି। ଓମାନ ମ୍ୟାଚ୍‌ର ଉଭୟାର୍ଦ୍ଧରେ ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲା। ସେହିଭଳି ୮୯ତମ ମିନିଟ୍‌ରେ ମିଳିଥିବା ଏକ ପେନାଲ୍ଟି କିକ୍‌କୁ ବିକ୍ରମ ଗୋଲରେ ରୂପାନ୍ତରିତ କରି ଭାରତ ପାଇଁ ସାନ୍ତ୍ୱନାମୂଳକ ଗୋଲ କରିଥିଲେ। ଭାରତୀୟ ଦଳର କୋଚ୍ ବିବିଆନୋ ଫର୍ନାଣ୍ଡିଜ ଦ୍ୱିତୀୟାର୍ଦ୍ଧରେ ଅନେକ ପରିବର୍ତ୍ତନ କରିଥିଲେ ମଧ୍ୟ କୌଣସି ସଫଳତା ପାଇ ନ ଥିଲେ। ଭାରତୀୟ ଦଳ ନିକଟରେ ୧୬ ବର୍ଷରୁ କମ୍ ୱାଫ୍ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା।

# ଦିଲ୍ଲୀ ନିର୍ବାଚନ ଲଢ଼ିବେ ଗମ୍ଭୀର

**ନୂଆଦିଲ୍ଲୀ,୨୦।୮**

ବରିଷ୍ଠ ଓପନର ଗୌତମ ଗମ୍ଭୀର ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗଦେବାକୁ ଯାଉଛନ୍ତି। ସେ ଆଗାମୀ ସାଧାରଣ ନିର୍ବାଚନରେ ଭାଜପା ଟିକେଟ୍‌ରେ ଲଢ଼ିବେ ବୋଲି ଏକ ସ୍ଥାନୀୟ ଖବରକାଗଜ 'ଦୈନିକ ଭାସ୍କର'ରେ ପ୍ରକାଶ ପାଇଛି। ଦୀର୍ଘ ଦିନ ହେଲା କ୍ଷମତାରେ ନ ଥିବା ଭାଜପା ଦଳ ଭେଟେରାନ ଓପନରଙ୍କୁ ଟିକେଟ ଦେବାକୁ ନିଷ୍ପତ୍ତି ନେଇଛି। ଯଦି ଖବର ସତ ହୁଏ, ତେବେ ରାଜନୀତିରେ ଯୋଗଦେଉଥିବା ସେ ପ୍ରଥମ କ୍ରିକେଟର ନୁହନ୍ତି। ତାଙ୍କ ପୂର୍ବରୁ ନବଜୋତ ସିଂ ସିଦ୍ଧୁ, ମହମ୍ମଦ କୈଫ, ପ୍ରବୀନ କୁମାର, ବିନୋଦ କାମ୍ବଲି ଓ ମନସୁର ଅଲି ଖାଁ କ୍ରିକେଟ କ୍ୟାରିୟର ପରେ ରାଜନୀତିକୁ ଓହ୍ଲାଇଥିଲେ। ଗମ୍ଭୀର ୨୦୧୨ ଠାରୁ ଭାରତୀୟ ଦଳରେ ସ୍ଥାନ ପାଇବା ପାଇଁ ସଂଘର୍ଷ କରୁଛନ୍ତି। ସେ ଅନ୍ତିମ ଥର ୨୦୧୬ରେ ଜାତୀୟ ଦଳରେ ସ୍ଥାନ ପାଇଥିଲେ। ୩୬ ବର୍ଷୀୟ କ୍ରିକେଟର ୫୮ ଟେଷ୍ଟରେ ୪,୧୫୪ ଓ ୧୪୭ ଦିନିକିଆରୁ ୫୨୩୮ ରନ୍ କରିଛନ୍ତି। ସେ ୨୦୦୭ ଟି୨୦ ବିଶ୍ୱକପ୍ ଓ ୨୦୧୧ ଆଇସିସି ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳ ଲାଗି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ସେ ଏବେ ଆଇପିଏଲରେ ସକ୍ରିୟ ଅଛନ୍ତି।

# ପଣ୍ଡିଚେରୀରୁ ଖେଳିବେ ନାୟାର

**ମୁମ୍ବାଇ, ୨୦।୮ (ପି.ଟି.)**

ଭେଟେରାନ ଅଲରାଉଣ୍ଡର ଅଭିଷେକ ନାୟାର ଆସନ୍ତା ରଣ୍‌ଜୀ ସିଜନରେ ପଣ୍ଡିଚେରୀ ତରଫରୁ ଖେଳିବେ। ପଣ୍ଡିଚେରୀ ଏଥର ପ୍ରଥମଥର ରଣ୍‌ଜୀ ଟ୍ରଫି ଖେଳିବ। ଭେଟେରାନ ଅଲରାଉଣ୍ଡର ନାୟାର ମୁମ୍ବାଇ ତରଫରୁ ୯୯ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଛନ୍ତି। ପଣ୍ଡିଚେରୀରେ ଖେଳିବା ଲାଗି ସେ ମୁମ୍ବାଇ କ୍ରିକେଟ ଆସୋସିଏଶନରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନଓସି) ଆଣିଛନ୍ତି। ସୋମବାର ସକାଳେ ସେ ଏହାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିକଟରେ ଦାଖଲ କରିଛନ୍ତି। ୩୪ବର୍ଷୀୟ ନାୟାର ତାଙ୍କ



ଅଭିଷେକ ନାୟାର

୯୯ ପ୍ରଥମଶ୍ରେଣୀ ମ୍ୟାଚରେ ୫,୬୨୭ ରନ କରିଛନ୍ତି। ତାଙ୍କର ସର୍ବୋଚ୍ଚ ସ୍କୋର ୨୫୯ ରହିଛି। ସେ ୧୩ଟି ଶତକ ଏବଂ ୩୧ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ମୋଟ ୧୬୪ ଉଇକେଟ ଅକ୍ତିଆର କରିଥିଲେ। ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ୭/୧୩୧ ରହିଛି। ନାୟାରଙ୍କୁ ପୂର୍ବରୁ ପଣ୍ଡିଚେରୀର କୋଚ୍ ହେବା ଲାଗି ଅଫର ମିଳିଥିଲା। ମାତ୍ର ସେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଗତ ବର୍ଷ ନଭେମ୍ବରରେ ନାୟାର ମୁମ୍ବାଇ ପାଇଁ ଶେଷ ଥର ଲାଗି ପ୍ରଥମଶ୍ରେଣୀ ମ୍ୟାଚ ଆନ୍ଧ୍ର ବିପକ୍ଷରେ ଖେଳିଥିଲେ। ବର୍ତ୍ତମାନ ସେ ପଣ୍ଡିଚେରୀ ତରଫରୁ ତାଙ୍କ ୧୦୦ତମ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିବେ। ଅନ୍ୟପକ୍ଷରେ ଶୁଣିବାକୁ ମିଳୁଛି ଯେ, ଭାରତର ପୂର୍ବତନ ମିଡିୟମ ପେସ୍ ବୋଲର ଆବିଷ୍କାର ସାଲ୍‌ଭି ଓ ଲେଗ୍ ସ୍ପିନର ପ୍ରବୀଣ ଟାମ୍ବେ ପଣ୍ଡିଚେରୀର ଅନ୍ୟତମ ସହକାରୀ ଷ୍ଟାଫ୍ ଭାବେ ଯୋଗଦେଉଛନ୍ତି।

# ଜୋକୋଭିଚ୍‌ଙ୍କୁ ଟାଇଟଲ

**ସିନସିନାଟି,୨୦।୮**

ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ପୁରୁଷ ସିଙ୍ଗଲ୍ସ ଟେନିସ୍ ଖେଳାଳି ନୋଭାକ ଜୋକୋଭିଚ୍ କ୍ୟାରିୟରରେ ପ୍ରଥମ ଥର ଲାଗି ସିନସିନାଟି ମାଷ୍ଟର୍ସ ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ଅନୁଷ୍ଠିତ ଫାଇନାଲରେ ସର୍ବିଆ ଖେଳାଳି ଜୋକୋଭିଚ୍ ୬-୪, ୬-୪ ସେଟ୍‌ରେ ୭ ଥର ଚାମ୍ପିୟନ ରୋଜର ଫେଡେରରଙ୍କୁ ହରାଇ ଦେଇଛନ୍ତି। ପୂର୍ବରୁ ପାଞ୍ଚ ଥର ଟୁର୍ଣ୍ଣାମେଣ୍ଟର ଫାଇନାଲକୁ ଉନ୍ନୀତ ହୋଇଥିଲେ ମଧ୍ୟ ଟାଇଟଲ କଦାପି ଜିତିବାକୁ ସକ୍ଷମ ହୋଇ ନ ଥିଲେ। ଏହି ମାଷ୍ଟର୍ସ ଟାଇଟଲ ସହ ତାଙ୍କ କ୍ୟାରିୟରରେ ସମସ୍ତ ଏଲାଇଟ୍ ଟୁର୍ଣ୍ଣାମେଣ୍ଟ ଜିତିବାରେ ସଫଳ ହୋଇଛନ୍ତି। ଏହାବାଦ୍ ସୁଇଜରଲାଣ୍ଡର ଖେଳାଳିଙ୍କ ବିପକ୍ଷରେ ଏହା ଜୋକୋଭିଚ୍‌ଙ୍କ ୨୪ତମ ବିଜୟ। ଏପର୍ଯ୍ୟନ୍ତ ଉଭୟ ଖେଳାଳିଙ୍କ ମଧ୍ୟରେ ୪୬ ଥର ମୁକାବିଲା ହୋଇଛି। ଅନ୍ୟପକ୍ଷରେ କ୍ୟାରିୟରର ୧୦୦ତମ ଟାଇଟଲ ଜିତିବା ଲାଗି କିମ୍ବଦନ୍ତୀ ଖେଳାଳି ଫେଡେରରଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ଟାଇଟଲ ଜିତିବା ପରେ ୩୧ ବର୍ଷୀୟ ଜୋକୋଭିଚ୍ କହିଛନ୍ତି, ମୁଁ ଏଠାରେ ପୂର୍ବରୁ ୫ ଥର ଫାଇନାଲ ଖେଳିଛି। ମାତ୍ର ପ୍ରାୟତଃ ଏହି କିମ୍ବଦନ୍ତୀ ଖେଳାଳି ଫେଡେରରଙ୍କ ଠାରୁ ହାରିଛି। ଏଥର ମୋତେ ଜିତିବାକୁ ସୁଯୋଗ ଦେବା ଲାଗି ତୁମକୁ ଧନ୍ୟବାଦ୍।



ଟ୍ରଫି ସହ ନୋଭାକ ଜୋକୋଭିଚ୍।

**ସିନସିନ୍ନାଟି ମାଷ୍ଟର୍ସ**

# ହକି ବିଶ୍ୱକପ୍ ଆଉ ୧୦୦ ଦିନ

**ଭୁବନେଶ୍ୱର, ୨୦।୮(କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ ପାଇଁ ପ୍ରସ୍ତୁତିପର୍ବକୁ ଜୋରଦାର କରାଯାଇଛି। ନଭେମ୍ବର ୨୮ରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ ଏହି ମେଗା ଇଭେଣ୍ଟ। ଏଥିପାଇଁ ଭୁବନେଶ୍ୱର ନୂଆ ରୂପରେ ସଜେଇ ହେଉଥିବାବେଳେ ପ୍ରତିଯୋଗିତାର ସଫଳ ଆୟୋଜନ ନେଇ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସୋମବାର ପ୍ରତିଯୋଗିତାର ୧୦୦ ଦିନିଆ ଅବଗଣନା ଆରମ୍ଭ ହୋଇଛି।

ହକି ବିଶ୍ୱକପ ପୂର୍ବରୁ ଏସିଆନ ଗେମ୍ସରେ ଭାଗନେଇଥିବା ଭାରତୀୟ ପୁରୁଷ ହକି ଦଳ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି। ଏସିଆନ ଗେମ୍ସରେ ଭଲ ପ୍ରଦର୍ଶନ କରି ଭାରତୀୟ ଦଳ ଘରୋଇ ପରିବେଶରେ ବିଶ୍ୱକପ ପାଇଁ ମୋମେଣ୍ଟମ୍ ହାସଲ କରିବ ବୋଲି ଆଶା କରାଯାଉଛି। ''ଏସିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଲେ ଭାରତୀୟ ଦଳର ମନୋବଳ ଦୃଢ଼ ହୋଇପାରିବ। ଜାକର୍ତ୍ତାରୁ ହିଁ ହକି ବିଶ୍ୱକପ ପାଇଁ ଆମର କାଉଣ୍ଟଡାଉନ୍ ଆରମ୍ଭ ହୋଇଛି। ଦଳର ପ୍ରତି ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଭୁବନେଶ୍ୱର ହକି ବିଶ୍ୱକପକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି'' ବୋଲି ଭାରତୀୟ ଦଳ କୋଚ୍ ହରେନ୍ଦ୍ର ସିଂ ପ୍ରକାଶ କରିଛନ୍ତି। ଘରୋଇ ପରିବେଶରେ ଆୟୋଜକ ଦଳ ଭଲ ପ୍ରଦର୍ଶନ ପାଇଁ ପ୍ରସ୍ତୁତିରେ କୌଣସି ହେଳା କରିବ ନାହିଁ ବୋଲି ସେ କହିଛନ୍ତି। ଦର୍ଶକ ଏବଂ ଖେଳାଳିମାନେ ଯେପରି ଭୁବନେଶ୍ୱରରେ ଏକ ଭିନ୍ନ ଅନୁଭୂତି ନେଇ ଫେରିବେ ସେଥିପାଇଁ ହକି ଇଣ୍ଡିଆ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି।

୧୬ ଦଳ ବିଶିଷ୍ଟ ଏହି ପ୍ରତିଯୋଗିତାରେ ବିଶ୍ୱର ନମ୍ବର ୱାନ ତଥା ଗତଥର ଚାମ୍ପିୟନ ଅଷ୍ଟ୍ରେଲିଆ ଏଥର ମଧ୍ୟ ଅନ୍ୟତମ ଟାଇଟଲ ଫେଭରାଇଟ ରହିବ। ନଭେମ୍ବର ୨୮ରୁ ଡିସେମ୍ବର ୧୬ ମଧ୍ୟରେ ମୋଟ ୩୬ଟି ମ୍ୟାଚ ଖେଳାଯିବ। ପ୍ରତି ଦଳ ଲିଗ୍ ପର୍ଯ୍ୟାୟରେ ୩ଟି ଲେଖାଏ ମ୍ୟାଚ ଖେଳିବେ। ଏହାପରେ କ୍ରସ ଓଭର ଓ ନକ୍‌ଆଉଟ ପର୍ଯ୍ୟାୟ ଆରମ୍ଭ ହେବ। ''ପ୍ରତିଯୋଗିତା ଆଉ ମାତ୍ର ୧୦୦ ଦିନ ରହିଛି। ତେଣୁ ଭୁବନେଶ୍ୱର ଯେଉଁମାନେ ଆସିବେ ସେମାନେ ଯେପରି ମଧୁର ସ୍ମୃତି ନେଇ ଫେରିବେ ତାହାକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି। ବିଶ୍ୱକପ ଦେଖିବାକୁ ଅଧିକରୁ ଅଧିକ ଦର୍ଶକ ଭୁବନେଶ୍ୱର ଆସିବା ଆମେ ଆଶା ରଖୁଛୁ'' ବୋଲି ହକି ଇଣ୍ଡିଆ ମହାସଚିବ ମହମ୍ମଦ ମୁସ୍ତାକ ଅହମଦ ପ୍ରକାଶ କରିଛନ୍ତି। ''ହକି ଇତିହାସରେ ଅନ୍ୟତମ ବୃହତ୍ ଟୁର୍ଣ୍ଣାମେଣ୍ଟ ଭୁବନେଶ୍ୱରରେ ହେବାକୁ ଯାଉଛି। ଭୁବନେଶ୍ୱରରେ ବିଶ୍ୱକପ ଆୟୋଜନ ହେଉଛି ଭାରତରେ ହକିର ବିକାଶ ପାଇଁ ଆମ ଯୋଜନାର ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ପ୍ରତିଯୋଗିତାକୁ ସଫଳ କରିବା ପାଇଁ ସମସ୍ତେ କଠିନ ପରିଶ୍ରମ କରୁଛନ୍ତି। ଏଠାରେ ଏକ ମେଗା ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଆମର ଦୃଢ଼ ଆତ୍ମବିଶ୍ୱାସ ରହିଛି'' ବୋଲି କ୍ରୀଡ଼ା ସଚିବ ବିଶାଳ ଦେବ ପ୍ରକାଶ କରିଛନ୍ତି।







ଭାରତୀୟ ଦଳର ପୁରୁଷ ଓ ମହିଳା ଖେଳାଳିମାନେ ଭୁବନେଶ୍ୱରରେ ହେବାକୁ ଯାଉଥିବା ହକି ବିଶ୍ୱକପ ଅବଗଣନା ସମ୍ପର୍କିତ ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି।

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ସମୀକ୍ଷା ପାଇଁ ଖବରଦାତା ସମ୍ମିଳନୀ

# ୨୦୧୭-୧୮ ଆର୍ଥିକ ବର୍ଷରେ ଖର୍ଚ୍ଚ ହୋଇଛି ୫.୯୪ କୋଟି

**ବିଞ୍ଝାରପୁର, ୨୦।୮ (ଡି.ଏନ.ଏ.)**



ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏମ୍‌ଜିଏନ୍‌ଆର୍‌ଇଜିଏସ ସମ୍ପର୍କିତ ଖବରଦାତା ସମ୍ମିଳନୀ।

ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ପ୍ରକୋଷ୍ଠରେ ସୋମବାର ଅପରାହ୍ନରେ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସମ୍ପର୍କିତ ସାମାଜିକ ସମୀକ୍ଷା ପାଇଁ ବିଡିଓ ଦାମୋଦର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାବଦକୁ ୨୦୧୭-୧୮ ଆର୍ଥିକ ବର୍ଷର ଖର୍ଚ୍ଚ ସମ୍ପର୍କରେ ଏପିଓ ସୁନୀତା ନାୟକ ସୂଚନା ଦେଇଥିଲେ। ବିଞ୍ଝାରପୁର ବ୍ଲକରେ ୨୦୧୭-୧୮ ଆର୍ଥିକ ବର୍ଷରେ ବ୍ଲକର ୨୯ଟି ପଞ୍ଚାୟତରେ ମୋଟ ୫କୋଟି ୯୪ଲକ୍ଷ ୨୧ହଜାର ଟଙ୍କା ବିଭିନ୍ନ ପ୍ରକଳ୍ପରେ ବ୍ୟୟ ହୋଇଥିବା ଜଣାପଡିଛି। ବିଞ୍ଝାରପୁର ବ୍ଲକର ୨୯ଟି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ହେଉଥିବା ୩୮୯୦ ପ୍ରକଳ୍ପରୁ ୫୫୨ପ୍ରକଳ୍ପର କାର୍ଯ୍ୟ ସରିଥିଲା ବେଳେ ୩୩୩୮ ପ୍ରକଳ୍ପ କାର୍ଯ୍ୟ

**ବିଞ୍ଝାରପୁର ବ୍ଲକ**

ଚାଲୁ ରହିଥିବା ଜଣାପଡିଛି। ୮୭୬୯ ପରିବାରକୁ ୩ଲକ୍ଷ ୧ଶହ ୫୨୫ଦିନର କାର୍ଯ୍ୟ ସୃଷ୍ଟି କରାଯାଇଛି ବୋଲି ବିଡିଓ ଖୁଣ୍ଟିଆ ସୂଚନା ଦେଇଛନ୍ତି। ସେହିପରି ବ୍ଲକର ୩୪୭ ପରିବାର ୧୦୦ଦିନର କାର୍ଯ୍ୟ କରିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜରୀ ପଞ୍ଚାୟତରେ ସର୍ବାଧିକ ୫୫ଲକ୍ଷ ୮୬ହଜାର ଟଙ୍କା ସର୍ବାଧିକ ଖର୍ଚ୍ଚ ହୋଇଥିବା ବେଳେ ସର୍ବନିମ୍ନ ଅରେଇ ଗ୍ରାମ ପଞ୍ଚାୟତରେ ୬ଲକ୍ଷ ୩୭ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି। ସେହିପରି ଜରୀ ଗ୍ରାମ ପଞ୍ଚାୟତର ସର୍ବାଧିକ ୩୫ ପରିବାରକୁ ୧୦୦ ଦିନରେ କାର୍ଯ୍ୟ ଯୋଗାଇ ଦିଆଯାଇଥିଲା ବେଳେ ଅରେଇ, ଫତେପୁର, ଗ୍ରାପର ସର୍ବନିମ୍ନ ଜଣେ ଲେଖାଏଁ ପରିବାରକୁ ୧୦୦ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି। ଅନ୍ୟ ପକ୍ଷରେ ଉତ୍ତରକୂଳ, ରଣପୁର, ଶାସନ୍ଦା, ଚନ୍ଦ୍ରମୁଁ ଗ୍ରାମପଞ୍ଚାୟତରେ କୌଣସି ପରିବାର ୧୦୦ଦିନର କାର୍ଯ୍ୟ କରିନଥିବା ସୂଚନା ଦିଆଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ସାମାଜିକ ଅଭିଯୋଗ ଶୁଣାଣି ଆସନ୍ତା ୨୪ତାରିଖ ଗୁରୁବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟର ସଭା ଗୃହରେ ଅନୁଷ୍ଠିତ ହେବ ବୋଲି ବିଡିଓ ଦାମୋଦର ଖୁଣ୍ଟିଆ ସୂଚନା ଦେଇଛନ୍ତି। ସୋମବାର ଅପରାହ୍ନରେ ହୋଇଥିବା ଏହି ଖବରଦାତା ସମ୍ମିଳନୀରେ ବ୍ଲକ ସହକାରୀ ଯନ୍ତ୍ରୀ ରଞ୍ଜନ ସାମଲ, ସାମାଜିକ କର୍ମୀ ଚନ୍ଦ୍ରଶେଖର ବେହେରା, ଅଞ୍ଜଳୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିଟ୍‌ଫଣ୍ଡ ଅର୍ଥ ଫେରାଇବା ନେଇ ଥାନାର ଦ୍ୱାରସ୍ଥ ହେଲେ ଜମାକାରୀ

**ବିଞ୍ଝାରପୁର, ୨୦।୮ (ଡି.ଏନ.ଏ)**

ଚିଟଫଣ୍ଡରେ ରାଜ୍ୟରେ ଲକ୍ଷ ଲକ୍ଷ ଜମାକାରୀ ଠକେଇର ଶିକାର ହେବା ପରେ ପ୍ରଥମେ କ୍ରାଇମବ୍ରାଞ୍ଚ ଓ ପରେ ପରେ ସିବିଆଇ ତଦନ୍ତ ଏବେ ବି ଚାଲିଛି। ଜମାକରୀ ସେମାନଙ୍କ ଅର୍ଥ ଫେରି ପାଇବା ପାଇଁ ରାଜ୍ୟ ସରକାର ଚିଟଫଣ୍ଡ କମିଶନ ଗଠନ କରିଛନ୍ତି। ହେଲେ ଏବେ ବି ଜମାକାରୀମାନେ ଚିଟଫଣ୍ଡ ଅର୍ଥ ଫେରି ପାଇବାକୁ ଥାନାରେ ଆବେଦନ କରୁଥିବା ଦେଖିବାକୁ ମିଳିଛି। ବିଞ୍ଝାରପୁର ଥାନା ଗୁହାଳି ପଞ୍ଚାୟତରେ ୫୦ରୁ ଊର୍ଦ୍ଧ୍ୱ ଜମାକାରୀ ସେମାନଙ୍କ ଅର୍ଥ ଫେରି ପାଇବା ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ବିଞ୍ଝାରପୁର ଥାନା ଗୁହାଳି ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ପଣ୍ଡା ଫ୍ୟୁଚର ଇଣ୍ଡିଆ ଓ ଫ୍ୟୁଚର ଲାଇଫର କର୍ମକର୍ତ୍ତା କହି ନିଜ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ବେଆଇନ ଅର୍ଥ କାରବାର କରିଥିଲେ। ୪ବର୍ଷରେ ଜମାକାରୀଙ୍କ ଅର୍ଥ ଦୁଇଗୁଣ କରିଦେବା ପ୍ରଲୋଭନ ଦେଖାଇ ଜମାକାରୀଙ୍କଠାରୁ ଟଙ୍କା ପର୍ଯ୍ୟନ୍ତ ସଂଗ୍ରହ କରିଥିଲେ। ତେବେ ୪ବର୍ଷ ପୂରିବା ପରେ ଜମାକାରୀମାନେ ସେମାନଙ୍କ ଅର୍ଥ ମାଗିବାରୁ ଚନ୍ଦ୍ରଶେଖର ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ବହୁ ସମୟରେ ଉତ୍ତେଜନା ଦେଖା ଦେଇଥିଲା। ଗ୍ରାମର ଆଶାଲତା ନାୟକ, ରଞ୍ଜନ ବାରିକ, ନମିତା ପରିଡା, କପିଳ ଜେନାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏହି ଚିଟଫଣ୍ଡରେ ବିନିଯୋଗ କରିଥିବା ବେଳେ ସେମାନଙ୍କ ଅର୍ଥ ଫେରି ନ ପାଇବାରୁ ଶେଷରେ ଗତ ୧୮ତାରିଖ ଶନିବାର ଏ ନେଇ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ଗ୍ରାମରୁ ମୋଟ ୫ ଲକ୍ଷ ୪୫ ହଜାର ଟଙ୍କା ଜମାକାରୀଙ୍କଠାରୁ ସଂଗ୍ରହ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ବିଞ୍ଝାରପୁର ପୋଲିସ ସମ୍ପୃକ୍ତ ଫ୍ୟୁଚର ଇଣ୍ଡିଆର ଏଜେଣ୍ଟ ଚନ୍ଦ୍ରଶେଖର ପଣ୍ଡାଙ୍କୁ ପଚରା ଉଚରା କରିଥିଲେ। ତେବେ ଜମାକାରୀଙ୍କଠାରୁ ଅର୍ଥ ନେଇଥିବା କଥା ଚନ୍ଦ୍ରଶେଖର ଥାନାରେ ସ୍ୱୀକାର କରିବା ସହ ସରକାରଙ୍କ ଯୋଜନାରେ କେମିତି ଚିଟଫଣ୍ଡ କମ୍ପାନୀ ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀଙ୍କ ନାମ ପଞ୍ଜୀକୃତ ହୋଇଛି ତାହାର କାଗଜପତ୍ର ଆସନ୍ତା ୩୦ ଦିନ ମଧ୍ୟରେ ଜମାକାରୀଙ୍କୁ ଦେବେ ବୋଲି ଥାନାରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷେ ୩୦ ଦିନରେ ଜମାକାରୀମାନେ ନିଜ ଅର୍ଥ ଫେରିପାଇବାର ସରକାରୀ କାଗଜପତ୍ର ନ ପାଇଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।




## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ

**ଯାଜପୁର ଅଫିସ, ୨୦।୮**

ସରକାରୀ କାର୍ଯ୍ୟରେ ଅବହେଳା, ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ରହିବା ଓ ୨ଟି ଗ୍ରାମ ପଞ୍ଚାୟତର ସମସ୍ତ ଦାୟିତ୍ୱ ହସ୍ତାନ୍ତର ନ କରିବା କାରଣରୁ ଦାନଗଦି ବ୍ଲକର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ଇଓ) ଯୋଗେଶ୍ୱର ନାୟକ ନିଲମ୍ବିତ ହୋଇଛନ୍ତି। ଜିଲାପାଳ ରଞ୍ଜନ କୁମାର ଦାସ ସୋମବାର ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଦାନଗଦି ବ୍ଲକର ଦେଉଳକଣ ଓ ଖପୁରିଆପଦା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଥିବା ନାୟକ ଦୀର୍ଘଦିନ ଧରି ବିନା ଅନୁମତିରେ ଛୁଟିରେ ରହିଥିବା କାରଣରୁ ବିଭିନ୍ନ ସରକାରୀ କାର୍ଯ୍ୟରେ ବାଧା ଉପୁଜିଥିଲା । ଏପରିକି ନାୟକ ଦାୟିତ୍ୱ ମଧ୍ୟ ହସ୍ତାନ୍ତର କରୁ ନ ଥିବାରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସୁଚାରୁ ରୂପେ ହୋଇ ପାରୁ ନ ଥିଲା । ଏ ନେଇ ଦାନଗଦି ବିଡିଓ ତାଙ୍କ ପତ୍ରସଂଖ୍ୟା ୪୨୬୫/୪।୮।୨୦୧୮ ଓ ୧୪୫୪/୧୭।୪।୨୦୧୮ ରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡିଓଙ୍କ ପତ୍ର ଆଧାରରେ ଏହି ଦେବା ସହ ନିଲମ୍ବନ ସମୟର କାର୍ଯ୍ୟ ଜିଲା ପଞ୍ଚାୟତ କାର୍ଯ୍ୟାଳୟରେ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ବାଇକ୍ ଚୋରି କରିନେଲେ ଦୁର୍ବୃତ୍ତ

**ରସୁଲପୁର, ୨୦।୮ (ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତର ଅସିତ୍ କୁମାର ନାୟକଙ୍କର ସୋମବାର ସକାଳେ ଏକ ବାଇକ୍ ବାରବାଟୀସ୍ଥିତ ଓଡଙ୍ଗ ପରିବା ବଜାର ନିକଟରୁ ଚୋରି ହୋଇଯାଇଛି। ଏହାପରେ ବାଇକ୍ ଚୋରମାନେ ଆଉ ୨ଟି ବାଇକ୍ ଚୋରି କରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି । ଏ ନେଇ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି ବୋଲି ଅଭିଯୋଗକାରୀ କହୁଥିବା ବେଳେ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି କହିଛନ୍ତି।

ପ୍ରକାଶ ଯେ, ଅସିତ ବାରବାଟୀ ହାଟ ନିକଟସ୍ଥ ୧୬ନଂ ଜାତୀୟ ରାଜପଥ କଡରେ ବାଇକ୍ ରଖି ପରିବା ବେପାର କରିବାକୁ ହାଟକୁ ଯାଇଥିଲେ। ସେ ବ୍ୟବସାୟ ସାରି ଫେରିଲା ପରେ ତାଙ୍କ ବାଇକ୍ (ନଂ-ଓଆର-୦୪ଜେ-୨୨୯୭) ଟିକୁ ପାଇ ନ ଥିଲେ । ହାଟର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବାଇକ୍‌କୁ ପାଇବାରେ ବିଫଳ ହୋଇଥିଲେ। ଏଥିସହ ଚୋରମାନେ ହାଟକୁ ଆସିଥିବା ଅନ୍ୟ ୨ଜଣଙ୍କ ବାଇକ ଚୋରି କରିବାକୁ ପ୍ରୟାସ କରି ବିଫଳ ହୋଇଛନ୍ତି। ଚୋରି ଉଦ୍ୟମ ହୋଇଥିବା ବାଇକ୍‌ର ହ୍ୟାଣ୍ଡଲ ଲକ୍‌କୁ ଚୋରମାନେ ଭାଙ୍ଗି ଦେଇଛନ୍ତି। ମାତ୍ର ଗାଡି ଷ୍ଟାର୍ଟ ନ ହେବାରୁ ନେଇ ପାରିନାହାନ୍ତି। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

■ ବାପି ସର୍ଖେଲ୍‌ଙ୍କ ଜାମିନକୁ ଚ୍ୟାଲେଞ୍ଜ

# ହାଇକୋର୍ଟରେ ଶୁଣାଣି ଆରମ୍ଭ

**କଟକ ଅଫିସ, ୨୦।୮**

ପାରାଦୀପସ୍ଥିତ ସିୱେଜ୍ ଶିପିଂ କମ୍ପାନୀର ଜେନେରାଲ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କୁ ହତ୍ୟା ମାମଲାରେ କଂଗ୍ରେସ ନେତା ବାପି ସର୍ଖେଲ୍‌ଙ୍କୁ ପୋଲିସ ଗିରଫ କରିଥିଲା। ନିମ୍ନ ଅଦାଲତରେ ବାପିଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୭ ଏପ୍ରିଲ ୧୭ରେ ବାପିଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ହେଲେ ବାପିଙ୍କ ଜାମିନକୁ ଚ୍ୟାଲେଞ୍ଜ କରି ସରକାର ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଉକ୍ତ ମାମଲାର ଶୁଣାଣି ହାଇକୋର୍ଟରେ ଆରମ୍ଭ ହୋଇଛି। ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ଇଜିଲାସରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇଛି।




# ପୂର୍ବ ବିବାଦରୁ ଯୁବକଙ୍କୁ ଆକ୍ରମଣ

**ଜଗତ୍‌ସିଂହପୁର ଅଫିସ, ୨୦।୮**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଯଶୋବନ୍ତପୁରର ଜଣେ ଯୁବକଙ୍କୁ ପୂର୍ବ ଶତ୍ରୁତାରୁ ଆକ୍ରମଣ କରାଯାଇଛି। ଗ୍ରାମର ପପୁ ବେହେରାଙ୍କୁ ଏହି ଗ୍ରାମର ତପନ ବେହେରା, ବାପିନ ବେହେରା, ଉମେଶ ବେହେରା ଓ ଭୂମା ବେହେରା ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ପପୁ ଆହତ ହୋଇଛନ୍ତି। ପପୁଙ୍କ ବାପା ହରି ବେହେରାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ନଂ. ୧୯୦/୧୮ ରୁଜୁ କରିଛି। ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି ଯେ, ପପୁ ବିଭିନ୍ନ ସମୟରେ ରାସ୍ତାରେ ହୋହଲ୍ଲା କରିବା ସହ ଲୋକଙ୍କୁ ଗାଳିଗୁଲଜ କରନ୍ତି। ତପନଙ୍କ ଘର ସାମ୍ନାରେ ସେ ଗାଳିଗୁଲଜ କରିବାରୁ ବିବାଦ ଆରମ୍ଭ ହୋଇଥିଲା। ତପନ ଛେନା ବେପାର କରୁଥିବାରୁ ପ୍ରତ୍ୟହ କଟକ ଯାଆନ୍ତି। କିଛି ମାସ ପୂର୍ବରୁ ତପନଙ୍କୁ ଆକ୍ରମଣ ପପୁ ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରିଥିଲେ। ଏଥିରେ ତପନ ଆହତ ହୋଇଥିଲେ। ଏହା ପରଠାରୁ ପପୁ ଫେରାର ଥିଲେ। ସୋମବାର ଏକସୁଧା ନିକଟରେ ପପୁଙ୍କୁ ଏକୁଟିଆ ପାଇ ତପନ ଓ ଅନ୍ୟମାନେ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।




# ସର୍ବ ସମ୍ମୁଖରେ ଶିଶୁଙ୍କୁ ମାଡ଼ ମାରିଲେ ପୂଜକ

**ରସୁଲପୁର, ୨୦।୮ (ଡିଏନଏ)**

କୁଆଖିଆ ବଜାରର ଓଭର ବ୍ରିଜ୍ ତଳେ ସୋମବାର ସକାଳେ ଚୋରି ଅଭିଯୋଗରେ ଜଣେ ଶିଶୁଙ୍କୁ କୁଆଖିଆ ଅଞ୍ଚଳର ଜଣେ ପୂଜକ ସର୍ବସମ୍ମୁଖରେ ଘୋଷାରି ଘୋଷାରି ମାଡ଼ ମାରିଛନ୍ତି। ଏ ନେଇ ଶିଶୁ ଅଧିକାର ସାମାଜିକ କର୍ମୀ ମଣ୍ଟୁ ଦାସ କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବାହାର ରାଜ୍ୟର କେତେଜଣ ଜାଜାବର ପରିବାର କୁଆଖିଆ ବଜାର ନିକଟରେ ବସବାସ କରୁଛନ୍ତି। ସେମାନଙ୍କ ପିଲାମାନେ ବଜାର ଅଞ୍ଚଳରେ ବୁଲାବୁଲି କରିବା ସହ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ମନ୍ଦିର ହୁଣ୍ଡି ଓ ମା' ତାରିଣୀଙ୍କ ଉଦ୍ଦେଶ୍ୟରେ ଭକ୍ତଗଣ ଦାନର୍ଥେ ଦେଉଥିବା ଟଙ୍କାକୁ ଚୋରି କରିନେଉଛନ୍ତି। ପିଲାମାନେ ଭୋକ ମେଣ୍ଟାଇବା ପାଇଁ ଏଭଳି କାମ କରୁଛନ୍ତି ବୋଲି କୁହାଯାଉଛି। ଶିଶୁଙ୍କର ପ୍ରକୃତ ଯତ୍ନ ନିଆଯାଉ ନ ଥିବାରୁ ସେମାନେ ଅଙ୍ଗନୱାଡି ଓ ସ୍କୁଲକୁ ଯାଇପାରୁ ନାହାନ୍ତି । ଅଙ୍ଗନୱାଡି

**ମନ୍ଦିର ହୁଣ୍ଡିରୁ ଚୋରି ଅଭିଯୋଗ**

ଓ ବିଦ୍ୟାଳୟରେ ଶିଶୁଙ୍କୁ ମାଗଣା ଖାଦ୍ୟ ଦିଆଯାଉଛି। ଏହି ସୁବିଧାରୁ ଯାଯାବର ପିଲାମାନେ ବଞ୍ଚିତ ହେଉଛନ୍ତି । ଉପଯୁକ୍ତ ପଦକ୍ଷେପ ନିଆଯାଉ ନ ଥିବାରୁ କୋମଳମତି ଶିଶୁମାନେ ନାନା କୁକାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଏଥିପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଶିଶୁ ଅଧିକାର ସମାଜିକକର୍ମୀ ଅଭିଯୋଗ କରିଛନ୍ତି। ଏହାଛଡା ଶିଶୁ ଜଣକ ମନ୍ଦିର ହୁଣ୍ଡି ବାକ୍ସରୁ ଚୋରି କରିଥିବା ଅଭିଯୋଗରେ ପୂଜକ ଜଣକ ତାକୁ ବିଚ୍ ବଜାରର ସର୍ବସମ୍ମୁଖରେ ମାଡ଼ ମାରିବାକୁ ସାଧାରଣରେ ନାପସନ୍ଦ କରାଯାଇଛି । ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ସହ ଅବହେଳିତ ଶିଶୁଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ପୋଲିସ ପ୍ରଶାସନକୁ ନିବେଦନ କରିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



କାହାରି ଅନୁଗ୍ରହ ପ୍ରାର୍ଥୀ ହେବା ଅର୍ଥ ନିଜର ସ୍ୱାଧୀନତାକୁ ବିକି ଦେବା।

-ମହାତ୍ମାଗାନ୍ଧୀ

# ପୁନଃ ଥଇଥାନ ଅପେକ୍ଷାରେ ୧୨ ଆବେଦନକାରୀ

ଦଶରଥପୁର,୨୦।୮(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ୧୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ଚାକିରି କାଳ ମଧ୍ୟରେ ଅକାଳ ବିୟୋଗ ହୋଇଥିଲା। କାର୍ଯ୍ୟକାଳ ମଧ୍ୟରେ ଅକାଳ ବିୟୋଗ ହେଲେ ସମ୍ପୃକ୍ତ କର୍ମଚାରୀଙ୍କ ପିଲାଙ୍କୁ ସରକାରଙ୍କ ପୁନଃ ଥଇଥାନ ଯୋଜନାରେ ଚାକିରି ଦିଆଯିବାର ନିୟମ ରହିଛି। ହେଲେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପିଲମାନେ ଦୀର୍ଘବର୍ଷ ହେବ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆବଶ୍ୟକତା ଅନୁଯାୟୀ ଯୋଗ୍ୟତା ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ଦାଖଲ କରିସାରିଛନ୍ତି। ମାତ୍ର ଶିକ୍ଷା ବିଭାଗର ଆନ୍ତରିକତାର ଅଭାବ ଯୋଗୁ ଆଜି ପର୍ଯ୍ୟନ୍ତ ପୁନଃ ଥଇଥାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉନାହିଁ ବୋଲି ଆବେଦନକାରୀଙ୍କ ପରିବାର ପକ୍ଷରୁ କୁହାଯାଇଛି। ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ବିଜୟ କୁମାର ଦାସ, ଅଂଶୁମାନ ଦାସ, ଆଶାଲତା ପାଣିଗ୍ରାହୀ, ଗିରିଜାଶଙ୍କର ଭଞ୍ଜ, ସୋମ୍ୟରଞ୍ଜନ ଦାଶ, ଅନିତା ନାୟକଙ୍କର ସମସ୍ତ କାଗଜପତ୍ର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଇ ଦିଆଯାଇ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସୌରଭ ମଲ୍ଲିକ୍, ସତ୍ୟପ୍ରକାଶ ଜେନା, ଆଶୁତୋଷ ଦାସ, ରଣବିଜୟ ସାହୁ, ଆଶିଷ ପଣ୍ଡା ଏବଂ ମାନସ ରଞ୍ଜନ ବିଶ୍ୱାଳଙ୍କର କାଗଜପତ୍ର ପଠାଇ ଦିଆଯାଇଛି। ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୁନଃ ଥଇଥାନ ଯୋଜନାରେ ଡିଇଓ, ଏଡିଇଓ ଏବଂ ସ୍ଥାନୀୟ ହେଡ୍‌କ୍ୱାର୍ଟର ବିଇଓଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଆବେଦନକାରୀଙ୍କ ପ୍ରମାଣପତ୍ର ଯାଞ୍ଚ ହେବା ଯୋଗ୍ୟ ଆବେଦନକାରୀଙ୍କୁ ଥଇଥାନ କରାଯିବାର ନିୟମ ରହିଛି। ହେଲେ ଦଶରଥପୁର ବ୍ଲକରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଫଳରେ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଜିଲା ଶିକ୍ଷାଧିକାରୀ କୃଷ୍ଣ ଚନ୍ଦ୍ର ନାୟକଙ୍କୁ ପଚାରିବାରେ, ପୂର୍ବରୁ ଜିଲାର ବହୁ ଆବେଦନକାରୀ ଅଛନ୍ତି। ବର୍ତ୍ତମାନ ମଧ୍ୟ କେତେଜଣ ଆବେଦନ କରିଛନ୍ତି। ତେବେ ଆମେ ସମସ୍ତ ଆବେଦନକାରୀଙ୍କ ପ୍ରମାଣପତ୍ର ପଠାଇସାରିଛୁ। ପୁରୁଣା ଏବଂ ନୂଆ ଆବେଦନକାରୀଙ୍କୁ ଏକସଙ୍ଗରେ ଖୁବ୍‌ଶୀଘ୍ର ଥଇଥାନ ପାଇଁ ଶିକ୍ଷା ବିଭାଗ ଯୋଜନା କରୁଛନ୍ତି ବୋଲି କହିଥିଲେ।

**ଦଶରଥପୁର ବ୍ଲକ**

- ୧୨ ଆବେଦନକାରୀଙ୍କ କାଗଜପତ୍ର ଜିଲା ଶିକ୍ଷାଧିକାରୀଙ୍କୁ ପଠାଯାଇଛି
- ଆବେଦନକାରୀଙ୍କ କାଗଜପତ୍ର ଯାଞ୍ଚ ପାଇଁ ଏକ କମିଟି ଗଠନ କରାଯିବାର ନିୟମ ଥିବାବେଳେ ଏପର୍ଯ୍ୟନ୍ତ କରାଯାଇନାହିଁ

## ସଂକ୍ଷେପରେ

### ଭାରତୀୟ ସେନା ସ୍ପୋର୍ଟସ କ୍ୟାଡରରେ ଆଦିବାସୀ ଛାତ୍ର



ଡୁବୁରୀ, ୨୦।୮(ଡି.ଏନ୍.ଏ.): କଳିଙ୍ଗନଗର ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତ ବାଘୁଆପାଳ ଗ୍ରାମର ଆଦିବାସୀ ଛାତ୍ର ବିକ୍ରମ ଗାଗରାଇ ଭାରତୀୟ ସେନା ସ୍ପୋର୍ଟସ କ୍ୟାଡରରେ ପ୍ରଶିକ୍ଷଣ ପାଇଁ ସୁଯୋଗ ପାଇଛନ୍ତି। ସେଠାରେ ବିକ୍ରମଙ୍କୁ ଫୁଟବଲ କ୍ରୀଡା ପ୍ରଶିକ୍ଷଣ ସହ ଶିକ୍ଷା ପ୍ରଦାନ କରାଯିବ। ଏହି କୃତିତ୍ୱ ପାଇଁ ପିତା ସିଙ୍ଗରାଇ ଗଇପାଇ ଓ ମାତା ବୈଜୟନ୍ତୀ ଖୁସିଥିବା କହିଛନ୍ତି। ସେହିପରି ଶାଳିଜଙ୍ଗା ପଞ୍ଚାୟତ ସରପଞ୍ଚ ଚକ୍ରଧର ତାମସଏ ବିକ୍ରମଙ୍କ ପାଇଁ ଅଞ୍ଚଳବାସୀ ଗର୍ବିତ ବୋଲି କହିଛନ୍ତି। ୨୦୧୪ରେ ବିକ୍ରମ ବାଘୁଆପାଳଠାରେ ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ୧୦ ବର୍ଷରୁ କମ୍ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

### ରାଜୀବ ଗାନ୍ଧୀଙ୍କ ୭୪ତମ ଜୟନ୍ତୀ

ଧର୍ମଶାଳା ,୨୦।୮(ଡି.ଏନ୍.ଏ.): ଧର୍ମଶାଳା କ୍ଲବ ଜାରକାସ୍ଥିତ ଯୁବ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୪ତମ ଜନ୍ମ ଜୟନ୍ତୀ ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର ରାଉତଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଯୁବ କଂଗ୍ରେସ ସଭାପତି ଅଖିଳ କୁମାର ସ୍ୱାଇଁ ରାଜୀବ ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା କୃଷକ ନେତା ବସନ୍ତ କୁମାର ପରିଡା, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ତରାଇ, ଜିତେନ୍ଦ୍ର ରଥ, ଅଭିରାମ ପଣ୍ଡା, ସୁଧାକର ରାଉତ, ନକୁଳ ଚନ୍ଦ୍ର ଜେନା, ଅମରେନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ଥିଲେ।

### ବାଣିଜ୍ୟ ମେଳା ୨୦୧୮ ଉଦ୍‌ଘାଟିତ

ଯାଜପୁରରୋଡ,୨୦।୮(ନି.ପ୍ର.): ବ୍ୟାସନଗର ପୌରପରିଷଦର କାଳୀ ମେଳଣ ପଡ଼ିଆ ଚୋରଦାଠାରେ ସୋମବାର ବାଣିଜ୍ୟ ମେଳା ୨୦୧୮ ଉଦଘାଟିତ ହୋଇଯାଇଛି। ଏଥିରେ ଚୋରଦା କାଳୀପୂଜା କମିଟି ସଭାପତି ଅଧକ୍ଷତା କରିଥିଲେ। ପୌରାଧକ୍ଷା ସବିତା ରାଉତ, ଉପନଗରପାଳ ସୁବାସ ଚନ୍ଦ୍ର ବଳ ମେଳା ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ସମସ୍ତ ରାଜ୍ୟର ପ୍ରସିଦ୍ଧ ଘରକରଣା ଜିନିଷ ଉପଲବ୍ଧ। ପବିତ୍ର ମହାନ୍ତି, ଶିଶିର କୁମାର ରାଉତ, ପ୍ରଦ୍ୟୁମ୍ନ ବୋଇତେଇ, ଶ୍ରୀକାନ୍ତ କୁମାର ମହାନ୍ତି, ସନାତନ ଦାସ ଓ ଅଜୟ କୁମାର ରାଉତ ପ୍ରମୁଖ ମେଳାର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ରାଜେଶ ସ୍ୱାଇଁ ଏହି ବାଣିଜ୍ୟ ମେଳାର ପ୍ରୋପାଇଟର ଅଟନ୍ତି।

# ୫ ଦଫା ଦାବି ନେଇ ଅଧକ୍ଷଙ୍କୁ ଦାବିପତ୍ର ଦେଲେ ଛାତ୍ରୀଛାତ୍ର

ଛତିଆ,୨୦।୮(ଡି.ଏନ୍.ଏ)

ଛତିଆସ୍ଥିତ ମହାପୁରୁଷ ହାଡିଦାସ ମହାବିଦ୍ୟାଳୟର ଅଧକ୍ଷଙ୍କୁ ୫ ଦଫା ଦାବି ନେଇ ଛାତ୍ରୀଛାତ୍ର ସୋମବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ରିଆଡମିଶନ୍ ଫି କମାଇବା, ବାଳକଙ୍କ ପାଇଁ ଶୌଚାଳୟ, କ୍ୟାଣ୍ଟିନ୍, ପାଣି ପାଇଁ ଆକ୍ୱାଗାର୍ଡ, କଲେଜ ପରିସରରେ ଆଲୋକୀକରଣ, ଛାତ୍ରୀଙ୍କ ପାଇଁ କମନରୁମ୍ ବ୍ୟବସ୍ଥା ଆଦି ସାମିଲ ଥିଲା। ତୁରନ୍ତ ଦାବି ପୂରଣ ପାଇଁ ଅଧକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସଭାପତି ରଞ୍ଜନ କୁମାର ବିଶ୍ୱାଳ, ଶିଶିର କୁମାର ରାଉତ, ରାଜେଶ କୁମାର ମଲ୍ଲିକ୍, ତ୍ରିଲୋଚନ ବାରିକ ପ୍ରମୁଖ କହିଛନ୍ତି।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଛାତ୍ରୀଛାତ୍ର।

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବଦଳି ଦାବି

ବିରଜାକ୍ଷେତ୍ର,୨୦।୮(ଡି.ଏନ୍.ଏ)

ପଞ୍ଚାୟତକୁ ନ ଆସିବା, ବୈଠକରେ ଯୋଗ ନ ଦେବା, ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏବଂ ଅସହଯୋଗ ମନୋବୃତ୍ତି ପାଇଁ ଜନ ପ୍ରତିନିଧି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବଦଳି ଦାବିରେ ସୋମବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତରେ ସୁବାସ ଚନ୍ଦ୍ର କର ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱରେ ଅଛନ୍ତି। ହେଲେ ସେ ଦୀର୍ଘ ୪ ମାସ ହେବ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ୪ ମାସ ହେବ ମାସିକ ବୈଠକରେ ଯୋଗ ଦେଇନାହାନ୍ତି। ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ହେବ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା ନ କରିବା, ବିଲ୍ ନ କରିବା ଯୋଗୁ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏଥିସହ କାଗଜପତ୍ର ଦସ୍ତଖତ ନ ହେବାରୁ କର୍ମଚାରୀ ଦରମା ପାଇନାହାନ୍ତି। ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଜନପ୍ରତିନିଧିଙ୍କ ଅଭିଯୋଗକୁ ଭିତ୍ତିକରି ପ୍ରକଳ୍ପ ନିର୍ଦ୍ଦେଶକ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବଦଳି କରିଥିଲେ। ମାତ୍ର ୪୮ ଘଣ୍ଟା ନ ପୂରୁଣୁ ରାଜନୈତିକ ଚାପ ଯୋଗୁ ପୁନଶ୍ଚ ସେ ଉକ୍ତ ପଞ୍ଚାୟତରେ ଅବସ୍ଥାପିତ ହୋଇଥିଲେ। ବିଞ୍ଝାରପୁର ବ୍ଲକ୍ ପ୍ରଶାସନ ଉକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଏତାଦୃଶ କାର୍ଯ୍ୟକଳାପ ବିଷୟରେ ପଞ୍ଚାୟତର ଜନପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ଓ ଶାସନ ସଚିବଙ୍କୁ ଅବଗତ କରିଛନ୍ତି। ଯଦି ଜିଲା ପ୍ରଶାସନ ନିର୍ବାହୀ ଅଧିକାରୀଙ୍କୁ ବଦଳି ନ କରନ୍ତି, ତେବେ ଜନପ୍ରତିନିଧି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ସରପଞ୍ଚ ଦେବାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି।

# ଶୋରୁମ୍‌ରେ ପଶିଲା ହାଇୱା: ଡ୍ରାଇଭର ଆହତ

କୋରେଇ,୨୦।୮(ସ୍ୱ.ପ୍ର.)

କୋରେଇ ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର ଧନେଶ୍ୱର ଛକରେ ଥିବା ପପୁଲାର ମୋଟର୍ସ ନାମକ ଶୋରୁମ୍ ମଧ୍ୟରେ ରବିବାର ରାତିରେ ଏକ ହାଇୱା ଭାରସାମ୍ୟ ହରାଇ ପଶିଯାଇଥିଲା। ଫଳରେ ପାଚେରି ଭାଙ୍ଗିବା ସହ କାନ୍ଥ ଫାଟିଯାଇଥିଲା ଏବଂ ଡ୍ରାଇଭର ଆହତ ହୋଇଥିଲେ। ଡ୍ରାଇଭରଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରକାଶ ଯେ, ଯାଜପୁରରୋଡ ଆଡୁ ଆସୁଥିବା ଏକ ହାଇୱା(ଓଡି-୦୪-ଏଚ -୫୮୮୨) ଭାରସାମ୍ୟ ହରାଇ ପପୁଲାର ମୋଟର୍ସରେ ପଶିଯିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଇଲେକ୍ଟ୍ରିକ୍ ଷ୍ଟ୍ରକଚରଟି ସମ୍ପୂର୍ଣ୍ଣ ଭାଙ୍ଗି ହାଇୱା ଉପରେ ପଡି ରହିଥିଲା। ଫଳରେ ପପୁଲାର ମୋଟର୍ସ ସହ ୩ ପଞ୍ଚାୟତବାସୀ ରାତିସାରା ଅନ୍ଧାରରେ ରହିଥିଲେ। ଖବରପାଇ କୋରେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱା ଜବତ କରିଛି। ଏ ନେଇ ବିଦ୍ୟୁତ ବିଭାଗ ଓ ପପୁଲାର ମୋଟର୍ସ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ latecityselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ଜ୍ୟୋତିସ୍ମିତା



@ ପ୍ରଜ୍ଞା



@ ବୀରେଶ୍ୱର

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | latecityselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ପାଣିକୋଇଲିରେ ମେଡିକାଲ ପ୍ରତିଷ୍ଠା ଦାବି

ଧର୍ମଶାଳା ,୨୦।୮(ଡି.ଏନ୍.ଏ.)

ଯାଜପୁର ମେଡ଼ିକାଲ କଲେଜ କାଳିଆପାଣିଠାରେ ସ୍ଥାପନ ନେଇ ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘ ଆହ୍ୱାନରେ ସଭା ଜାରକା ତ୍ରିନାଥେଶ୍ୱର ମନ୍ଦିର ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଯୁଧିଷ୍ଠିର ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ସଭାରେ ୧୧ଜଣ ପ୍ରତିନିଧିଙ୍କୁ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ବୈଠକରେ ବରିଷ୍ଠ ନାଗରିକ ମଞ୍ଚ, ମହୋତ୍ସବ କମିଟି, ବଡ଼ ବଜାର ବ୍ୟବସାୟୀ ସଂଘ, ମେନ୍ ମାର୍କେଟ ବଣିକ ସଂଘ, ହନୁମାନ ବଜାର କମିଟି, ଶ୍ରୀ ରାଧାକୃଷ୍ଣଜୀଉ ଠାକୁରବାଡି ମହାସଂଘ, ଧର୍ମଶାଳାପୂଜା କମିଟି, ପ୍ରେସ୍ କ୍ଲବ, ରୋଟାରୀ କ୍ଲବ ଗୋକର୍ଣ୍ଣିକା ସାହିତ୍ୟ ସମାଜ, ଗୋପବନ୍ଧୁ ସେବା ସଂଘ, ଧର୍ମଶାଳା ସାହିତ୍ୟ ସମାଜ, ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦ, ଭାଲୁଖାଇ ଜଗନ୍ନାଥ ମନ୍ଦିର କମିଟି, ଗୋକର୍ଣ୍ଣେଶ୍ୱର ମନ୍ଦିର କମିଟି ସହିତ ବହୁ ବିଶିଷ୍ଟ ବୁଦ୍ଧିଜୀବୀ ଓ ନାଗରିକ ଯୋଗ ଦେଇଥିଲେ। ପାଣିକୋଇଲିଠାରେ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା ଥିବାରୁ ପ୍ରସ୍ତାବିତ ମେଡ଼ିକାଲ କଲେଜ ସ୍ଥାପନକୁ ନେଇ ମତ ପ୍ରକାଶ ପାଇଛି। ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡା, ରମାକାନ୍ତ ଜେନା, କରୁଣାକର ବରାଳ, ସୁରେନ୍ଦ୍ର ନାଥ ନାୟକ, ସୂର୍ଯ୍ୟମଣି ବାରିକ, ଆଦିକନ୍ଦ ସ୍ୱାଇଁ, ବିନୋଦ ବିହାରୀ ପରିଡ଼ା ପ୍ରମୁଖ ଦୃଢ ଦାବି କରିଥିଲେ। ଏହାକୁ ରାଜନୈତିକ ସ୍ତରରେ ଏକ ଗଣଦାବିରେ ପରିଣତ କରିବାକୁ ନିଷ୍ପତ୍ତି ନିଆଯାଇଛି।

# 'ସମାଜ ପୃଥିବୀର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ'

**ବିରଜାକ୍ଷେତ୍ର,୨୦।୮(ଡି.ଏନ୍.ଏ):** ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଯାଜପୁର ସହରର ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ସଙ୍ଗଠନ ଯାଜପୁର ବିକାଶ ମଞ୍ଚର ୧୧ତମ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଅକ୍ଷୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ବରିଷ୍ଠ ପତ୍ରକାର ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ହେଉଛି ପୃଥିବୀର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ବୋଲି କହିଥିଲେ। ଶ୍ରମିକ ନେତା ଅଭୟ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରମିକମାନେ ନ୍ୟାଯ୍ୟ ପାଉଣା ପାଇଲେ ଜାତି ତଥା ସମାଜର ବିକାଶ ହେବ ବୋଲି କହିଥିଲେ।

# ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି

ଧର୍ମଶାଳା, ୨୦।୮(ଡି.ଏନ୍.ଏ.)

ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୬ତମ ଜୟନ୍ତୀ ଉତ୍ସବ ପାଳନ ନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସେପ୍ଟେମ୍ବର ୧୦ରେ ଜାରକାଠାରେ ଜୟନ୍ତୀ ପାଳନ ନେଇ ସର୍ବସମ୍ମତ ହୋଇଛି। ଏହି ଅବସରରେ ଉପେନ୍ଦ୍ର ତ୍ରିପାଠୀ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯିବା ସହ କବିତା ପାଠୋତ୍ସବ ଆୟୋଜନ ନେଇ ମଧ୍ୟ ସ୍ଥିର କରାଯାଇଛି। ବୈଠକରେ ଉପଦେଷ୍ଟା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ବାଲ ସାହିତ୍ୟ ପୁରସ୍କାର ପ୍ରାପ୍ତ ବଟକୃଷ୍ଣ ଓଝା, ପ୍ରଫେସର ବିଜୟ କୁମାର ଶତପଥୀ, ପୁରୁଷୋତ୍ତମ ବିଶ୍ୱାଳ, ବିଦ୍ୟାଧର ସାହୁ, ରୁଦ୍ରନାରାୟଣ ପୃଷ୍ଟି, ଉପସଭାପତି ସୁନାକର ସାହୁ, ବ୍ରଜ କିଶୋର ଦାଶ, ଅବିନେଶ୍ୱର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱର ଜେନାସାମନ୍ତ, ନିରଞ୍ଜନ ମିଶ୍ର, ବିବେକାନନ୍ଦ ରାୟ, ବ୍ରଜରାଜ ତ୍ରିପାଠୀ, ସଞ୍ଜୟ କୁମାର ରାୟ, ବିନୋଦବିହାରୀ ସାହୁ, ପ୍ରତାପରୁଦ୍ର ପଣ୍ଡା, ପ୍ରଦୀପ ସାମଲ ଯୋଗଦେଇଥିଲେ। ସମ୍ପାଦକ ବିଜୟ କୁମାର ନାୟକ ବିବରଣୀ ପାଠ ଏବଂ ପ୍ରାକ୍ତନ ସାଧାରଣ ସମ୍ପାଦକ ବି.କେ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।





ଶାରୀରିକ ସମସ୍ୟା ହେବା ଏକ ଅତି ସାଧାରଣ କଥାରେ ପରିଣତ ହୋଇଯାଇଛି, ଏହା କାରଣରୁ ବୈବାହିକ ଲାଇଫ୍ ଉପରେ ଖରାପ ପ୍ରଭାବ ପଡୁଛି, ଯାହାଦ୍ୱାରା ପୁରୁଷଙ୍କଠାରେ ଶୀଘ୍ରପତନ, ଉତ୍ତେଜନାର ଅଭାବ ଓ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଦେଖାଯିବାରେ ଲାଗିଛି। ଏସବୁ ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲର ୨୧ ଦିନର କୋର୍ସ କରି ଜୋଶ୍, ଶକ୍ତି ଓ ଷ୍ଟାମିନା ବଢ଼ାନ୍ତୁ । ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ବ୍ୟବହାର କରନ୍ତୁ ଏବଂ ବୈବାହିକ ଜୀବନର ଭରପୂର ମଜା ନିଅନ୍ତୁ।




ପ୍ଲେ-ୱିନ୍ କ୍ୟାପ୍‌ସୁଲ
Super Stockist Mahendra Pharma / ODD
ତେଲ କ୍ୟାପ୍‌ସୁଲ୍
www.playwincapsule.com
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ।
ଜୋଶ୍, ଶକ୍ତି , ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ !!



# CLASSIFIED DISPLAY

**ALL LEADING FOOTWEAR BRANDS**
LIBERTY, Lee Cooper, RED CHIEF, WOODLAND, Hitz, inblu, DUKE, Tracer, Helios, SOLETHREADS, NEOZ Italia, ID
For Dealership Contact
**RAMJI ENTERPRISES**
Hanspal, Bhubaneswar
Mob.: 9437006984, 7788000590

**ADMISSION OPEN**
**INDUSTRIAL SAFETY ENGINEERING**
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
**EEURO MARITIME ACADEMY**
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
Estd.2000
logon : www.eeuromaritime.org
Ph.0674-2385773, M:9437114882, 9090366575

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

**EARN IN DOLLARS**



NO ENTRANCE-NO INTERVIEW-DIRECT JOINING
AIMA is providing 6 months Training at its own campus at Berhampur, Ganjam to Join Merchant Navy, since-2004.
For Spot Admission in 24th batch please Contact / Visit /Call :-
Eligibility:-10th Pass, ITI ,+2,+3,Diploma (Age18-28Yrs)
**ALL INDIA MARINE ACADEMY**
N.H-5,Golanthara, Berhampur
Ganjam, Odisha-761008
Website : www.aimaedu.in, E-Mail- aimaltd@rediffmail.com
PHONE- 0680-2492300 /2302/ 2303 MOB.9861212145 / 9861264222

**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

**ହୃଦ୍‌ଘାତ**



ଯେ କୌଣସି ମୁହୂର୍ତ୍ତରେ, ଯେ କୌଣସି ଠାରେ ଆସିପାରେ। ଏଥିପାଇଁ ସଦାସର୍ବଦା ପ୍ରସ୍ତୁତ ଅଶ୍ୱିନୀ ହସ୍ପିଟାଲ୍। ଏଠାରେ ଆନ୍‌ଜିଓଗ୍ରାମ୍, ଆନ୍‌ଜିଓପ୍ଲାଷ୍ଟି, ପେସ୍ ମେକର୍, ଇସିଜି, ୨ଡ଼ି ଇକୋ, ଟିଏମ୍‌ଟି, ବାଇପାସ୍ ସର୍ଜରୀ ଏବଂ ଭାଲ୍‌ଭ ରିପ୍ଲେସ୍‌ମେଣ୍ଟ, ସୁଲଭ ମୂଲ୍ୟରେ ଅଭିଜ୍ଞ ଡ଼ାକ୍ତରଙ୍କ ଦ୍ୱାରା କରାଯାଏ।
ASHWINI HOSPITAL empowered to heal...
ଯୋଗାଯୋଗ - ୭୮୯୪୪୬୦୪୪୩



ଜନନୀ ଓ ଜନ୍ମଭୂମି ସରଗଠୁ ବଡ଼ ।
- ମହର୍ଷି ବାଲ୍ମିକୀ



## ସଂକ୍ଷେପରେ

### ଶତାଧିକ କାଉଡିଆଙ୍କ ଜଳାଭିଷେକ

**ଛତିଆ,୨୦।୮(ଡି.ଏନ୍.ଏ):** ଶ୍ରାବଣ ଶେଷ ସୋମବାରରେ ଶତାଧିକ କୁନି କୁନି କାଉଡିଆ ଗେଙ୍ଗୁଟି ନଦୀ ତଟରୁ ଜଳଯାତ୍ରା ଆରମ୍ଭ କରି ଛତିଆସ୍ଥିତ ବାବା ଅମରେଶ୍ୱରଙ୍କ ପୀଠରେ ଜଳାଭିଷେକ କରିଛନ୍ତି। ଅମରେଶ୍ୱରଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଛତିଆ ୟୁଥ୍ କ୍ଲବ୍ ତରଫରୁ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା ।

### ରାଜୀବ ଗାନ୍ଧୀ ଜୟନ୍ତୀ



**ବାଲିଚନ୍ଦ୍ରପୁର,୨୦।୮(ସ୍ୱ.ପ୍ର.):** ବଡ଼ଚଣା ବ୍ଲକ କଂଗ୍ରେସ ତରଫରୁ ସ୍ଥାନୀୟ ରୁକୁଟିପାଟଠାରେ ସୋମବାର ଥିବା ରାଜୀବ ଗାନ୍ଧୀଙ୍କ ୭୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବ୍ଲକ କଂଗ୍ରେସ କମିଟି ସଭାପତି ଫକୀର ମୋହନ ବଳ ସଭାପତିତ୍ୱ କରିଥିଲେ। କଂଗ୍ରେସ ନେତା ଓ କର୍ମୀମାନେ ପହଞ୍ଚି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ରୁକୁଟିପାଟ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ କଂଗ୍ରେସ ପକ୍ଷରୁ ଫଳ ବଣ୍ଟନ କରାଯାଇଥିଲା। ପରେ ରୁକୁଟିପାଟ ଦଳିତ ବସ୍ତିକୁ ଯାଇ ଘର ଘର ବୁଲି କଂଗ୍ରେସ ନେତା ଓ କର୍ମୀମାନେ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ଉପଭାପତି ତଥା ଏଆଇସିସି ସଭ୍ୟ ଶୁଭେନ୍ଦୁ ମହାନ୍ତି, ପୂର୍ବତନ ଜିଲାପରିଷଦ ସଦସ୍ୟ ଅଜୟ କୁମାର ସାମଲ, ମାନଭଞ୍ଜନ ରାଉତରାୟ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରତିକାନ୍ତ ପ୍ରଧାନ, ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ, ସମିତିସଭ୍ୟ ଖଗେଶ୍ୱର ବେହେରା, ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ନାୟକ, ଦିଲ୍ଲିପ ରାଉତରାୟ, ପ୍ରଦୀପ୍ତ ସ୍ୱାଇଁ, ଅନନ୍ତ ପରିଡା ଓ ସେକ ଲତିଫ୍ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ଅମରାବତୀ ଦୁର୍ଗରେ ଚାରାରୋପଣ

**ଛତିଆ,୨୦।୮(ଡି.ଏନ୍.ଏ):** ଅମରାବତୀ ପରିଚାଳନା କମିଟି ତରଫରୁ ଅମରାବତୀ ଦୁର୍ଗ ପରିସରରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ କିସମର ୫୦୦ ଫଳ ଚାରା ରୋପଣ କରାଯାଇଛି । ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲ୍ଲିକ୍, ସ୍ଥାନୀୟ ସରପଞ୍ଚ ନୟନା ବେହେରା, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରହଲ୍ଲାଦ ନନ୍ଦ, ଗିରିଶ ପାତ୍ର, ଆମ୍ବା ଅଧକ୍ଷ ସଚ୍ଚିସାମନ୍ତ ରାୟ, ବିପିନ ବିଶ୍ୱାଳ, ଭାଗ୍ୟଧର ନାୟକ, ଅମରାବତୀ ମଠ ପରିଚାଳନା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ପୁଅଙ୍କ ତୁଳନାରେ କମୁଛି ଝିଅ ସଂଖ୍ୟା

**ଯାଜପୁର ଅଫିସ,୨୦।୮**



ଯାଜପୁର ଜିଲାରେ ପୁଅଙ୍କ ତୁଳନାରେ ଝିଅ ଜନ୍ମ ଅନୁପାତ ହ୍ରାସ ଉଦ୍‌ବେଗଜନକ ହୋଇଛି। ଏହା ତଥ୍ୟ ଆଲୋଡନ ସୃଷ୍ଟି କରିଛି। ଘରୋଇ ଡାଇଗ୍ନୋଷ୍ଟିକ କେନ୍ଦ୍ରରେ ଅବାଧରେ ଲିଙ୍ଗ ନିରୂପଣ ଚାଲୁଥିବାରୁ ଏହି ପରିସ୍ଥିତି ସୃଷ୍ଟି ହେଉଥିବା ମତପ୍ରକାଶ ପାଇଛି। ଗତ ୨୦୦୧ ଜନଗଣନା ରିପୋର୍ଟରେ ୧୦୦୦ ପୁଅରେ ୯୩୭ ଝିଅ ରହିଥିଲେ। ତେବେ ୨୦୧୧ ଜନଗଣନା ରିପୋର୍ଟରେ ଜିଲାର ସମସ୍ତ ଅଞ୍ଚଳରେ ୦-୬ ବର୍ଷ ପର୍ଯ୍ୟନ୍ତ ୧୦୦୦ ପୁଅଙ୍କ ତୁଳନାରେ ଝିଅ ୯୨୬କୁ ଖସି ଆସିଥିଲା। କେନ୍ଦ୍ର ସରକାରଙ୍କ ରିପୋର୍ଟ ଅନୁସାରେ, ୨୦୧୬-୧୭ ବର୍ଷରେ ୧୦୦୦ ପୁଅରେ ୯୩୫ ଝିଅ ଥିବା ଦର୍ଶାଯାଇଛି। ଏଥିପାଇଁ ଜିଲାରେ ବେଟି ବଚାଓ, ବେଟି ପଢ଼ାଓ ଅଭିଯାନ ଆରମ୍ଭ ହୋଇଛି। ଛତୁ ଫୁଟିଲା ଭଳି ଅଲଟ୍ରାସାଉଣ୍ଡ କେନ୍ଦ୍ର ଖୋଲିବା ଏବଂ ଲିଙ୍ଗ ନିରୂପଣ ଘଟଣା ବୃଦ୍ଧି ଏହାର ପ୍ରମୁଖ କାରଣ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଅନ୍ୟପକ୍ଷେ ଜିଲା ସଦର ଡାକ୍ତରଖାନା, ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ମେଶିନ ଥାଇ ସୁଦ୍ଧା ତାକୁ ଦୀର୍ଘ ୪ବର୍ଷ ହେବ କାର୍ଯ୍ୟକାରୀ ନ କରି ବେସରକାରୀ କେନ୍ଦ୍ରଗୁଡିକୁ ପରୋକ୍ଷରେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଯଦ୍ଦ୍ୱାରା ସରକାରଙ୍କର ଗର୍ଭବତୀ ଓ ପ୍ରସୂତି ମହିଳା ମୃତ୍ୟୁହାର କମାଇବା ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ।

ଜିଲା ସଦର ଡାକ୍ତରଖାନା ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଜିଲାର ଯାଜପୁର ଟାଉନ, ଯାଜପୁର ରୋଡ, କାଳିଆପାଣି, ସୁକିନ୍ଦା ଓ ଜାରକାରେ ୯ଟି କେନ୍ଦ୍ରରେ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବା ପାଇଁ ଅନୁମତି ଦିଆଯାଇଛି। ଉକ୍ତ କେନ୍ଦ୍ରଗୁଡିକୁ ୫ବର୍ଷିଆ ଅନୁମତି ପତ୍ର ଜିଲାମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପ୍ରଦାନ କରାଯାଇଥାଏ । ପ୍ରତି ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ଜଣେ ଲେଖାଏଁ ରେଡିଓଲୋଜି କିମ୍ବା ସୋନୋଗ୍ରାଫର ରହିବାକୁ ନିୟମ ରହିଛି। ମାତ୍ର ସହରର ପ୍ରାୟ ବେସରକାରୀ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡିକରେ ଉକ୍ତ ନିୟମ ପାଳନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହି କେନ୍ଦ୍ରଗୁଡିକରେ ରେଡିଓଲୋଜିଷ୍ଟ କିମ୍ବା ସୋନୋଗ୍ରାଫର ନିଯୁକ୍ତି କରା ନ ଯାଇ ଅନଭିଜ୍ଞ ତଥା ଅଣକୁଶଳୀଙ୍କ ଦ୍ୱାରା ଅଲଟ୍ରାସାଉଣ୍ଡ କାର୍ଯ୍ୟ କରାଯାଉଛି। ଫଳରେ ଅଧିକାଂଶ ସମୟରେ ରୋଗୀଙ୍କୁ ତ୍ରୁଟିପୂର୍ଣ୍ଣ ରିପୋର୍ଟ ମିଳୁଥିବା ଜଣାପଡିଛି। ଏହି କେନ୍ଦ୍ରଗୁଡିକ ସେବା ବଦଳରେ ବ୍ୟବସାୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅଲଟ୍ରାସାଉଣ୍ଡ ପରୀକ୍ଷାରେ ଜଣେ ରୋଗୀଙ୍କଠାରୁ ୪୦୦/୫୦୦ ଟଙ୍କା ପର୍ଯ୍ୟନ୍ତ ନେଉଛନ୍ତି। ଏସବୁର ତଦନ୍ତ କରିବା ପାଇଁ ଜିଲାରେ ଜିଲା ପରାମର୍ଶ କମିଟି (ଡିଏସି) ଗଠନ କରାଯାଇଛି । ଗଠିତ କମିଟି ପକ୍ଷରୁ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡିକୁ ତଦନ୍ତ କରାଯାଉଛି ସତ ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ସେହି କେନ୍ଦ୍ରଗୁଡିକରେ ଲିଙ୍ଗ ନିରୂପଣ କରି ଅବାଧରେ ଗର୍ଭପାତ ଓ କନ୍ୟାଭ୍ରୂଣ ହତ୍ୟା କରୁଥିବା ଅଭିଯୋଗ ହୋଇଛି। ଯାଜପୁରଟାଉନ ଓ ଯାଜପୁର ରୋଡର କନ୍ହେଇପୁରଠାରେ ଥିବା କେନ୍ଦ୍ରଗୁଡିକରେ ଏଭଳି ବ୍ୟବସାୟ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏପରିକି ଜିଲା ତଥା ଜିଲା ବାହାରୁ ଲୋକେ ଆସି ଏଠାରେ ଲିଙ୍ଗ ନିରୂପଣ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ସଦର ଡାକ୍ତରଖାନାରେ ଗର୍ଭବତୀ ମହିଳାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଅଲଟ୍ରାସାଉଣ୍ଡ ମେଶିନ ଥାଇ ସୁଦ୍ଧା ବହୁ ଦିନ ହେଲା କାମରେ ଲାଗୁ ନାହିଁ। ଜିଲା ସଦର ଡାକ୍ତରଖାନାର ଏକ ତାଲାବନ୍ଦ କୋଠରୀରେ ଏହି ମେଶିନ ଖତ ଖାଉଛି। ଅଲଟ୍ରାସାଉଣ୍ଡ ମେଶିନ ଗର୍ଭବତୀଙ୍କ ଗର୍ଭାଶୟର ପରିସ୍ଥିତି ଓ ଗର୍ଭାଶୟରେ ଥିବା ଶିଶୁର ଅବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ। ହେଲେ ଗତ ୪ବର୍ଷ ହେବ ଏହା କାର୍ଯ୍ୟକାରୀ ହୋଇ ପାରୁନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ଏନେଇ କୌଣସି ପଦକ୍ଷେପ ନେଉ ନାହାନ୍ତି । ଫଳରେ ଜିଲାର ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ସମସ୍ୟାରେ ପଡିବା ସହିତ ବାହାରେ ଅଲଟ୍ରାସାଉଣ୍ଡ କରି ଶୋଷଣର ଶିକାର ହେଉଛନ୍ତି । ଜିଲା ସ୍ୱାସ୍ଥ୍ୟ ସମିତି, ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଜିଲାରେ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଥିଲେ ମଧ୍ୟ ଏଭଳି ପ୍ରମୁଖ ସମସ୍ୟା ସମାଧାନ ପ୍ରତି କହାର ତତ୍ପରତା ପ୍ରକାଶ ପାଉନାହିଁ। ଅଧିକାଂଶ ରୋଗୀଙ୍କୁ ଅଲଟ୍ରାସାଉଣ୍ଡ ପରୀକ୍ଷା ଓ ଏକ୍ସରେ କରିବାକୁ ଡାକ୍ତର ପରାମର୍ଶ ଦେଉଛନ୍ତି। ସେହି ସମୟରେ ଗର୍ଭବତୀମାନେ ବାଧ ହୋଇ ବେସରକାରୀ କେନ୍ଦ୍ରରେ ଅଲଟ୍ରାସାଉଣ୍ଡ କରି ଶୋଷିତ ହେଉଛନ୍ତି। ଅବାଧ ଲିଙ୍ଗ ନିରୂପଣ ଯୋଗୁ ଜିଲାରେ ଝିଅ ସଂଖ୍ୟା ଅନୁପାତ ହ୍ରାସ ଚିନ୍ତାର କାରଣ ହୋଇଛି। ଯେଉଁ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡିକରେ ଲିଙ୍ଗ ନିରୂପଣ କରାଯାଉଛି, ସେ ଦିଗରେ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିବାର ଆବଶ୍ୟକତା ରହିଛି। ଏଭଳି ଘୃଣ୍ୟ କାର୍ଯ୍ୟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ସିଡିଏମଓ ବାରିଶ କୁମାର ଦାସଙ୍କୁ ପଚାରିବାରୁ, ଲିଙ୍ଗ ନିରୂପଣ କରୁଥିବା ଡାଇଗ୍ନୋଷ୍ଟିକ କେନ୍ଦ୍ରଗୁଡିକରେ ଖୁବଶୀଘ୍ର ଚଡାଉ କରାଯିବ । ଲିଙ୍ଗ ନିରୂପଣ ହେଉଥିବା ଅଭିଯୋଗ ପ୍ରମାଣିତ ହେଲେ ପିଏନଡିଟି ଆକ୍ଟ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

**ଯାଜପୁର ଜିଲା**

- ଅବାଧରେ ଚାଲିଛି ଲିଙ୍ଗ ନିରୂପଣ
- ଆକସ୍ମିକ ଓ ଯୋଜନାବଦ୍ଧ ତଦନ୍ତର ଅଭାବ

### ବରୁଆଁ ଛକର ଉନ୍ନତୀକରଣ ଦାବି

**ବିରଜାକ୍ଷେତ୍ର,୨୦।୮(ଡି.ଏନ୍.ଏ)**

ଯାଜପୁର ବ୍ଲକ୍ ବରୁଆଁ ପଞ୍ଚାୟତର ବରୁଆଁ ଛକ ଯାଜପୁର-ବରୀ ନିର୍ବାଚନମଣ୍ଡଳୀର ସଂଯୋଗସ୍ଥଳ । ବିଶେଷକରି ଯାଜପୁର ଓ ବରୀ ନିର୍ବାଚନମଣ୍ଡଳୀକୁ ସଂଯୋଗ କରୁଥିବାରୁ ବରୁଆଁ ଛକର ଅବସ୍ଥିତି ଗୁରୁତ୍ୱପୂର୍ଣ୍ଣ ଅଟେ । ଯାତ୍ରୀ ଓ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଛକରେ ଏକ ସୋଲାର ଲାଇଟ୍ ଲଗାଇବା, ପାନୀୟ ଜଳର ବ୍ୟବସ୍ଥା ପାଇଁ ନଳକୂପ ବସାଇବା ଓ ଯାତ୍ରୀ ଓ ଜନସାଧାରଣଙ୍କ ସୁବ୍ୟବସ୍ଥା ନିମନ୍ତେ ବିଶ୍ରାମାଗାର ସ୍ଥାପନ ପାଇଁ ବରୁଆଁ ଛକର ସତ୍ୟ ନାରାୟଣ ବଣିକ ସଂଘ ସୋମବାର ଜିଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ବିଭିନ୍ନ ପ୍ରଦେଶରୁ ଭକ୍ତମାନେ ଏହି ରାସ୍ତା ଦେଇ ଯାଜପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ ନିମନ୍ତେ ଯାଇଥାନ୍ତି । ବର୍ତ୍ତମାନ ଏହି ଛକରେ ଯାଜପୁର ସଦର ଥାନା ଅବସ୍ଥିତ। ଛକର ଅଭିବୃଦ୍ଧି ଘଟିଛି । ଦେଢ଼ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ପସରା ମେଲାଇଛନ୍ତି । ପ୍ରତ୍ୟେକ ଦିନ ଏହି ଛକରେ ହଜାର ହଜାର ସଂଖ୍ୟାରେ ଜନସମାଗମ ହେଉଥିବାବେଳେ ନଳକୂପ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ବିଶ୍ରାମାଗାର ନ ଥିବାରୁ ଯାତ୍ରୀମାନେ ଖରା, ବର୍ଷା, ଶୀତରେ ଅପେକ୍ଷା କରୁଛନ୍ତି। ଯାଜପୁର ଜିଲାରେ ବିଦ୍ୟୁତ୍‌କାଟ ଏକ ନିତିଦିନିଆ ଘଟଣା ହୋଇଛି । ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବାରୁ ରାତିରେ ଛକଟି ଅନ୍ଧାର ରହୁଛି ।

## ହେଲମେଟ୍ ଚେକିଂରେ ସୀମିତ ଟ୍ରାଫିକ୍ ଥାନା

**ଚଣ୍ଡିଖୋଲ,୨୦।୮(ଡି.ଏନ.ଏ)**

ପୂର୍ବରୁ ଭଡ଼ାଘରେ ଟ୍ରାଫିକ୍ ଥାନା ଚାଲୁଥିବାବେଳେ ୨୦୧୭ ଡିସେମ୍ବର ୧୫ ତାରିଖରେ ଚଣ୍ଡିଖୋଲଠାରେ ନିଜସ୍ୱ ଗୃହ ତିଆରି କରାଯାଇ ଉଦ୍‌ଘାଟନ କରାଯାଇଥିଲା। ଏହି ଥାନାରେ ଜଣେ ଆଇଆଇସିଙ୍କ ତତ୍ତ୍ୱାବଧାନରେ ୩୭ ଜଣ କର୍ମଚାରୀ ଥିବାବେଳେ ଚଣ୍ଡିଖୋଲ ଛକରେ ଦୈନିକ ଦୁର୍ଘଟଣା ଘଟୁଛି। ଟ୍ରାଫିକ୍ ଥାନା ଏବେ ହେଲମେଟ୍ ଚେକିଂରେ ସୀମିତ ରହିଛି। ଗତ ୧୮ ତାରିଖରେ ଚଣ୍ଡିଖୋଲ ଟ୍ରାଫିକ୍ ଉପରେ ଏକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ଏହା ଜିଲାର ଏକମାତ୍ର ଟ୍ରାଫିକ୍ ଥାନା ହୋଇଥିବାବେଳେ ସଡ଼କ ସୁରକ୍ଷା ବିଷୟରେ ଲୋକଙ୍କୁ ସଚେତନ କରାଯାଉନାହିଁ। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନେଇ ଟ୍ରାଫିକ୍ ନିୟମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା କଥା। ହେଲେ ଥାନା ଉଦ୍‌ଘାଟନର ୯ ମାସ ବିତିଯାଇଥିଲେ ମଧ୍ୟ ଗୋଟିଏ ଥର ସଚେତନତା ଶିବିର କରାଯାଇନାହିଁ। ହେଲମେଟ୍ ଚେକିଂ କରି ଜରିମାନା ଆଦାୟ କରୁଥିବାବେଳେ ୪ ଚକିଆ, ୬ ଚକିଆ ଓ ୧୦ ଚକିଆ ଗାଡ଼ି ଉପରେ ନିୟନ୍ତ୍ରଣ ରହୁନାହିଁ। ଦ୍ରୁତ ଗତିରେ ଯାଉଥିବା ଗାଡ଼ିଗୁଡ଼ିକ ଉପରେ ରୋକ ଲଗାଇବା ପାଇଁ ଥାନା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏ ସମ୍ପର୍କରେ ଟ୍ରାଫିକ୍ ଥାନା ଅଧିକାରୀ ଲକ୍ଷ୍ମୀ ନାରାୟଣ ମୁଣ୍ଡାଙ୍କୁ ପଚାରିବାରେ, ଜାତୀୟ ରାଜପଥ ଉପରେ ଆମର ତଦାରଖ କରାଯାଉଛି ଏବଂ ବେଆଇନ ଗାଡ଼ି ଚାଳକଙ୍କ ନିକଟରୁ ଜରିମାନା ଆଦାୟ କରାଯାଉଛି।



ଚଣ୍ଡିଖୋଲ ଟ୍ରାଫିକ୍ ଛକ।

## ରାଜୀବ ଗାନ୍ଧୀଙ୍କ ୭୪ତମ ଜୟନ୍ତୀ

**ବିରଜାକ୍ଷେତ୍ର,୨୦।୮(ଡି.ଏନ୍.ଏ)**

ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ରାଜୀବ ଗାନ୍ଧୀଙ୍କ ୭୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଭାସ୍କର ଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ । ଏହି ଅବସରରେ ଜିଲାର ନବନିଯୁକ୍ତ ପିସିସି କର୍ମକର୍ତ୍ତା, ପିସିସି ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ପିସିସି ପ୍ରଚାର କମିଟି ସଦସ୍ୟା ଦୀପ୍ତିରେଖା ମିଶ୍ର, ଜିଲା କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ବଳଭଦ୍ର ଦାସ, ଯାଜପୁର ନିର୍ବାଚନମଣ୍ଡଳୀର ସମସ୍ତ ଜୋନ ସଭାପତି ରଘୁନାଥ ମାଝି, ଗଦାଧର ଦାସ, ଅରୁଣ ଧଳ, ମାସନ ପଣ୍ଡା, ଦଶରଥପୁର ବ୍ଲକ୍ ସୁବାସ ମିଶ୍ର, ଇନ୍ଦ୍ରଜିତ ଦାସ, ବିମଳ ମଲ୍ଲିକ, ଘନଶ୍ୟାମ ସାହୁଙ୍କୁ ଯାଜପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ପିସିସି କୋର କମିଟି ସଭ୍ୟ ସନ୍ତୋଷ କୁମାର ନନ୍ଦ ସମ୍ବର୍ଦ୍ଧିତ କରିଥିଲେ । ଯାଜପୁର ନିର୍ବାଚନମଣ୍ଡଳୀର ସନ୍ତୋଷ ନନ୍ଦଙ୍କ ଦ୍ୱାରା ପ୍ରଦେଶ କଂଗ୍ରେସ କମିଟିର ନୂତନ କାର୍ଯ୍ୟକ୍ରମ 'ମୋ ବୁଥ୍ ମୋ ଗୌରବ' ଓ ଏଆଇସିସି ସଭାପତି ରାହୁଲ ଗାନ୍ଧୀଙ୍କ ଶକ୍ତି ପ୍ରୋଜେକ୍ଟର ଶୁଭ ଉଦ୍‌ଘାଟନ କରାଯାଇଥିଲା ।

# ଅଙ୍ଗନୱାଡ଼ି ସଂଘର ଆନ୍ଦୋଳନ ପାଇଁ ପ୍ରସ୍ତୁତି

**ବିରଜାକ୍ଷେତ୍ର,୨୦।୮(ଡି.ଏନ୍.ଏ)**

ଅଫିସର୍ସ କ୍ଲବଠାରେ ସମସ୍ତ କ୍ଲବ କର୍ମକର୍ତ୍ତାଙ୍କୁ ନେଇ ସୋମବାର ଭାରତୀୟ ମଜଦୁର ସଂଘ ସହବନ୍ଧିତ ଅଲ ଓଡ଼ିଶା ଅଙ୍ଗନୱାଡ଼ି ୱାର୍କର୍ସ ଆସୋସିଏଶନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଯାଇଛି । ଅଙ୍ଗନୱାଡ଼ି ସଂଘ ସଭାନେତ୍ରୀ ସବିତା ପାଢ଼ୀ ସଭା ପରିଚାଳନା କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦିକା ସୁମିତା ମହାପାତ୍ର ମୁଖ୍ୟବକ୍ତା, ଭାରତୀୟ ମଜଦୁର ସଂଘ ଯାଜପୁର ଜିଲା ସଭାପତି ପୁରୁଷୋତ୍ତମ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ପ୍ରକାଶ ଯେ, ଦୀର୍ଘଦିନ ଧରି ଅଙ୍ଗନୱାଡ଼ି ସଂଘ ତରଫରୁ ସରକାରଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରାଯାଉଥିଲେ ମଧ୍ୟ ଏଯାବତ୍ ଦାବି ପୂରଣ ହୋଇନାହିଁ । ଗରମ ରନ୍ଧା ଖାଦ୍ୟ ପ୍ରଦାନ, ଅଣ୍ଡାର ପରିମାଣ ବୃଦ୍ଧି କରିଥିଲେ ମଧ୍ୟ ତଦନୁଯାୟୀ ଉକ୍ତ ସାମଗ୍ରୀର ଦର ବୃଦ୍ଧି କରାଯାଇନାହିଁ। ତେଣୁ ସଂଘ ତରଫରୁ ରାଜ୍ୟର ସମସ୍ତ ଜିଲାପାଳ, ସମାଜ ମଙ୍ଗଳ ଅଧିକାରିଣୀ, ବ୍ଲକ୍ ଶିଶୁ ବିକାଶ ଯୋଜନା ଅଧିକାରିଣୀଙ୍କୁ ୧୫ ଦିନ ମଧ୍ୟରେ ଏହାର ପୁନଃ ବିଚାର କରିବା ପାଇଁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାର ବିଚାରକୁ ନେଇନାହାନ୍ତି । ସରକାର ଏ ବିଷୟରେ ପଦକ୍ଷେପ ନ ନେବାରୁ କର୍ମୀମାନେ ବାଧହୋଇ ପୁରୁଣା ତାଲିକା ହିସାବରେ ରନ୍ଧା ଖାଦ୍ୟ ଓ ଅଣ୍ଡା ବଣ୍ଟନ କରୁଛନ୍ତି । ଆସନ୍ତା ସେପ୍ଟେମ୍ବର ୭ ତାରିଖରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି ।




ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକ।

## ସୁନ୍ଦରପୁର ପଞ୍ଚାୟତ ରାସ୍ତା ବିପର୍ଯ୍ୟସ୍ତ

**ସିଂହପୁର,୨୦।୮(ଡି.ଏନ୍.ଏ)**

ସିଂହପୁର ନିକଟବର୍ତ୍ତୀ ସୁନ୍ଦରପୁର ପଞ୍ଚାୟତ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଛି। ଗ୍ରାମାଞ୍ଚଳ ଲୋକଙ୍କ ଯାତାୟାତରେ ସୁବିଧା ପାଇଁ ସରକାର ଅର୍ଥବ୍ୟୟ କରୁଥିବାବେଳେ ଅସାଧୁ ଠିକାଦାର ଓ ଯନ୍ତ୍ରୀଙ୍କ ପାଇଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଛି। ସୁନ୍ଦରପୁର ଉତ୍ତରା ସାହିଠାରୁ ନାରଣ ରଥଙ୍କ ଘର ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇ ପଡିଛି। ଏହି ରାସ୍ତାରେ ଢଳେଇ ଫାଟି ଯାଇଥିବାବେଳେ ଅଧିକାଂଶ ସ୍ଥାନ ଭାଙ୍ଗିଯାଇଛି। ନିମ୍ନମାନର କାମ ଯୋଗୁ ଏପରି ଅବସ୍ଥା ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା ମରାମତି କରିବାକୁ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

## ବ୍ଲକସ୍ତରୀୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଶିବିର

**କୋରେଇ,୨୦।୮(ସ୍ୱ.ପ୍ର)**

କୋରେଇ ବ୍ଲକ ସଭାଗୃହରେ ସୋମବାର ବ୍ଲକସ୍ତରୀୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ହେମନ୍ତ କୁମାର ବିହାରୀ ଅଧକ୍ଷତା କରିଥିଲେ। ୧୪୮ ଆଶାକର୍ମୀ ଏବଂ ୨୩୬ ଅଙ୍ଗନୱାଡ଼ି କର୍ମୀ ଶିବିରରେ ଯୋଗ ଦେଇଥିଲେ। ଗତ ୧୫ ତାରିଖରେ ରାଜ୍ୟ ସରକାର ଆରମ୍ଭ କରିଥିବା ଏହି ଯୋଜନା ମାଧ୍ୟମରେ କୋରେଇ ବ୍ଲକ୍‌ର ୨୬ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବେ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସରକାରଙ୍କ ନିୟମ ଅନୁଯାୟୀ, ପୂର୍ବରୁ ଆରମ୍ଭ ହୋଇଥିବା ବିଜୁ କୃଷକ କଲ୍ୟାଣ ଯୋଜନା ଏବଂ ରାଷ୍ଟ୍ରୀୟ ବୀମା ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ହିଁ ଏହି ଯୋଜନାରେ ସାମିଲ ହୋଇପାରିବେ। କୋରେଇ ବ୍ଲକ୍‌ରେ ଏହି ଦୁଇ ଯୋଜନାରେ ୨୬ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ସେମାନଙ୍କୁ ସାମିଲ କରାଯିବା ପରେ ଅନ୍ୟ ହିତାଧିକାରୀଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ସାମିଲ କରାଯିବ ବୋଲି ବିଡିଓ ବିହାରୀ ସୂଚନା ଦେଇଥିଲେ। ଏହି ଯୋଜନାରେ ପୁରୁଷଙ୍କ ପାଇଁ ୫ ଲକ୍ଷ ଏବଂ ମହିଳାଙ୍କ ପାଇଁ ୭ ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା କରାଯାଇଥିବାବେଳେ ପ୍ରକୃତ ହିତାଧିକାରୀଙ୍କ ସମେତ ପରିବାରର ସର୍ବାଧିକ ୫ ଜଣ ସଭ୍ୟଙ୍କୁ ବୀମାଭୁକ୍ତ କରାଯିବାର ବ୍ୟବସ୍ଥା ରହିଛି। ପ୍ରତ୍ୟେକ ପଞ୍ଚାୟତରେ ଥିବା ଅଙ୍ଗନୱାଡ଼ି ଓ ଆଶାକର୍ମୀ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରି ବୀମା ଯୋଜନାରେ ସାମିଲ କରିବାକୁ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିପିଓ ସୁଭ୍ରଜିତ୍ ସାମଲ, କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ କୁମାର ପୃଷ୍ଟି, ଅଙ୍ଗନୱାଡ଼ି ସୁପରଭାଇଜର ନିରୁପମା ବେହେରା, ଜିପିଓ କୁମ୍ଭକର୍ଣ୍ଣ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ। ଅଙ୍ଗନୱାଡ଼ି କର୍ମୀଙ୍କ ବକେୟା ଟଙ୍କା ଖୁବ୍‌ଶୀଘ୍ର ଦିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

# ୬ବର୍ଷ ହେଲା ସରୁନି ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ

**ରସୁଲପୁର,୨୦।୮(ଡିଏନଏ)**

ରାଜ୍ୟରେ ଶତକଡା ୮୦ଭାଗ ଲୋକ କୃଷିଜୀବୀ। ସେହି ଅନୁପାତରେ ରାଜ୍ୟ ସରକାର କୃଷି ଓ କୃଷକଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଉତ୍ପାଦିତ ଶସ୍ୟ ଓ ପନିପରିବାକୁ ବିକ୍ରି କରିବା ପାଇଁ ବ୍ୟାପକ ବନ୍ଦୋବସ୍ତ କରୁଛନ୍ତି। ମାତ୍ର ସେ ସବୁ ବ୍ୟବସ୍ଥାରେ ବ୍ୟାପକ ଅବ୍ୟବସ୍ଥା ରହୁଥିବାରୁ ସରକାରୀ ଯୋଜନା ଚାଷୀଙ୍କ କାମରେ ଆସିପାରୁ ନାହିଁ। ଏଭଳି ଘଟଣାର ଜ୍ୱଳନ୍ତ ଉଦାହରଣ ରସୁଲପୁର ବ୍ଲକର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳି କୁଆଖିଆ ବଜାରର ନିର୍ମାଣାଧିନ ମାର୍କେଟ କମ୍ପ୍ଲେକ୍ସ କ୍ଷେତ୍ରରେ ଦେଖିବାକୁ ମିଳିଛି। ମାର୍କେଟ କମ୍ପ୍ଲେକ୍ସ କାମ ଶେଷ ହେବାରେ ଅହେତୁକ ବିଳମ୍ବ ଘଟୁଥିବାରୁ ଏହା ଚାଷୀଙ୍କ କାମରେ ଲାଗୁନି। ଦୀର୍ଘ ୬ବର୍ଷ ହେଲା ମାର୍କେଟ କମ୍ପ୍ଲେକ୍ସ କାମ ଅଧାପନ୍ତରିଆ ହୋଇ ପଡିରହିଛି। ନିୟନ୍ତ୍ରିତ ବଜାର କମିଟିର ୧.୫୩ କୋଟି ଟଙ୍କା ଉପଯୁକ୍ତ ବିନିଯୋଗ ହେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକଳ୍ପରେ ପ୍ରସ୍ତାବିତ ସମସ୍ତ କାର୍ଯ୍ୟ ଶେଷ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। କାର୍ଯ୍ୟାରମ୍ଭ ପୂର୍ବରୁ ଜମି ଚିହ୍ନଟ କରା ନ ଯାଇ ଢଳେଇ ଚଟାଣ ନିର୍ମାଣ କରାଯାଇଛି। ଉକ୍ତ ଚଟାଣଟି ୧୬ନଂ ଜାତୀୟ ରାଜପଥ ଜମିରେ ନିର୍ମାଣ ହୋଇଥିବାରୁ ରାଜପଥ ସମ୍ପ୍ରସାରଣ ବେଳେ ଚଟାଣ ଭଙ୍ଗାଯିବ ବୋଲି ଜଣାପଡିଛି। ଏପରି ଘଟିଲେ ନିୟନ୍ତ୍ରିତ ବଜାର କମିଟିର ତ୍ରୁଟି ଯୋଗୁ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିବାର ସମ୍ଭାବନା ଦେଖାଦେଇଛି।

ପ୍ରକାଶ ଯେ, ୨୦୧୧-୧୨ ଆର୍ଥକ ବର୍ଷରେ ଯାଜପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କୁଆଖିଆ ବଜାରରେ ଚାଷୀଙ୍କ ସୁବିଧା ପାଇଁ ପ୍ରକଳ୍ପ ନିର୍ମାଣ ସକାଶେ ୧.୫୩ କୋଟି ଅର୍ଥ ବ୍ୟୟବରାଦ କରାଯାଇଛି। ଉକ୍ତ ଅର୍ଥରେ ୨୦ବଖରା ବିଶିଷ୍ଟ ଦୋକାନ ଘର, ଚାଷୀଙ୍କ ପାଇଁ ସୁଲଭ ଶୌଚାଳୟ, ପିଣ୍ଡି ଓ ତା'ଉପରେ ଛାଉଣି ନିର୍ମାଣ କରାଯିବାକୁ ଆକଳନରେ ସ୍ଥାନ ଦିଆଯାଇଛି। ଏହା ଟେଣ୍ଡର ପ୍ରକ୍ରିୟାକୁ ଯିବା ପରେ ୨୦୧୪-୧୫ ବର୍ଷରେ କମିଟି ସହ ଠିକାଦାର ଚୁକ୍ତି ହୋଇଥିଲା। ପରେ ଠିକାଦାର ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏବେ ସୁଦ୍ଧା ମୋଟ ୨୦ ବଖରା ଦୋକାନ ଘରୁ ୧୪ବଖରା ନିର୍ମାଣ ହୋଇଛି। ତାହା ପୁଣି ଅଧାପନ୍ତରିଆ ଅବସ୍ଥାରେ ରହିଛି। ସରକାରୀ ଜମି ନ ଥିବାରୁ ଆଉ ୬ବଖରା ନିର୍ମାଣ ହବ କି ନାହିଁ ତା ଏବେ ବି ଅସ୍ପଷ୍ଟ । ଚାଷୀଙ୍କ ବେପାରରେ ସୁବିଧା ଦୃଷ୍ଟିରୁ ସେଡ୍ ନିର୍ମାଣ ପାଇଁ ଚଟାଣ ପ୍ରସ୍ତୁତ ସରିଛି। ଏ ବାବଦରେ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି । ମାତ୍ର ଉକ୍ତ ଚଟାଣ ଉପରେ ସେଡ ନିର୍ମାଣ କରାଯାଇ ପାରିବ ନାହିଁ। ଉକ୍ତ ଚଟାଣଟି ରାଜପଥ ଜମି ଉପରେ ନିର୍ମାଣ କରାଯାଇଛି। ଏବେ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ନିର୍ମାଣ ହୋଇଥିବା ଚଟାଣଟି ରାଜପଥ ରାସ୍ତାରେ ଚାଲିଯିବ। ଫଳରେ ଏହି ସ୍ଥାନରେ ଆଗକୁ ଆଉ କୌଣସି ନିର୍ମାଣ କାର୍ଯ୍ୟ କରାଯିବ ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି। ସୁଲଭ ଶୌଚାଳୟ ପାଇଁ ଜମି ମିଳୁ ନ ଥିବାରୁ ତାହା ନିର୍ମାଣ ହେବା ସମ୍ଭବପର ନୁହେଁ। ପ୍ରକଳ୍ପ ନିର୍ମାଣ ପାଇଁ ଜମିଜମା ସମ୍ପର୍କିତ କ୍ଲିଅରାନ୍ସ ମିଳି ନ ଥିବା ବେଳେ ପ୍ରକଳ୍ପ ଟେଣ୍ଡରକୁ ଗଲା କିପରି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଛଡା ପ୍ରକଳ୍ପ ନିର୍ମାଣ ସ୍ଥଳରେ ସୂଚନାଫଳକ ଲଗାଯାଇ ନାହିଁ। କମିଟି ନିକଟରେ ଜମିଜମା ସମ୍ପର୍କିତ ପ୍ରମାଣପତ୍ର ନ ଥିବାରୁ ବିବାଦୀୟ ଜମିରେ ନିର୍ମାଣ କରାଯାଇ ଚାଷୀଙ୍କ ଅର୍ଥ ବାଟମାରଣା କରାଯାଉଛି। ଏହାଛଡା ଚାଷୀଙ୍କ ପାଇଁ ନିର୍ମାଣ ହୋଇଥିବା ଚଟାଣ ଜବରଦଖଲରେ ରହିଛି। ବ୍ୟବସାୟ କରିବାକୁ ସ୍ଥାନ ନ ପାଇ ଚାଷୀମାନେ ରାଜପଥ ଆପ୍ରୋଚ ରାସ୍ତା ଉପରେ ବସି ବ୍ୟବସାୟ କରୁଛନ୍ତି। ଫଳରେ ଯାତାୟାତରେ ବାଧା ଉପୁଜୁଛି। ଏହିଭଳି ନାନା ଅବ୍ୟବସ୍ଥା ମଧ୍ୟରେ ନିର୍ମାଣାଧିନ କାର୍ଯ୍ୟ ଅନେକ ଦିନ ହେଲା ବନ୍ଦ ହୋଇ ପଡିରହିଛି। ଜଣେ ଠିକାଦାରଙ୍କୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ବିଭାଗ ସହ ଚୁକ୍ତି କରିବାର ୯ମାସ ମଧ୍ୟରେ କାର୍ଯ୍ୟ ସାରିବାକୁ କାର୍ଯ୍ୟାଦେଶରେ ଉଲ୍ଲେଖ କରାଯାଇଛି। ଏହା ମଧ୍ୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ହେଲେ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ଏହାସତ୍ତ୍ୱେ ବି ଠିକାଦାରଙ୍କ ବିରୋଧରେ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ନାହିଁ । କମିଟି ପକ୍ଷରୁ ଠିକାଦାରଙ୍କୁ କେବଳ ନୋଟିସ ଜାରି କରାଯାଇଛି । ହେଲେ କାମ କେବେ ସରିବ ତାର ନିର୍ଦ୍ଦିଷ୍ଟ ଉତ୍ତର କାହାରି ନିକଟରେ ନାହିଁ। ଏ ସମ୍ପର୍କରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରୁ, କାର୍ଯ୍ୟରେ ଅବହେଳା ଯୋଗୁ ଠିକାଦାରଙ୍କୁ କମିଟି ପକ୍ଷରୁ ନୋଟିସ ଜାରି କରାଯାଇଛି । ବିଧି ଅନୁଯାୟୀ ଠିକାଦାରଙ୍କୁ ନିର୍ମାଣ କାର୍ଯ୍ୟ ଶେଷ କରିବା ଅବଧିକୁ ବଢାଇ ଦିଆଯାଇ ପାରିବ । କମିଟି ପକ୍ଷରୁ ଠିକାଦାରଙ୍କୁ ତାଗିଦ୍ କରାଯାଇଛି। ସେ ତୁରନ୍ତ ନିର୍ମାଣ କାର୍ଯ୍ୟ ସାରି ପ୍ରକଳ୍ପକୁ କମିଟିକୁ ହସ୍ତାନ୍ତର କରିବେ ବୋଲି କହିଛନ୍ତି।



**କୁଆଖିଆ ବଜାର**

- ନିୟନ୍ତ୍ରିତ ବଜାର କିମିଟିର ୧.୫୩ କୋଟି କାମ ଅଧାପନ୍ତରିଆ
- ୨୦ ବଖରା ଦୋକାନ ଘରୁ ନିର୍ମାଣ ହୋଇଛି ୧୪ବଖରା
- ଜମି ଚିହ୍ନଟ ବିନା କାର୍ଯ୍ୟ, ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିବା ଆଶଙ୍କା



ଦେଶର ଉନ୍ନତି ଯେବେ କର ଆଶା,
ଉନ୍ନ କର ତେବେ ନିଜ ମାତୃଭାଷା।
- ଗଙ୍ଗାଧର ମେହେର



## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ବାଇକ୍: ୨ ମୃତ

**ଦଶପଲ୍ଲା,୨୦।୮(ଡି.ଏନ୍.ଏ.):** ସୋମବାର ଦଶପଲ୍ଲା ବ୍ଲକ ଟାକେରାଠାରେ ବିଦ୍ୟୁତ୍ ଖୁଣ୍ଟରେ ଏକ ବାଇକ୍ ଧକ୍କା ହେବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବୌଦ୍ଧ ଜିଲା ତଳଗାଁର ସଦାଶିବ ବାଘ ଓ ହରଭଙ୍ଗା ବ୍ଲକ ବାରମୁଣ୍ଡା ଗ୍ରାମର ଶ୍ରୀବସ୍ତ ଜାନି। ସଦାଶିବ ଓ ଶ୍ରୀବସ୍ତ ବାଇକ୍ ଯୋଗେ ଦଶପଲ୍ଲା ଅଭିମୁଖେ ଆସୁଥିବା ବେଳେ ଟାକରା ବୁଲାଣିଠାରେ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ ୧୦୮ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସଦାଶିବଙ୍କୁ ମୃତ ଘୋଷଣା କରିଥିବା ବେଳେ ଶ୍ରୀବସ୍ତଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ସୂତ୍ରରୁ ଜଣାଯାଇଛି। ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ୧୧୯/୧୮ରେ ଏକ ମାମଲା ରୁଜୁ ହୋଇଛି।

### ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ନୟାଗଡ ଅଫିସ,୨୦।୮:** ନୟାଗଡ଼ ଜିଲା ଇଟାମାଟି ତନ୍ତିସାହିଠାରେ ସୋମବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁନ୍ତଳା ସାହୁ (୭୫)। ରବିବାର ସନ୍ଧ୍ୟାରେ କୁନ୍ତଳା ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତାବଶତଃ ଗଭୀର ଜଳରେ ବୁଡିଯାଇଥିଲେ। ଗ୍ରାମରେ ପରିବାରର କେହି ରହୁ ନ ଥିବାରୁ ତାଙ୍କ ସମ୍ପର୍କରେ ଜଣାପଡି ନ ଥିଲା। ସୋମବାର ସକାଳେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗାଁ ଲୋକେ ପୋଲିସକୁ ଖବର ଦେଇଥିଲେ। ଦମକଳବାହିନୀ ସହାୟତାରେ ଇଟାମାଟି ପୋଲିସ ମୃତଦେହ ଉଦ୍ଧାର କରିଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

### ବନ୍ଧୁକ ଦେଖାଇ ଫାଇନାନ୍ସ କର୍ମଚାରୀଙ୍କୁ ଲୁଟ୍

**ନୟାଗଡ଼ ଅଫିସ/ଓଡ଼ଗାଁ (ସ୍ୱ.ପ୍ର.),୨୦।୮:** ଦିନ ଦ୍ୱିପ୍ରହରରେ ବନ୍ଧୁକ ଦେଖାଇ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କଠାରୁ ଦୁର୍ବୃତ୍ତମାନେ ୩୬ ହଜାର ୩୯୦ ଟଙ୍କା ଲୁଟି ନେଇଛନ୍ତି। ଏଭଳି ଘଟଣା ନୟାଗଡ଼ ଜିଲା ଓଡ଼ଗାଁ ଥାନା ସରସ୍ୱତୀ ଶିଶୁ ମନ୍ଦିର ଗଳି ଜାରିଙ୍ଗିଠାରେ ଦେଖିବାକୁ ମିଳିଛି। ସୋମବାର ମଧ୍ୟାହ୍ନ ୧୨ଟା ସମୟରେ ଭାୟା ଫାଇନାନ୍ସ ଭି ନାମକ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଏଜେଣ୍ଟ ତପନ କୁମାର ପ୍ରଧାନ ଟଙ୍କା ଆଦାୟ କରି ବାଇକ୍ (ଓଡ଼ି ୦୨ଡବ୍ଲ୍ୟୁ ୩୧୫୫)ରେ ଫେରୁଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନିକଟରେ ଥିବା ଟାୱାରଠାରେ ପଛରୁ ଏକ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଆସି ତପନଙ୍କୁ ଅଟକାଇଥିଲେ। ପରେ ସେମାନେ ତପନଙ୍କ ମୁଣ୍ଡରେ ବନ୍ଧୁକ ରଖି ତାଙ୍କ ମନିପର୍ସରୁ ଟଙ୍କା ନେଇ ପଳାଇ ଯାଇଥିଲେ। ବାଇକ୍‌ର ନମ୍ବର ପ୍ଲେଟ ଉପରେ କପଡା ଘୋଡ଼ାହୋଇଥିବାରୁ ନମ୍ବର ଜଣାପଡ଼ିନାହିଁ। ଓଡ଼ଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବେଳେ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରିବ ବୋଲି ସୂଚନା ଦେଇଛି। ସୂଚନାଯୋଗ୍ୟ ୧୦ଦିନ ପୂର୍ବେ ଉକ୍ତ ସ୍ଥାନରୁ ଜଣେ ଠିକାଦାରଙ୍କଠାରୁ ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ୧୫ ହଜାର ଟଙ୍କା ଲୁଟିନେଇଥିଲେ। ବାରମ୍ବାର ଏଭଳି ଘଟଣା ନେଇ ସାଧାରଣରେ ଭୟ ସୃଷ୍ଟି ହୋଇଛି।

■ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା

# ସାମିଲ ହେବେ ୬୦ ହଜାର ହିତାଧିକାରୀ

■ ଆବେଦନ ପାଇଁ ଆର୍‌ସିଏମ୍ଏସ୍‌ସିରେ ଲାଗୁଛି ଧାଡ଼ି

■ ଏନ୍ଏଫ୍ଏସ୍ଏରେ ପାଉଛନ୍ତି ୭.୨୪ ଲକ୍ଷ ହିତାଧିକାରୀ

ନୟାଗଡ଼ ଅଫିସ,୨୦।୮

ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟରେ ଲାଗୁ ହେବ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ)ରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଏହି ଯୋଜନାରେ ସାମିଲ କରାଯିବ। ଜିଲାରେ ୬୦ ହଜାର ୫୩୮ ଜଣ ହିତାଧିକାରୀ ଏଥିରେ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲା ଯୋଗାଣ କାର୍ଯ୍ୟାଳୟରୁ ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ତରଫରୁ ପ୍ରତି ହିତାଧିକାରୀଙ୍କୁ ମାସକୁ କେବଳ ୫ କିଲୋ ଚାଉଳ ମିଳିବ।

ମିଳିଥିବା ସୂଚନା ଅନୁସାରେ ଭାପୁର ବ୍ଲକରେ ୭୦୩୯ ହିତାଧିକାରୀ, ଦଶପଲ୍ଲାରେ ୬୪୯୧, ଗଣିଆରେ ୨୭୩୨, ଖଣ୍ଡପଡ଼ାରେ ୭୨୪୩, ନୟାଗଡ଼ରେ ୧୦୨୮୨, ନୂଆଗାଁରେ ୬୨୫୦, ଓଡ଼ଗାଁରେ ୧୦,୭୯୫ ଓ ରଣପୁର ବ୍ଲକରେ ୯୭୦୬ ଜଣ ହିତାଧିକାରୀଙ୍କୁ ସାମିଲ କରାଯିବା ଲକ୍ଷ୍ୟ ରଖାଯାଇଛି। ମୋଟ ୬୦ ହଜାର ୫୩୮ ଜଣ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଗଲେ ପାଖାପାଖି ୧୨ରୁ ୧୫ ହଜାର ପରିବାର ଉପକୃତ ହେବେ।



ନୟାଗଡ଼ ବ୍ଲକ ଆର୍‌ସିଏମ୍ଏସ୍‌ସିଠାରେ ହିତାଧିକାରୀମାନେ ଆବେଦନ କରୁଛନ୍ତି।

ସେପ୍ଟେମ୍ବର ୩ତାରିଖ ଆବେଦନର ଶେଷ ତାରିଖ ଥିବାରୁ ବର୍ତ୍ତମାନ ଜିଲାର ବିଭିନ୍ନ ବ୍ଲକରେ ଥିବା ରାଶନ କାର୍ଡ଼ ମ୍ୟାନେଜମେଣ୍ଟ ସିଷ୍ଟମ ସେଣ୍ଟର (ଆର୍‌ସିଏମ୍ଏସ୍‌ସି)ରେ ଲୋକଙ୍କ ଲମ୍ବାଧାଡି ଲାଗୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ପୂର୍ବରୁ ୩ ବଖରା କୋଠା ଘର ଥିବା ବ୍ୟକ୍ତିଙ୍କୁ ବାଦ୍ ଦିଆଯାଉଥିବା ବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଏହି ଧରଣର ବ୍ୟକ୍ତିଙ୍କୁ ସାମିଲ କରାଯିବ। ୩ରୁ ଅଧିକ ବଖରା ଘର ଥିବା ପରିବାରକୁ ଏଥିରେ ସାମିଲ କରାଯିବ ନାହିଁ। ସେହିଭଳି ଗ୍ରାମାଞ୍ଚଳରେ ୧୦ ହଜାର ଓ ସହରାଞ୍ଚଳରେ ୧୫ ହଜାର ଟଙ୍କାରୁ ଅଧିକ ଆୟ ଥିବା ବ୍ୟକ୍ତିଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ଦିଆଯିବ। ପ୍ରକାଶ ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ବର୍ତ୍ତମାନ ଜିଲାର ୮ଟି ବ୍ଲକରେ ୧ ଲକ୍ଷ ୯୯ ହଜାର ୮୯୯ଟି ପରିବାରର ୭ ଲକ୍ଷ ୨୪ ହଜାର ୯୭୯ ଜଣ ହିତାଧିକାରୀ ଅଛନ୍ତି। ଭାପୁର ବ୍ଲକର ୨୨୧୫୧ ପରିବାରର ୮୧୫୩୪ ହିତାଧିକାରୀ, ଦଶପଲ୍ଲାର ୨୧୬୩୫ ପରିବାରର ୭୯୩୯୫, ଗଣିଆର ୮୧୦୫ ପରିବାରର ୩୦୯୭୮, ଖଣ୍ଡପଡ଼ାର ୨୩୨୭୩ ପରିବାରର ୮୫୮୧୩, ନୟାଗଡ଼ର ୩୪୪୭୫ ପରିବାର ୧ଲକ୍ଷ ୧୩ ହଜାର ୩୦୨, ନୂଆଗାଁର ୨୦୩୮୪ ପରିବାରର ୭୧୫୩୫, ଓଡ଼ଗାଁର ୩୫୮୬୪ ପରିବାରର ୧ଲକ୍ଷ ୨୬ ହଜାର ୬୬୬, ରଣପୁର ବ୍ଲକର ୩୪୦୧୨ ପରିବାରର ୧ଲକ୍ଷ ୨୫ ହଜାର ୭୫୬ ହିତାଧିକାରୀ ରାଶନ ସାମଗ୍ରୀ ନେଉଛନ୍ତି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ମିଶାଇଲେ ଜିଲାରେ ମୋଟ ୭ ଲକ୍ଷ ୮୫ ହଜାର ୫୧୭ ହିତାଧିକାରୀ ରାଶନ ସାମଗ୍ରୀ ପାଇବେ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯଦି ଅଧିକ ହିତାଧିକାରୀ ଆବେଦନ କରନ୍ତି ତେବେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ପ୍ରାଥମିକତା ଦିଆଯିବ ବୋଲି ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝି ପ୍ରକାଶ କରିଛନ୍ତି।

# ଦିନକରେ ୩ ଡେଙ୍ଗୁ ରୋଗୀ ଚିହ୍ନଟ

ନୟାଗଡ଼ ଅଫିସ,୨୦।୮

ନୟାଗଡ଼ ଜିଲାରେ ଡେଙ୍ଗୁ ତା'ର କାୟା ବିସ୍ତାର କରିବାରେ ଲାଗିଛି। ପୂର୍ବରୁ ୧୬ ତାରିଖରେ ଜଣେ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇ କଟକ ସ୍ଥାନାନ୍ତର ହୋଇଥିବା ବେଳେ ସୋମବାର ଗୋଟିଏ ଦିନରେ ୩ଜଣଙ୍କ ରକ୍ତ ନମୁନାରେ ଡ଼େଙ୍ଗୁ ପଜିଟିଭ ବାହାରିଛି। ଫଳରେ ଏହାକୁ ନେଇ ସାଧାରଣରେ ଭୟ ସୃଷ୍ଟି ହୋଇଛି। ଆକ୍ରାନ୍ତ ୩ ରୋଗୀ ହେଲେ ଓଡ଼ଗାଁ ବ୍ଲକ ପନ୍ତିଖାରୀ ଶାସନର ଉର୍ବଶୀ ଷଡ଼ଙ୍ଗୀ (୬୫), ନୟାଗଡ଼ ବ୍ଲକ ନାଗପୁର ଗ୍ରାମର କନକଲତା ସାହୁ (୪୯) ଓ ନୟାଗଡ଼ ବ୍ଲକ ଗମ୍ଭାରିଡ଼ିହି ଗ୍ରାମର ସୁରେଶ ପ୍ରଧାନ (୩୮)। ଉର୍ବଶୀଙ୍କୁ କିଛିଦିନ ହେଲା ଜ୍ୱର ହୋଇଥିଲା। ସୋମବାର ସେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ରକ୍ତ ପରୀକ୍ଷା କରିବାରୁ ସେଥିରେ ଡେଙ୍ଗୁ ପଜିଟିଭ ବାହାରିଥିଲା। ପରେ ତାଙ୍କୁ ଔଷଧ ଦିଆଯାଇ ଘରକୁ ପଠାଇ ଦିଆଯାଇଛି। ସେହିଭଳି କନକଲତା ମଧ ଘରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସୁରେଶଙ୍କୁ ମାସେ ତଳେ ଜ୍ୱର ହୋଇଥିଲା। ଔଷଧ ଖାଇବା ପରେ ସେ ସୁସ୍ଥ ହୋଇଥିଲେ। ପୁନର୍ବାର ୪ଦିନ ପୂର୍ବରୁ ତାଙ୍କୁ ଜ୍ୱର ହୋଇଥିଲା। ସୋମବାର



ଡେଙ୍ଗୁରେ ଆକ୍ରାନ୍ତ ସୁରେଶ ପ୍ରଧାନ।

### ଫାଙ୍କା ପଡୁଛି ଡେଙ୍ଗୁ ୱାର୍ଡ

ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ କରାଯିବା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଚଳିତମାସ ୧୬ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଖୋଲିଥିବା ଡେଙ୍ଗୁ ୱାର୍ଡ଼ ବର୍ତ୍ତମାନ ଫାଙ୍କା ପଡୁଥିବା ଦେଖିବାକୁ ମିଳୁଛି। ଫଳରେ କାହିଁକି ଏହି ସ୍ୱତନ୍ତ୍ର ୱାର୍ଡ଼ ଖୋଲା ହୋଇଥିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଫଣିନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହନ୍ତି, ୩ ଜଣ ଡେଙ୍ଗୁ ରୋଗୀଙ୍କ ବିଶେଷ କିଛି ହୋଇନାହିଁ, ଏଥିରେ କିଛି ବ୍ୟସ୍ତ ହେବାର ନାହିଁ। ସେହିଭଳି ଡେଙ୍ଗୁ ୱାର୍ଡ଼ରେ ପେଟଲେଟ ଟ୍ରାନ୍ସମିଶନ୍ ସୁବିଧା ନ ଥିବାରୁ ରୋଗୀଙ୍କୁ ରଖାଯାଉ ନାହିଁ, ସାଧାରଣ ଜ୍ୱର ହେଲେ ସେଠାରେ ରଖାଯାଉଥିବା ପାଣିଗ୍ରାହୀ ପ୍ରକାଶ କରିଥିଲେ।

# ବଢୁଛି ଚୋରି ଡକାୟତି, ହେଉନି ପାଟ୍ରୋଲିଂ



କାର ଚୋରି ଯାଇଥିବା ସ୍ଥାନ।

ନୂଆଗାଁ,୨୦।୮(ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ବଢୁଥିବା ବେଳେ ପୋଲିସ ତରଫରୁ କଡା ପାଟ୍ରୋଲିଂ ବ୍ୟବସ୍ଥା କରାଯାଉ ନାହିଁ। ରବିବାର ରାତିରେ ରାସ୍ତା କଡରେ ଥିବା ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରୁ ଗୋଟିଏ କାର ଚୋରି ହୋଇଯାଇଛି। ଏ ଘଟଣା ପରେ ଅଞ୍ଚଳରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ଅଭିଯୋଗ ଅନୁସାରେ, ଦୀନବନ୍ଧୁ ସାହୁ ନାମକ ଜଣେ ବ୍ୟକ୍ତି ନିଜ ଧଳା ରଙ୍ଗର ଇଣ୍ଡିଗୋ କାର ନଂ.ଓଡି୩୩ ଏ ୨୭୮୧କୁ ପ୍ରତିଦିନ ପରି ରବିବାର ନିଜ ଘର ଆଗରେ ରଖିଥିଲେ। ଭୋର ୪ଟାରୁ

### ଘର ସାମନାରୁ କାର୍ ଚୋରି

ତାଙ୍କ ପତ୍ନୀ ଉଠି ଫୁଲ ତୋଳିବାକୁ ଯିବା ସମୟରେ କାରଟି ନଥିବାର ଦେଖିବାକୁ ପାଇଥିଲେ। ସେ ଗାଡି ନଥିବା ବିଷୟରେ ସ୍ୱାମୀ ଦିନବନ୍ଧୁ ଓ ପୁଅ ଦିଲୁଙ୍କୁ ଜଣାଇଥିଲେ। ଏ ନେଇ ସେ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନୂଆଗାଁ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ହେଉ ନଥିବାରୁ ଚୋର ଡକାୟତମାନେ ଦିନକୁ ଦିନ ସକ୍ରିୟ ହେବାରେ ଲାଗିଛନ୍ତି। ଦିନଦ୍ୱିପ୍ରହରେ ବାଟୋଇଙ୍କଠାରୁ ଲୁଟ ହେଉଥିବା ଯୋଗୁଁ ରାସ୍ତାରେ ଯିବା ପାଇଁ ଲୋକେ ସୁରକ୍ଷିତ ମଣୁ ନାହାନ୍ତି। ନିକଟ ଅତୀତରେ ବାହାଡାଝୋଲା, ସିଙ୍ଗାପଲୀ, ଗୁମି, ଡିମିରିପଲୀ ଆଦି ଅଞ୍ଚଳରେ ଡକାୟତମାନେ ନିଜର ଉପସ୍ଥିତି ଜାହିର କରି ଅନେକ ଡକାୟତି କରିଥିବାର ଓଡଗାଁ, ନୂଆଗାଁ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ସେମାନଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇପାରି ନାହିଁ। ଫଳରେ ପୋଲିସ ଉପରୁ ଜନସାଧାରଣଙ୍କ ବିଶ୍ୱାସ ତୁଟୁଥିବାର ଆଲୋଚନା ହେଉଛି। ନୂଆଗାଁ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି।

# ପୃଥକ୍ ଦୁର୍ଘଟଣା: ଛାତ୍ରୀ ଗୁରୁତର

ନୟାଗଡ଼ ଅଫିସ/ଓଡ଼ଗାଁ (ସ୍ୱ.ପ୍ର.),୨୦।୮

ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳରେ ସୋମବାର ୩ଟି ସ୍ଥାନରେ ଦୁର୍ଘଟଣା ଘଟିଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ କଲେଜ ଛାତ୍ରୀ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ମଧ୍ୟାହ୍ନ ୧୨ଟା ସମୟରେ ଓଡ଼ଗାଁ ଛକଠାରେ ହୋଣ୍ଡା ସିଟି କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ବାଇକ୍ ପଛରେ ବସିଥିବା ଶରଣକୁଳ ଥାନା ତୁସୁମା ଗ୍ରାମର ସାବିତ୍ରୀ ନାୟକ (୨୧) ଆହତ ହେଇଥିଲେ। ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ତାଙ୍କୁ ଚିକିତ୍ସା କରାଯାଇଥିଲା। ପରେ ଅପରାହ୍ନ ୧ଟା ସମୟରେ ଯୁକ୍ତ ଦୁଇ କଳା ପ୍ରଥମ ବର୍ଷର ଛାତ୍ରୀ ଅଲିଭା ସାହୁ ସାଇକେଲରେ କଲେଜରୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଅଲିଭା ଗୁରୁତର ହୋଇଥିଲେ। ଓଡ଼ଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅପରାହ୍ନ ୨ଟା ସମୟରେ କୁରାଳରୁ ବାଇକ୍‌ରେ ଆସୁଥିବା ଦିଲୀପ ବେହେରା (୨୦) ଓ ପ୍ରଶାନ୍ତ ଘଡ଼େଇ (୨୩) ଓଡ଼ଗାଁ ସିନେମା ହଲ ରୋଡ଼ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ବାଇକ୍ ଆଗରେ ହଠାତ୍ କୁକୁର ପଶି ଆସିଥିବାରୁ ଦୁହେଁ ପଡ଼ି ଯାଇଥିଲେ। ଏଥିରେ ଦିଲୀପଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ latecityselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

### ସେଲ୍‌ଫି କର୍ନର



@ ଜ୍ୟୋତିସ୍ମିତା



@ ପ୍ରଜ୍ଞା



@ ବୀରେଶ୍ୱର

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | latecityselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)


CLASSIFIED DISPLAY

ALL LEADING FOOTWEAR BRANDS
LIBERTY | Lee Cooper | RED CHIEF | WOODLAND | Hitz | inblu | DUKE | Tracer | Helios | SOLETHREADS | NEOZ | ID
For Dealership Contact
RAMJI ENTERPRISES
Hanspal, Bhubaneswar
Mob.: 9437006984, 7788000590

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.euromaritime.org
Ph.0674-2385773, M:9437114882, 9090366575

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
A to Z ସମସ୍ୟାର ସମାଧାନ ଘରେ ବସି।
ବାବା କମାଲ ଖାନ୍
9650446732 9971793786

EARN IN DOLLARS
NO ENTRANCE-NO INTERVIEW-DIRECT JOINING
AIMA is providing 6 months Training at its own campus at Berhampur, Ganjam to Join Merchant Navy, since-2004.
For Spot Admission in 24th batch please Contact / Visit /Call :-
Eligibility:-10th Pass, ITI ,+2,+3,Diploma (Age18-28Yrs)
ALL INDIA MARINE ACADEMY
N.H-5,Golanthara, Berhampur
Ganjam, Odisha-761008
Website : www.aimaedu.in, E-Mail- aimaltd@rediffmail.com
PHONE- 0680-2492300 /2302/ 2303 MOB.9861212145 / 9861264222

ବିନା ବାଧାରେ ନିଅନ୍ତୁ ବୈବାହିକ ଲାଇଫ୍‌ର ଭରପୂର ମଜା...
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
only Effect No Side Effect
Play Win Capsule
A Quality Product by Rajnish Wellness Limited
Super Stockist Mahendra Pharma / ODD
ତେଲ | କ୍ୟାପସୁଲ
www.playwincapsule.com
ଜୋଶ, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୁର୍ତ୍ତି ବଢ଼ାଏ !!

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

ହୃଦ୍‌ଘାତ
ASHWINI HOSPITAL
ଯୋଗାଯୋଗ - ୭୮୯୪୪୬୦୪୪୩

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଭକ୍ତଙ୍କଠାରୁ ଲୁଟ୍

ପୁରୀ ଅଫିସ,୨୦।୮: ଶ୍ରୀମନ୍ଦିରରେ ଶୃଙ୍ଖଳା ଓ ସଂସ୍କାର ଆଣିବା ପାଇଁ ନାନା ପ୍ରକାର କଟକଣା କରାଯାଉଛି। ହେଲେ ଲୁଟେରାଙ୍କ ଉପରେ ଏହା କିଛି ଫରକ୍ ପକାଉ ନାହିଁ। ସେମାନେ ଭିଡ଼ର ସୁଯୋଗ ନେଇ ଭକ୍ତଙ୍କୁ ଲୁଟ୍ କରୁଛନ୍ତି। ମଙ୍ଗଳବାର ବି ଜଣେ ଭକ୍ତ ଲୁଟ୍‌ର ଶିକାର ହୋଇଛନ୍ତି। ସେ ହେଲେ ଗୋପ ମଧୁବନର ମଙ୍ଗରାଜ ସାହୁ (୪୯)। ସିଂହଦ୍ୱାର ଥାନାରେ ହୋଇଥିବା ଅଭିଯୋଗ ମୁତାବକ, ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ସମୟରେ ମଙ୍ଗରାଜ ବାହାରକାଠ ନିକଟରେ ଦୁଇହାତ ଉପରକୁ ଟେକି ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଥିଲେ। ଏହି ସମୟରେ ଭିଡ଼ ଭିତରେ ନୟାଗଡ଼ ଜିଲା ଖଣ୍ଡପଡାର ରମେଶ ପ୍ରଧାନ (୩୫) ତାଙ୍କ ପକେଟରୁ ମନିପର୍ସ ନେଇ ପଳାଉଥିଲେ। ମଙ୍ଗରାଜ ବୁଲିପଡି ପକେଟରେ ହାତ ମାରିବା ବେଳକୁ ମନିପର୍ସ ନ ଥିଲା ଏବଂ ରମେଶ ପଳାଇ ଯାଉଥିବା ଦେଖି ପୋଲିସକୁ କହିଥିଲେ। ପୋଲିସ ରମେଶଙ୍କୁ ଧରି ଥାନାକୁ ଆଣିବା ସହ ତାଙ୍କଠାରୁ ଚୋରି ପର୍ସ ଜବତ କରିଥିଲା। ସେଥିରେ ୧୫୦୦ ଟଙ୍କା, ଏଟିଏମ୍ ଓ ଆଧାରକାର୍ଡ ରହିଥିଲା। ଏ ସମ୍ପର୍କରେ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାଶ କହିଛନ୍ତି ଯେ, ମଙ୍ଗରାଜଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୬୪/୧୮) ରୁଜୁ ହୋଇଛି। ଏଥିସହ ରମେଶଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

### ଶିରୁଳି ମହାବୀରଙ୍କ ହୁଣ୍ଡି ଚୋରି ଘଟଣା : ୨ ଗିରଫ

ପୁରୀ ଅଫିସ,୨୦।୮ : ଶିରୁଳି ମହାବୀର ମନ୍ଦିରର ହୁଣ୍ଡି ଚୋରି ଘଟଣାରେ ଚନ୍ଦନପୁର ପୋଲିସ ୨ ଜଣଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ଶିରୁଳି ମହାବୀର ଅଞ୍ଚଳର ଅନନ୍ତ ବେହେରା(୨୫) ଓ ବାପୁଜୀ ମହାପାତ୍ର(୨୫)। ଗତ ଜୁଲାଇ ମାସରେ ପ୍ରଥମେ ମନ୍ଦିର ବାହାର ବେଢା ଓ ପରେ ମନ୍ଦିର ଭିତରରେ ଥିବା ହୁଣ୍ଡି ଚୋରି ହୋଇଥିଲା। ବାରମ୍ବାର ମନ୍ଦିରରୁ ହୁଣ୍ଡି ଚୋରିକୁ ନେଇ ପୋଲିସକୁ ଅପବାଦ ମୁଣ୍ଡାଇବାକୁ ପଡିଥିଲା। ଏପରିକି ପୋଲିସର କାର୍ଯ୍ୟଦକ୍ଷତା ଉପରେ ମଧ ପ୍ରଶ୍ନ ଉଠିଥିଲା। ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା।

## ■ ଲଗାଣ ବର୍ଷା: ୨ ମାସ ହେବ ଦୁର୍ଦ୍ଦଶାରେ ଲୋକେ

# ପାଣି ଘେରରେ ଶତାଧିକ ପରିବାର

ପୁରୀ ଅଫିସ,୨୦।୮



ଜଳମଗ୍ନ ହୋଇଥିବା ଅଞ୍ଚଳ।

- ସିପସରୁବାଲି, ସୁଜାତା ନଗର ଏବେ ବି ଜଳବନ୍ଦୀ
- ରାସ୍ତା କଡ଼ରେ ଆଶ୍ରୟ ନେଇଛନ୍ତି ବହୁ ବସ୍ତିବାସିନ୍ଦା
- ଜିଲାପାଳଙ୍କୁ ଦାବିପତ୍ର, ଆନ୍ଦୋଳନ ଚେତାବନୀ

ଜୁନ୍ ୨୧ ଲଗାଣ ବର୍ଷା ପରଠାରୁ ପୁରୀର ସିପସରୁବାଲି, ସୁଜାତା ନଗର, ମାଟିତୋଟା ନୂଆସାହି ୫ଗଳି ଏବଂ ଡିଏଜି ଅଫିସ ପଛ ପାର୍ଶ୍ୱ ବସ୍ତି ବାସିନ୍ଦାଙ୍କ ନିଦ ହଜିଯାଇଛି। ଏହି ଅଞ୍ଚଳଗୁଡିକ ଏବେବି ଜଳବନ୍ଦୀ ହୋଇ ରହିଥିବାରୁ ୨ ମାସ ହେବ ନାନା ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି ଲୋକେ। ଜଳ ନିଷ୍କାସନ ପାଇଁ ସେପରି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ଜୁଲାଇ ୨୦ ଓ ୨୧ ତାରିଖ ପୁରୀ ସହରରେ ଲଗାଣ ବର୍ଷା ଯୋଗୁ ସହର ଜଳବନ୍ଦୀ ହୋଇଥିଲା। ଗତ ୭ତାରିଖ ରାତିରେ ୩୯୪ ମିମି ବର୍ଷା ସହର ସ୍ଥିତିକୁ ଆହୁରି ଗମ୍ଭୀର କରି ଦେଇଥିଲା। ଏବେ ସହର ଉପକଣ୍ଠ ସିପସରୁବାଲି-୧ଅଞ୍ଚଳର ପ୍ରାୟ ୫୦ ପରିବାର ପାଣି ଘେରରେ ରହିଛନ୍ତି। ବଳିଆପଣ୍ଡାର ଶେଷ ମୁଣ୍ଡ ଏବଂ ସିପିସୁରବାଲି ମଧ୍ୟବର୍ତ୍ତୀ ସ୍ଥାନରେ ୩ ରୁ ୪ ଫୁଟ ଉଚ୍ଚର ପାଣି ଜମି ରହିଛି। ସିପସରୁବାଲି ଧବଳେଶ୍ୱର ମନ୍ଦିର ନିକଟ ସାହି ମଧ ପାଣି ଘେରରେ ରହିଛି। ଏହାସହିତ ଏକ ଆପାର୍ଟମେଣ୍ଟ ମଧ ଜଳଘେରରେ ରହିଛି। ବର୍ଷା ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ନୀଳକଣ୍ଠ ପତି, ଶ୍ୟାମାପ୍ରସାଦ ମିଶ୍ର, ରାମକୃଷ୍ଣ ମିଶ୍ର, କୁଳମଣି ନିଶଙ୍କ ପ୍ରମୁଖଙ୍କ ଘର ପାଣି ଘେରରେ ରହିଛି। ଛୋଟ ଛୋଟ ଶିଶୁମାନେ ସ୍କୁଲ ଯାଇ ପାରୁ ନ ଥିବାବେଳେ ବରିଷ୍ଠ ନାଗରିକମାନେ ଘରୁ ବାହାରି ପାରୁନାହାନ୍ତି। ସେହିପରି ଲଗାଣ ବର୍ଷା ପରଠାରୁ ପୁରୀ ପୌରାଞ୍ଚଳର ମାଟିତୋଟା ନୂଆସାହି ୫ମ ଗଳି ଓ ସୁଜାତା ନଗର ବାସିନ୍ଦା ପାଣିଘେରେରେ ରହିଛନ୍ତି।

ଅନ୍ୟପକ୍ଷରେ ତାଳବଣିଆ ଅଞ୍ଚଳରେ ଏବେ ବି ପାଣି ଜମି ରହିଛି। ତାଳବଣିଆ ଡିଏଜି ଅଫିସ ପଛପାର୍ଶ୍ୱ ସୁଇଟ୍ ୱାଟର ଜୋନରେ ରହିଥିବା ବସ୍ତିରେ ୩ ରୁ ୪ ଫୁଟ ପାଣି ଜମିଛି। ବର୍ଷା ଛାଡିଥିଲେ ବି ବଳିଆପଣ୍ଡା ଧୋବାଖାଲ ବସ୍ତିରୁ ପାଣି ନିଷ୍କାସିତ ହୋଇପାରୁନି। ସେଠାରେ ରହିଥିବା ସୁଲଭ ଶୌଚାଳୟ ପାଣି ଘେରରେ ଥିବାରୁ ବ୍ୟବହାର ହୋଇପାରୁନି। ଡିଏଜି ଅଫିସ ପଛ ପାର୍ଶ୍ୱ ବସ୍ତି ବାସିନ୍ଦା ଘର ଛାଡି ବାତ୍ୟା ଆଶ୍ରୟସ୍ଥଳ ଏବଂ ରାସ୍ତା ପାର୍ଶ୍ୱରେ ଦିନ କାଟୁଛନ୍ତି।

ଏ ସ୍ଥିତିକୁ ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷ ଆନ୍ଦୋଳନର ରୂପ ନେବାକୁ ଯାଉଛି। ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ଶତାଧିକ ବାସିନ୍ଦା ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରା ନ ଗଲେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଲୋକନାଥ ପୀଠରେ ୧୭ ହଜାର କାଉଡ଼ିଆ

ପୁରୀ ଅଫିସ,୨୦।୮

ଶ୍ରାବଣ ମାସର ଶେଷ ସୋମବାରରେ ଜଳଲାଗି ପାଇଁ ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ମନ୍ଦିରରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ହୋଇଥିଲା। ସେମାନେ ରାଜ୍ୟର ବିଭିନ୍ନ ନଦୀରୁ ପବିତ୍ର ଜଳ ଆଣି ଶ୍ରୀଲୋକନାଥଙ୍କୁ ଜଳଲାଗି କରିଥିଲେ। ଶ୍ରୀଲୋକନାଥ ଦେବ ଟ୍ରଷ୍ଟ ବୋର୍ଡ ମ୍ୟାନେଜର ଅପଛ୍ଚ ପରିଡାଙ୍କ ସୂଚନା ମୁତାବକ, ରବିବାର ସନ୍ଧ୍ୟାରୁ ବୋଲବମ୍ ଭକ୍ତ ବ୍ୟାରିକେଡରେ ଧାଡି ଲଗାଇଥିଲେ। ରବିବାର ରାତି ୧୨ଟା ୫ରେ ମନ୍ଦିରର ଦ୍ୱାର ଫିଟିଥିଲା। ମଙ୍ଗଳ ଆଳତି ପରେ ରାତି ୧୨ଟା ୨୦ରେ ଜଳ ଲାଗି ଆରମ୍ଭ ହୋଇଥିଲା। ୨୦ଟଙ୍କା ଲେଖାଏ ଦେଇ ଟିକେଟ କାଟି କାଉଡ଼ିଆମାନେ ଜଳ ଲାଗି କରିଥିଲେ। ଏହି ଶେଷ ସୋମବାର ୧୭ ହଜାର ୭୦ ଜଣ କାଉଡ଼ିଆଙ୍କ ସମାଗମ ହୋଇଥିଲା। ଚଳିତବର୍ଷ ବେଶ୍ ଶାନ୍ତି ଶୃଙ୍ଖଳାର ସହ ଜଳ ଲାଗି ସମ୍ପନ୍ନ ହୋଇଛି। ସେହିପରି ଭୋର୍ ୫ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା ବୋଲି ପରିଡ଼ା ସୂଚନା ଦେଇଛନ୍ତି।

ଜଳ ଲାଗି ପାଇଁ ପ୍ରଶାସନ ଏବଂ ଶ୍ରୀଲୋକନାଥ ଦେବ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ଲୋକନାଥଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖରାଦିନ ଯାକ ଥିଲି ମୁଁ ବସି,**
**ଆଷାଢ଼ ମାସକୁ ପାରୁଛି ଘଷି ।**

ବର୍ଷା କାଳରେ ପାଣି ପବନ ଯୋଗୁ ବାହାରେ ଘଷି ପାରିବା ସୁବିଧାଜନକ ହୋଇ ନ ଥାଏ। ତେଣୁ ଯେତେବେଳେ ଯେଉଁ କାମ କରାଯିବା କଥା ସେତେବେଳେ ତାହା ନ କଲେ ପଛରେ ହଇରାଣ ହରକତ ହେବା ହିଁ ସାର ହୋଇଥାଏ। ସମୟ ଜ୍ଞାନର ଅଭାବ ରହିଥିବା ଅଳସୁଆ ପ୍ରକୃତିର ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାରିଆ ଖଡ଼ାକୁ ନବାତ,**
**କିଛି ନ ଭାବିବ ସଙ୍ଗାତ ।**

ଖାରିଆ ଖଡ଼ା ସଙ୍ଗେ ନବାତ ବା ଗୁଡ଼ର ମିଶ୍ରଣ କରାଗଲେ ମଧ ଖଡ଼ାର ଖାରିଆ ଦୋଷ କଟି ନ ଥାଏ, ଫଳରେ ତାହା ଖାଦ୍ୟୋପଯୋଗୀ ହୋଇ ପାରି ନ ଥାଏ। ପରୋକ୍ଷରେ ଯାଇତାଇ ଖାଦ୍ୟ ପରଷି ବା ନିକୃଷ୍ଟ ପଦାର୍ଥ ଦେଇ ବନ୍ଧୁଚର୍ଚ୍ଚା କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଅଲ୍ ଇଣ୍ଡିଆ ଡିୱାଇଓ ପକ୍ଷରୁ ଆଲୋଚନାଚକ୍ର

# ପାଠ୍ୟକ୍ରମରେ ଶହୀଦଙ୍କ ଜୀବନୀକୁ ସାମିଲ

ପୁରୀ ଅଫିସ,୨୦।୮

ଅଲ୍ ଇଣ୍ଡିଆ ଡିୱାଇଓ ଏବଂ ଡେମୋକ୍ରାଟିକ କଲ୍‌ଚରାଲ ଫୋରମର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଶହୀଦ ସ୍ମୃତି ପାଠାଗାର ପରିସରରେ ଖୁଦି ରାମଙ୍କ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଶହୀଦ ଖୁଦିରାମ ଓ ଭାରତ ବର୍ଷ ଶୀର୍ଷକ' ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋକ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଆଲୋଚକଭାବେ ସାମାଜିକ କର୍ମୀ ବିଜୟ ମୁଣ୍ଡା ଯୋଗଦେଇ ଶହୀଦ ଖୁଦିରାମଙ୍କ ସ୍ମୃତିଚାରଣ କରିଥିଲେ। ଡିୱାଇଓର ପୁରୀ ଜିଲା ଆବାହକ ଅଜୟ କୁହଁର କହିଲେ, ଦେଶକୁ ସ୍ୱାଧୀନତା ଦେବାଲାଗି ଶହୀଦ ହୋଇଥିବା ଭାରତ ମାତାର ଏହି ବରପୁତ୍ରମାନେ ଆମ ପାଇଁ ଆଦର୍ଶ। ସେମାନଙ୍କ ତ୍ୟାଗ ଓ ନିଷ୍ଠା ସମାଜ ଲାଗି ପ୍ରେରଣାଦାୟୀ। ସେମାନଙ୍କ ବଳିଷ୍ଠ ଉଦ୍ୟମ, ମାତୃସେବା ଲାଗି ଏ ଦେଶ ସର୍ବଦା ଗର୍ବିତ ଅନୁଭବ କରୁଛି। ଶହୀଦମାନଙ୍କ ତ୍ୟାଗପୂତ ଜୀବନ ଲାଗି ଆଜି ଦେଶ ସ୍ୱାଧୀନତାର ସ୍ୱାଦ ଚାଖିପାରିଲା। ଏଣୁ ସେମାନଙ୍କ ଜୀବନୀ ସମ୍ପର୍କରେ ପାଠ୍ୟପୁସ୍ତକରେ ସ୍ଥାନ ପାଇବା ଦରକାର। ଏହାଦ୍ୱାରା ଆଗାମୀ ଯୁବପିଢି ସେମାନଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଜାଣିପାରିବେ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଦେବଦତ୍ତ ବିଶ୍ୱରଞ୍ଜନ ମିଶ୍ର, ଅଧ୍ୟାପକ ଶିବ ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ ଯୁବ ସମାଜ ଶହୀଦମାନଙ୍କୁ ସେମାନଙ୍କ ଜନ୍ମ ଦିନରେ ମନେ ପକାଇବା ଲାଗି ଆହ୍ୱାନ ଦେଇଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number: 7895459758

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍।
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ
2% ସୁଧ 40% ରିହାତି
ଘରେ ବସି ପାଆନ୍ତୁ।
OM FINANCE
9557124359
7895699233

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ADMISSION OPEN FOR 2018-20
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

HDB Government Financial Services
କରୁଛି ଏବେ ଗାଁ/ସହରରେ ବଡ଼ ଋଣ 50,000 – 95,00,000 ପର୍ଯ୍ୟନ୍ତ, ଶିକ୍ଷା, ପ୍ରପର୍ଟି, କାର୍ଡ ଏବଂ ସମସ୍ତ ଋଣ 2% ସୁଧ 40% ରିହାତି। ମହିଳା (ସମୂହ) ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Numbers
9983302166
9983302146

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

SMS JOB
Send SMS, Earn MONEY
AIRTEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

BANAJ FINANCE GROUP LTD.
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ ! ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି !
କଲ୍ କରନ୍ତୁ SAMIR MONAL
07363008993
07363008928

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

B.N. FINANCE
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

FINANCE
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
7347695603
8941029381

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଫାଇନାନ୍ସ
ଧନଜନ ଯୋଜନା
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି ।
2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108
9634734514

SRI RAM FINANCE LTD.
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ । ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି ।
Help Line No.
8658665629
7894259095
finance0102018@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡ଼ି ସହିତ ।
7787922501
7787907927
pmjansamridhi@gmail.com

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

ଖର୍ଚ୍ଚ ଋଣରୁ କଟିବ
ଜନଧନ୍ ଫାଇନାନ୍ସ
(Govt. Regd.)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଓ ସମସ୍ତ ଋଣ
୨% ସୁଧ, ୪୦% ରିହାତି
Contact No.:
94115-02501
92055-71505
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

ଗଞ୍ଜେଇ ଚୋରା ଚାଲାଣ ମାମଲା

### ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର ଅଫିସ୍,୨୦।୮: ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ମାଜିଷ୍ଟ୍ରେଟ୍ ବିଭୁ ପ୍ରସାଦ ରାଉତରାୟ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୨, ଜୁଲାଇ ୧୯ ତାରିଖରେ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ସ୍ଥାନରେ ୩୦ କେଜି ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ବ୍ରହ୍ମପୁର ଅବକାରୀ ପୋଲିସ ଜବତ କରିଥିଲା। ଏଥିରେ ଜଣେ ଅଭିଯୁକ୍ତ ଫୁଲବାଣୀ ଲାହାବାଡି ଅଞ୍ଚଳର ଅବ୍‌ଦୁଲ ରହିମଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ସେବେଠାରୁ ଏହି ମାମଲାର ବିଚାର ହୋଇ ୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିବା ଜଣାପଡିଛି।

### କଳିଙ୍ଗ ସାହିତ୍ୟ ସମାଜର ଅଗଷ୍ଟ ଆସର

ବ୍ରହ୍ମପୁର ଅଫିସ୍,୨୦।୮: ଦକ୍ଷିଣାଞ୍ଚଳର ପୁରାତନ ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ସୋମବାର ଅଗଷ୍ଟ ଆସର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜ ଉପସଭାପତି ଡ. ବନମାଳୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତି କବିତା ଆସର ପ୍ରାରମ୍ଭରେ ଅନ୍ୟତମ ଉପସଭାପତି ସ୍ୱର୍ଣ୍ଣପ୍ରଭା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ। ସଂଗଠନ ସମ୍ପାଦକ ଅଧାପକ ସିଦ୍ଧାର୍ଥ ଶଙ୍କର ପାଢୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହାକୁ ଡ. କୁଳମଣି ଓଝା ସଂଯୋଜନା କରିଥିବା ବେଳେ ନଳିନୀକାନ୍ତ ଗୌଡ଼ ସଞ୍ଚାଳନା କରିଥିଲେ। ଡା. ଚନ୍ଦ୍ରମଣି ସ୍ୱାଇଁ, ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ନୀଳକଣ୍ଠ ସାହୁ, ଭିକାରୀଚରଣ ମହାପାତ୍ର, ଶରତ କୁମାର ଦାସ, ଡ. ସୂଚନା ପାଢୀ, ନମିତା ଦାଶ, ନୀହାରିକା ସାହୁ, ରଞ୍ଜିତାରାଣୀ ଦାଶ, ସରୋଜିନୀ ସାହୁ, ସରିତା ପଣ୍ଡା, ସୁଚେତା ପାଣିଗ୍ରାହୀ, ସ୍ୱର୍ଣ୍ଣମୟୀ ପାଢୀ, କପିଳ ଚରଣ ମହାନ୍ତି, ନିରଞ୍ଜନ ପାତ୍ର, ବିଷ୍ଣୁପ୍ରିୟା ଆଚାର୍ଯ୍ୟ, ବିଦ୍ୟାବତୀ ପାଣିଗ୍ରାହୀ, ସଂଯୁକ୍ତା ଶତପଥୀ, ନଳିନୀକାନ୍ତ ଗୌଡ଼, ଡ. ବନମାଳୀ ପାଣିଗ୍ରାହୀ, ସ୍ୱର୍ଣ୍ଣପ୍ରଭା ପାଢୀ ଓ ଡ. କୁଳମଣି ଓଝା ପ୍ରମୁଖ ସ୍ୱରଚିତ କବିତା ଓ ଜୀବନ ଲେଖା ପାଠ କରିଥିଲେ। ପଠିତ ଲେଖାଗୁଡ଼ିକର ସମୀକ୍ଷା କରିଥିଲେ ଡ. ବନମାଳୀ ପାଣିଗ୍ରାହୀ। ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଅଧ୍ୟାପକ ରମେଶ ଚରଣ ତ୍ରିପାଠୀ, ପ୍ରଭାତ କୁମାର ସାହୁ, ପଦ୍ମଚରଣ ଦାସଙ୍କ ସମେତ ଅନେକ ସାରସ୍ୱତ ପ୍ରେମୀ ଯୋଗ ଦେଇଥିଲେ। ଡ. ସୂଚନା ପାଢୀ ଧନ୍ୟବାଦ ଦେଇଥିଲେ।

■ ଡୋପ୍ ଟେଷ୍ଟରେ ଘାସିରାମ ଧରାପଡ଼ିବା ଘଟଣା

# ତଦନ୍ତ ଆରମ୍ଭ କଲେ ଉପଜିଲାପାଳ

ବ୍ରହ୍ମପୁର ଅଫିସ୍,୨୦।୮

ଜାତୀୟସ୍ତରରେ ପଦକ ହାସଲ କରିବା ପାଇଁ ଶକ୍ତି ବର୍ଦ୍ଧକ ତଥା ନିଷିଦ୍ଧ ଔଷଧ ସେବନ ଯୋଗୁ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ ଅନ୍ତେବାସୀ ତଥା ଯୁବ ଭାରୋତ୍ତୋଳକ ଘାସିରାମ ଖରା। ସେ ଉଭୟ 'ଏ' ଏବଂ 'ବି' ନମୁନା ପରୀକ୍ଷାରେ ବିଫଳ ହୋଇଥିଲେ। ଉଭୟ ନମୁନା ପଜିଟିଭ୍ ରହିଥିଲା। ଡୋପ ଟେଷ୍ଟରେ ଘାସିରାମ୍ ବିଫଳ ହେବା ପରେ ଏବେ ସମାଲୋଚନାର କେନ୍ଦ୍ରରେ ରହିଛି ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସ। ଘାସିରାମ୍ କ୍ରୀଡ଼ା ଛାତ୍ରାବାସରେ ତାଲିମ୍ ନେଉଥିବା ଯୋଗୁ ସେ ଡୋପ୍ ଟେଷ୍ଟରେ ଧରାପଡ଼ିବା ପରେ ଛାତ୍ରାବାସ କର୍ତ୍ତୃପକ୍ଷ ସମାଲୋଚନାର ଶିକାର ହେଉଛନ୍ତି। ଏହି ଘଟଣାକୁ ଗୁରୁତର ସହ ନେଇଛି ଜିଲା ପ୍ରଶାସନ। ସୋମବାର ବ୍ରହ୍ମପୁର ଉପଜିଲାପାଳ ତଥା ଛାତ୍ରାବାସର ତତ୍କାଳୀନ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୋମବାର ତଦନ୍ତ ଆରମ୍ଭ କରିଛନ୍ତି। ଛାତ୍ରାବାସର ଭାରୋତ୍ତୋଳକ କୋଚ୍ ତଥା ବ୍ରହ୍ମପୁର ଷ୍ଟାଡିୟମ୍ ଇନ୍‌ଚାର୍ଜ ସଚ୍ଚିନ୍ଦ୍ର ମାଝି ଏବଂ କୋଚ୍ ସୀତା ଜେନା ଉଭୟ ଉପସ୍ଥିତ ରହି ଉପଜିଲାପାଳଙ୍କ ନିକଟରେ ପକ୍ଷ ରଖିଥିଲେ। ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଉଭୟ ନିଜ ମତ ରଖିବା ସହ ଘାସିରାମ୍‌ଙ୍କ ନମୁନାରେ ନିଷିଦ୍ଧ ଔଷଧ ମିଳିବା ଏବଂ କାହିଁକି ଏହି ଘଟଣା ଘଟିଲା, ସେନେଇ ଉପଜିଲାପାଳଙ୍କୁ ଅବଗତ କରିଥିଲେ। ଏହା ପରେ ଓଡ଼ିଶା ଭାରୋତ୍ତୋଳନ ସଂଘ ସମ୍ପାଦକ ନାରାୟଣ ସାହୁ ପହଞ୍ଚିଥିଲେ। ସେ ମଧ୍ୟ ଘଟଣା ନେଇ ଉପଜିଲାପାଳଙ୍କୁ ଅବଗତ କରିଥିଲେ। କୌଣସି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଜଣେ ଖେଳାଳି ଭାଗନେବା ସମୟରେ

■ ନିଷିଦ୍ଧ ଔଷଧ ସେବନରୁ ପଡ଼ିଥିଲେ ଧରା
■ ସମାଲୋଚନା କେନ୍ଦ୍ରରେ କ୍ରୀଡ଼ା ଛାତ୍ରାବାସ
■ ଗୁରୁତର ସହ ନେଲା ଜିଲା ପ୍ରଶାସନ

ଏକ ଫର୍ମରେ ଦସ୍ତଖତ କରିବାକୁ ପଡ଼ିଥାଏ। କୌଣସି ନିଷିଦ୍ଧ ଔଷଧ ସେବନ କରିନାହାନ୍ତି ବୋଲି ଖେଳାଳି ଜଣକ ଫର୍ମରେ ଉଲ୍ଲେଖ କରିଥାନ୍ତି। ଏଥି ସହ ସମ୍ପୃକ୍ତ ଖେଳାଳିଙ୍କ କୋଚ୍‌ଙ୍କ ଦସ୍ତଖତ ମଧ୍ୟ ନିଆଯାଇଥାଏ। ଘାସିରାମ ଏବଂ ତାଙ୍କ କୋଚ୍ ଉକ୍ତ ଫର୍ମରେ ଦସ୍ତଖତ କରିଥିଲେ ବୋଲି ସମ୍ପାଦକ ସାହୁ ପ୍ରକାଶ କରିଥିଲେ। ସେହି ଫର୍ମ ଦାଖଲ କରିବାକୁ ଉପଜିଲାପାଳ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ଫର୍ମଗୁଡ଼ିକ ଭାରତୀୟ ଭାରୋତ୍ତୋଳନ ସଂଘ ନିକଟରେ ରହିଛି। ସଂଘରୁ ସଂଗ୍ରହ କରି ଦାଖଲ କରିବି ବୋଲି ସେ ଉତ୍ତର ଦେଇଥିଲେ। ଏଣୁ ଏହି ଫର୍ମ ସହ ଅନ୍ୟାନ୍ୟ ତଥ୍ୟ ଦୁଇ ଦିନ ମଧ୍ୟରେ ପ୍ରଦାନ କରିବାକୁ ଉପଜିଲାପାଳ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ବେଳେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ।

ଏନେଇ ଓଡ଼ିଶା ଭାରୋତ୍ତୋଳନ ସଂଘ ସମ୍ପାଦକ ସାହୁ କହିଛନ୍ତି, ଖେଳାଳିଙ୍କ ଡିକ୍ଲାରେସନ୍ ଫର୍ମ ଦାଖଲ କରିବାକୁ ତଦନ୍ତ ବେଳେ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍ ଶୀଘ୍ର ଏହି ଫର୍ମ ଦାଖଲ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସେହିଭଳି ଉପଜିଲାପାଳ ସ୍ୱାଇଁ କହିଛନ୍ତି, ଘଟଣାର ତଦନ୍ତ କରାଯାଉଛି। ଦୋଷୀ ଯିଏ ହେଉନା କାହିଁକି, ତାଙ୍କୁ ଦଣ୍ଡ ଦିଆଯିବ।


ପଦକ ବିଜେତା ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ରାଜ୍ୟ ଉଷୁ ଚାମ୍ପିୟନ୍‌ଶିପ୍: ଗଞ୍ଜାମକୁ ୫ ପଦକ

ବ୍ରହ୍ମପୁର ଅଫିସ୍,୨୦।୮

ଝାରସୁଗୁଡ଼ା ଜିଲା ବେଲପାହାଡ଼ରେ ୨୬ତମ ଓଡ଼ିଶା ରାଜ୍ୟ ଉଷୁ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାର ୧୭ ଖେଳାଳି ଭାଗ ନେଇଥିଲେ। ଯେଉଁଥିରୁ ୫ଜଣ ପଦକ ହାସଲ କରିଛନ୍ତି। ସତ୍ୟମ ଦେବ, ତନ୍ମୟ କୁମାର ସାହୁ ଏବଂ ପି. ନରସିଂହ ରେଡ୍ଡୀଙ୍କୁ ରୌପ୍ୟ ପଦକ ମିଳିଛି। ସେହିଭଳି ଏନ୍. ସାଇ କୁମାର ଏବଂ ଶୁଭମ୍ ମହାରଣାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ତେବେ ଆର୍. ସଚ୍ଚିନ ରେଡ୍ଡୀ ଏବଂ ବି. ଶଙ୍କର ରେଡ୍ଡୀ ଭଲ ଖେଳିଥିଲେ ମଧ୍ୟ ପଦକ ହାସଲ କରିପାରିନାହାନ୍ତି। ଦଳ ସହ କୋଚ୍ ଭାବେ ଏନ୍. ସୁରେଶ ରେଡ୍ଡୀ ଯାତ୍ରା କରିଥିଲେ। ସୋମବାର ଖେଳାଳିମାନେ ବ୍ରହ୍ମପୁରରେ ପହଞ୍ଚିଥିଲେ। ତାଙ୍କୁ ଏନ୍. ବାଲାକ୍ରିଷ୍ଣା ରେଡ୍ଡୀ, ମୁରଲୀ ସେଠୀ, ମନୋଜ ନାୟକ, କାମ ରାଜୁ, ପିଙ୍କୁ ରେଡ୍ଡୀ, କ୍ରିଷ୍ଣା ରେଡ୍ଡୀ ଓ ଭେଙ୍କଟ ରେଡ୍ଡୀ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।


କଲେଜ ଗେଟ ସମ୍ମୁଖରେ ଛାତ୍ରୀମାନେ ଧାରଣା ଦେଇଛନ୍ତି।

■ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ଛାତ୍ର ଅଶାନ୍ତି

## ହଷ୍ଟେଲ ସମସ୍ୟା ନେଇ ଛାତ୍ରଙ୍କ ବିକ୍ଷୋଭ

ବ୍ରହ୍ମପୁର ଅଫିସ୍,୨୦।୮

**ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ**

ସ୍ଥାନୀୟ ପାରଳା ମହାରାଜା ଇଞ୍ଜିନିୟରିଂ ଡିଗ୍ରୀ କଲେଜରରେ ସୋମବାର ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି। ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ସେମାନେ ବାରମ୍ବାର କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ ଏହାର କୌଣସି ବିହୀତ କାର୍ଯ୍ୟାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନ ନେବାରୁ ସୋମବାର ଛାତ୍ର ଗୋଷ୍ଠୀ ଏକଜୁଟ୍ ହୋଇ କଲେଜ ଫାଟକ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

ଛାତ୍ରୀଛାତ୍ରଙ୍କ ଅଭିଯୋଗନୁଯାୟୀ, କଲେଜରେ ଥିବା ଛାତ୍ରୀ ନିବାସର କ୍ଷମତା ୧୦୦ ଥିବା ବେଳେ ସେଠାରେ ଅଧିକ ଛାତ୍ରୀଙ୍କୁ ରଖାଯାଉଛି। ଫଳରେ ରହିବାରେ ଅସୁବିଧା ହେଉଛି। ସେହିପରି ଛାତ୍ରମାନେ ଅଭିଯୋଗ କରିଛନ୍ତି, କଲେଜ ପକ୍ଷରୁ ଅଧିକାଂଶ ସମୟରେ ପଚା ଓ ବାସୀ ଖାଦ୍ୟ ଦିଆଯାଉଛି। ପାଇପ୍‌ରେ ପାଣି ଆସୁନି, ଘରୁ ବର୍ଷା ଦିନ ପାଣି ଗଳୁଥିବା ଆଦି ବିଭିନ୍ନ ସମସ୍ୟା ହେଉଛି। ଏବିଷୟରେ ଛାତ୍ରୀଛାତ୍ରମାନେ ପୂର୍ବରୁ ବହୁବାର ଜଣାଇଥିଲେ ମଧ କର୍ତ୍ତୃପକ୍ଷ କୌଣସି ସମାଧାନ କରୁନାହାନ୍ତି ବୋଲି ସେମାନେ କହିଛନ୍ତି। ଦୀର୍ଘ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଛାତ୍ରୀଛାତ୍ରମାନେ ବର୍ଷାରେ ଓଦାହୋଇ ଧାରଣା ଦେଇଥିଲେ। ଗୋପାଳପୁର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରୀ ଓ ଛାତ୍ର ଗୋଷ୍ଠୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ସୁନା ଅଳଙ୍କାର ଠକେଇ ମାମଲା

### ୨ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର ଅଫିସ୍,୨୦।୮

ସ୍ଥାନୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ମୋନିତା ତ୍ରିପାଠୀଙ୍କ କୋର୍ଟରେ ଏକ ସୁନା ଅଳଙ୍କାର ଠକେଇ ମାମଲାର ବିଚାର କରାଯାଇ ୨ ଅଭିଯୁକ୍ତଙ୍କ ନାମରେ ପ୍ରମାଣ ନ ମିଳିବାରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ସେମାନେ ହେଲେ ବି.ସୁମନ ଓ ମହାଦେବ ପାନ।

ସୂଚନାନୁଯାୟୀ, ୨୦୧୩ ନଭେମ୍ବରରେ ବ୍ରହ୍ମପୁର ଅଞ୍ଚଳର କେ. ଉତ୍ତମ କୁମାର ତାଙ୍କ ସ୍ତ୍ରୀଙ୍କ ପାଇଁ ୩୫ତୋଳା ସୁନା କିଣିବାକୁ ବାହାରିଥିଲେ। ଏନେଇ ସେ ବି.ସୁମନଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସୁମନ ତାଙ୍କୁ ବାହାରୁ କମ୍ ଦାମରେ ସୁନା କିଣିଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉତ୍ତମଙ୍କ ପାଖରୁ ସୁମନ ୧୦ ଲକ୍ଷ ଟଙ୍କା ନେଇ ସୁନା ଆଣିଦେବେ ବୋଲି କହି ଦୀର୍ଘ ୧୫ ଦିନ ପରେ କୌଣସି ଯୋଗାଯୋଗ ନ କରିବାରୁ ସନ୍ଦେହ କରି ଉତ୍ତମ ସ୍ଥାନୀୟ ବଡବଜାର ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ ପରେ ଏଥିରେ ଦୁଇ ଜଣଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ଏହାପରେ ସୁମନ ଓ ଅନ୍ୟଜଣେ ମହାଦେବ ପାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର ଜାରି ରହିଥିଲା। ୧୪ ଜଣ ସାକ୍ଷୀଙ୍କ ମଧ୍ୟରୁ ୧୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ତ୍ରିପାଠୀ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡିଛି।

# ସିଟି ହସ୍ପିଟାଲରେ ରୋଗୀସେବା ବ୍ୟାହତ

ବ୍ରହ୍ମପୁର ଅଫିସ୍,୨୦।୮

ବ୍ରହ୍ମପୁର ସହର ସମେତ ଜିଲାର ବିଭିନ୍ନ ସ୍ଥାନରୁ ପ୍ରତ୍ୟେକ ଦିନ ଶହ ଶହ ରୋଗୀ ସ୍ଥାନୀୟ ସିଟି ହସ୍ପିଟାଲକୁ ଆସୁଛନ୍ତି। ହେଲେ ଏଠାରେ ଥିବା ବିଭିନ୍ନ ସମସ୍ୟା ଯୋଗୁ ରୋଗୀ ସେବା ବ୍ୟାହତ ହୋଇଛି ବୋଲି ମାନବ ସୁରକ୍ଷା ଅଧିକାର ମଞ୍ଚ ଅଭିଯୋଗ କରିଛି। ଏ ନେଇ ଏକ ଲିଖିତ ଦାବିପତ୍ର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ଉଦ୍ଦେଶ୍ୟରେ ପଠାଇବା ସହିତ ସ୍ଥାନୀୟ ସିଟି ହସ୍ପିଟାଲ ସମ୍ମୁଖରେ ଘଣ୍ଟ ପିଟି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ସୂଚନାଅନୁଯାୟୀ, ସିଟି ହସ୍ପିଟାଲ ନିଶ୍ଚେତକ ବିଭାଗରେ ଡାକ୍ତର ନ ଥିବାରୁ ରୋଗୀ ଚିକିତ୍ସିତ ହୋଇ ପାରୁନାହାନ୍ତି। ଏହା ଜିଲା ମେଡିକାଲ ହୋଇଥିବା ବେଳେ ଏଠାରେ ରୋଗୀ ଚିକିତ୍ସା କରା ନ ଯାଇ ବଡ ମେଡିକାଲକୁ ପଠାଇ ଦିଆଯାଉଛି। ଏଠାରେ ଥିବା ଡିଜିଟାଲ ଏକ୍ସ-ରେ ମେଶିନ ଓ ସିଟିସ୍କାନ ମେଶିନ ଲଗାଇବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିବା ବେଳେ ତାହା ଏବେ ପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହେବା ସ୍ୱାସ୍ଥ୍ୟ ବିଭାଗ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଦୀର୍ଘ ଦିନରୁ ବନ୍ଦ ହୋଇପଡି ଥିବା କର୍କଟ ଓ କେମୋଥେରାପି ବିଭାଗକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା ସହ ନିରାମୟ ଔଷଧ ବିତରଣ ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ କରାଯିବା ସହ ରୋଗୀଙ୍କୁ ଘରୋଇ ମେଡିସିନ ଷ୍ଟୋରରୁ ରିହାତି ମୂଲ୍ୟରେ ଔଷଧ ଯୋଗାଇ ଦିଆଯିବା ଭଳି ବିଭିନ୍ନ ଦାବି ନେଇ ମାନବ ସୁରକ୍ଷା ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ପଠା ଯାଇଥିବା ପତ୍ରରେ ଉଲ୍ଲେଖ କରାଯାଇଥିଲା। ଏହି ଘଣ୍ଟପିଟା ଶୋଭାଯାତ୍ରାରେ ଅବନୀ କୁମାର ଗୟା, ଆର. ସତ୍ୟନାରାୟଣ, ଇଂ. ରାଜା ସୁରେଶ, ରାଜେନ୍ଦ୍ର ଦଳବେହେରା, ଦ୍ୱାରିକା ନାଥ ଘଡେଇ, ବିଜୟ ଚନ୍ଦ୍ର ବିଷୋୟୀ, ସୁରେନ୍ଦ୍ର ନାଥ ପାତ୍ର ଓ ଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**



ମାନବ ସୁରକ୍ଷା ମଞ୍ଚ ପକ୍ଷରୁ ଘଣ୍ଟପିଟା ଶୋଭାଯାତ୍ରା।

## ୨୩ରେ 'ତିତଲି', ୨୪ରେ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ୍,୨୦।୮

ଅଭିନୟ ଜଗତ ଓ ନାଟକ ସମାରୋହ ସମିତି ପକ୍ଷରୁ ଟାଉନହଲରେ ଆସନ୍ତା ୨୩ ଓ ୨୪ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୩ ସନ୍ଧ୍ୟାରେ ରଣଜିତ ପଟ୍ଟନାୟକଙ୍କ ରଚିତ ନାଟକ 'ତିତଲି' ମଞ୍ଚସ୍ଥ ହେବାକୁ ଥିବା ବେଳେ ୨୪ ସନ୍ଧ୍ୟାରେ ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ 'ବନ୍ଦେ ମାତରମ୍' ଆୟୋଜିତ ହେବ। ସୋମବାର ଅନୁଷ୍ଠାନ ପକ୍ଷରୁ ହୋଇଥିବା ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅଭିନୟ ଜଗତର ସମ୍ପାଦକ ଡ. ମିହିର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ନାଟକ ସମାରୋହ ସମିତିର ସଭାପତି ଅନିଲ କୁମାର ପାତ୍ର, ନିର୍ଦ୍ଦେଶକ ରାଜୁ ପାଢୀ, ସୁବୋଧ ପଟ୍ଟନାୟକ, ଶଙ୍କର୍ଷଣ ସାବତ, ରବୀନ୍ଦ୍ର କୁମାର ନାୟକ, ସମ୍ବିତ ମହାନ୍ତି, ଆରତି ପାତ୍ର ଏବଂ ଇଂ. ମନୋଜ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଗତ ୧୮ ଏବଂ ୧୯ ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଆୟୋଜିତ ହେବା ନେଇ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବିୟୋଗ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଶୋକ ପାଳନ ଘୋଷଣାନାମାକୁ ସମ୍ମାନ ଜଣାଇ ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିବା ସୂଚନା ଦିଆଯାଇଥିଲା। ଶେଷରେ ନାଟ୍ୟଶ୍ରୀ ଫାଉଣ୍ଡେଶନର ଭବାନୀ ଶଙ୍କର ମିଶ୍ର ଧନ୍ୟବାଦ ଦେଇଥିଲେ।

# ବୈଜ୍ଞାନିକ ଚେତନା ଦୂର କରିବ ଅନ୍ଧବିଶ୍ୱାସ

ବ୍ରହ୍ମପୁର ଅଫିସ୍,୨୦।୮

ମାନବବାଦୀ ହେତୁବାଦୀ ସଂଗଠନ ତରଫରୁ ସୋମବାର ସକାଳେ ଜାତୀୟ ବୈଜ୍ଞାନିକ ଚେତନା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ପୁରୁଣା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। ବକ୍ତାମାନେ କହିଥିଲେ, ନିୟମିତ ବୈଜ୍ଞାନିକ ଉଦ୍‌ଭାବନ ହେଉଥିଲେ ମଧ୍ୟ ସମାଜର ଅନ୍ଧବିଶ୍ୱାସ ଦୂର ହୋଇପାରୁନି। ଲୋକମାନେ ଅନ୍ଧବିଶ୍ୱାସର କବଳରେ ରହିଛନ୍ତି। ଏଣୁ ସରକାର ବୈଜ୍ଞାନିକ ଗବେଷଣା ପାଇଁ ବଜେଟ୍‌ରେ ଅଧିକ ଅର୍ଥ ବରାଦ କରିବା ଆବଶ୍ୟକ। ବୈଜ୍ଞାନିକ ଚେତନା ଜାଗ୍ରତ ହେଲେ ହିଁ ସମାଜରୁ ଅନ୍ଧବିଶ୍ୱାସକୁ ଦୂରେଇ ଦିଆଯାଇପାରିବ। ଅନ୍ୟପଟେ କୁସଂସ୍କାର ଏବଂ ଅନ୍ଧବିଶ୍ୱାସ ବିରୋଧରେ ଲଢୁଥିବା ବିଶିଷ୍ଟ ବ୍ୟକ୍ତିଙ୍କ ହତ୍ୟାକୁ ନିନ୍ଦା କରାଯାଇଥିଲା। ମହାରାଷ୍ଟ୍ରରେ ଡା.ନରେନ୍ଦ୍ର ଡାଭୋଲକର୍‌ଙ୍କୁ ଆଜିର ଦିନରେ ଅର୍ଥାତ୍ ୨୦୧୩ ଅଗଷ୍ଟ ୨୦ରେ ହତ୍ୟା କରାଯାଇଥିଲା। ଧର୍ମାନ୍ଧ ଆତତାୟୀଙ୍କ ଗୁଳିମାଡ଼ରେ ସେ ପ୍ରାଣ ହରାଇଥିଲେ। ସେହିଭଳି ପରବର୍ତ୍ତୀ ସମୟରେ କନ୍ନଡ଼ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଲେଖକ ଏମ୍.ଏମ୍. କୁଲବର୍ଗୀ, ନିର୍ଭୀକା ଲେଖିକା ଗୌରୀ ଲଙ୍କେଶ ଏବଂ ଶ୍ରମିକ ନେତା ତଥା ସଂସ୍କାରକ ଗୋବିନ୍ଦ ପାନସାରେଙ୍କୁ ମଧ୍ୟ ସମାନ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାରୀଙ୍କୁ ଏଯାଏ ଦଣ୍ଡ ମିଳିପାରି ନାହିଁ। ଏହାର ପ୍ରତିବାଦରେ ଜାତୀୟ ବୈଜ୍ଞାନିକ ଚେତନା ଦିବସ ପାଳନ କରାଯାଉଥିବା ସଂଗଠନ ସଭାପତି ଇ.ଟି. ରାଓ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେ. ନନ୍ଦେଶୁ ସେନାପତି, ଭାଲଚନ୍ଦ୍ର ଷଡ଼ଙ୍ଗୀ, ପ୍ରତାପ ପ୍ରଧାନ, ପ୍ରତାପ ଚୌଧୁରୀ, ବି.ବାଲକ୍ରିଷ୍ଣା, ବାସନ୍ତୀ ଆଚାର୍ଯ୍ୟ, ମହମ୍ମଦ ସୁକୁରୁ, ଶ୍ୟାମସୁନ୍ଦର ଖାଡ଼ଙ୍ଗା, ଶଙ୍କର ସାହୁ, ଅବନୀ ଗୟା, କାମେଶ୍ୱର ରାଓ, ରାଜା ସୁରେଶ, ମୁରଲୀଧର ଜେନା, ସୁବାସ ଚନ୍ଦ୍ର ସାହୁ, ସୁଜେନ କୁମାର ଓ ସୁଧୀର ପଟ୍ଟନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।



ମାନବବାଦୀ ହେତୁବାଦୀ ସଂଗଠନ ପକ୍ଷରୁ ଜାତୀୟ ବୈଜ୍ଞାନିକ ଚେତନା ଦିବସ ଅବସରରେ ପଥପ୍ରାନ୍ତ ସଭା।

■ ସ୍ୱାୟତ୍ତଶାସନ ଦିବସ ପାଇଁ ସ୍ୱତନ୍ତ୍ର ବୈଠକ

# ଯୋଗଦେବେ ଜରିନା ଖାନ୍, ବିନୋଦ ରାଠୋର

ବ୍ରହ୍ମପୁର ଅଫିସ୍,୨୦।୮

ବ୍ରହ୍ମପୁର ମହାନଗର ନିଗମ(ବିଏମସି) ପକ୍ଷରୁ ଆସନ୍ତା ୩୧ରେ ୧୫୧ତମ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯିବ। ଏ ନେଇ ଏକ ସ୍ୱତନ୍ତ୍ର କାଉନସିଲ ବୈଠକ ସୋମବାର ବିଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମେୟର କେ. ମାଧବୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସ୍ୱାୟତ୍ତ ଶାସନ ଦିବସରେ ସହରକୁ ପରିମଳମୁକ୍ତ ଓ ବାହ୍ୟମଳମୁକ୍ତ ସହରରେ ପରିଣତ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ଏ ନେଇ ପୂର୍ବାହ୍ନରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ବଲିଉଡ ଅଭିନେତ୍ରୀ ଜରିନା ଖାନ ଯୋଗଦେବାକୁ ଥିବା ବେଳେ ଅପରାହ୍ନରେ ବଲିଉଡ କଣ୍ଠଶିଳ୍ପୀ ବିନୋଦ ରାଠୋର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଖାନ ବାହ୍ୟମଳମୁକ୍ତ ଓ ସ୍ୱଚ୍ଛ ପରିମଳ ନେଇ ସହରବାସୀଙ୍କୁ ସଚେତନ କରାଇବେ। ଟାଉନହଲରେ ଏସଏଚଜି ଗ୍ରୁପର ମହିଳାମାନଙ୍କୁ ପ୍ରଥମେ ସଚେତନ କରାଇବା ପରେ ଖଲ୍ଲିକୋଟ କଲେଜ ଖେଳପଡିଆରେ ଆୟୋଜିତ ସାଧାରଣ କାର୍ଯ୍ୟକ୍ରମରେ ସହରବାସୀଙ୍କୁ ସ୍ୱଚ୍ଛ ପରିମଳ ଓ ବାହ୍ୟପରିମଳ ମୁକ୍ତ ପାଇଁ ସଚେତନ କରାଇବେ। ଏହାପରେ ସନ୍ଧ୍ୟାରେ ଖଲ୍ଲିକୋଟ କଲେଜ ଖେଳପଡିଆରେ ବଲିଉଡ କଣ୍ଠଶିଳ୍ପୀ ରାଠୋର ସଙ୍ଗୀତ ପରିବେଷଣ କରିବେ ବୋଲି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଥିଲେ। ଏହାବ୍ୟତୀତ ଏହି ଦିବସ ଅବସରରେ ସହରରେ ୪୦ ପ୍ରକଳ୍ପ କାର୍ଯ୍ୟର ଉଦ୍‌ଘାଟନୀ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ସେଥିମଧ୍ୟରେ ୨୦ ଶିଶୁ ଖେଳ ପଡିଆ, ୩ ୱାଟର ଏଟିମ୍, ଟ୍ରାଫିକ ଲାଇଟ ସିଷ୍ଟମ ସହ ସହରରେ ୱାଇଫାଇ କନେକ୍ସନ ଭଳି ବହୁ ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହାବ୍ୟତୀତ ରାମଲିଙ୍ଗମ ପୋଖରୀର ପୁନରୁଦ୍ଧାର କାର୍ଯ୍ୟର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ, ୪୮ କୋଟି ଟଙ୍କା ବ୍ୟୟରେ ଓଡିଆରପି ଯୋଜନାରେ ନିର୍ମିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ରାସ୍ତା ମରାମତି କାର୍ଯ୍ୟର ମଧ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ନେଇ ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷରେ ସ୍ୱାୟତ୍ତ ଶାସନ ଦିବସ ପୂର୍ବରୁ ଆସନ୍ତା ୨୫ରୁ ବିଏମ୍‌ସିସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତ୍ୟେକ ୱାର୍ଡର ପିଲାମାନଙ୍କ କଳାର ବିକାଶ ପାଇଁ ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଟାଉନହଲରେ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ସେହିପରି ନିଗମରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ମଧରେ ଖାଦ୍ୟ, ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ ମହିଳା କର୍ପୋରେଟର ଓ ବିଏମ୍‌ସି କାର୍ଯ୍ୟାଳୟର ମହିଳା କର୍ମଚାରୀଙ୍କ ମଧରେ ଅନ୍ତାକ୍ଷରୀ, ଝୋଟି ସମେତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ। ବ୍ରହ୍ମପୁର ଷ୍ଟାଡିୟମରେ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବା ନେଇ ସ୍ଥିର ହୋଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ମେୟର, କମିଶନରଙ୍କ ସମେତ ଡେପୁଟିମେୟର ଜ୍ୟୋତ୍ସ୍ନା ନାୟକ, ଡେପୁଟି କମିଶନର ସୌରୀନ୍ଦ୍ର କୁମାର ରାଉତରାୟ, ସିଟି ଇଞ୍ଜିନିୟର କେଦାର ଚନ୍ଦ୍ର ଖଟୁଆ, ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ କର୍ପୋରେଟର ଓ ବିଏମସି କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

**ସିଟିରେ ହେବ ୱାଇଫାଇ, ଇଣ୍ଟିଗ୍ରେଟେଡ ଟ୍ରାଫିକ ବ୍ୟବସ୍ଥା**


ବୈଠକରେ ଉପସ୍ଥିତ କର୍ପୋରେଟର୍‌ମାନେ।

## ସଂକ୍ଷେପରେ

### ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ, ୨୦।୮(ଡି.ଏନ.ଏ.): ସୋମବାର ସକାଳେ ୧୬ ନମ୍ବର ଜାତୀୟ ରାଜପଥରୁ ବାଲୁଗାଁ ପୋଲିସ ଜଣେ ବୃଦ୍ଧଙ୍କ ମୃତ ଦେହ ଉଦ୍ଧାର କରିଛି। ଏନେଇ ପୋଲିସ ତଦନ୍ତ ଚଳାଇଥିଲେ ମଧ୍ୟ ମୃତକଙ୍କ ପରିଚୟ ମିଳିପାରିନାହିଁ। ପ୍ରକାଶ ଯେ,ବାଲୁଗାଁ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସୋଲପୋଖରୀ ସମ୍ମୁଖରେ ଜଣେ ବୃଦ୍ଧଙ୍କ ମୃତ ଦେହ ପଡିଥିବା ଦେଖି ନିକଟସ୍ଥ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ବୃଦ୍ଧ ଜଣଙ୍କ କମଳା ରଙ୍ଗର ଲୁଙ୍ଗି ଓ ଧଳା ରଙ୍ଗର ଗଞ୍ଜି ପିନ୍ଧିଛନ୍ତି। ବୃଦ୍ଧଙ୍କ ବୟସ ୫୫ରୁ ୬୦ବର୍ଷ ମଧ୍ୟରେ ହୋଇଥିବା ବେଳେ ସେ ଜଣେ ଶ୍ରମିକ ହୋଇଥିବା ଅନୁମାନ କରାଯାଉଛି। ରବିବାର ରାତ୍ରିରେ ସେ ରାଜପଥ ପାର ହେଉଥିବା ବେଳେ କୌଣସି ଦ୍ରୁତଗାମୀ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ଦେହ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଚଳାଇଛି।

### ୮ମ ଦିବସରେ ଓକିଲଙ୍କ ଆନ୍ଦୋଳନ

ଖୋର୍ଦ୍ଧା ଅଫିସ,୨୦।୮: ପୂର୍ଣ୍ଣାଙ୍ଗ ଖୋର୍ଦ୍ଧା ଜିଲା ଗଠନ ଦାବି ନେଇ ଖୋର୍ଦ୍ଧା କୋର୍ଟ ସମ୍ମୁଖରେ ବାର ଆସୋସିଏଶନର କାର୍ଯ୍ୟବନ୍ଦ ଆନ୍ଦୋଳନ ଅଷ୍ଟମ ଦିବସରେ ପହଞ୍ଚିଛି। ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ଅଭିଯୁକ୍ତମାନେ ଜାମିନ ପାଇ ପାରୁନାହାନ୍ତି। ଫଳରେ ଜମିନ ଓ ଅନ୍ୟାନ୍ୟ ମାମଲା ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ କୋର୍ଟ କାର୍ଯ୍ୟ ବନ୍ଦ ହୋଇଥିବାବେଳେ ବହୁ ଲୋକେ ନ ଜାଣି ପାରି ଦୂର ଦୂରାନ୍ତରୁ ଟଙ୍କା ଖର୍ଚ୍ଚ କରି ଆସି ନିରାଶ ହୋଇ ଫେରୁଛନ୍ତି। ବାଣପୁରର ରଞ୍ଜୁବାଲା ସାହୁ କୁହନ୍ତି, ତାଙ୍କ ସ୍ୱାମୀଙ୍କୁ ଏକ ଘଟଣାରେ ପୋଲିସ ବାନ୍ଧି ଜେଲକୁ ପଠାଇ ଦେଇଥିଲା। ବାଣପୁର କୋର୍ଟରୁ ଖୋର୍ଦ୍ଧା କୋର୍ଟକୁ ମାମଲା ସ୍ଥାନାନ୍ତର ହୋଇଛି। ଖୋର୍ଦ୍ଧା କୋର୍ଟରେ ମାମଲାର ବିଚାର ଚାଲିଛି। କିନ୍ତୁ କୋର୍ଟରେ ତାରିଖ ଥିବାରୁ କୋର୍ଟକୁ ଆସି ନିରାଶ ହୋଇ ଫେରିବାକୁ ପଡୁଛି। ଓକିଲ ସଂଘ ସଭାପତି ପ୍ରଭାତ କୁମାର ଦାଶ କୁହନ୍ତି, ଜିଲା ଗଠନକୁ ଇତିମଧ୍ୟରେ ୨୫ବର୍ଷ ପୂରିଛି। ରୌପ୍ୟ ଜୟନ୍ତୀ ବର୍ଷରେ ଜିଲା ସଦର ମହକୁମାକୁ ଜିଲା ଜଜ୍ କୋର୍ଟ ଓ ଜିଲାସ୍ତରୀୟ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇପାରିଲାନାହିଁ। ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦେଇ ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଛି। ତେବେ ଏଥର ପ୍ରତିଶ୍ରୁତି ନୁହେଁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି କହିଛନ୍ତି।

### କଥା ସାହିତ୍ୟ ଉପରେ ପାଠଚକ୍ର



ନିରାକାରପୁର,୨୦।୮(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ କଥା ସାହିତ୍ୟ ଉପରେ ଆଧାରିତ ଏକ ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ରାମଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବକ୍ସି ଜଗବନ୍ଧୁ (ସ୍ୱୟଂଶାସିତ) ମହାବିଦ୍ୟାଳୟର ଓଡ଼ିଆ ପ୍ରାଧାପକ ଡକ୍ଟର କ୍ଷିରୋଦ ଚନ୍ଦ୍ର ବେହେରା ଓ ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପକ ଡକ୍ଟର ବେଣୁଧର ଦାସ, ଡକ୍ଟର ବିଜୟ କୁମାର ପଟ୍ଟନାୟକ, ଦିଗନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅଧାପକ ପୂର୍ଣ୍ଣଦର୍ଶନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ପ୍ରାଧାପକ ଡକ୍ଟର ପ୍ରସନ୍ନ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

### ମୂର୍ତ୍ତି କିଣିବା ବେଳେ ଛଡ଼ାଇ ନେଲେ ବାଇକ୍

ଖୋର୍ଦ୍ଧା ଅଫିସ,୨୦।୮: ଗୁରୁଜଙ୍ଗ ଧବଳେଶ୍ୱର ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ସୋମବାର ପୂର୍ବାହ୍ନରେ ଗଣେଶ ମୂର୍ତ୍ତି କିଣିବାକୁ ଆସିଥିବା ଜଣେ ଯୁବକଙ୍କଠାରୁ ବାଇକ୍ ଛଡାଇ ନିଆଯାଇଛି। ଏ ନେଇ ଅଭିଯୋଗ ପରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଦଫା ୩୯୨ରେ ନଂ. ୩୩୩/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତ ଗୁରୁଜଙ୍ଗ ଗାଁର ସୁନୀଲ ସିଂଙ୍କୁ ଗିରଫ କରି ବାଇକ୍ ଜବତ କରିବା ସହ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସୁନୀଲଙ୍କୁ ଜେଲ ଯିବାକୁ ପଡିଛି। ପୂର୍ବାହ୍ନରେ ମଳିପଡା ଗାଁର ଦେବରାଜ ବିଶ୍ୱାଳ ଗୁରୁଜଙ୍ଗ ଧବଳେଶ୍ୱର ମନ୍ଦିର ନିକଟକୁ ଗଣେଶ ମୂର୍ତ୍ତି କିଣିବାକୁ ଆସିଥିଲେ। ମୂର୍ତ୍ତି କିଣୁଥିବା ସମୟରେ ସୁନୀଲ ଦେବରାଜକୁ ମାଡ ମାରିବା ସହ ତାଙ୍କ ବାଇକ୍‌କୁ ଛଡାଇ ନେଇ ପଳାଇ ଯାଇଥିଲେ।

■ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ପଞ୍ଜୀକୃତ ହେଲା ୭୭ ଅଭିଯୋଗ

ଗଣିଆ,୨୦।୮(ଡି.ଏନ୍.ଏ.)



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ନୟାଗଡ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ.ଏନ୍ ତିରୁମାଲା ନାୟକ ଶିବିରରେ ଯୋଗଦେଇ ପଞ୍ଜିକୃତ ହୋଇଥିବା ୭୭ଟି ଅଭିଯୋଗର ଶୁଣାଣି କରିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଏଫ୍.କେ.ପାଣିଗ୍ରାହୀ, ଜିଲା ଶିକ୍ଷାଧିକାରୀ ଅଭୟ ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷୀ ସାହୁ, ଜିଲା ଆପାତଃକାଳୀନ ଅଧିକାରୀ ଧୋବା ନାୟକ, ତହସିଲଦାର ଶରତ କୁମାର ଗିରି ଓ ବିଡିଓ ସରୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଜିକୃତ ହୋଇଥିବା ୭୭ ଅଭିଯୋଗ ମଧ୍ୟରୁ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟ ଜଳ, ଇନ୍ଦିରା ଆବାସ ତଦନ୍ତରେ ତ୍ରୁଟି, ଜଳସେଚନ ଓ କଲ୍ୟାଣ ମଣ୍ଡପ ନିର୍ମାଣ ସମ୍ପର୍କରେ ୧୩ଟି ସାମୁହିକ ଅଭିଯୋଗ ହୋଇଥିବା ବେଳେ ଇନ୍ଦିରା ଆବାସ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ପାଇଖାନା ନିର୍ମାଣ, ଭତ୍ତା, ରାଶନକାର୍ଡ ଆଦି ସମ୍ପର୍କରେ ୬୪ଟି ଅଭିଯୋଗର ଜିଲାପାଳ ଶୁଣାଣି କରିଥିଲେ। ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଛେଳିଆ ଗ୍ରାମର ତ୍ରିନାଥ ମଳିକଙ୍କୁ ୨୦ ହଜାର ଓ ବୁରିଆପାଙ୍କୁ ଗ୍ରାମର ଅର୍ଜ୍ଜୁନ ମଳିକଙ୍କୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ବଡ଼ମୂଳ ମାଳିସାହି ଗ୍ରାମର ୨ଜଣ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ତହସିଲଦାର ଘରବାରୀ ପଟ୍ଟା ପ୍ରଦାନ କରିଥିଲେ। ଗଣିଆସ୍ଥିତ କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠ ଠାରେ ଏକ ମିନିଷ୍ଟାଡିୟମ ନିର୍ମାଣ ଓ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟାକୁ ସ୍ଥାନୀୟ ଜନସାଧାରଣ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପକ୍ଷେ ବ୍ଲକର ଉପାନ୍ତ ଆଦିବାସୀ ବହୁଳ ବଡ଼ଶିଲିଙ୍ଗା ପଞ୍ଚାୟତରେ ଗମନାଗମନ, ବିଦ୍ୟୁତ ଓ ଇନ୍ଦିରାଆବାସ ଭଳି ପ୍ରମୁଖ ସମସ୍ୟାର ସମାଧାନ ପାଇଁ ସରପଞ୍ଚ ପୁଷ୍ପଲତା ନାୟକ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣାଣି ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ କଲ୍ୟାଣ, ରାଜସ୍ୱ, ଜଳସମ୍ପଦ, ପ୍ରାଣୀଧନ, ଗ୍ରାମ୍ୟଉନ୍ନୟନ, ଖାଦ୍ୟଯୋଗାଣ, ଜଙ୍ଗଲ, ବନ୍ୟପ୍ରାଣୀ, କୃଷି, ଉଦ୍ୟାନ କୃଷି, ବିଦ୍ୟୁତ, ଅବକାରୀ, ଅଗ୍ନିଶମ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା ଓ ପୋଲିସ ବିଭାଗର ବିଭିନ୍ନ ପଦାଧିକାରୀମାନେ ଯୋଗଦେଇଥିଲେ। ଅଭିଯୋଗ ଶୁଣାଣୀ ପରେ ଜିଲାପାଳ ଛାମୁଣ୍ଡିଆ ପଞ୍ଚାୟତର ଛାଡମୂଳ, ମହୁକଣ, ରାସଙ୍ଗ ପଞ୍ଚାୟତର ଡଙ୍କାରିସାହି ଗ୍ରାମକୁ ଯାଇ ଖାଉଟି ସାମଗ୍ରୀ,ପାଇଖାନା ଓ ଇନ୍ଦିରା ଆବାସ ଗୃହ ସମ୍ବନ୍ଧରେ ପଚାରି ବୁଝିଥିଲେ।

## କେରଳରେ ଫସିଛନ୍ତି କୃଷ୍ଣପ୍ରସାଦର ୫୦୦ ଯୁବକ

କୃଷ୍ଣପ୍ରସାଦ,୨୦।୮(ଡି.ଏନ.ଏ.)

କେରଳରେ ଘଟିଥିବା ଭୟାଭୟ ବନ୍ୟାରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଯୁବକ ଫସି ରହିଛନ୍ତି। କାମଧନ୍ଦା ନିମନ୍ତେ ଯାଇଥିବା ଏହି ଯୁବକମାନେ ହଠାତ୍ ବନ୍ୟା ହେବାରୁ କେରଳର ଇନାମ୍‌କେରା ଅଞ୍ଚଳରେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ତେବେ ସେମାନେ କିଭଳି ଗାଁକୁ ଫେରିବେ ସେହି ଚିନ୍ତାରେ ପରିବାର ଲୋକେ ରହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବ୍ଲକ ଅନ୍ତର୍ଗତ ଓରା ଗ୍ରାମର ସନାତନ ନାୟକ, ପ୍ରଶାନ୍ତ ନାୟକ, ଦୀପକ ପରିଡା, ରବୀନ୍ଦ୍ର ତରେଇ, ସିଆଳ ଗାଁର ମାନସ ତରେଇ, ଜୟରାମ ବିଶ୍ୱାଳ, ଦାଶରଥି ବିଶ୍ୱାଳ, ବଡ଼ଦଣ୍ଡା ଗାଁର ଦେବରାଜ ତରେଇ, ନିଲୁ ତରେଇ, ବାଉରୀବନ୍ଧୁ ସାହୁ, ଗିଳିନାସି ଗାଁର ଅରବିନ୍ଦ ପ୍ରଧାନ, ପଦ୍ମ ପ୍ରଧାନ, ଖଳିପାଣି ଗୌଡ, ଦୀପକ ବାରିକଙ୍କ ସମେତ ୧୪୨ ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ଯୁବକ ସେଠାରେ ଫସିରହିଥିବା ଜଣାପଡିଛି। ପ୍ରଶାସନ ପକ୍ଷରୁ ତୁରନ୍ତ ସେମାନଙ୍କୁ ଉଦ୍ଧାର ନିମନ୍ତେ ପରିବାର ଲୋକେ ନିବେଦନ କରିଛନ୍ତି।

## ମୁମୂର୍ଷୁ ଅବସ୍ଥାରେ ଯୁବକ ଉଦ୍ଧାର

ନିରାକାରପୁର,୨୦।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ନିରାକାରପୁର-ଲେଣ୍ଡୋ ମଧ୍ୟରେ ଥିବା ମାଲୁଣୀ ପୋଖରୀ ନିକଟ ନୂଆ ଜଗନ୍ନାଥ ରୋଡ ପାର୍ଶ୍ୱରୁ ସୋମବାର ମୁମୂର୍ଷୁ ଅବସ୍ଥାରେ ଜଣେ ଯୁବକଙ୍କୁ ସ୍ଥାନୀୟ ପୋଲିସ ଉଦ୍ଧାର କରଛି। ତାଙ୍କୁ ଖୋର୍ଦ୍ଧା ଜିଲା ସରକାରୀ ମେଡିକାଲରେ ଚିକିତ୍ସା କରାଯାଉଛି। ଯୁବକ ଜଣକ ହେଲେ ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ଅର୍ଜ୍ଜୁନପୁର ଗ୍ରାମର ସନ୍ଦିପ ରାଉତରାୟ (୩୦)। ଯୁବକ ଜଣକ ସୋମବାର ସକାଳୁ ଉକ୍ତ ସ୍ଥାନରେ ପଡି ଛଟପଟ ହେଉଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ପକେଟରୁ ଠିକଣା ପାଇ ଘର ଲୋକଙ୍କୁ ଖବର ଦେଇଥିଲା। ସେ ବ୍ୟବହାର କରୁଥିବା ଏକ ହୋଣ୍ଡା ସାଇନ୍ ବାଇକ୍ ଓ କିଛି ଖାଇବା ଜିନିଷ ସହ ଅଧ ବୋତଲ ବିଅର ମଦ ତାଙ୍କ ନିକଟରୁ ଜବତ କରିଛି ବୋଲି ଥାନା ଏଏସ୍‌ଆଇ ଶଙ୍କର୍ଷଣ ଆଇଚ ସୂଚନା ଦେଇଛନ୍ତି।

## ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ଲୁଟ୍ ଘଟଣା: ଆଉ ଜଣେ ଗିରଫ



ଗିରଫ ଅଭିଯୁକ୍ତ।

ଖଣ୍ଡପଡା/ଭାପୁର, ୨୦।୮ (ସ୍ୱ.ପ୍ର/ଡ଼ି.ଏନ୍.ଏ.)

ଗ୍ରାମାଞ୍ଚଳର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅର୍ଥ ଲଗାଣ କରୁଥିବା ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କୁ ଗତ ଜୁନ୍ ୨୧ ତାରିଖରେ ଆକ୍ରମଣ ଓ ଲୁଟ୍ ଘଟଣାରେ ପୋଲିସ ରବିବାର ଆଉ ଜଣେ ଲୁଟେରାଙ୍କୁ ଗିରଫ କରିଛି। ଏହି ଘଟଣାରେ ପୂର୍ବରୁ ଅନ୍ୟ ୩ଜଣଙ୍କୁ ଫତେଗଡ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଲୁଟେରାମାନେ ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଥିଲା। ସୂଚନାଯୋଗ୍ୟ ଯେ, ଗତ ଜୁନ୍ ୨୧ ତାରିଖ ଅପରାହ୍ନରେ ଭାପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର, ମର୍ଦ୍ଦରାଜପୁର, ମର୍ଦ୍ଦାବାଡି, କଳଟାଙ୍ଗୀ, ମଙ୍ଗଳପୁର ଓ କାଳିଆପଲ୍ଲୀ ଗ୍ରାମରୁ ବିଭିନ୍ନ ମହିଳା ସ୍ୱୟଂ ସହାୟକଗୋଷ୍ଠୀଠାରୁ ମାସିକିଆ କିସ୍ତି ଟଙ୍କା ଆଦାୟ କରି ଖଣ୍ଡପଡାରେ ଥିବା ଭାରତ ଫାଇନାନ୍ସ ଇନ୍‌କ୍ଲୁଜନ୍ ଲିମିଟେଡ ନାମକ ଏକ ଘରୋଇ ସଂସ୍ଥାର କର୍ମଚାରୀ ବିଚିତ୍ର କୁମାର ବିଶୋଇ କାଳିଆପଲ୍ଲୀ-କଳଟାଙ୍ଗୀ ରାସ୍ତା ଦେଇ ଫେରୁଥିଲେ। ତେବେ ଯୋଜନାବଦ୍ଧ ଭାବେ ତାଙ୍କୁ ପିଛାକରି ଆସୁଥିବା ୪ଜଣ ଯୁବକ ଏକ ନିର୍ଜନ ତଥା ବୁଦବୁଦିଆ ଜଙ୍ଗଲ ନିକଟରେ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରି ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଛଡାଇ ଜଙ୍ଗଲ ମଧ୍ୟକୁ ଚମ୍ପଟ ମାରିଥିଲେ। ପରେ ଖବରପାଇ କାଳିଆପଲ୍ଲୀ ଓ ଏହାର ଆଖପାଖର ଶତାଧିକ ଗ୍ରାମବାସୀ ୩ଜଣ ଲୁଟେରାଙ୍କୁ ଠାବ କରିବା ସହ ଲୁଟ୍ ହୋଇଥିବା ୧ଲକ୍ଷ ୨୬୪୬ ଟଙ୍କା ଉଦ୍ଧାର କରି ଉକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ।

## ଶ୍ରୀ ତାରେଶ୍ୱରଦେବଙ୍କ ପୀଠରେ ସହସ୍ରାଧିକ କାଉଡିଆଙ୍କ ଜଳଲାଗି

ବୋଲଗଡ଼,୨୦।୮(ଡି.ଏନ.ଏ.)

ବୋଲଗଡ ବ୍ଲକ ବାଙ୍କୋଇସ୍ଥିତ ଶ୍ରୀ ତାରେଶ୍ୱରଦେବଙ୍କ ପୀଠରେ ଶ୍ରାବଣ ଶେଷ ସୋମବାରରେ ସହସ୍ରାଧିକ କାଉଡିଆ ଜଳ ଲାଗି କରିଛନ୍ତି। ପ୍ରତ୍ୟୁଷରୁ କାଉଡିଆମାନେ ଶୃଙ୍ଖଳାର ସହ ଧାଡି ବାନ୍ଧି ଜଣକ ପରେ ଜଣେ ଜଳଲାଗି କରିଥିଲେ। ପ୍ରତିବର୍ଷ ଭଳି କାଉଡିଆମାନେ ମହାନଦୀରୁ ଜଳଭାର ଧରି ରବିବାର ରାତିଠାରୁ ସକାଳ ପର୍ଯ୍ୟନ୍ତ ପୀଠକୁ ଆସିଥିଲେ। ସ୍ଥାନୀୟ ସେଚ୍ଛାସେବୀଙ୍କ ପକ୍ଷରୁ କାଉଡିଆଙ୍କ ପାଇଁ ଚା’, ଜଳପାନ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ନୂତନ ଖାଦ୍ୟ ତାଲିକାରେ ଅଣ୍ଡା ପ୍ରଦାନକୁ ଅଙ୍ଗନୱାଡି କର୍ମୀଙ୍କ ବିରୋଧ

ଖଣ୍ଡପଡା,୨୦।୮(ସ୍ୱ.ପ୍ର)

ରାଜ୍ୟ ସରକାରଙ୍କ ଯୋଜନା କ୍ରମେ ପୂର୍ବରୁ ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ ନିମନ୍ତେ ଘୋଷଣା କରାଯାଇଥିଲା। ସପ୍ତାହରେ ବୁଧବାର ଓ ଶନିବାର ଗରମ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ଭାବେ ମାସକୁ ୮ଟି ଅଣ୍ଡା ଦେବାର ବ୍ୟବସ୍ଥା ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ଖାଦ୍ୟ ତାଲିକାକୁ ପରିବର୍ତ୍ତନ କରି ସପ୍ତାହକୁ ୩ଟି ଲେଖାଏଁ ମାସକୁ ୧୨ଟି ଅଣ୍ଡା ଦେବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ। ସୂଚନାଯୋଗ୍ୟ , ଅଣ୍ଡା ପିଛା ୪ ଟଙ୍କା ୫୦ ପଇସା ଏବଂ ଅଣ୍ଡା ସିଝାଇବା ବାବଦକୁ ୩୦ ପଇସା ଦିଆଯାଉଥିଲା। ମାତ୍ର ଚଳିତ ବର୍ଷ ନୂତନ ଖାଦ୍ୟ ତାଲିକା ଅନୁଯାୟୀ ସରକାର ସପ୍ତାହକୁ ୫ଟି ଲେଖାଏଁ ମାସକୁ ୨୦ଟି ଅଣ୍ଡା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ନୂତନ ଖାଦ୍ୟ ତାଲିକା ଅନୁଯାୟୀ ଖଣ୍ଡପଡା ସହରାଞ୍ଚଳରେ ଥିବା ୧୨ଟି ଅଙ୍ଗନୱାଡିର କର୍ମୀ ଗତ ଜୁଲାଇ ମାସରୁ ସମସ୍ତଙ୍କୁ ଗରମ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଭାବେ ଅଣ୍ଡା ଦେଇ ଆସୁଛନ୍ତି । ତେବେ ବର୍ଦ୍ଧିତ ଦର ଯୋଗୁ କର୍ମୀମାନେ ନିଜ ତରଫରୁ ଏହି ଖର୍ଚ୍ଚ କରୁଥିବାରୁ ଏ ବାବଦରେ ଅସନ୍ତୋଷ ପ୍ରକାଶ କରି ଖଣ୍ଡପଡା ଏନ୍‌ଏସି ଅଞ୍ଚଳର ସମସ୍ତ ଅଙ୍ଗନୱାଡି କର୍ମୀ ଏହାର ପ୍ରତିବାଦ କରିଛନ୍ତି। ତେଣୁ ସୋମବାରଠାରୁ ସରକାରଙ୍କ ନୂତନ ଖାଦ୍ୟତାଲିକା ଅନୁସାରେ ଅଣ୍ଡା ପ୍ରଦାନ ନ କରିବାକୁ ଏନ୍‌ଏସି ଅନ୍ତର୍ଗତ ସମସ୍ତ ୧୨ଟି ଅଙ୍ଗନୱାଡି କେନ୍ଦ୍ରର କର୍ମୀମାନେ ଲିଖିତ ଆକାରରେ ଖଣ୍ଡପଡା ସମନ୍ୱିତ ଶିଶୁ ବିଭାଗପ୍ରକଳ୍ପ ଅଧିକାରିଣୀଙ୍କୁ ଅବଗତ କରାଇଥିଲେ । ସେମାନଙ୍କ ଆନ୍ଦୋଳନ ଜାରି ରଖିବା ସହ ପୁରୁଣା ଖାଦ୍ୟ ତାଲିକା ଅନୁଯାୟୀ ଖାଦ୍ୟ ଓ ଅଣ୍ଡା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏ ସମସ୍ୟା ସମ୍ପର୍କରେ ଖଣ୍ଡପଡା ସିଡିପିଓ ସଂପୃକ୍ତ ଅଙ୍ଗନୱାଡି କର୍ମୀମାନଙ୍କ ସହ ଆଲୋଚନା କରିଥିବା କୁହାଯାଇଛି। ତେବେ ତୁରନ୍ତ ଏହି ସମସ୍ୟାର ସମାଧାନ ନିମନ୍ତେ କର୍ମୀମାନେ ଦାବି ଜଣାଇଛନ୍ତି।

## ବାଉଁଶ ସାହାରାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ବୋଲଗଡ,୨୦।୮(ଡି.ଏନ.ଏ.)

ବୋଲଗଡ ବ୍ଲକ ବଡକୁମାରୀଠାରେ ହଡା କେନାଲ ବନ୍ଧ ପାର୍ଶ୍ୱରେ ଏକ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଏଥିପାଇଁ ନିର୍ମିତ ପିଣ୍ଡି ପାର୍ଶ୍ୱରେ ବାଉଣ୍ଡରୀ ୱାଲ ରହିଥିଲେ ମଧ୍ୟ ତାହା ଫାଟି ଆଁ କରିଛି। ଏଥି ସହିତ ଟ୍ରାନ୍ସଫର୍ମର ବସାଯାଇଥିବା ପିଣ୍ଡିଟି ଦବିଯାଇ କେନାଲ ପାର୍ଶ୍ୱକୁ ଢଳି ରହିଛି । ଏପରିସ୍ଥଳେ ଟ୍ରାନ୍ସଫର୍ମର ଖସିପଡିବା ଆଶଙ୍କା କରି ଏଥିରେ ଦୁଇଟି ବାଉଁଶ ଢିରା ଲଗାଯାଇଛି। ତେବେ ନୂତନ ଭାବେ ସ୍ଥାପନ ହୋଇଥିବାରୁ ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ଯୋଗାଣ ହୋଇ ନ ଥିଲା। ଅନ୍ୟପକ୍ଷରେ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ବିପଦ ଆଶଙ୍କା ରହିଥାନ୍ତା ବୋଲି ମତପ୍ରକାଶ ପାଇଛି। ତେଣୁ ନୂତନ ପିଣ୍ଡି ନିର୍ମାଣ କରାଯାଇ ଟ୍ରାନ୍ସଫର୍ମର ବସାଯିବାକୁ ଦାବି ହେଉଛି।



ଟ୍ରାନ୍ସଫର୍ମରକୁ ବାଉଁଶ ଢିରା ଲଗାଯାଇଛି।

## ଖୋଲା ଗାଡ଼ିରେ ଯାଉଛନ୍ତି ଛାତ୍ରୀଛାତ୍ର

ନିରାକାରପୁର,୨୦।୮(ଡି.ଏନ.ଏ.)



ଖୋଲା ଗାଡିରେ ପିଲାଯାଉଛନ୍ତି।

ସ୍କୁଲ ଛାତ୍ରୀଛାତ୍ରଙ୍କୁ ଆବଦ୍ଧ ଗାଡ଼ିରେ ନେବା ଓ ଆୟା, ଫାୟାର ସିଲିଣ୍ଡର ସହିତ ତାଲିମ ପ୍ରାପ୍ତ ଚାଳକ ରହିବା ଆବଶ୍ୟକ ବୋଲି କୋର୍ଟ ନିୟମ କରିଛନ୍ତି। ହେଲେ ଏ ନିୟମ ସବୁ ଧର୍ମକୁ ଆଖିଠାର ନ୍ୟାୟରେ କାର୍ଯ୍ୟକାରୀ ହେଉଛି। ପିଲାମାନେ ଖୋଲାଗାଡିରେ ଯାଉଛନ୍ତି। ଏଭଳି ଏକ ଘଟଣା ବ୍ଲକ ଶିକ୍ଷାଧିକାରୀ ଓ ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସ୍କୁଲରେ ଦେଖିବାକୁ ମିଳିଛି। ସୋମବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଥିବା ବିଦ୍ୟାଳୟ ପରିସରରେ ଦେଖିବାକୁ ମିଳିଛି। ଅପରାହ୍ନ ୪ଟାରେ ସ୍କୁଲ ଛୁଟି ହେବା ପରେ ୧୦/୧୨ ଛାତ୍ରୀଛାତ୍ର ଏକ ଟାଟା ଏସି ଗାଡି ପଛପାଖ ଖୋଲା ଡାଲାରେ ଠିଆ ହୋଇ ବିପଦପୂର୍ଣ୍ଣ ଭାବରେ ଘରକୁ ଫେରୁଥିବା ଦେଖିବାକୁ ମିଳିଛି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜଙ୍କୁ ପଚାରିବାରେ ସ୍କୁଲ ପିଲାମାନଙ୍କୁ ଏଭଳି ଖୋଲାଗାଡିରେ ଠିଆ କରି ନେବା କଥା ନୁହେଁ। ଯଦି ଏପରି ହୋଇଥିବା ମୁଁ ବୁଝିବି ବୋଲି ସେ କହିଥିଲେ ।

## ଚାକିରି ପ୍ରଲୋଭନ ଦେଖାଇ ପ୍ରତାରଣା

ଖୋର୍ଦ୍ଧା ଅଫିସ,୨୦।୮

ଚାକିରି ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଶେଷରେ ପ୍ରତରଣା କରିବା ଘଟଣା ଖୋର୍ଦ୍ଧା ଟାଉନ ଥାନାରେ ପହଞ୍ଚିଛି। ପୋଲିସ ଦଫା ୪୧୭, ୩୭୬, ୪୯୮, ୪୯୩, ୫୦୬, ୩୪ ଆଇପିସିରେ ନଂ. ୩୩୧/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ ଖୋର୍ଦ୍ଧା ସଦର ଥାନା ଅଞ୍ଚଳର ଜନୈକ ଯୁବତୀ ଚାକିରି ପାଇବା ଆଶାରେ ଖୋର୍ଦ୍ଧା ସାମନ୍ତରାପୁରରେ ଭଡାରେ ରହୁଥିବା ନୀଳକଣ୍ଠ ପଟ୍ଟନାୟକଙ୍କ ପ୍ରଲୋଭନରେ ପଡି ଯାଇଥିଲେ। ନୀଳକଣ୍ଠ ସମ୍ପୃକ୍ତ ଯୁବତୀ ସହ ପ୍ରାୟ ବର୍ଷେ ପର୍ଯ୍ୟନ୍ତ ଶାରିରୀକ ସମ୍ପର୍କ ରଖିଥିଲେ। ତେବେ ଚାକିରି ତ ମିଳିଲା ନାହିଁ ପ୍ରତିଦିନର ନିର୍ଯାତନା ବଢ଼ି ଚାଲିଥିଲା। ଶେଷରେ ଯୁବତୀ ଥାନାର ଆଶ୍ରୟ ନେଇ ନ୍ୟାୟ ଭିକ୍ଷା କରିଛନ୍ତି।

## ମୃତ୍ୟୁର ଛଅମାସ ପରେ ହତ୍ୟା ଅଭିଯୋଗ

ଖୋର୍ଦ୍ଧା ଅଫିସ,୨୦।୮

ମୃତ୍ୟୁର ଛଅମାସ ପରେ ହତ୍ୟା ଅଭିଯୋଗ କରାଯାଇଛି। ଏହା ପରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ନଂ. ୩୩୨/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର କାଳୁ ନାହାକଙ୍କ ଝିଅ ଶିବାନୀ ୨୦୧୭ ନଭେମ୍ବର୨୧ରେ ଖୋର୍ଦ୍ଧା ଟାଉନ ଥାନା କେରଙ୍ଗ ବରସାହିର ପ୍ରମୋଦ ନାୟକଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ବିବାହର ୩ ମାସ ପରେ ୧୦ ଫେବୃୟାରୀ ୨୦୧୮ରେ ଶିବାନୀ ରୋଷେଇ କରୁଥିବା ସମୟରେ ଷ୍ଟୋଭ ଫାଟି ଯାଇଥିଲା। ଏଥିରେ ସେ ଆହତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିଲା। ତେବେ ଚିକିତ୍ସା ସମୟରେ ଶିବାନୀଙ୍କ ମୃତ୍ୟୁ ଘଟିଥିଲା।

■ ଅନାଦାୟ ଅର୍ଥ ଓ ସମ୍ପତ୍ତି ପୈଠ ନ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ

## ୨ ନିଲମ୍ବିତ କର୍ମଚାରୀଙ୍କୁ ନୋଟିସ୍

ଖଣ୍ଡପଡ଼ା,୨୦।୮(ସ୍ୱ.ପ୍ର)

କଣ୍ଟିଲୋ ବିଜେ ଶ୍ରୀ ଶ୍ରୀ ନୀଳମାଧବ ଜୀଉଙ୍କର ପରିଚାଳନା କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ପୂର୍ବତନ ଦୁଇ କର୍ମଚାରୀଙ୍କୁ ତାଙ୍କ ପାଖରେ ଥିବା ଅନାଦାୟ ଅର୍ଥ ଓ ଠାକୁରଙ୍କ ସମ୍ପତ୍ତି ୫ଦିନ ମଧ୍ୟରେ ପୈଠ କରିବାକୁ ନୋଟିସ୍ ଜାରି କରାଯାଇଛି। ଖଣ୍ଡପଡା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ଏଭଳି ନୋଟିସ୍ କରିଥିବା ଜଣାପଡ଼ିଛି । ଅର୍ଥ ଓ ସମ୍ପତ୍ତି ଅନାଦେୟ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଦର୍ଶା ଯାଇଛି। ପ୍ରକାଶଯୋଗ୍ୟ, ଗତ ଦୁଇ ମାସ ପୂର୍ବେ ନୀଳମାଧବ ମନ୍ଦିରରସୁପରଭାଇଜର ନକୁଳ ପ୍ରଧାନ ଓ ମୋହରିର ବାଇଧର ରାଉତଙ୍କୁ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ଅଭିଯୋଗ କ୍ରମେ ଖଣ୍ଡପଡା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ଅନୀତା ପଣ୍ଡା ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ । ତେବେ ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୩/୧୬।୮।୨୦୧୮ କ୍ରମେ ଶ୍ରୀ ନୀଳାମାଧବ ଜୀଉ ଓ ଶ୍ରୀ ରଘୁନାଥ ଜୀଉ ବଡମଠରେ କ୍ୟାସ ବୁକ୍ ଅନୁସାରେ ସୁପରଭାଇଜର୍ ପ୍ରଧାନଙ୍କ ପାଖରେ ଏକ ଲକ୍ଷ ୬୦ ହଜାର ୮ଶହ ଟଙ୍କା ରହିଥିବା ଜଣାପଡିଛି। ଏହାବ୍ୟତୀତ ତାଙ୍କ ପାଖରେ ଶ୍ରୀ ନୀଳମାଧବ ଜୀଉଙ୍କ ରୁପା କାହାଳୀ ଓ ଶ୍ରୀ ରଘୁନାଥ ବଡମଠର ରୁପା ଧନୁଶର, ଅଷ୍ଟାସୁତା ଓ ରୁପା ଗିନା(ଚନ୍ଦନ ଗିନା) ମଧ୍ୟ ରହିଛି । ଅପରପକ୍ଷରେ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୪/୧୬।୮।୨୦୧୮ ଅନୁସାରେ ମୋହରୀର ଦାୟିତ୍ୱରେ ଥିବା ବାଇଧର ରାଉତଶ୍ରୀ ନୀଳାମାଧବ ଜୀଉ ମନ୍ଦିର ଓ ଅନ୍ୟାନ୍ୟ ମଠଗୁଡିକର ଅର୍ଥ ଓ ଧାନ ପଇଠ କରିନାହାନ୍ତି । ଏସବୁ ବାବଦରେ ଶ୍ରୀ ରାଉତ ୧ଲକ୍ଷ ୨୮୧୦ ଟଙ୍କା ପୈଠ କରି ନାହାନ୍ତି । ଯାହାକି ଆଇନତଃ ଅପରାଧ ଅଟେ। ଏଣୁ ସଂପୃକ୍ତ ବ୍ୟକ୍ତି ବିଶେଷ ନୋଟିସ ଅନୁସାରେ ୧୬ ତାରିଖଠାରୁ ୫ ଦିନ ମଧ୍ୟରେ ଅର୍ଥାତ୍ ୨୧ ତାରିଖ ସୁଦ୍ଧା ତାଙ୍କ ପାଖରେ ଥିବା ଲିଖିତ ମୁତାବକ ଅନାଦେୟ ଅର୍ଥ ଓ ସମ୍ପତ୍ତି ଯଦି ସେ ପଇଠ ନ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ଆଇନତଃ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦର୍ଶାଯାଇଛି ।